# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୭ /୨୦୧୯ (୧୬ ପୃଷ୍ଠା) | Bhubaneswar, Sunday, February 17/ 2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





DSPL-415

ଓଡ଼ିଶା ସରକାର



# ନବୀନ ଓଡ଼ିଶା ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି

ଓଡିଶା ସରକାର ଓ ଟାଟା ଟ୍ରଷ୍ଟଙ୍କ ସହଭାଗିତାରେ ସ୍ଥାପିତ ହେଉଛି

## ଓଡିଶା କ୍ୟାନ୍ସର ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର

**ରତାଗଡ଼, ବାରଙ୍ଗ**

**ଶିଳାନ୍ୟାସ କରୁଛନ୍ତି**

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ଓ

**ଶ୍ରୀଯୁକ୍ତ ରତନ ଟାଟା**

ଚେୟାରମ୍ୟାନ, ଟାଟା ଟ୍ରଷ୍ଟ୍ସ

**୧୭ ଫେବୃୟାରୀ ୨୦୧୯**

**ଦିବା ୧୧ ଘଟିକା**

10001/13/0068/1819

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଫେବୃୟାରୀ ୧୭ /୨୦୧୯ | Bhubaneswar, Sunday, February 17/ 2019 | ପୃଷ୍ଠା-୧



## କପିଳ ଶର୍ମା ଶୋ'ରୁ ସିଦ୍ଧୁ ବିଦା

ପୁଲ୍‌ଓ୍ୱାମା ଆକ୍ରମଣ ନେଇ ପଞ୍ଜାବର କ୍ୟାବିନେଟ୍ ମନ୍ତ୍ରୀ ନବଜୋତ୍ ସିଂ ସିଦ୍ଧୁ ପାକିସ୍ତାନକୁ ସୁହାଇଲା ଭଳି ମନ୍ତବ୍ୟ ଦେଇଥିବାରୁ କପିଳ ଶର୍ମା ଶୋ'ରୁ ତାଙ୍କୁ ବାଦ୍ ଦିଆଯାଇଛି।

୦୯ ୧୨

## ସାଇନା ଚାମ୍ପିୟନ

ପି.ଭି. ସିନ୍ଧୁଙ୍କୁ ପରାସ୍ତ କରି ସାଇନା ନେହ୍ୱାଲ ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ମହିଳା ସିଙ୍ଗଲ୍ସ ଟାଇଟଲ ବଜାୟ ରଖିଛନ୍ତି।





ଶହୀଦ ପ୍ରସନ୍ନ କୁମାର ସାହୁଙ୍କ ପାର୍ଥିବ ଶରୀର ଜଗତ୍‌ସିଂହପୁର ଜିଲା ନାଉଗାଁକୁ ନିଆଯାଉଛି।

■ ଭିତ୍ତିଭୂମି ନ ଥାଇ ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା

# ମାଗଣାରୁ ହୀନସ୍ତା

ନିର୍ମଳ ପଣ୍ଡା
କଟକ ଅଫିସ, ୧୬।୨

■ ଅପେକ୍ଷାକରି ଜୀବନ ହରାଇଲେ ସୁଦାମ ପଣ୍ଡା
■ ଘରୋଇ ଡାକ୍ତରଖାନାକୁ ଲାଭ ଦେବା ଲାଗି ମେଶିନ ଖରାପ କରାଯାଉଥିବା ଅଭିଯୋଗ

ମାଗଣାରୁ ହୀନସ୍ତା। ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଓ ହସ୍ପିଟାଲରେ। ଏଠାରେ ରାଜ୍ୟ ସରକାର ସମସ୍ତ ପରୀକ୍ଷାନିରୀକ୍ଷା ଓ ଚିକିତ୍ସାକୁ ମାଗଣା କରିଛନ୍ତି। ହେଲେ ରୋଗୀଙ୍କ ପାଖରେ ତାହାର ସୁଫଳ ପହଞ୍ଚିବା ପାଇଁ ବ୍ୟବସ୍ଥାରେ ଉନ୍ନତି ଆଣିନାହାନ୍ତି। ମାଗଣା ଯୋଗୁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ତଦନୁଯାୟୀ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ନାହିଁ। ଭିତ୍ତିଭୂମି କହିଲେ ମାନବ ସମ୍ବଳଠାରୁ ଆରମ୍ଭ କରି ଯନ୍ତ୍ରାଂଶ ଓ ପରିଚାଳନା ଆଦି ସମସ୍ତ କ୍ଷେତ୍ରରେ ଅଭାବ ପରିଲକ୍ଷିତ ହୋଇଛି। ଏପରି କି ମେଡିକାଲର ଯନ୍ତ୍ରାଂଶ ଦୀର୍ଘଦିନ ଧରି ଅଚଳ ରହୁଛି। ଫଳରେ ରୋଗୀ ଅପେକ୍ଷା କରି ଜୀବନ ହରାଉଛନ୍ତି। ଉଦାହରଣ ଭାବେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ଥିବା ସିଆର୍ମ ମେଶିନକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି। ୧୫ ଦିନ ଧରି ଏହି ମେଶିନଟି ଅଚଳ ରହିବା ପରେ ସଜଡ଼ାଯାଇଥିଲା। କିନ୍ତୁ ମେଶିନ ସଜଡ଼ାଯିବା ବେଳକୁ ଜଗତ୍‌ପୁରର ସୁଦାମ ଚରଣ ପଣ୍ଡା ନାମକ ଜଣେ ରୋଗୀଙ୍କ ରୋଗ ବଢ଼ିଯାଇଥିଲା। ଫଳରେ ସୁଦାମଙ୍କୁ ମେଡିକାଲରୁ ଗତ ୧୦ ତାରିଖରେ ଡାକ୍ତରମାନେ ଡିସ୍‌ଚାର୍ଜ କରିବାକୁ ବାଧ ହୋଇଥିଲେ। ଶନିବାର ତାଙ୍କର ଘରେ ମୃତ୍ୟୁ ଘଟିଛି। କେବଳ ଭିତ୍ତିଭୂମି ଅଭାବ ନାହିଁ ମାଗଣା ଚିକିତ୍ସା ପ୍ରଣୟନ ପରେ ଘରୋଇ ଡାକ୍ତରଖାନାଗୁଡ଼ିକୁ ଲାଭ ଦେବା ଉଦ୍ଦେଶ୍ୟରେ ମେଡିକାଲର ଯନ୍ତ୍ରାଂଶଗୁଡ଼ିକୁ ଜାଣିଶୁଣି ଖରାପ କରାଯାଉଥିବା ସାମାଜିକ କର୍ମୀ ଦୀପକ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

୨୦୧୮ ଅଗଷ୍ଟ ୧୫ରୁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସମସ୍ତ ଜିଲା, ସଦର ମହକୁମା, ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାକୁ ଲାଗୁ କରାଯାଇଥିଲା। ଫେବୃୟାରୀ ପହିଲାରୁ ଏହି ଯୋଜନାକୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ସମେତ ଶିଶୁଭବନ ଓ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ସମ୍ପ୍ରସାରଣ କରାଯାଇଛି। ଏହି ଯୋଜନାରେ ରୋଗୀଙ୍କୁ କେବଳ କ୍ୟାବିନ ଖର୍ଚ୍ଚକୁ ଛାଡ଼ିଦେଲା ପରେ ଆଉ କୌଣସି କ୍ଷେତ୍ରରେ ଗୋଟିଏ ଟଙ୍କା ମଧ୍ୟ ଦେବାକୁ ପଡ଼ିବ ନାହିଁ ବୋଲି ସରକାର ନିୟମ କରିଛନ୍ତି। ଏଥିପୂର୍ବରୁ ଅର୍ଥାତ୍ ୨୦୧୮ ଜାନୁୟାରୀ ୧ରୁ ସରକାର ରାଜ୍ୟରେ 'ନିଦାନ' ଓ 'ସହାୟ' ଯୋଜନା ଆରମ୍ଭ କରିଥିଲେ। ଫଳରେ ରୋଗ ନିରୂପଣ ପାଇଁ ପରୀକ୍ଷାନିରୀକ୍ଷା ବ୍ୟବସ୍ଥା ମାଗଣା ହୋଇଥିଲା। ହେଲେ ମେଡିକାଲ କଲେଜଗୁଡ଼ିକରେ ରୋଗୀଙ୍କୁ ଏମ୍‌ଆର୍‌ଆଇ, ସିଟିସ୍କାନ ସମେତ ଆଇସିୟୁ ବାବଦରେ ରିହାତି ଦେୟ ଦେବାକୁ ପଡୁଥିଲା। ଫେବୃୟାରୀ ପହିଲାରୁ ସମସ୍ତ ପରୀକ୍ଷାନିରୀକ୍ଷା ଓ ଚିକିତ୍ସାକୁ ଦେୟମୁକ୍ତ କରାଯାଇଛି। କିନ୍ତୁ ଏହି ମାଗଣା ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ ହେବା ପାଇଁ ଆବଶ୍ୟକ ମେଡିକାଲ ଯନ୍ତ୍ରାଂଶ, ମାନବ ସମ୍ବଳ ଆଦି ଉପଲବ୍ଧ କରାଯାଇନାହିଁ।

ନିଦାନ ଓ ସହାୟ ଆରମ୍ଭ ହେବା ପରେ ଏସ୍‌ସିବି ମେଡିକାଲରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବଢିଥିବା ଦେଖାଯାଇଛି। ଗତବର୍ଷ ଏପ୍ରିଲରେ ମେଡିକାଲ ବହିର୍ବିଭାଗକୁ ୧ ଲକ୍ଷ ୪୫ହଜାର ୭୮୬ ଜଣ ରୋଗୀ ଆସିଥିବାବେଳେ ଇନ୍‌ଡୋରରେ ୧୦,୯୫୮ ରୋଗୀ ଭର୍ତ୍ତି ହୋଇଥିଲେ। ସେହିପରି ମେ ମାସରେ ବହିର୍ବିଭାଗକୁ ୧ ଲକ୍ଷ ୫୫ହଜାର ୯୪୩ ଜଣ ରୋଗୀ ଆସିଥିବାବେଳେ ଇନ୍‌ଡୋରକୁ ୧୧,୦୩୨ ରୋଗୀ ଆସିଥିବା ମେଡିକାଲ ରେକର୍ଡରୁ ଜଣାପଡୁଛି। ଏହି କ୍ରମରେ ୨୦୧୮ ଡିସେମ୍ବରରେ ମେଡିକାଲ ଆଉଟଡୋରକୁ ୧ ଲକ୍ଷ ୬୬ହଜାର ୨୫୦ ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥିବା ବେଳେ ଇନ୍‌ଡୋରକୁ ୨୦,୫୨୮ ରୋଗୀ ଆସିଛନ୍ତି। ୨୦୧୯ ଜାନୁୟାରୀରେ ମେଡିକାଲ ଆଉଟଡୋରକୁ ୧ ଲକ୍ଷ ୬୮ହଜାର ୨୯୫ ରୋଗୀ ଆସିଥିବାବେଳେ ଇନଡୋରକୁ ୨୩,୬୫୪ ରୋଗୀ ଆସିଥିବା ରେକର୍ଡରୁ ଜଣାପଡ଼ିଛି। ଅର୍ଥାତ୍ କ୍ରମାନ୍ୱୟରେ ରୋଗୀ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଥିବାବେଳେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିପାରି ନାହିଁ। ମେଡିକାଲରେ ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଶହୀଦଙ୍କ ପରିବାରକୁ ଦିନକର ଦରମା ଦେବ ଆଇପିଏସ୍ ଅଫିସର ସଂଘ

କଟକ ଅଫିସ, ୧୬।୨

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନମାନଙ୍କ ପରିବାରକୁ ସହଯୋଗର ହାତ ବଢାଇଛି ଓଡ଼ିଶା ଆଇପିଏସ୍ ଅଫିସର ସଂଘ। ସଂଘ ପକ୍ଷରୁ ଆତଙ୍କବାଦ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରାଯିବା ସହ ଅଫିସରମାନଙ୍କ ଗୋଟିଏ ଦିନର ଦରମା ଶହୀଦଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ଅର୍ଥ ସିଆର୍‌ପିଏଫ୍ ଡିଜିଙ୍କ କଲ୍ୟାଣ ପାଣ୍ଠିକୁ ଦିଆଯିବ ବୋଲି ସଂଘର ସମ୍ପାଦକ ଏସ୍.କେ. ଶର୍ମା ଶନିବାର ସୂଚନା ଦେଇଛନ୍ତି।

# ଓଡ଼ିଶା ମାଟିରେ ଦୁଇ ଶହୀଦଙ୍କୁ ସମ୍ମାନ

ଭୁବନେଶ୍ୱର,୧୬।୨ (ବ୍ୟୁରୋ)

■ ପ୍ରସନ୍ନ, ମନୋଜ ଅମର ରହେ ଧ୍ୱନିରେ ପ୍ରକମ୍ପିତ ବିମାନବନ୍ଦର
■ ପରିବାର ସଦସ୍ୟଙ୍କ କୋହରେ ଫାଟିପଡ଼ିଲା ପରିବେଶ
■ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ, ବିଭିନ୍ନ ଦଳର ନେତା ଓ ଅଧିକାରୀ

ଜମ୍ମୁ ଓ କଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଜଗତସିଂହପୁର ଜିଲା ନାଉଗାଁର ପ୍ରସନ୍ନ କୁମାର ସାହୁ (୪୬) ଓ କଟକ ଜିଲା ନିଆଳି ବ୍ଲକ ରତନପୁର ପଞ୍ଚାୟତ ଗଜାବର ଗାଁର ମନୋଜ ବେହେରା(୩୬)ଙ୍କୁ ଶେଷ ସମ୍ମାନ ଜଣାଇଛି ଓଡ଼ିଶା ମାଟି। ଶନିବାର ଅପରାହ୍ନ ପ୍ରାୟ ୩ଟାରେ ସେମାନଙ୍କ ପାର୍ଥିବ ଶରୀର ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲା। ଶେଷ ଦର୍ଶନ କରିବାକୁ ହଜାର ହଜାର ଛାତ୍ରୀଛାତ୍ର, ସାଧାରଣ ଲୋକ, ନେତା ଓ ଅଫିସର ବହୁ ପୂର୍ବରୁ ପହଞ୍ଚିଥିଲେ। ଦୁଇ ଯବାନଙ୍କ ପାର୍ଥିବ ଶରୀର ବାହାରକୁ ଅଣାଯିବାକ୍ଷଣି 'ପ୍ରସନ୍ନ. ମନୋଜ ଅମର ରହେ' ଧ୍ୱନିରେ ପୂରା ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ପାର୍ଥିବ ଶରୀରକୁ ଦେଖି ପରିବାର ଲୋକେ କୋହ ସମ୍ଭାଳି ପାରି ନ ଥିଲେ। ଏହି ଦୃଶ୍ୟ ଅନ୍ୟମାନଙ୍କ ଆଖିରେ ଲୁହ ଭରିଦେଇଥିଲା। ଏହି ସମୟରେ ଦୁଇ ଶହୀଦ ଯବାନଙ୍କୁ ବିମାନବନ୍ଦରରେ ଗାର୍ଡ ଅଫ୍ ଅନର ଦିଆଯାଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଆଇନମନ୍ତ୍ରୀ ପ୍ରତାପ ଜେନା, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଯୋଜନା ବୋର୍ଡ ଉପାଧ୍ୟକ୍ଷ ☞ପୃଷ୍ଠା-୨

## ସହାୟତା ରାଶି ୨୫ ଲକ୍ଷକୁ ବୃଦ୍ଧି

■ଶହୀଦଙ୍କ ପିଲାଙ୍କ ପଢ଼ାଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଶହୀଦ ପରିବାରଙ୍କ ପ୍ରତି ସମବେଦନା ଜଣାଇବା ସହ ୨୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଶୁକ୍ରବାର ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏଥି ସହିତ ଦୁଇ ଶହୀଦଙ୍କ ପିଲାମାନଙ୍କ ପାଠପଢାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଉଭୟ ଶହୀଦଙ୍କ ଗ୍ରାମପଞ୍ଚାୟତକୁ ମଡେଲ ପଞ୍ଚାୟତ କରାଯିବ। ଶହୀଦ ଗାଁରେ ଥିବା ବିଦ୍ୟାଳୟକୁ ସେମାନଙ୍କ ନାମରେ ନାମିତ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ☞ପୃଷ୍ଠା-୨

# ୨୦ ଫୁଟ୍ ତଳକୁ ଖସିଲା ଟାଟା ଏସିଇ

କେନ୍ଦ୍ରାପଡା ଅଫିସ/ ପାଟକୁରା (ଡି.ଏନ୍.ଏ.), ୧୬।୨

**ଜଣେ ମୃତ,୨ ଗୁରୁତର**

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପହଣାସ୍ଥିତ ଚିତ୍ରୋତ୍ପଳା ନଦୀ ବନ୍ଧ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟାଟା ଏସିଇ ଗାଡି ୨୦ ଫୁଟ୍ ତଳକୁ ଖସିପଡିଛି। ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆହତ ୪ ଜଣଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସଦର ଥାନା ଭରତପୁର ପଞ୍ଚାୟତ ଅନ୍ତର୍ଗତ ମେହେନ୍ଦିପୁର ଗ୍ରାମର ପରୀ ମଲ୍ଲିକଙ୍କ ପୁଅ ଭରତ (୪୯)। ଭରତ ଏହି ପଞ୍ଚାୟତ ଅନ୍ତର୍ଗତ ଏକ ମ୍ୟୁଜିକବ୍ୟାଣ୍ଡ ପାର୍ଟିର ସଦସ୍ୟ। ତାଙ୍କ ସହ ଗାଡ଼ିରେ ଏହି ବ୍ୟାଣ୍ଡ ପାର୍ଟିର ସଦସ୍ୟ ତଥା ଯାଜପୁର ଜିଲା କୃଷ୍ଣଦାସପୁର ଗ୍ରାମର ସନ୍ତୋଷ କୁମାର ମଲ୍ଲିକ ଓ ଗହଗା ନରହରିପାଟଣା ଗ୍ରାମର ବନୋଜ କୁମାର ଜେନା ଆସୁଥିଲେ। ସେମାନେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ରାତିରେ ଏହି ଗାଡିରେ ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ପୁଲ୍‌ଓ୍ୱାମା ଆକ୍ରମଣ

**ଆଜିର ମନ୍ତବ୍ୟ**

ଭାରତରେ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ଉପଯୁକ୍ତ ଧ୍ୟାନ ଦିଆଯାଇ ନାହିଁ। ଏହା ସତ୍ତ୍ୱେ ଆଗାମୀ ଲୋକ ସଭା ନିର୍ବାଚନରେ ଭଲ ଫଳ ମିଳିବା ଆଶା କରାଯାଉଛି।
– ଅମର୍ତ୍ତ୍ୟ ସେନ୍, ନୋବେଲ ବିଜୟୀ ଅର୍ଥନୀତିଜ୍ଞ

**କିଛି ତଥ୍ୟ**

ଚଳିତ ବର୍ଷ ଜାନୁୟାରୀରେ ଦେଶରୁ ୨୬ ବିଲିୟନ ଡଲାର ମୂଲ୍ୟର ସାମଗ୍ରୀ ରପ୍ତାନି ହୋଇଥିବା ବେଳେ ଏହା ଗତ ବର୍ଷ ୨୫.୪ ବିଲିୟନ ଡଲାର ଥିଲା।
–ବାଣିଜ୍ୟ ମନ୍ତ୍ରଣାଳୟ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 16.02.2019 Venkob CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 73 | 123 | 133 |
| BLS | 75 | 126 | 136 |
| ANG | 72 | 122 | 132 |

*Conditions Apply
Eggs Retail Price- 53/-Dozen
Issued in the Interest of Consumers

# ଆତଙ୍କବାଦ ବିରୋଧରେ ଏକାଠି



ସର୍ବଦଳୀୟ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟ ନେତା ଓ ଅଧିକାରୀମାନେ।

ନୂଆଦିଲ୍ଲୀ,୧୬।୨(ପି.ଟି.)

**ପୁଲ୍‌ୱାମା ଆକ୍ରମଣ**
■ ସର୍ବଦଳୀୟ ବୈଠକରେ ଲଢ଼େଇ ପାଇଁ ସଂକଳ୍ପ ଗୃହୀତ
■ ସୁରକ୍ଷା ସ୍ଥିତି ସମୀକ୍ଷା କଲେ ରାଜନାଥ
■ ଜମ୍ମୁ-କଶ୍ମୀର ଛାତ୍ରୀଛାତ୍ରଙ୍କ ନିରାପତ୍ତା ଲାଗି ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

ପୁଲ୍‌ଓ୍ୱାମା ଆତଙ୍କବାଦୀ ଆକ୍ରମଣକୁ ଶନିବାର ସର୍ବଦଳୀୟ ବୈଠକରେ ନିନ୍ଦା କରାଯାଇଛି। ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ବୈଠକ ଶେଷରେ ସଂକଳ୍ପ ଗୃହୀତ ହୋଇଛି। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଭାରତ ପ୍ରତିଜ୍ଞାବଦ୍ଧ ବୋଲି ସରକାରୀ ଓ ବିରୋଧୀ ଦଳଗୁଡିକ ଏକସ୍ୱରରେ କହିଛନ୍ତି।

ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମା ଜିଲାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଊର୍ଦ୍ଧ୍ୱ ଯବାନ ଶହୀଦ ହେବା ଘଟଣାକୁ ସାରା ବିଶ୍ୱ ନିନ୍ଦା କରିଛି। ସରକାର ଡାକିଥିବା ସର୍ବଦଳୀୟ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରିଥିଲେ। ଦେଶର ସଂହତି ଓ ଅଖଣ୍ଡତା ବଜାୟ ରଖିବା ଲାଗି ସେନାବାହିନୀ ସହ ସମସ୍ତେ ରହିଥିବା ଭାଜପା, କଂଗ୍ରେସ ସମେତ ସବୁ ଦଳ କହିଛନ୍ତି। ଆତଙ୍କବାଦୀ ଆକ୍ରମଣ ଏବଂ ଏହାକୁ ସୀମାପାର ସହାୟତା ପ୍ରଦାନକୁ ନିନ୍ଦା କରାଯାଇଛି। ସଂକଳ୍ପରେ ପାକିସ୍ତାନର ନାଁ ନିଆଯାଇ ନ ଥିଲେ ମଧ୍ୟ ଦୀର୍ଘଦିନ ହେଲା ଭାରତ ସୀମାପାର ଆତଙ୍କବାଦର ସମ୍ମୁଖୀନ ହୋଇଆସୁଥିବା କୁହାଯାଇଛି। ପଡୋଶୀ ଦେଶ ଆତଙ୍କବାଦୀଙ୍କୁ ସକ୍ରିୟ ଭାବେ ପ୍ରୋତ୍ସାହନ ଦେଇଆସୁଛି। ଉକ୍ତ ଚ୍ୟାଲେଞ୍ଜଗୁଡିକର ମୁକାବିଲା ପାଇଁ ଭାରତ ଦୃଢ଼ତା ପ୍ରଦର୍ଶନ କରିବା ସହ ପାଲଟା ଜବାବ ଦେଇଆସିଛି।

ବୈଠକରେ କଂଗ୍ରେସ ନେତା ଗୁଲାମନବୀ ଆଜାଦ, ଆନନ୍ଦ ଶର୍ମା, ଜ୍ୟୋତିରାଦିତ୍ୟ ସିନ୍ଧିଆ, ଟିଏମ୍‌ସି ନେତା ସୁଦୀପ ବନ୍ଦୋପାଧ୍ୟାୟ, ଡେରେକ୍ ଓ' ବ୍ରାଏନ୍, ଶିବସେନାର ସଞ୍ଜୟ ରାଉତ, ବିଜେଡିର ପିନାକି ମିଶ୍ର, ବାମଦଳର ଡି. ରାଜା, ନ୍ୟାଶନାଲ୍ କନ୍‌ଫରେନ୍ସର ଫାରୁକ୍ ଅବଦୁଲ୍ଲା, ଲୋକ ଜନଶକ୍ତି ପାର୍ଟିର ରାମବିଳାସ ପାଶ୍ୱାନଙ୍କ ସମେତ ବିଭିନ୍ନ ଦଳର ନେତା ଯୋଗଦେଇଥିଲେ। ପୁଲ୍‌ଓ୍ୱାମା ଆକ୍ରମଣ ଏବଂ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ନେତାମାନଙ୍କୁ ଅବଗତ କରାଯାଇଥିଲା। ଆକ୍ରମଣକୁ ବରଦାସ୍ତ କରାଯିବନି ବୋଲି ରାଜନାଥ କହିଥିଲେ। ଯବାନମାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଆତଙ୍କବାଦ ବିରୋଧରେ ଲଢ଼େଇକୁ ତାର୍କିକ ନିଷ୍କର୍ଷରେ ପହଞ୍ଚାଇବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସୈନ୍ୟବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅବଗତ କରାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ପାକିସ୍ତାନକୁ ସିଧାସଳଖ ଆକ୍ରମଣ କରିବା ଲାଗି ଶିବସେନା ସଦସ୍ୟ ସଞ୍ଜୟ ରାଉତ୍ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ୨୦୧୬ର ସର୍ଜିକାଲ ଷ୍ଟ୍ରାଇକ୍‌ର ପ୍ରଭାବ ପଡିଥିଲେ ପୁଲ୍‌ଓ୍ୱାମା ଭଳି ଆକ୍ରମଣ ହୋଇ ନ ଥାନ୍ତା ବୋଲି ସେ କହିଥିଲେ। ପୁଲ୍‌ଓ୍ୱାମା ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଉତ୍ତେଜନା ଓ ହିଂସା ଦେଖାଦେଇଥିବାବେଳେ ସଂକଳ୍ପରେ ଶାନ୍ତିରକ୍ଷା ପାଇଁ ଆହ୍ୱାନକୁ ସାମିଲ କରାଯାଇ ନ ଥିବାରୁ ନ୍ୟାଶନାଲ୍ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସର୍ବଦଳୀୟ ବୈଠକରେ ବିଜେଡି ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବବୁଲ୍
ପରିବାରବର୍ଗ


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**


(ପୀୟୂଷ)

**ଆହାନ୍ ଅର୍‌ଜିତ୍**
Unit-6, Bhimpur

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କି ସେ ତୋତେ ଭଲ ମଣିଷ ହେବାରେ ସହାୟକ ହୁଅନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବଡ଼ବାପା, ବଡ଼ମା, ବାପା, ମା, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୧୯୭



**4th Birthday Wish**


(ପୁଚୁ)

**ଆରାଧ୍ୟା ସାହୁ**
VIM-519, Sailashree Vihar, Bhubaneswar

୪ର୍ଥ ବାର୍ଷିକ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ କେବଳ ଏତିକି ହିଁ ପ୍ରାର୍ଥନା। ଏକ ଉଜ୍ଜଳ ଭବିଷ୍ୟତ ସହିତ ଦୀର୍ଘ ନିରାମୟ ଜୀବନ କାମନା କରୁଅଛୁ। ଶୁଭେଚ୍ଛା ସହ: ପାପା, ମାମା, ଜେଜେ, ଜେଜେମା, ଦାଦା, ଖୁଡୀ, ଅଜା, ଆଈ ଓ ମାମୁମାନେ। ଧ-୬୫୪୭୮



**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**


(ଗୋଲୁ)

**ପ୍ରିୟାଂଶ**
ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର

ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ଜନ୍ମଦିନରେ ଅନେକ ଅନେକ ଶୁଭ କାମନା ସହ: ଜେଜେବାପା, ଜେଜେମା, ପାପା, ମାମା, ନାନୀ, କକା, ସୋନୁ ଓ ପରିବାରବର୍ଗ। ଧ-୬୫୮୩୨



**ଜନ୍ମଦିନ ଶୁଭେଚ୍ଛା**




**ବେଦାଂଶ ମିଶ୍ର**
ନୋଏଡ଼ା, ନୂଆଦିଲ୍ଲୀ
-: ଶୁଭେଚ୍ଛା ସହ :-
ବାପା-ମନୀଷ ମିଶ୍ର, ମା'-ମନୀଷା ମହାପାତ୍ର, ଅଜା, ଆଈମା, ଜେଜେବାପା, ଜେଜେମା'
ଧ-୧୧୧୯୫



**୧୮ତମ ଜନ୍ମଦିନ ଶୁଭେଚ୍ଛା**


(ବବୁଲ୍)

**ସୂର୍ଯ୍ୟକାନ୍ତ ସାହୁ**
ସିଥୁପୁଟ, ଭୁବନେଶ୍ୱର

ଶୁଭେଚ୍ଛା ସହ: ବାପା- ବିଚିତ୍ର କୁମାର ସାହୁ, ମାଆ- ଜେମାମଣି ସାହୁ, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୧୯୭


# କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ଥଇଥାନ କାର୍ଯ୍ୟ ତଦାରଖ ପାଇଁ ବୈଷୟିକ କମିଟି

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ରାଜ୍ୟରେ କୁଷ୍ଠ ରୋଗମୁକ୍ତ ବ୍ୟକ୍ତିଙ୍କ ଥଇଥାନ କାର୍ଯ୍ୟର ତଦାରଖ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। ବିଭାଗର ପ୍ରମୁଖ ଶାସନ ସଚିବ ନିତେନ ଚନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟି ରାଜ୍ୟରେ କୁଷ୍ଠରୋଗ ନିରାକରଣ ଓ କୁଷ୍ଠମୁକ୍ତ ବ୍ୟକ୍ତିଙ୍କ ଥଇଥାନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକର ପ୍ରତ୍ୟକ୍ଷ ତଦାରଖ ତଥା ମୂଲ୍ୟାଙ୍କନ କରିବା ସହ ଠିକ୍ ପରିଚାଳନା ଉପରେ କାର୍ଯ୍ୟ କରିବ। ପ୍ରତି ମାସରେ ଅନ୍ତତଃ ଗୋଟିଏଥର ଏହି କମିଟିର ବୈଠକ ବସିବ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମିଶନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ, ହିନ୍ଦ୍ କୁଷ୍ଠ ନିବାରଣ ସଂଘର ଅବୈତନିକ ସମ୍ପାଦକ ତଥା କୁଷ୍ଠରୋଗ ନିରାକରଣ ଦାୟିତ୍ୱରେ ଥିବା ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଏବଂ ରାଜ୍ୟ ଭିନ୍ନକ୍ଷମ ଓ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ସରକାରଙ୍କ ପକ୍ଷରୁ ଏହି କମିଟିରେ ପ୍ରତିନିଧିତ୍ୱ କରିବେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଜାତୀୟ କୁଷ୍ଠ ନିରାକରଣ ପ୍ରକଳ୍ପର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପରାମର୍ଶଦାତା ଡା. ଉମ୍ବରୁଧର ଭୂୟାଁ, ଜାତୀୟ କୁଷ୍ଠ ନିରାକରଣ ପ୍ରକଳ୍ପର ପରାମର୍ଶଦାତା ଡ. ସଚ୍ଚିଦାନନ୍ଦ ପତି, ଇଣ୍ଡିଆନ ହାନ୍‌ସେନିଆନ୍ସ ଅସୋସିଏଶନର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧାନ ସାହୁଙ୍କୁ ଏହି କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ନ୍ୟାସୀ କୁମାର ବେହେରା କମିଟି ଆବାହକ ଭାବେ କାର୍ଯ୍ୟ କରିବେ। ଏହି ବୈଷୟିକ ତଦାରଖ କମିଟି ଗଠନ ସମ୍ପର୍କରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

# ଜେଲ ଗଲେ କୋଟିପତି ଅଧ୍ୟାପକ

## ବିପୁଳ ଟଙ୍କା, ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ

**କଟକ ଅଫିସ, ୧୬।୨**

ବାଲେଶ୍ୱର ଜିଲା ସୋରସ୍ଥିତ ତଳନଗର କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ (ବ୍ଲକଗ୍ରାଣ୍ଟ) ରାମଚନ୍ଦ୍ର ଉପାଧ୍ୟାୟଙ୍କୁ ଭିଜିଲାନ୍ସ ଟିମ୍ ଶନିବାର ଗିରଫ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୪/୨୦୧୯ ) ରୁଜୁ କରାଯାଇଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ଉପାଧ୍ୟାୟଙ୍କ ଘର, କଲେଜ କାର୍ଯ୍ୟାଳୟ ସମେତ ମୋଟ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୨ କୋଟି ୮୨ ଲକ୍ଷ ୮୭ହଜାର ୨୭୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ସମ୍ପତ୍ତିଗୁଡ଼ିକ ମଧ୍ୟରେ ସୋରଠାରେ ତାଙ୍କର ଏକ ୪ମହଲା କୋଠା, ଆଉ ଏକ ୩ ମହଲା କୋଠା, ଦୁଇଟି ପ୍ଲଟ ଭିଜିଲାନ୍ସ ଠାବ କରିଥିଲା। ସେହିପରି ବିଭିନ୍ନ ବ୍ୟାଙ୍କରେ ଉପାଧ୍ୟାୟ ୧୯ ଲକ୍ଷ ୭୨ହଜାର ୧୨୯ ଟଙ୍କା ଜମା ରଖିଥିବାବେଳେ ବିଭିନ୍ନ ବୀମା କମ୍ପାନୀରେ ୨୧ ଲକ୍ଷ ୨୮ହଜାର ୮୯୯ ଟଙ୍କା ଜମାକୁ ଭିଜିଲାନ୍ସ ଠାବ କରିଥିଲା। ଉପାଧ୍ୟାୟଙ୍କ ଘରୁ ଅଧକେଜିରୁ ଅଧିକ ସୁନା, ରୂପା ସହିତ ନଗଦ ୩ ଲକ୍ଷ ୨୯ହଜାର ୬୦୦ ଟଙ୍କା ମିଳିଥିଲା। ଠାବ ସମ୍ପତ୍ତି ମଧ୍ୟରୁ ଉପାଧ୍ୟାୟ ଅଢ଼େଇ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସକୁ ଦେଇପାରି ନ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶା ମାଟିରେ...

ବିଷ୍ଣୁଚରଣ ଦାସ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ପ୍ରମୁଖ ଶହୀଦଙ୍କ ପ୍ରାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିଭଳି ପୂର୍ବତନ ସିଆରପିଏଫ୍ ଡିଜି ପ୍ରକାଶ ମିଶ୍ର, ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା, ଗୃହ ସଚିବ ଅସିତ୍ ତ୍ରିପାଠି, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ସିଆର୍‌ପିଏଫ୍ ଆଇଜି ଭିତୁଲ କୁମାର ଓ ସିଆର୍‌ପିଏଫ୍‌ର ବରିଷ୍ଠ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଦୁଇ ପାର୍ଥିବ ଶରୀରକୁ ସ୍ୱତନ୍ତ୍ର ଶୋଭାଯାତ୍ରାରେ ସେମାନଙ୍କ ଗ୍ରାମକୁ ନିଆଯାଇଥିଲା।

ସୂଚନାଯୋଗ୍ୟ, ପ୍ରସନ୍ନ ୧୯୯୫ରେ ସିଆର୍‌ପିଏଫ୍‌ରେ ଯୋଗ ଦେଇଥିଲେ। ଏହାପରେ ସେ ଜମ୍ମୁ ଓ କଶ୍ମୀରରେ ୬୧ ବାଟାଲିୟନରେ କାର୍ଯ୍ୟରତ ଥିଲେ। ସେହିଭଳି ମନୋଜ ୨୦୦୬ରେ ସିଆରପିଏଫ୍‌ରେ ଯୋଗ ଦେଇଥିଲେ।

**୬ ଘଣ୍ଟାଧରି ବିମାନବନ୍ଦର ଲୋକାରଣ୍ୟ**

ପୂର୍ବରୁ ଖବର ମିଳିଥିଲା ସକାଳ ୯ଟାରେ ଦୁଇ ଶହୀଦଙ୍କ ପାର୍ଥିବ ଶରୀର ବିମାନବନ୍ଦରରେ ପହଞ୍ଚିବ। ଏହାପୂର୍ବରୁ ଶେଷ ଦର୍ଶନ ପାଇଁ ହଜାର ହଜାର ଛାତ୍ରୀଛାତ୍ର, ସାଧାରଣ ଲୋକ, ନେତା ଓ ଅଧିକାରୀମାନେ ବିମାନ ବନ୍ଦରରେ ପହଞ୍ଚିଯାଇଥିଲେ। ପରବର୍ତ୍ତୀ ସମୟରେ ଅପରାହ୍ନ ୧.୩୦ରେ ସ୍ୱତନ୍ତ୍ର ବିମାନ ପହଞ୍ଚିବ ବୋଲି ସୂଚନା ମିଳିଲା। ଇତିମଧ୍ୟରେ ବିମାନବନ୍ଦର ପୂରା ଜନସମୁଦ୍ର ହୋଇଯାଇଥିଲା। ସେମାନେ ପାକିସ୍ତାନ ମୁର୍ଦ୍ଦାବାଦ ନାରା ଦେବା ସହ ପ୍ରସନ୍ନଜିତ ଓ ମନୋଜ ଅମର ରହେ ସ୍ଲୋଗାନ ଦେଇଥିଲେ। ଶେଷରେ ଅପରାହ୍ନ ୩ଟାରେ ପାର୍ଥିବ ଶରୀର ପହଞ୍ଚିବା ପର୍ଯ୍ୟନ୍ତ ୬ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲୋକେ ସେମିତି ଅପେକ୍ଷା କରି ରହିଥିଲେ।

**ଶ୍ରଦ୍ଧାଞ୍ଜଳି ଦେବାକୁ କର୍ଡନ ମାନିଲେନି ଲୋକେ**

ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଲୋକେ ଯବାନଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ଓ ଶ୍ରଦ୍ଧାଞ୍ଜଳି ଦେବାକୁ ବ୍ୟସ୍ତ ହୋଇପଡିଥିଲେ। ଏଥିପାଇଁ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ପୋଲିସ କର୍ଡନକୁ ଭାଙ୍ଗି ଲୋକେ ଯବାନଙ୍କ ପାର୍ଥିବ ଶରୀର ନିକଟରେ ପହଞ୍ଚିଯାଇଥିଲେ। ସିଆରପିଏଫ୍ ଓ ପୋଲିସ ଲୋକଙ୍କୁ ହଟାଇବାକୁ ନାକେଦମ୍ ହୋଇପଡିଥିଲା। ପରବର୍ତ୍ତୀ ସମୟରେ ଧାଡ଼ିକରି ଲୋକଙ୍କୁ ଛଡ଼ାଯାଇଥିଲା।

**କାନ୍ଧ ଦେଲେ ଗୃହ ସଚିବ, ଡିଜିପି**

ଦୁଇ ଯବାନଙ୍କ ପାର୍ଥିବ ଶରୀରକୁ ଗାର୍ଡ ଅଫ୍ ଅନର ଦେବା ପାଇଁ ନିଆଯାଉଥିବାବେଳେ ଗୃହ ସଚିବ, ଡିଜିପି ଓ ସିଆର୍‌ପିଏଫ୍ ଆଇଜି କାନ୍ଧେଇ ନେଉଥିବା ଦେଖିବାକୁ ମିଳିଥିଲା। ଏନେଇ ଡିଜିପି ଡା.ଶର୍ମା କହିଛନ୍ତି, ଆତଙ୍କବାଦୀ ଯେଭଳି ଆକ୍ରମଣ କଲେ ତାହା ସାରା ଦେଶକୁ ସ୍ତବ୍ଧ କରିଦେଇଛି। ତେଣୁ ପାକିସ୍ତାନକୁ ଉଚିତ ଜବାବ ଦେବା ଜରୁରୀ।

**ପ୍ରଥମ ପୃଷ୍ଠାରୁ...**

## ୨୦ ଫୁଟ୍...

ଫେରୁଥିଲେ। ସେମାନଙ୍କ ସହ ଗାଡିରେ ଅନ୍ୟ ୨ ଜଣ ମହିଳା ମଧ୍ୟ ଥିଲେ। ଗାଡି ଦୁର୍ଘଟଣାଗ୍ରସ୍ତ ହେବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମହିଳା ଦ୍ୱୟଙ୍କୁ ପ୍ରାଥମିକ ଚିକିତ୍ସାପରେ ଛାଡ଼ି ଦିଆଯାଇଥିବା ବେଳେ ସନ୍ତୋଷ ଓ ବନୋଜଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭରତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ପହଣାବନ୍ଧର ସ୍ୱଳ୍ପ ଚଉଡା ଏହି ସ୍ଥାନରେ ଏକ ଅଟୋ ଠିଆ ହୋଇଥିଲା। ଏହି ସମୟରେ ଟାଟା ଏସିଇ ସେହି ବାଟ ଦେଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା। ଏନେଇ ପାଟକୁରା ଥାନାରେ ମାମଲା (ନଂ ୨୯/୧୯) ରୁଜୁ ହୋଇଛି।

■ ପରକୀୟା ପ୍ରୀତିକୁ ବିରୋଧ

# ସ୍ତ୍ରୀଙ୍କୁ ହତ୍ୟାକଲେ ଶିକ୍ଷକ

**ତିହିଡ଼ି, ୧୬।୨ (ଡି.ଏନ.ଏ.)**

ବିବାହ ବର୍ଷେ ନ ପୂରୁଣୁ ବିନିଲତା ଦାସ(୨୪) ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ ତାଙ୍କ ପାଇଁ କାଳ ହେଲା। ଏଥିରେ ପ୍ରତିଶୋଧପରାୟଣ ହୋଇ ତାଙ୍କ ସ୍ୱାମୀ ଶୁକ୍ରବାର ମଧ୍ୟାହ୍ନରେ ତାଙ୍କୁ ହତ୍ୟା କରିଥିବା ବିନିଲତାଙ୍କ ବାପଘର ପକ୍ଷରୁ ତିହିଡ଼ି ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଏକ ହତ୍ୟା ମାମଲା (ନଂ.୭୭/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କାଁପଡ଼ା ପଞ୍ଚାୟତ କାଁପଡାବିନ୍ଧା ଗ୍ରାମରେ ଏଭଳି ଘଟଣା ଘଟିଛି। ପୋଲିସ ସୂଚନା ଅନୁଯାୟୀ ଭଦ୍ରକ କାଉପୁର ପଞ୍ଚାୟତ ମୁକ୍ତାଳି ଗ୍ରାମର କୁଳମଣି ଦାସଙ୍କ ଝିଅ ବିନିଲତା ଗତବର୍ଷ ମାର୍ଚ୍ଚରେ କାଁପଡାବିନ୍ଧା ଗ୍ରାମର ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସଙ୍କୁ ବିବାହ କରିଥିଲେ। ବିବାହ ପରେ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ବିନିଲତା ଜାଣିବାକୁ ପାଇଥିଲେ। ସେ ଏହାକୁ ବିରୋଧ କରିବାରୁ ସ୍ୱାମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ବିନିଲତା ଏ ସମ୍ପର୍କରେ ବାପଘର ଲୋକଙ୍କୁ ଜଣାଇବାରୁ ସେମାନେ ଆସି ଘଟଣାର ସମାଧାନ କରିବା ସହ ନିର୍ମଳଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ପରେ ରାଗ ଶୁଝାଇବାକୁ ଯାଇ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ବିନିଲତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଶୁକ୍ରବାର ତାଙ୍କୁ ହତ୍ୟା କରାଯାଇ ଶାଢ଼ିରେ ଝୁଲାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ନିର୍ମଳଙ୍କ ପରକୀୟା ପ୍ରୀତିକୁ ବିରୋଧ ଏବଂ ଅଧିକ ଯୌତୁକ ପାଇଁ ବିନିଲତାଙ୍କୁ ହତ୍ୟା କରାଯାଇଥିବା ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ନିର୍ମଳଙ୍କୁ ପଚାରିବାରୁ ପାରିବାରିକ କଳହକୁ ନେଇ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା କହିଛନ୍ତି।

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ବାର୍ଷିକ ସମ୍ମିଳନୀ

# ଅଧ୍ୟାପକଙ୍କ ପାଇଁ ଆରମ୍ଭ ହେବ ରିଫ୍ରେଶର କୋର୍ସ

■ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଚିନ୍ତା କରୁଛି ୟୁଜିସି
■ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ପାଇଁ ରୋଲ୍ ମଡେଲ୍ ହୁଅନ୍ତୁ

**ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବା ପାଇଁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି) ପକ୍ଷରୁ ପଦକ୍ଷେପ ନିଆଯାଉଛି। ପାଠ୍ୟ ଖସଡ଼ାରେ ସଂଶୋଧନ, ଅଧ୍ୟାପକମାନଙ୍କୁ ରେଗୁଲାର ରିଫ୍ରେଶର କୋର୍ସ, ଶିକ୍ଷା ଭିତ୍ତିଭୂମିର ବିକାଶ ଲାଗି ଅଧିକ ପାଣ୍ଠି ପ୍ରଦାନ ନିମନ୍ତେ ୟୁଜିସି ନିଷ୍ପତ୍ତି ନେଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ୯୩ତମ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ୟୁଜିସି ସଚିବ ରଜନୀଶ ଜୈନ ଏହା କହିଛନ୍ତି।

ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ଏହି ସମ୍ମିଳନୀରେ ରଜନୀଶ କହିଲେ, ବର୍ତ୍ତମାନ ଆମ ଅଧୀନରେ ଅନେକ କଲେଜ ଓ ବିଶ୍ୱବିଦ୍ୟାଳୟ ହୋଇଗଲାଣି। ଶିକ୍ଷାକୁ ଅନେକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ପଦକ୍ଷେପ ନେଇସାରିଛୁ। କିନ୍ତୁ ବର୍ତ୍ତମାନ ଶିକ୍ଷାର ଗୁଣବତ୍ତା ଓ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଆମେ ଚେଷ୍ଟା କରୁଛୁ। ଏହାକୁ ନଜରରେ ରଖି ଆମେ ଅନେକ ପଦକ୍ଷେପ ଗ୍ରହଣ କରିଛୁ। ଛାତ୍ରୀଛାତ୍ରଙ୍କ ଜୀବନରେ ଶିକ୍ଷକଙ୍କ ଅବଦାନ ବୃଦ୍ଧି ପାଇଁ ଟିଚର ଇଣ୍ଡକ୍ସନ ପ୍ରୋଗ୍ରାମ ଓ ଆନୁଆଲ ରିଫ୍ରେସର ପ୍ରୋଗ୍ରାମ ସଂକ୍ରାନ୍ତରେ ୟୁଜିସି ଚିନ୍ତା କରିଛି। ଏହା ଦ୍ୱାରା ସେମାନେ ଛାତ୍ରୀଛାତ୍ରଙ୍କୁ ଉଚିତ ମାର୍ଗରେ ନେବା ସହ ରୋଲ୍ ମଡେଲ ହୋଇପାରିବେ। ଅନ୍ୟପକ୍ଷରେ ଗ୍ଲୋବାଲ୍ ରାଙ୍କିଙ୍ଗ୍‌ରେ କିପରି ଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ଥାନ ପାଇବ ସେଥିପ୍ରତି ଆମେ ବର୍ତ୍ତମାନ ଗୁରୁତ୍ୱ ଦେଉଛୁ। ଯଦିଓ ଭାରତର ଅନେକ ଆଇଆଇଟି ଓ ବିଶ୍ୱବିଦ୍ୟାଳୟ ବିଶ୍ୱ ସ୍ତରୀୟ ର୍ୟାଙ୍କରେ ସ୍ଥାନ ପାଇଛନ୍ତି, କିନ୍ତୁ ଏହି ସଂଖ୍ୟା ବହୁତ କମ୍। ବିଶ୍ୱର ଶ୍ରେଷ୍ଠ ୧୦୦ ଭିତରେ ଆମେ ରହିବାକୁ ଚେଷ୍ଟା କରୁଛୁ। ଗବେଷଣାକୁ ଗୁରୁତ୍ୱ ଦେବା ପାଇଁ ଅଧିକ ଛାତ୍ରବୃତ୍ତି ଦିଆଯିବ। ଖାଲି ସେତିକି ନୁହେଁ, ଅନେକ ଫେକ୍ ବା ବେଆଇନ ଭାବେ ଚାଲୁଥିବା ଶିକ୍ଷାନୁଷ୍ଠାନରେ ଆଡମିଶନ୍ ନ କରିବା ଲାଗି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ସଚେତନ କରାଯାଉଛି। ପିଲାମାନେ କେବଳ ବହି ଭିତରେ ସୀମିତ ନ ରହି ଦେଶ, ପରିବେଶ, ସମାଜ ଓ ସଂସ୍କୃତି ଦିଗରେ ସଚେତନ ହେବା ଜରୁରୀ। ଛାତ୍ରୀଛାତ୍ରମାନେ ଜଣେ ଭଲ ମଣିଷ ହେବା ସହିତ ଜଣେ ଭଲ ନାଗରିକ ହେବା ଉଚିତ ବୋଲି ରଜନୀଶ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସହାୟତା ରାଶି...

ଘୋଷଣା କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶବାଧାର ସହ ଜଗତ୍‌ସିଂହପୁର ନାଉଗାଁ ଗସ୍ତ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କଟକ ଜିଲା ନିଆଳି ବ୍ଲକ ଗଜାବର ଯାଇଥିଲେ। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପୂର୍ବାହ୍ନ ୧୧ଟାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ମାଗଣାରୁ...

୨ଟି ସିଟି ସ୍କାନ ମେଶିନ କାମ କରୁଥିବାବେଳେ ଗୋଟିଏ ଏମ୍ଆର୍‌ଆଇ ମେଶିନ, ୩ଟି ଅଲଟ୍ରାସାଉଣ୍ଡ, ୪ଟି ଏକ୍ସ-ରେ ମେଶିନ ରହିଛି। ଦୁଇଟି ସିଟି ସ୍କାନ ମେଶିନ ମଧ୍ୟରୁ ଗୋଟିଏ ୧୯୮୦ ମସିହାର ହୋଇଥିବାବେଳେ ଆଉ ଗୋଟିଏ ମେଶିନ ୫ ବର୍ଷ ତଳେ ମେଡିକାଲକୁ ଆସିଛି। ଅନ୍ୟପକ୍ଷରେ ୨୦୧୦ରୁ ସରକାର ପିପିପି ମୋଡ୍‌ରେ ଏସ୍‌ସିବିରେ ଏମ୍ଆର୍‌ଆଇ ପରୀକ୍ଷା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଗୋଟିଏ ଏମ୍ଆର୍‌ଆଇ ମେଶିନ ରୋଗୀଭାର ସମ୍ଭାଳିବାରେ ଅସମର୍ଥ ହୋଇଛି। ଗୋଟିଏ ମେଶିନରେ ଦିନକୁ ୨୦ଟି ଏମ୍ଆର୍‌ଆଇ କରିବା ସମ୍ଭବ ହେଉଛି। କିନ୍ତୁ ଦୈନିକ ଏମ୍ଆର୍‌ଆଇ ପାଇଁ ୫୦ରୁ ଅଧିକ ରୋଗୀ ଲାଇନରେ ରହୁଛନ୍ତି। ସେହିପରି ମୁଣ୍ଡ ସିଟିସ୍କାନ ତତ୍କ୍ଷଣାତ ହେଉଥିବା ବେଳେ ପେଟ କିମ୍ବା ଛାତିର ସିଟିସ୍କାନ ପାଇଁ ରୋଗୀଙ୍କୁ ମାସାଧିକ କାଳ ସମୟ ଦିଆଯାଉଛି। କାରଣ ଏହି ସିଟିସ୍କାନ ପାଇଁ ଅତିକମ୍‌ରେ ଅଧଘଣ୍ଟାରୁ ୪୫ ମିନିଟ୍ ସମୟ ଲାଗିଥାଏ। କିନ୍ତୁ ମେଡିକାଲ ରେକର୍ଡ କହୁଛି ଦୈନିକ ମେଡିକାଲର ବିଭିନ୍ନ ବିଭାଗରୁ ଅତିକମ୍‌ରେ ୧୦୦ରୁ ଅଧିକ ସିଟି ସ୍କାନ କରିବା ପାଇଁ ରୋଗୀଙ୍କ ଲମ୍ବା ଲାଇନ ଲାଗୁଛି।

ମାନବ ସମ୍ବଳକୁ ଦେଖିଲେ ମଧ୍ୟ ଆଉ ଏକ ବିଚିତ୍ର ଚିତ୍ର ସାମ୍ନାକୁ ଆସୁଛି। ମେଡିକାଲର ସିନିୟର ରେଡଓଗ୍ରାଫର ପଦବୀରେ ୪ ଜଣ ରହିବା ଜାଗାରେ ୨ ଜଣ କାର୍ଯ୍ୟ କରୁଛନ୍ତି। ସେହିପରି ୧୭ ଜୁନିୟର ରେଡିଓଗ୍ରାଫରଙ୍କ ସ୍ଥାନରେ ୧୩ ଜଣ କାର୍ଯ୍ୟ କରୁଥିବା ବେଳେ ସିନିୟର ଲାବୋରେଟୋରି ଟେକ୍ନିସିଆନ, ଗ୍ରାଜୁଏଟ୍ ଟେକ୍ନିସିଆନ, ଜୁନିୟର ଲାବୋରେଟୋରି ଟେକ୍ନିସିଆନ ଆଦି ପଦବୀରେ ୧୪ ଜଣ କର୍ମଚାରୀଙ୍କ ପଦବୀ ଫାଙ୍କା ପଡ଼ିଛି। ଫଳରେ ଉପରୋକ୍ତ ପରୀକ୍ଷା ନିରୀକ୍ଷା ବହୁଳ ଭାବେ ପ୍ରଭାବିତ ହେଉଛି। ୨୦୧୮ ଅଗଷ୍ଟରୁ ୨୦୧୮ ଡିସେମ୍ବର ମଧ୍ୟରେ ଏସ୍‌ସିବିରେ ୨୦୯୧ଟି ଏମ୍ଆର୍‌ଆଇ ହୋଇଥିବାବେଳେ ୧୩,୧୫୫ ସିଟିସ୍କାନ, ୨୪,୮୪୩ ଏକ୍ସ-ରେ, ୧୬,୭୮୯ ଅଲଟ୍ରାସାଉଣ୍ଡ ଓ ୯୮୫ ଡାଏଲିସିସ୍ କରାଯାଇଛି।

ମାହାଙ୍ଗା ଅଞ୍ଚଳରୁ ନିଜ ପୁଅକୁ ନେଇ ଆସିଥିବା ଭରତ ସ୍ୱାଇଁଙ୍କୁ ମେଡିକାଲ ପକ୍ଷରୁ ସିଟି ସ୍କାନ ପାଇଁ ଦେଢ ମାସ ସମୟ କଣ୍ଟ ଦିଆଯାଇଥିଲା। କିନ୍ତୁ ଏତେଦିନ ଅପେକ୍ଷା ନ କରି ଭରତ ମେଡିକାଲ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ୫ ଦିନ ମଧ୍ୟରେ ସିଟି ସ୍କାନ କରାଇଥିଲେ। ସେହିପରି ଯାଜପୁର ଅଞ୍ଚଳର ଜଣେ ରୋଗୀଙ୍କୁ ସିଟିଥୋରାକ୍ସ ପାଇଁ ଦେଢ ମାସ ସମୟ ଦିଆଯାଇଥିଲା। ମେଡିକାଲର ପଦାଧିକାରୀମାନଙ୍କୁ କହିବା ପରେ ମଧ୍ୟ ଏହି ସମୟ କମାଇ ଦିଆଯାଇ ନ ଥିଲା ବୋଲି ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ ଅଚ୍ୟୁତ କୁମାର ସାହୁ। ସେହିପରି ନେଫ୍ରୋଲୋଜି ବିଭାଗକୁ ଗଲେ ସେଠାରେ ମଙ୍ଗଳବାରରୁ ଗୁରୁବାର ପର୍ଯ୍ୟନ୍ତ ୬୦ ଜଣ ରୋଗୀ ଡାଏଲିସିସ୍ ପାଇଁ ଅପେକ୍ଷା କରି ରହୁଛନ୍ତି।

ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଜୟଶ୍ରୀ ମହାନ୍ତି କହିଛନ୍ତି ଯେ, ଜରୁରିକାଳୀନ ସ୍ଥିତିରେ ଥିବା ରୋଗୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସମସ୍ତ କାର୍ଯ୍ୟ କରାଯାଉଛି। ରୁଟିନ କେସ୍‌ଗୁଡ଼ିକୁ ସମୟ ଦିଆଯାଉଛି। ହସ୍ପିଟାଲ ମ୍ୟାନେଜର ସୌମ୍ୟା ମହାନ୍ତି କହିଛନ୍ତି ଯେ, ମେଡିକାଲକୁ ଏବେ ଆଉ ଏକ ସିଟିସ୍କାନ ମେଶିନ ଆସିଛି। ଏହାଦ୍ୱାରା ରୋଗୀଙ୍କୁ ସିଟିସ୍କାନ ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏହାବାଦ୍ ଅନ୍ୟ କେତେକ ମେଶିନ ମଧ୍ୟ ଖୁବ୍‌ଶୀଘ୍ର ପିପିପି ମୋଡ୍‌ରେ ମେଡିକାଲରେ କାର୍ଯ୍ୟ କରିବ ବୋଲି ମହାନ୍ତି କହିଛନ୍ତି।

ଏହା କେବଳ ଏସ୍‌ସିବି ମେଡିକାଲର କଥା ନୁହେଁ, ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଏଭଳି ସମସ୍ୟା ଲାଗିରହିଛି। ଏଥିଯୋଗୁ ରାଜ୍ୟ ସରକାରଙ୍କ ମାଗଣା ଚିକିତ୍ସା ବ୍ୟବସ୍ଥାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଭିତ୍ତିଭୂମି ନ ଥିଲେ ସବୁ ଯୋଜନା ବେକାର ବୋଲି ହଇରାଣ ହେଉଥିବା ରୋଗୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ଆତଙ୍କବାଦ...

ପୁଲଓ୍ୱାମା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦ ବିରୋଧୀ ଲଢ଼େଇରେ କେନ୍ଦ୍ର ସରକାରଙ୍କୁ ସମର୍ଥନ ଜଣାଇଛି। ସୁରକ୍ଷା ବାହିନୀ ସହିତ ଆମେ ରହିଛୁ ବୋଲି ବୈଠକ ଶେଷରେ ପିନାକି ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟ ଏକ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଶର ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ବିଶେଷକରି ଜମ୍ମୁ-କଶ୍ମୀରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରାଥମିକତା ଦିଆଯାଇଥିଲା। ଏହି ବୈଠକରେ ଜାତୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ରାଜୀବ ଜୈନଙ୍କ ସମେତ ସୁରକ୍ଷା ବାହିନୀର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭାରତ-ପାକ୍ ସୀମା ସମେତ ଦେଶର ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଜମ୍ମୁ-କଶ୍ମୀରରେ ଅସ୍ଥିରତା ସୃଷ୍ଟି ଲାଗି ପାକିସ୍ତାନୀ ଆତଙ୍କବାଦୀଙ୍କ ଉଦ୍ୟମକୁ ପଣ୍ଡ କରିବା ପାଇଁ କ'ଣସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆତଙ୍କବାଦ ଦମନ ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେବାକୁ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦେଶର ଅନ୍ୟ ପ୍ରାନ୍ତରେ ରହୁଥିବା ଜମ୍ମୁ-କଶ୍ମୀରର ଜନସାଧାରଣ ଏବଂ ଛାତ୍ରୀଛାତ୍ରଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବଦଳୀୟ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜିର ଗ୍ରହ ସ୍ଥିତି ପ୍ରକାରେ ଆପଣ କର୍ମମୁଖର ରହିବେ ଏବଂ ବନ୍ଧୁମିଳନ ଅବଶ୍ୟ ଘଟିବ, ଦ୍ୱିଜା ନକ୍ଷତ୍ର ପାରିବାରିକ ଅସହଯୋଗରୁ ଚିନ୍ତିତ ରହିପାରନ୍ତି। ଆକସ୍ମିକ ପିଲାଙ୍କ ସମସ୍ୟା ସମାଧାନ କଥା ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ବୃଷ**

ଅନିୟମିତ ଆହାର ଶାରୀରିକ ଅସୁସ୍ଥତାର କାରଣ ହୋଇପାରେ। ରବିଙ୍କ ସ୍ଥିତି ଜନିତ କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ଆଲୋଚନା ଅବସରରେ ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇରହିବା ଭଲ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମିଥୁନ**

ଚନ୍ଦ୍ର ପାପଗ୍ରହ ମଧ୍ୟସ୍ଥ ହେତୁ ଅର୍ଥପ୍ରାପ୍ତିରେ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁମାନଙ୍କ ସହ ଭ୍ରମଣ ସାଙ୍ଗକୁ ଆଜି ଦିନଟିରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ଆପଣଙ୍କ କାର୍ଯ୍ୟଶୈଳୀର ପ୍ରଶଂସାକରି ମିତ୍ରମାନେ ପ୍ରଶଂସା ଗାଇବୁଲିବେ। ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିପାରେ।

**କର୍କଟ**

ଦେବଗୁରୁଙ୍କ ନକ୍ଷତ୍ରରେ ଚନ୍ଦ୍ର ରହିଥିବାରୁ ପ୍ରାଥମିକ ସ୍ତରରେ କିଛିଟା ସମସ୍ୟା ଦେଖାଦେଲେ ମଧ୍ୟ ତାହା ବେଶି ସମୟ ତିଷ୍ଠି ରହିବ ନାହିଁ। ବାରମ୍ବାର ପାଇବା ଜିନିଷର ଅନିଶ୍ଚିତତା ମନରେ ଗଭୀର ଆଲୋଡ଼ନ ସୃଷ୍ଟି କରିବ। ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି।

**ସିଂହ**

ଭୁଲ୍ ବୁଝାମଣା କିମ୍ବା ମତାନ୍ତର ଜନିତ ପରିବାରରେ ଅଥବା କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବେ। କିନ୍ତୁ ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ଦୀର୍ଘଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଭ୍ରମଣ ସୁଯୋଗ ମିଳିବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**କନ୍ୟା**

ବୃହସ୍ପତିଙ୍କ ପ୍ରଭାବରେ ସମ୍ପର୍କୀୟମାନଙ୍କ ସହ ସମ୍ପର୍କରେ ତିକ୍ତତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଅସୂୟା ଜନିତ ଶତ୍ରୁତା ଯୋଗୁ ସାମୟିକ ବିଚଳିତବୋଧ କରିପାରନ୍ତି। ପାରିବାରିକ ପରିସ୍ଥିତି ପୂର୍ବ ପରି ଗମ୍ଭୀର ରହିବ, କିନ୍ତୁ ଉତ୍ତେଜିତ ହୋଇ କୌଣସି ପଦକ୍ଷେପ ନେବା ପୂର୍ବରୁ ପୁନର୍ବାର ବିଚାର କରିବା ଭଲ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଆସିବେ।

**ତୁଳା**

ଆଜିର ଯାତ୍ରା,ବାଣିଜ୍ୟ,ବ୍ୟବସାୟ କ୍ଷେତ୍ର ସମସ୍ୟା ବହୁଳ ହୋଇପାରେ। ଅବଶ୍ୟ ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ଏବଂ କର୍ମକ୍ଷେତ୍ର ମଧ୍ୟ ପୂର୍ବବତ୍ ରହିବ। ସହକର୍ମୀଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସଭାସମିତିରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**

ଆନୁଷ୍ଠାନିକ କାମ ସକାଶେ ଆଜି ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ। ଶୁଭକାର୍ଯ୍ୟରେ ଯୋଗଦେଇ ଦୀର୍ଘଦିନର ଅଦେଖା ବନ୍ଧୁଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପରିବାରର ଛୋଟ ଛୋଟ କଥାକୁ ନେଇ ତର୍କ କରିବା ଠିକ୍ ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଫ୍ଲାଟିଂ ବ୍ୟବସାୟ, ଶେୟାର ବଜାର,ରାଜନୀତି ପାଇଁ ଦିନଟି ବହୁତ ଭଲ।

**ଧନୁ**

ପାରିବାରିକ ସମସ୍ୟା ପ୍ରାୟତଃ ଲାଗି ରହୁଥିବାରୁ ଅତୀତ କଥାକୁ ସ୍ମରଣକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ବନ୍ଧୁଙ୍କ ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପରିସ୍ଥିତି ଯେତେ ଗମ୍ଭୀର ହେଉନା କାହିଁକି, ଆପଣଙ୍କ ମନର ବଳ ଖୁବ୍ ଟାଣ ରହିବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମକର**

ସ୍ୱଗୃହାଭିମୁଖୀ ଶନିଙ୍କ ପ୍ରଭାବରେ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବ। କର୍ମକ୍ଷେତ୍ରସ୍ଥ ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ଯୋଗ ରହିଛି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାକୁ ଚେଷ୍ଟାକରି ଉପହସିତ ହୋଇପାରନ୍ତି।

**କୁମ୍ଭ**

କର୍ମକ୍ଷେତ୍ରରେ ସମସ୍ୟାକୁ ନିୟନ୍ତ୍ରଣ କରିବା ସକାଶେ ପ୍ରିୟ କଥା କହି ପରିସ୍ଥିତି ସୁଧାରି ନେବେ। ସରଳ ବିଶ୍ୱାସ ଜନ୍ମାଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଘରୋଇ କଳିରୁ ପାରିବାରିକ ଅସ୍ଥିରତା ବୃଦ୍ଧି ପାଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ, ଆଇନ, ଅଦାଲତରେ ସଫଳତା ହାସଲ କରିବେ।

**ମୀନ**

ମାନସିକ ଅସ୍ଥିରତା ଲାଗି ରହିବା କାରଣରୁ ପ୍ରତ୍ୟେକ ଦିଗରେ ସଫଳତାର ଝଲକ ଦେଖିବାକୁ ମିଳିବ ନାହିଁ। ପୂର୍ବରୁ ଲାଗି ରହିଥିବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ତଥାପି ଆପଣ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମେଳରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘ ଶୁକ୍ଳ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ , ବୈଷ୍ଣବ ସମ୍ମତ ଜୟା ଏକାଦଶୀ, ଫେବୃୟାରୀ ୧୭ ତାରିଖ ରବିବାର। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ମେଷ ରାଶିର ଘାତବାର, ଦିବା ଘ୧୧।୫୦ମି. ଗତେ କର୍କଟ ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୬।୫୧ମି. ଗତେ ଘ୯।୧୪ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୪ମି. ଗତେ ଘ୧୦।୩୭ମି. ମଧ୍ୟେ, ଘ୧।୨୩ମି. ଗତେ ଘ୨।୪୬ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୭ମି. ଗତେ ଘ୫।୪୩ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ନିମନ୍ତେ କାଠ ଅନୁକୂଳ

ଖଣ୍ଡପଡା,୧୬।୨(ସ୍ୱ.ପ୍ର.): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ନିମନ୍ତେ ପାରମ୍ପରିକ ରୀତିନୀତି ଅନୁଯାୟୀ ନୟାଗଡ ଜିଲା ଖଣ୍ଡପଡାଠାରେ ଶୁକ୍ରବାର କାଠ ଅନୁକୂଳ ହୋଇଛି। ରୁକୁଣା ରଥ ନିମନ୍ତେ କାଠ ପାଇଁ ଖଣ୍ଡପଡା ଏନ୍ଏସି ଅନ୍ତର୍ଗତ ୧୨ ନଂ ୱାର୍ଡ ବାଇପାସ ରାସ୍ତା ପାର୍ଶ୍ୱ ଆଞ୍ଚଳିକ ସାମ୍ବାଦିକ ଭବନ ପରିସରରେ ଥିବା ଆମ୍ବଗଛ ନିକଟରେ ପୂଜାର୍ଚ୍ଚନା କରାଯାଇଛି । ଉକ୍ତ ଆମ୍ବଗଛକୁ ପୂର୍ବରୁ ଲିଙ୍ଗରାଜଦେବଙ୍କ ମନ୍ଦିର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା। ନୟାଗଡ ବନଖଣ୍ଡର ନିର୍ଦ୍ଦେଶକ୍ରମେ ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ସହଯୋଗରେ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମହାପାତ୍ର, ରାଜସ୍ୱ ନିରୀକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ରୁକୁଣା ରଥର ମୁଖ୍ୟ ବିଶ୍ୱକର୍ମା ସୋମନାଥ ମହାରଣା, ମନ୍ଦିର କାର୍ଯ୍ୟାଳୟର ହେମନ୍ତ କୁମାର ମହାପାତ୍ର ପ୍ରମୁଖ ମନୋନୀତ କରାଯାଇଥିବା ଆମ୍ବଗଛ ମୂଳରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ଆବଶ୍ୟକତା ଅନୁଯାୟୀ ୩ଟି ଆମ୍ବଗଛ କଟାଯିବ। ବନପାଳ ଶ୍ରୀନିବାସ ମହାପାତ୍ର, ବସନ୍ତ କୁମାର ରାଉତ ଓ ଶ୍ରୀନିବାସ ଦାଶଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ଆତ୍ମହତ୍ୟା

ସୋର, ୧୬।୨(ଡି.ଏନ.ଏ.): ବେଙ୍ଗାଲୁରୁରେ ଚାକିରି କରୁଥିବା ବାଲେଶ୍ୱର ଜିଲା ସୋର ଥାନା ଟେଣ୍ଟେଇ ପଞ୍ଚାୟତ ବିରିପଡ଼ା ଗ୍ରାମର ଉମାକାନ୍ତ ବେହେରା (୨୪) ନାମକ ଯୁବକ ରହୁଥିବା ଭଡ଼ା ଘରେ ଆତ୍ମହତ୍ୟା କରିଛନ୍ତି। ନାରୀ ବେଶରେ ସଜ୍ଜିତ ହୋଇଥିବା ତାଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ସ୍ଥାନୀୟ କେଙ୍ଗେରିର ଏକ କମ୍ପାନୀରେ ୮ବର୍ଷ ଧରି କାମ କରିଆସୁଥିଲେ। ଶନିବାର ସକାଳେ ତାଙ୍କ ଶୋଇବା ଘରେ ସେ ନୂଆ ହଳଦିଆ ରଙ୍ଗର ଶାଢ଼ି, ହାତରେ ଶଙ୍ଖା, ମଥାରେ ସିନ୍ଦୂର ପିନ୍ଧି ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ସମ୍ପର୍କୀୟମାନେ ଦେଖିବା ପରେ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ଯୁବକ ଜଣକ କାହିଁକି ମହିଳା ବେଶରେ ଆତ୍ମହତ୍ୟା କଲେ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।




# ସମଗ୍ର ରାଜ୍ୟରେ ନିଷେଧ ହେବ ପଲିଥିନ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପଲିଥିନ ଓ ପ୍ଲାଷ୍ଟିକ ତିଆରି ସାମଗ୍ରୀ ପରିବେଶ ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଉଛି। ଏହାର ଭୟାବହତା ବେଳକୁ ବେଳ ଅସମ୍ଭାଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଓଡ଼ିଶାକୁ ପଲିଥିନ ମୁକ୍ତ କରିବାକୁ ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରାଞ୍ଚଳରୁ ଏହି ପଦକ୍ଷେପ ନିଆଯାଇଛି। ଏବେ ରାଜ୍ୟକୁ ପଲିଥିନରୁ ମୁକ୍ତ କରିବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏ ନେଇ ଏକ ନୂତନ ରୁଲ୍ ପ୍ରସ୍ତୁତ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ନିୟମ ପ୍ରସ୍ତୁତ କରିବା ପରେ ରାଜ୍ୟ ସରକାରଙ୍କ ଅନୁମତି ପାଇଁ ପଠାଯିବ। ଚଳିତ ବର୍ଷ ଅକ୍ଟୋବରରୁ ରାଜ୍ୟରେ ପଲିଥିନ ନିଷେଧ କରିବାକୁ ଯୋଜନା ରଖାଯାଇଛି ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଗୋଟିଏ ପଟେ ରାଜ୍ୟ ସରକାର ସମଗ୍ର ଓଡ଼ିଶାକୁ ପଲିଥିନ ମୁକ୍ତ କରିବାକୁ ଚାହୁଁଥିବା ବେଳେ ଅନ୍ୟପଟେ ମହାନଗର ନିଗମଗୁଡ଼ିକର ଖାମଖିଆଲି ମନୋଭାବ ପଲିଥିନ କଟକଣାକୁ ପାଣିଚିଆ କରିଦେଉଛି। କଟକଣା ଲାଗୁ ହେବାର ୫ ମାସ ବିତିଯିବାକୁ ବସିଥିଲେ ମଧ୍ୟ ମହାନଗର ନିଗମଗୁଡ଼ିକ ପଲିଥିନ ମୁକ୍ତ ହୋଇ ନାହିଁ । ଚାରିଆଡେ କୁଢ କୁଢ ପଲିଥିନ ଦେଖିବାକୁ ମିଳୁଛି। ବ୍ୟବସାୟୀମାନେ ପଲିଥିନ କାରବାରକୁ ପୁଣି ଜୋରଦାର ଆରମ୍ଭ କରିଦେଇଛନ୍ତି। ସରକାରୀ ଷ୍ଟାମ୍ପମାରି ଖୋଲାଖୋଲି ପଲିଥିନ ବିକ୍ରି କରାଯାଉଥିଲେ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ସେଥିପ୍ରତି ଆଦୌ ନଜର ନାହିଁ। ସେହି ପଲିଥିନଗୁଡ଼ିକ ନଷ୍ଟଯୋଗ୍ୟ ବୋଲି କୁହାଯାଉଛି। ବଜାରରେ ଉପଲବ୍ଧ ହେଉଥିବା ପଲିଥିନକୁ ପରୀକ୍ଷା କରିବା ପାଇଁ ପରିବେଶ ବିଭାଗ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ସେହି ନମୁନାଗୁଡ଼ିକୁ କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି(ସିଆଇପିଇଟି)କୁ ପଠାଇ ପରୀକ୍ଷା କରିବା ପରେ ପଦକ୍ଷେପ ନିଆଯିବ ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି।



- ପ୍ରହସନ ପାଲଟିଛି କଟକଣା
- ସହରାଞ୍ଚଳରେ କୁଢ଼ କୁଢ଼ ପଲିଥିନ
- ସରକାରୀ ନିର୍ଦ୍ଦେଶ ମାନୁନାହାନ୍ତି ସହରାଞ୍ଚଳ କର୍ତ୍ତୃପକ୍ଷ
- ଅଡୁଆରେ ପରିବେଶ ବିଭାଗ
- ପୁଣି ୫ ମହାନଗର ନିଗମ, ପୁରୀ ପୌରସଂସ୍ଥାକୁ ଚିଠି ଲେଖିଲା ବିଭାଗ
- ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ସୋମବାରଠାରୁ ସହରାଞ୍ଚଳରୁ ସଂଗ୍ରହ ହେବ ନମୁନା

ଅନ୍ୟପକ୍ଷରେ ପଲିଥିନ ନିଷେଧ ନେଇ ଗତ ୪ ମାସ ମଧ୍ୟରେ କି ପଦକ୍ଷେପ ନିଆଯାଇଛି ସେ ନେଇ ତୁରନ୍ତ ଆକ୍ସନ ଟେକେନ ରିପୋର୍ଟ ଦେବାକୁ ବିଭାଗ ପକ୍ଷରୁ ୫ ମହାନଗର ନିଗମ ଓ ପୁରୀ ପୌର ପରିଷଦକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଅକ୍ଟୋବର ୨ ଗାନ୍ଧୀଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଏବଂ ପୁରୀ ସହରରେ ପଲିଥିନ/ପ୍ଲାଷ୍ଟିକ ଏବଂ ଥର୍ମୋକୁଲ ବ୍ୟବହାରକୁ ନିଷେଧ କରାଯାଇଛି। କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହାଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରି ପାରିବେ ନାହିଁ।

୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ, ପ୍ଲେଟ, ଗ୍ଲାସ, ଥାଳିଆ, ପାଣି ପାଉଚ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯାଇଛି। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରିପାରିବେ ନାହିଁ। ସେଥିପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦିସ୍ଥାନରେ ପଲିଥିନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ମହାନଗର ନିଗମର କମିଶନର ଓ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ପଲିଥିନ ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅଧିକାରୀମାନେ ପରିବେଶ (ସୁରକ୍ଷା) ଆଇନ, ୧୯୮୬ ଅନୁଯାୟୀ ନିଜ ଅଞ୍ଚଳ ଭିତରେ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ବିଧାନ କରିପାରିବେ। ପଲିଥିନ ବିକ୍ରି ବା ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦଣ୍ଡ ବିଧାନ କରିବା ବ୍ୟବସ୍ଥା ରହିଛି। ଜିଲାପାଳ ପଲିଥିନ କଟକଣାକୁ କଡାକଡି କାର୍ଯ୍ୟକାରୀ କରିବା ସକାଶେ ଏଡିଏମ, ଏସ୍‌ପି, ବନଖଣ୍ଡ ଅଧିକାରୀ, ତହସିଲଦାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପୌର ସଂସ୍ଥାର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଚଢାଉ କରି ୫ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ୨୩୪ କେ.ଜି. ପଲିଥିନ, ୮୭ ପ୍ୟାକେଟ ଥର୍ମୋକୁଲ, ୪୫ ପ୍ୟାକେଟ ପ୍ଲାଷ୍ଟିକ କପ ଓ ପ୍ଲେଟ ଜବତ କରିଛି।

# ଭବାନୀପାଟଣା ସ୍ୱୟଂଶାସିତ କଲେଜକୁ ମିଳିବ ବିଶ୍ୱବିଦ୍ୟାଳୟ ମାନ୍ୟତା

- ମହିଳା ମିଶନ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ସରକାରୀ ମହିଳା କଲେଜରେ ଖୋଲିବ ବିଜ୍ଞାନ ବିଭାଗ
- ୯୦୬.୮୪କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ
- ୪୭୬.୮୬ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ

ଭବାନୀପାଟଣା, ୧୬।୨ (ଡି.ଏନ୍.ଏ.)

ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ଗସ୍ତରେ ଆସି ୯୦୬.୮୪ କୋଟି ଟଙ୍କାର ୨୨ଟି ପ୍ରକଳ୍ପ ଲୋକାର୍ପଣ କରିଛନ୍ତି। ଏଥିସହିତ ୪୭୬.୮୬ କୋଟି ଟଙ୍କାର ୧୮ଟି ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି। ଭବାନୀପାଟଣା ଶ୍ରୀକୃଷ୍ଣନଗରରେ ଆୟୋଜିତ ବିଶାଳ ମହିଳା ମିଶନ୍ ଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟରେ ଖୁବ୍‌ଶୀଘ୍ର ବିଜ୍ଞାନ ବିଭାଗ ଖୋଲିବ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧,୧୨୨ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା, ୧୪ ବ୍ଲକସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା, ଡିଜିଟାଲ ସଶକ୍ତୀକରଣ ନିମନ୍ତେ ୯୮୩୬ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା, କଳାହାଣ୍ଡି ଜିଲାର ୧୪ ଟି ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀ ଓ ମହାସଂଘକୁ ସମୁଦାୟ ୨୩ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ମହିଳା ଶକ୍ତି ମିଶନର କମିଶନର ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ କିଭଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ସମାବେଶ ମଞ୍ଚକୁ ରାଜ୍ୟ କିମ୍ବା ଜିଲାର କୌଣସି ବିଜେଡି ନେତା ଓ ମନ୍ତ୍ରୀଙ୍କୁ ମଞ୍ଚ ଉପରକୁ ଯିବାକୁ ଦିଆଯାଇ ନ ଥିଲା। କେବଳ ଜିଲାର ୧୪ଟି ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା, କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷ, ମହିଳା ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ରାଜ୍ୟ ମହିଳା ଶକ୍ତି ମିଶନର କମିଶନର ସୁଜାତା କାର୍ତ୍ତିକେୟନ ପ୍ରମୁଖ ମଞ୍ଚାସୀନ ଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ଏମ୍‌ପି ଅର୍କକେଶରୀ ଦେଓ, ଜିଲା ବିଜେଡି ସଭାପତି ତଥା ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ବିଧାୟକ ଅନାମ ନାଏକ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି, ନର୍ଲା ବିଧାୟକ ଧନେଶ୍ୱର ମାଝି, ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂ, ବିଜେଡି ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମକର୍ତ୍ତା ଯୋଗଦେଇଥିଲେ।



ଭବାନୀପାଟଣା ଶ୍ରୀକୃଷ୍ଣନଗରଠାରେ ଆୟୋଜିତ ବିଶାଳ ମହିଳା ମିଶନ୍ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ।

### ଟ୍ରକ୍ ଆଗକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କନଷ୍ଟେବଲ ସମ୍ବର୍ଦ୍ଧିତ

କଟକ ଅଫିସ, ୧୬।୨

ନିଜ ଜୀବନକୁ ବାଜି ଲଗାଇ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚାଇଥିବା କଟକ ସଦର ଥାନାର କନଷ୍ଟେବଲ ଶରତ କୁମାର ବିଶ୍ୱାଳଙ୍କୁ କମିଶନରେଟ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶନିବାର କଟକର କମିଶନରେଟ ପୋଲିସର କ୍ୟାମ୍ପ ଅଫିସ୍‌ରେ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଡିସିପି ଅଖିଳେଶ୍ୱର ସିଂ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି।


ସୂଚନାଯୋଗ୍ୟ, ଗତ ସପ୍ତାହରେ ବ୍ରାହ୍ମଣୀଝରିଲୋ କଲେଜର କେତେଜଣ ଛାତ୍ରୀଛାତ୍ର ଅନ୍ୟମନସ୍କ ଭାବେ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଟ୍ରକ୍(ଓଡି୦୫ ୬୩୩୫) ଦ୍ରୁତଗତିରେ ଆସୁଥିଲା। ରାସ୍ତାଟି ଅଣଓସାରିଆ ଥିବାବେଳେ ଟ୍ରକ୍‌ଟି ପାର୍ଶ୍ୱକୁ ଯିବାକୁ ଉପାୟ ନ ଥିଲା। ଏହି ସମୟରେ ସେଠାରେ କାର୍ଯ୍ୟ କରୁଥିବା କନଷ୍ଟେବଲ ଶରତ ଟ୍ରକ୍ ସମ୍ମୁଖକୁ ଡେଇଁ ଛାତ୍ରୀଛାତ୍ରମାନଙ୍କୁ ଠେଲି ନେଇଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ବଞ୍ଚିଯାଇଥିଲା। ସ୍ଥାନୀୟ ଲୋକେ ଶରତଙ୍କ ଏହି ସାହସିକତାକୁ ପ୍ରଶଂସା କରିଥିଲେ।

## ୨୭ରେ ଆସିବେନି ରାହୁଲ

ଭୁବନେଶ୍ୱର,୧୬।୨(ବ୍ୟୁରୋ)

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୨୭ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ନାହିଁ। ମାର୍ଚ୍ଚ ୨ ମଧ୍ୟରେ କୌଣସି ଗୋଟିଏ ଦିନ ସେ ଓଡ଼ିଶା ଗସ୍ତରେ ଆସିପାରନ୍ତି ବୋଲି ଜଣାପଡିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶନିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ବରଗଡରେ ରାହୁଲଙ୍କ କାର୍ଯ୍ୟକ୍ରମ ନେଇ ସ୍ଥିର ହୋଇଥିଲା। ଏମିତି କି ଜୟପୁରକୁ ପ୍ରିୟଙ୍କା ଗାନ୍ଧୀ ଆସିବା ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ୨୬ରୁ ୨୮ ମଧ୍ୟରେ ଗୁଜରାଟରେ କଂଗ୍ରେସ କାର୍ଯ୍ୟକାରିଣୀ କମିଟି(ସିଡବ୍ଲ୍ୟୁସି) ବୈଠକ ଏବଂ ସାଧାରଣ ସଭା ହେବାର ରହିଛି। ତେଣୁ ରାହୁଲଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀ ନେଇ ପରିବର୍ତ୍ତନ କରାଯାଇଛି। ଇତି ମଧ୍ୟରେ କଂଗ୍ରେସ ୧୧ ଲୋକ ସଭା ଏବଂ ୭୭ ବିଧାନସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିଛି। ଆସନ୍ତା ସପ୍ତାହରେ ୧୦ ଲୋକ ସଭା ଓ ୭୦ ବିଧାନସଭା ଆସନ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରାଯିବ। ଏହା ପରେ ୨୦ରେ ପ୍ରଦେଶ ନିର୍ବାଚନ କମିଟି(ପିଇସି) ବୈଠକ ବସିବ। ପିଇସିରୁ ମନୋନୀତ ହୋଇଥିବା ନାଁ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି)କୁ ପଠାଯିବ। ସିଇସି ଏବଂ କଂଗ୍ରେସ ଅଧ୍ୟକ୍ଷଙ୍କ ଅନୁମୋଦନକ୍ରମେ ଏହି ତାଲିକା ପ୍ରକାଶ ପାଇବ।




## ଗୋବର୍ଦ୍ଧନ ମଠରେ ଶ୍ରୀମନ୍ଦିର ସୁଧାର ବୈଠକ ଆଜି

**ଯୋଗଦେବେ ବହୁ ବିଶିଷ୍ଟ ବ୍ୟକ୍ତି**

ପୁରୀ ଅଫିସ,୧୬।୨: ଶ୍ରୀମନ୍ଦିର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି ବିଶୃଙ୍ଖଳା। ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତିକୁ ନେଇ ବିତର୍କକୁ ଆସୁଛି ଶ୍ରୀମନ୍ଦିର। ସେବକ ହୁଅନ୍ତୁ ଅବା ଭକ୍ତ କିମ୍ବା ପ୍ରଶାସନିକ ଅଧିକାରୀ ଏମାନଙ୍କ ପାଇଁ ବେଳେ ବେଳେ ବଦନାମ ହେଉଛି ବଡ଼ ଦେଉଳ। ବିଶୃଙ୍ଖଳା, ବିଭ୍ରାଟ ପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ମଧ୍ୟ ପ୍ରଭାବିତ ହେଉଛି। ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ଏବଂ ଓଡ଼ିଶା ପ୍ରତି ନକାରାତ୍ମକ ଧାରଣା ନେଇ ବାହାରୁ ଆସୁଥିବା ଅନେକ ଭକ୍ତ ଫେରୁଛନ୍ତି। କେବଳ ଏତିକି ନୁହେଁ, ଏହି ମହାନ ଆଧାତ୍ମିକ ସ୍ଥଳକୁ ନେଇ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ମାମଲା ପହଞ୍ଚିଲାଣି। ତେଣୁ ଶ୍ରୀମନ୍ଦିରରେ ଉପୁଜିଥିବା ଏହିସବୁ ଅବ୍ୟବସ୍ଥାକୁ ସୁଧାରିବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ଏଥିପାଇଁ ଡାକିଛନ୍ତି ଏକ ଉଚ୍ଚସ୍ତରୀୟ ବୈଠକ। ରବିବାର ମଠ ପରିସରରେ ଶ୍ରୀମନ୍ଦିରରେ ଦେଖାଦେଇଥିବା ଅବ୍ୟବସ୍ଥା ସୁଧାରିବା ଲାଗି ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗବେଷକ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ତାଲିକାରେ ଗଜପତି ମହାରାଜା, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ମୁଖ୍ୟ ଶାସନ ସଚିବ, ଆଇନ ମନ୍ତ୍ରୀ, ଆଇନ ସଚିବ, ଦେବୋତ୍ତର କମିଶନର, ହାଇକୋର୍ଟ ଓକିଲ ସଂଘ ସଭାପତି ଓ ସମ୍ପାଦକ, ପୁରୀ ଓକିଲ ସଂଘ ସଭାପତି ଓ ସମ୍ପାଦକ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଜିଲାପାଳ ଏବଂ ସମସ୍ତ ସେବାୟତ ନିଯୋଗ କର୍ମକର୍ତ୍ତା ରହିଛନ୍ତି। ରବିବାର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବୈଠକ ଅନୁଷ୍ଠିତ ହେବ। ତେବେ କେଉଁମାନେ ଏହି ବୈଠକରେ ଯୋଗ ଦେଉଛନ୍ତି, କି ପ୍ରକାର ନିର୍ଯ୍ୟାସ ବାହାରୁଛି ଏବଂ ଶ୍ରୀମନ୍ଦିରରେ କିପରି ଶୃଙ୍ଖଳା ଫେରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

# ବାଲୁକା କଳାରେ ଭୋଟ ସଚେତନତା

ପୁରୀ ଅଫିସ,୧୬।୨

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ଏବଂ ଅବାଧ କରିବା ଲାଗି ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ନିର୍ବାଚନ କମିଶନ। ନୂଆ ଭୋଟର ଯେପରି ମତଦାନରୁ ଦୂରେଇ ନ ଯିବେ ତାହା ଉପରେ ଅଧିକ ଫୋକସ ଦିଆଯାଉଛି। ବ୍ୟକ୍ତିଗତ ଉଦ୍ୟମରେ ମଧ୍ୟ ଭୋଟଦାନ ଲାଗି ସଚେତନ କରାଯାଉଛି। ପୁରୀ ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକା କଳାରେ ଭୋଟଦାନ ଲାଗି ସଚେତନତା ସୃଷ୍ଟି କରିଛନ୍ତି। ମାନସଙ୍କ ଏହି ବାଲୁକା କଳାକୁ ଶନିବାର ସନ୍ଧ୍ୟାରେ ନିର୍ବାଚନ କମିଶନ (ଇସି) ଅଶୋକ ଲାଭାସା ଉଦ୍‌ଘାଟନ କରିଛନ୍ତି। ଏଥିସହ ସେ ମାନସ ସାହୁ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

**ଉଦ୍‌ଘାଟନ କଲେ ଇସି**

ବଳିଆପଣ୍ଡା ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିରେ ଏହି ବାଲୁକା କଳା ତିଆରି କରିଛନ୍ତି ମାନସ। ଏଥିରେ ଇଭିଏମ୍ ଏବଂ ଭିଭିପ୍ୟାଟ୍ ମେଶିନ ରହିଛି। ଏହା କିପରି ସ୍ୱଚ୍ଛ ଭୋଟଦାନ ପାଇଁ ଉପଯୁକ୍ତ ତାହା ସେ ଦର୍ଶାଇଛନ୍ତି। 'ଜଣେ ଲୋକ, ଖଣ୍ଡିଏ ଭୋଟ' ବାର୍ତ୍ତା ରହିଥିବା ଏହି ବାଲୁକା କଳାର ଉଚ୍ଚତା ପ୍ରାୟ ୧୦ ଫୁଟ ରହିଥିବାବେଳେ ଏଥିରେ ୨୦ ଟନ୍ ବାଲି ବ୍ୟବହାର କରାଯାଇଥିବା କହିଛନ୍ତି ଶିଳ୍ପୀ ମାନସ।




ନିର୍ବାଚନ କମିଶନ ଅଶୋକ ଲାଭାସା ଓ ଅନ୍ୟମାନେ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା ଦେଖୁଛନ୍ତି।



> ପ୍ରତ୍ୟେକ କଥାର ସମୟ ଓ ସୀମା ରହିଛି। ଦୀର୍ଘ ଦିନ ଧରି ପାଳିତ ହେଉଥିବା ପ୍ରଥା ସବୁ, ସେହି ସମୟ ପାଇଁ ଅତ୍ୟନ୍ତ ଉପଯୋଗୀ ଥିଲେ। ଏପରି କି ପ୍ରତୀକ ପୂଜାର ପ୍ରଥା ବା ବହୁଭର୍ତ୍ତୃତ୍ୱ ପ୍ରଥା ମଧ୍ୟ। ଆମ୍ଭେମାନେ ଅତୀତରେ ଉପଯୋଗିତାକୁ ଅସ୍ୱୀକାର କରିବା ନାହିଁ। କିନ୍ତୁ ବର୍ତ୍ତମାନର ଓ ଭବିଷ୍ୟତର ଉପଯୋଗିତାକୁ ଆମେ ଅଧିକ ଗୁରୁତ୍ୱ ଦେବା ଉଚିତ।
> –ଶ୍ରୀଅରବିନ୍ଦ

# ପୁଲ୍‌ୱାମା ଆକ୍ରମଣ



ଆକାର ପଟେଲ

ଜୈଶ୍-ଇ-ମହମ୍ମଦ ମାନେ ମହମ୍ମଦଙ୍କ ସେନା। କିନ୍ତୁ ରସୁଲ ମହମ୍ମଦଙ୍କର ଦେଶ ଜୟ କରିବାର କୌଣସି ଉଚ୍ଚାକାଂକ୍ଷା ନ ଥିଲା। ମହମ୍ମଦଙ୍କ ମୃତ୍ୟୁ ପରେ ଖଲିଫାମାନଙ୍କ, ବିଶେଷତଃ ଉମରଙ୍କ ନେତୃତ୍ୱରେ ଆରବର ସମ୍ପ୍ରସାରଣ ଘଟିଥିଲା। ଜୈଶ୍ ହେଉଛି ଏକ ପାକିସ୍ତାନୀ ସଂଗଠନ ଏବଂ ଏଥିରେ ମୁଖ୍ୟତଃ ଗାଉଁଲି ପଞ୍ଜାବୀମାନେ ନିଯୁକ୍ତି ପାଇଛନ୍ତି। ଲଶ୍କର-ଇ-ତୋଇବାଠାରୁ ଏହା ବହୁତ ଛୋଟ ସଂଗଠନ ଏବଂ ଏହାର ଆଦର୍ଶରେ ମଧ୍ୟ ପାର୍ଥକ୍ୟ ଅଛି। ଆତ୍ମହତ୍ୟାକୁ ସଲାଫି ବା ମହାପାପ ବୋଲି ଇସଲାମରେ ବିଚାର କରାଯାଉଥିବାରୁ ଲଶ୍କରମାନେ ଆତ୍ମଘାତୀ ବିସ୍ଫୋରଣକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ ସେମାନେ ଆତଙ୍କବାଦୀମାନଙ୍କୁ ଫିଦାୟିଁ ଆକ୍ରମଣ ପାଇଁ ବା ମୃତ୍ୟୁ ପର୍ଯ୍ୟନ୍ତ ଲଢ଼ିବା ଲାଗି ଆହ୍ୱାନ ଦେଇଥାନ୍ତି। ଉରି ସେନା ଶିବିର ଆକ୍ରମଣ ଏବଂ ୨୦୦୮ର ମୁମ୍ବାଇ ଆକ୍ରମଣ ଲଶ୍କର ଦ୍ୱାରା ପରିଚାଳିତ ହୋଇଥିଲା, ଯଦିଚ ସେମାନେ ତାହାକୁ ସ୍ୱୀକାର କରିନାହାନ୍ତି। ଜୈଶ୍ ହେଉଛି ଏକ ଦେଓବନ୍ଦୀ ମୁସଲମାନଙ୍କ ଆତଙ୍କବାଦୀ ସଂଗଠନ। ସେମାନେ ଅଷ୍ଟମ ଶତାବ୍ଦୀର ମୁସଲମାନ ପଣ୍ଡିତ ଆବୁ ହନିଫାଙ୍କ ନ୍ୟାୟଶାସ୍ତ୍ରକୁ ଗ୍ରହଣ କରୁଥିବାବେଳେ ସୁଫିବାଦ ଓ ଦରଘା ପୂଜାକୁ ଭୁଲ୍ ବୋଲି ମାନନ୍ତି। ସିପାହ୍-ଇ-ସହାବା ପାକିସ୍ତାନ ଓ ଲଶ୍କର-ଇ-ଝାଙ୍ଗ୍‌ଭି ଉଭୟ ହେଉଛନ୍ତି ପଞ୍ଜାବୀ ସଂଗଠନ, ଯେଉଁମାନେ ପାକିସ୍ତାନୀ ଶିଆଙ୍କୁ ହତ୍ୟା କରିଥିଲେ। ଜୈଶ୍ ଚାହୁଁଛି ପାକିସ୍ତାନରେ ସମ୍ପୂର୍ଣ୍ଣଭାବେ ଶାରିଆ ଆଇନ ଲାଗୁ ହେଉ ଏବଂ ଆଫଗାନିସ୍ତାନରୁ ଆମେରିକା ହଟିଯାଉ।

ଜୈଶ୍-ଇ-ମହମ୍ମଦ ୨୦୦୦ ମସିହାରେ ପ୍ରତିଷ୍ଠା ହୋଇଥିଲା ଏବଂ ହରକତ୍-ଉଲ୍-ମୁଜାହିଦ୍ଦିନର ଅଧିକାଂଶ ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଏହାର ନେତା ମାସୁଦ ଆଝାରଙ୍କ ସମେତ ତିନିଜଣ ଆତଙ୍କବାଦୀଙ୍କୁ ଭାରତ ଗିରଫ କରିଥିଲା। କିନ୍ତୁ ସେମାନଙ୍କ ସହଯୋଗୀମାନେ କାନ୍ଦାହାରଠାରେ ଏକ ଭାରତୀୟ ବିମାନକୁ ଅପହରଣ କରି ସେମାନଙ୍କୁ ମୁକ୍ତି ଦେବାକୁ ତତ୍କାଳୀନ ବାଜପେୟୀ ସରକାରଙ୍କୁ ବାଧ୍ୟ କରିଥିଲେ। ଆଝାରଙ୍କ ସହ ମୁକ୍ତି ପାଇଥିବା ବ୍ରିଟିଶ୍ ନାଗରିକ ତଥା ଜୈଶ୍‌ର ସଦସ୍ୟ ଓମର ସଇଦ ଶେଖ୍ ୨୦୦୨ ମସିହାରେ କରାଚୀଠାରେ ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ସାମ୍ବାଦିକ ଡାନିଏଲ ପର୍ଲଙ୍କୁ ଅପହରଣ କରି ନିର୍ମମଭାବେ ହତ୍ୟା କରିଥିଲେ।

୨୦୦୧ ଡିସେମ୍ବର ମାସରେ ଭାରତର ସଂସଦ ଭବନ ଆକ୍ରମଣ ଘଟଣାରେ ପାକିସ୍ତାନର ରାଷ୍ଟ୍ରପତି ମୁଶରଫ ୨୦୦୨ ମସିହାରେ ଲଶ୍କର-ଇ-ତୋଇବା ସମେତ ଜୈଶ୍‌କୁ ମଧ୍ୟ ନିଷିଦ୍ଧ ଘୋଷଣା କରିଥିଲେ। ପଞ୍ଜାବର ମୁରିଦକେ ସହରରେ ଲଶ୍କରର ଏକ ବିରାଟ ମୁଖ୍ୟାଳୟ ଅଛି ଏବଂ ଏହାର ଅନେକ ସହଯୋଗୀ ସଂଗଠନ ତଥା ପାଣ୍ଠି ଯୋଗାଣକାରୀ ଅଛନ୍ତି। ସେମାନେ ନାମ ପରିବର୍ତ୍ତନ କରି ନିଜର କାରବାର ଜାରି ରଖିଛନ୍ତି। କେତେକ ପାକିସ୍ତାନୀ ବିଶ୍ଳେଷକଙ୍କ ବିଶ୍ୱାସ ଅନୁସାରେ ଜୈଶ୍ ଉପରେ ଲଶ୍କର ଅପେକ୍ଷା ପାକିସ୍ତାନୀ ସେନା ଓ ଆଇଏସ୍‌ଆଇର ଅଧିକ ନିୟନ୍ତ୍ରଣ ରହିଛି। ନିଷିଦ୍ଧ ଘୋଷଣା ହେବା ଓ ନିଜର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଅଚଳ ହେବା ପୂର୍ବରୁ ସେଗୁଡ଼ିକୁ ଖାଲି କରିଦେଇ ଜୈଶ୍ ସେହି ଟଙ୍କାକୁ ସେମାନଙ୍କ ତଳିଆ କ୍ୟାଡରମାନଙ୍କ ଭିତରେ ବାଣ୍ଟିଦେଇ ରକ୍ଷାପାଇ ଯାଇଥିଲା। ୨୦୦୩ ମସିହାରେ ଜୈଶ୍ ମୁଶରଫଙ୍କ ଉପରେ ଦୁଇଥର ଆତ୍ମଘାତୀ ଆକ୍ରମଣ କରିଥିଲେ ମଧ୍ୟ ମୁଶରଫ ସେଥିରୁ ରକ୍ଷା ପାଇଯାଇଥିଲେ। ଜୈଶ୍‌ର ପ୍ରଥମ ଆତ୍ମଘାତୀ ଆକ୍ରମଣ ଘଟିଥିଲା ୨୦୦୦ ଏପ୍ରିଲ ୧୯ରେ, ଯେଉଁଥିରେ ସେମାନେ ବାଦାମୀ ବାଗଠାରେ ଥିବା ଭାରତୀୟ ସେନା ଶିବିର ଉପରେ ଆକ୍ରମଣ କରିଥିଲେ। ଏହାପରେ ୨୦୦୧ ଅକ୍ଟୋବରରେ ସେମାନେ ଜମ୍ମୁ-କଶ୍ମୀର ବିଧାନସଭା ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ୩୮ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୧୩ ମସିହାରୁ ସଂଗଠନ କମ୍ ସକ୍ରିୟ ଥିଲା। ତେବେ ପାକିସ୍ତାନ ଭାବୁଛି ମାସୁଦ ଆଝାର ଖୁବ୍ ଦାମୀ ଲୋକ। ଚାଇନାର ଭିଟୋ ଯୋଗୁ ଜାତିସଂଘର ସୁରକ୍ଷା ପରିଷଦ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିପାରି ନ ଥିଲା।

ସିଆର୍‌ପିଏଫ୍ ଉପରେ ଯେଉଁ ଆକ୍ରମଣ ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ। ଏକ ଆତ୍ମଘାତୀ ଆକ୍ରମଣ ପାଇଁ ଯୋଜନା କରିବାକୁ ହେଲେ ଉପର ସ୍ତରରୁ ବ୍ୟାପକ ସମର୍ଥନ ଓ ସହଯୋଗ ଦରକାର। ବିସ୍ଫୋରକ ଚୋରାରେ ଆଣିବା, କେମିତି ବୋମା ପ୍ରସ୍ତୁତ ହେବ ତାହା ଶିଖିବା ବା ସେ ବିଷୟରେ ବିଶେଷଜ୍ଞଙ୍କଠାରୁ ତାଲିମ ନେବା ସହ କେତେବେଳେ ଯବାନଙ୍କ ଗାଡ଼ି କେଉଁ ବାଟରେ ଯାଉଛି ତା'ର ଖବର ସଂଗ୍ରହ କରିବା ଓ କାର୍ ଆଦି ଯୋଗାଡ଼ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ମଧ୍ୟ ଦରକାର। ଜୈଶ୍ ଏ କାମରେ ସଫଳ ହେବା ଅର୍ଥ ଆତ୍ମଘାତୀ ଆକ୍ରମଣକାରୀଙ୍କ ଛଡ଼ା ଏହା ପଛରେ ଅନେକ ଲୋକଙ୍କ ହାତ ଅଛି, ଯେଉଁମାନେ ଆଖପାଖରେ ଏବେ ବି ଅଛନ୍ତି ଏବଂ ଆମର କ୍ଷତି କରିବାକୁ ଚାହୁଁଛନ୍ତି। ନିଜକୁ ଓ ଅନ୍ୟମାନଙ୍କୁ ମାରିବା ପାଇଁ ଯଦି ଜଣେ କଶ୍ମୀରୀ ବାଳକକୁ ବୁଝାଇ (ବ୍ରେନ୍‌ୱାଶ୍) ଦିଆଯାଇପାରୁଛି, ତେବେ ସେଥିରୁ ବୁଝିବାକୁ ହେବ ଯେ, ଏଥିପାଇଁ ଏକ ସକ୍ରିୟ କାର୍ଯ୍ୟକ୍ରମ ଚାଲୁ ରହିଛି। ଆହୁରି ଅନେକ ପିଲାଙ୍କୁ ସେମାନେ ନିଯୁକ୍ତି ଦେଇ ଏପରି କାମ ପାଇଁ ମନେଇବା ଅସମ୍ଭବ ନୁହେଁ। ଦୁଃଖର ବିଷୟ ଏହାକୁ ନେଇ ଦୁଇ ସମ୍ପ୍ରଦାୟ ଭିତରେ ରହିଥିବା ସମ୍ପର୍କ ଖରାପ ହେଉଛି। ମାତ୍ର କେଉଁମାନେ ଆତଙ୍କବାଦୀଙ୍କୁ ସାହାଯ୍ୟ କରିଥିଲେ ଓ ଗୁପ୍ତ ଖବର ଦେଇଥିଲେ ତାହା ଜାଣିବା ଏତେ ସହଜ ନୁହେଁ। ଆମ ଗୁପ୍ତଚର ସଂସ୍ଥା ର' ମୁସଲମାନଙ୍କୁ ନିଯୁକ୍ତି ଦେଉନାହିଁ ଏବଂ ହିନ୍ଦୁମାନେ କଶ୍ମୀରୀ ମୁସଲମାନଙ୍କ ସାମାଜିକ ଇଲାକାରେ ପଶି ଗୁପ୍ତ ଖବର ସଂଗ୍ରହ କରିବା ମଧ୍ୟ ସମ୍ଭବ ନୁହେଁ। ଗୋଇନ୍ଦା ବ୍ୟୁରୋରେ ଅଳ୍ପ ସଂଖ୍ୟକ ମୁସଲମାନ ଅଛନ୍ତି। ଭାରତର ଅଧିକାଂଶ ବରିଷ୍ଠ ଗୋଇନ୍ଦା ଅଫିସର ଉର୍ଦ୍ଦୁ ପଢ଼ିଜାଣନ୍ତି ନାହିଁ। ଅହମଦାବାଦର ଅକ୍ଷରଧାମ ମନ୍ଦିରରେ ୨୦୦୨ରେ ଯେଉଁ ଫିଦାୟିନ୍ ଆକ୍ରମଣ ହେଲା, ତା'ର ନୋଟ୍ ଜଣେ ଗୁଜରାଟୀ ଇମାମଙ୍କୁ ପଢ଼ି ପୋଲିସକୁ ଶୁଣାଇବାକୁ ପଡ଼ିଥିଲା। ୧୯୯୩ ଦଙ୍ଗା ପରେ ମୁମ୍ବାଇ ପୋଲିସକୁ ମଧ୍ୟ ଅନୁରୂପ ସମସ୍ୟାର ସାମନା କରିବାକୁ ପଡ଼ିଥିଲା। ବାଜପେୟୀଙ୍କ ଚାପରେ ପଡ଼ି ମୁଶରଫ ଜୈଶ୍‌କୁ ନିଷିଦ୍ଧ ଘୋଷଣା କରିଥିଲେ। ଏବେ ମୋଦି ସରକାର ସେହିପରି କିଛି କରିବାକୁ ଯାଉଛନ୍ତି ବୋଲି ତାଙ୍କ ବିବୃତିରୁ ଜଣାପଡୁଛି।

Email: aakar.patel@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 0 | D | B | | 7 | | | 3 | 6 | | |
| | | E | | C | | 4 | D | | | | 1 | 2 | 3 | |
| | | | | 3 | | | | | | | 4 | 8 | A | 5 |
| | | | | | A | | E | | 6 | C | | | | 9 |
| | | | | 6 | | | | | E | | B | D | | 0 |
| | | | B | | 3 | E | | 8 | | | | | 7 | D |
| | D | | | | | | | B | | | 7 | | 2 | C |
| | | | 2 | D | | | 0 | 3 | | | | E | | B |
| 6 | | | 0 | | | | C | | 1 | | | | | |
| | | 7 | A | | | 1 | | | | 4 | 0 | | | |
| 9 | C | | 3 | 4 | | | 2 | | | E | | 1 | | |
| | | D | | | | | 1 | 0 | | 9 | 5 | | 6 | |
| | A | | 8 | E | 5 | | 7 | | | | | 9 | 0 | |
| | 0 | 8 | | | | 6 | B | | | | 2 | | | |
| 4 | | 1 | | 9 | 6 | | | | | A | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 6 | 9 | 7 | 1 | D | 2 | E | 0 | B | 5 | 4 | 8 | 3 | C |
| E | 5 | D | 4 | 8 | 9 | 7 | A | C | 3 | 6 | 1 | 0 | B | 2 |
| 1 | B | 3 | C | 5 | 0 | 8 | 4 | 9 | E | 2 | 7 | A | D | 6 |
| 2 | C | 4 | E | B | A | 6 | 3 | 1 | 8 | D | 0 | 9 | 5 | 7 |
| 0 | 8 | 7 | 6 | 3 | 2 | 5 | B | D | C | A | 9 | E | 1 | 4 |
| 9 | E | B | 0 | 4 | 3 | 1 | C | 2 | 6 | 7 | 5 | D | A | 8 |
| D | 2 | 8 | A | 7 | E | 3 | 6 | 4 | 9 | C | B | 1 | 0 | 5 |
| 4 | 0 | A | 1 | 6 | B | 9 | 5 | 8 | 2 | 3 | D | 7 | C | E |
| 5 | 1 | 6 | D | 9 | C | E | 7 | B | A | 0 | 8 | 2 | 4 | 3 |
| 3 | 7 | C | 8 | 2 | 5 | 0 | D | A | 1 | 4 | E | B | 6 | 9 |
| 8 | 3 | 5 | 9 | D | 4 | A | 2 | E | 0 | 1 | 6 | C | 7 | B |
| B | D | 1 | 2 | 0 | 6 | 4 | 9 | 3 | 7 | 8 | C | 5 | E | A |
| 6 | 4 | 2 | 5 | E | 8 | C | 1 | 7 | D | B | A | 3 | 9 | 0 |
| C | 9 | 0 | B | A | 7 | D | 8 | 6 | 5 | E | 3 | 4 | 2 | 1 |
| 7 | A | E | 3 | C | 1 | B | 0 | 5 | 4 | 9 | 2 | 6 | 8 | D |

ଗତକାଲିର ଉତ୍ତର

# ଲୋକେ କ'ଣ କହିବେ



ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

କେଇଦିନ ତଳେ ଏକ ଦୂରଗାମୀ ଟ୍ରେନ୍‌ର ଶୀତତାପ ନିୟନ୍ତ୍ରିତ ଡବାରେ ବସି ପଶ୍ଚିମବଙ୍ଗର ମାଲ୍‌ଦାରୁ ଭୁବନେଶ୍ୱର ଫେରୁଥିଲା ବେଳେ ପାଖ ବର୍ଥରେ ବସି ଯାତ୍ରା କରୁଥିବା ଦୁଇ ଅଣଓଡ଼ିଆ ଦମ୍ପତିଙ୍କ ହିନ୍ଦୀ ବାର୍ତ୍ତାଳାପ ଲେଖକକୁ ବେଶ୍ କିଛି ସମୟ ପାଇଁ ଆତ୍ମମନସ୍କ କରିଦେଇଥିଲା। ପତି ପତ୍ନୀ ଦୁହେଁ ଯେଉଁ ପ୍ରସଙ୍ଗ ସମ୍ପର୍କରେ କମ୍ ଆଲୋଚନା, ବେଶି ଯୁକ୍ତି କରୁଥିଲେ ସେ ପ୍ରସଙ୍ଗଟି ଥିଲା ସେଇ ବୃଦ୍ଧା ବିଧବା ନାରୀଙ୍କୁ ନେଇ, ଯାହାଙ୍କ ପରିଚୟ ଥିଲା ପତିଙ୍କ ମା' ଓରଫ ପତ୍ନୀଙ୍କର ଶାଶୁ। ପତ୍ନୀଙ୍କର ଜିଦ୍ ଥିଲା, ସେ ଆଉ ବାରମ୍ବାର ଅସୁସ୍ଥ ଶାଶୁଙ୍କୁ ଦେଖିବା ପାଇଁ ଆସିପାରିବେ ନାହିଁ। ସୁତରାଂ, ତାଙ୍କୁ ବୃଦ୍ଧାଶ୍ରମରେ ଛାଡିବା ନିହାତି ଜରୁରୀ। ବୃଦ୍ଧାଙ୍କ ପୁଅ କହୁଥିଲେ, ମୁଁ ବି ତାହା ଚାହୁଁଛି ଯେ ହେଲେ ଡର ଲାଗୁଛି, 'ଲୋକେ କ'ଣ କହିବେ' ?

କାଳେ କାଳେ ଲୋକମତକୁ ଭୟ କରିଆସିଛି ମଣିଷ। ସେ ପ୍ରବଳ ପରାକ୍ରମଶାଳୀ ହେଉ କି ସାଧାରଣ ମଣିଷ, ଲୋକମତର ଭୟ ସବୁବେଳେ ତାକୁ ଦୁର୍ବଳ କରିଆସିଛି। ଅତୀତରେ ଭଗବାନ୍ ରାମଚନ୍ଦ୍ର ଏହି ଲୋକମତକୁ ଡରି ସନ୍ତାନସମ୍ଭବା ପତ୍ନୀକୁ ନିର୍ବାସିତ କରିଥିଲେ। ବଡ ବିଚିତ୍ର ଓ ବ୍ୟାପକ ଏହି ଲୋକମତର ସ୍ୱରୂପ। ନିର୍ଦ୍ଦିଷ୍ଟ ରୂପ ନ ଥାଇ ବି ଏହା ଯେକୌଣସି ସ୍ଥାନରେ, ଯେ କୌଣସି ସମୟରେ ପ୍ରକଟିତ ହୋଇପାରେ। ବେଗ ନ ଥାଇ ବି କେବଳ ଆବେଗକୁ ଆଧାର କରି ବାତ୍ୟାଠୁଁ ବଳି ଆହୁରି ତୀବ୍ରତର ବେଗରେ ଗତି କରିପାରେ। ତେବେ କେମିତି ଓ କେଉଁଠି ସୃଷ୍ଟି ହୋଇଥାଏ ଏହି ଲୋକମତ ? କେମିତି ଏହା ବ୍ୟାପିଯାଏ ଅରଣ୍ୟର ନିଆଁ ପରି ଜଗତର ଏ ପ୍ରାନ୍ତରୁ ସେ ପ୍ରାନ୍ତ ?

ଏସବୁ ପ୍ରଶ୍ନର ଉତ୍ତରରେ କେବଳ ଏତିକି କୁହାଗଲେ ଯଥେଷ୍ଟ ହେବ ଯେ ଲୋକାଚାର ହିଁ ଲୋକମତର ଉତ୍ପତ୍ତିସ୍ଥଳ। ସମାଜରେ ବସବାସ କରୁଥିବା ଲୋକମାନଙ୍କ ଆଚାର ଆଚରଣ, ବିଚାର ବିଶ୍ଳେଷଣ ଅନୁରୂପ କାର୍ଯ୍ୟ ଜନସମର୍ଥନ ଲାଭ କରିଥାଏ ଓ ପରବର୍ତ୍ତୀ କାଳରେ ଏଥିରୁ ହିଁ ଜନ୍ମ ନେଇଥାଏ ବଳିଷ୍ଠ ଲୋକମତ। ଅନ୍ୟପକ୍ଷରେ, କାହାର ଆଚାର ବିଚାର ଯଦି ଲୋକାଚାରର ପରିପନ୍ଥୀ ହୁଏ, ତେବେ ଲୋକମତ ଏହା ବିରୋଧରେ ଯାଏ। ଏ ପ୍ରକାର କାର୍ଯ୍ୟକୁ ବିଚାର ବିଭ୍ରାଟ କୁହାଯାଇ ଅପ୍ରୀତି ଓ ଅସନ୍ତୋଷ ପ୍ରକଟ କରାଯାଏ ତ ନିଶ୍ଚୟ, ମାତ୍ର ବେଳେବେଳେ ଏମିତି କିଛି କରୁଥିବା ଲୋକଙ୍କ ମୁଣ୍ଡ ଉପରେ ଅଜାଡିପଡ଼େ ଅସାମାଜିକର ଅପନିନ୍ଦା !

ପତିପୁର ଛାଡି ପିତୃପୁରରେ ରାତି ବିତାଇଥିବା ବିବଶ ରଜକିନୀ ତା' ସ୍ୱାମୀର ଭର୍ତ୍ସନାକୁ ପ୍ରତିହତ କରିବାକୁଯାଇ ଯେତେବେଳେ ଲଙ୍କାପୁରରେ ରାତିରାତି କାଟିଥିବା ସୀତାଙ୍କର ଦୃଷ୍ଟାନ୍ତ ଦେଲା, ସେତେବେଳେ ତା'ର ସେ ଆକ୍ଷେପକୁ ସମ୍ମାନ ଜଣାଇ ରାଜା ରାମଚନ୍ଦ୍ର ନିଜ ସ୍ତ୍ରୀଙ୍କ ସତୀତ୍ୱ ପ୍ରତି ସାମାନ୍ୟ ସନ୍ଦେହ ନ ଥାଇ ମଧ୍ୟ ତାଙ୍କୁ ପରିତ୍ୟାଗ କରିଥିଲେ। ବିବାହିତା ନାରୀଟିଏ ପାଇଁ ଅନ୍ୟପୁରରେ ରାତି ବିତାଇବା ଥିଲା ତତ୍କାଳୀନ ଲୋକାଚାରର ପରିପନ୍ଥୀ। ସୁତରାଂ, ରାମରାଜ୍ୟର ପ୍ରତିଷ୍ଠାତା ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପାଇଁ ପ୍ରିୟତମା ପତ୍ନୀଙ୍କୁ ପରିତ୍ୟାଗ କଲା ଭଳି ଏକ ନିଷ୍ଠୁର ନିଷ୍ପତ୍ତି ହିଁ ଥିଲା ଲୋକାଚାରଠାରୁ କମ୍ ମହତ୍ତ୍ୱପୂର୍ଣ୍ଣ।

ସେତେବେଳେ ଲୋକାଚାରକୁ ଡରି ଶ୍ରୀରାମଙ୍କ ପରି ଜଣେ ରାଜା ନିଜ ପତ୍ନୀଙ୍କୁ ପରିତ୍ୟାଗ କରିଥିଲେ। ଏବେ ସେହି ଲୋକାଚାର ପାଇଁ ପତ୍ନୀଙ୍କ ତାଡ଼ନା ସତ୍ତ୍ୱେ ପୁଅଟିଏ ତା' ମା'ଙ୍କୁ ପରିତ୍ୟାଗ କରିପାରୁନି। ଆଧୁନିକ ଜୀବନର ଜୟଯାତ୍ରା ମଧ୍ୟରେ ଆମ ସଂସ୍କାର ସଂସ୍କୃତିରେ ସମୃଦ୍ଧ ଲୋକାଚାର ତଥାପି ତିଷ୍ଠି ରହିଛି, କେଉଁଠି କେବଳ ଲୋକମତକୁ ଭୟ କରି ତ ଅନ୍ୟ କେଉଁଠି ହୃଦୟର ଆହ୍ୱାନ ହୋଇ। ପ୍ରାୟ ବର୍ଷକ ପୂର୍ବରୁ କଟକର ବଡ଼ ମେଡିକାଲରେ ଜଣେ ନବେବର୍ଷର ବାପାଙ୍କୁ ରୋଗଶଯ୍ୟାରେ ଖାଇବାକୁ ଦେଉଥିବା ତାଙ୍କ ସତୁରି ବର୍ଷ ବୟସ୍କ ବୁଢା ପୁଅର ଚେହେରା ଏ ଯାଏ ବି ଏ ଲେଖକର ସ୍ମୃତି-ସିନ୍ଦୁକରେ ସତେଜ ହୋଇରହିଛି। ନିଜ ନାତିଟି ଯେଉଁଠି କଲେଜରେ ପଢୁଥାଏ, ସେଇ ବୟସରେ ଉପନୀତ ହୋଇ ବି ନିଜ ବୁଢାବାପାଙ୍କ ଚିକିତ୍ସା ପାଇଁ ସତୁରି ବର୍ଷର ବୁଢାପୁଅ ସୁଦୂର ଭୋଗରାଇରୁ ଆସିଥା'ନ୍ତି କଟକ। ତାଙ୍କ ପାଖେ ପାଖେ ଉପସ୍ଥିତ ରହି ଅନ୍ୟାନ୍ୟ ସେବା ସହିତ ତାଙ୍କ ପାଟିର ଲାଳକୁ ସେ ନିଜ ରୁମାଲରେ ପୋଛି ପକାଉଥାନ୍ତି। ତାକୁ ଦେଖି କିଏ ବା କହନ୍ତା ଯେ ତାହା ହୃଦୟର ଉଦ୍ରେକ ନୁହେଁ, କେବଳ ଲୋକମତର ଡର !

'ଲୋକେ କ'ଣ କହିବେ ?'-ଲୋକମତ ପ୍ରତି ଏହି ମିଥ୍ୟା ଭୟ ଯେତେବେଳେ ଅନ୍ତରର ଆହ୍ୱାନକୁ ଅବଦମିତ କରି ରଖେ, ସେତେବେଳେ ପରିସ୍ଥିତି ଭୟାବହ ହୋଇଉଠେ। ଜାତିର ପିତା ଭାବେ ଏକ ମହାର୍ଘ ପରିଚିତି ଅର୍ଜନ କରିଥିବା ମହାତ୍ମା ଗାନ୍ଧୀ ନିଜ ସନ୍ତାନମାନଙ୍କର ଉପଯୁକ୍ତ ପିତା ହୋଇପାରି ନ ଥିଲେ ବୋଲି କୁହାଯାଏ। ନିଜସ୍ୱ ମୌଳିକ ମେଧା ପାଇଁ ତାଙ୍କ ପୁଅଟି ଶ୍ରେଣୀ ପରୀକ୍ଷାରେ ପ୍ରଥମ ହେଲେ ବି ତାକୁ ତା'ର ସମୁଚିତ ସ୍ଥାନରୁ ବଞ୍ଚିତ କରି ଆଉଜଣକୁ ପ୍ରଥମ ଘୋଷିତ କରାଯାଉଥିଲା। ଯେଉଁ ବିଚାର ଆଧାରରେ ଏ ପ୍ରକାର ଅନୁଚିତ କାର୍ଯ୍ୟକୁ ଗାନ୍ଧୀ ମହାତ୍ମା ପ୍ରୋତ୍ସାହିତ କରୁଥିଲେ, ତାହା ଥିଲା ମିଥ୍ୟା ଲୋକମତ ପ୍ରତି ଅହେତୁକ ଭୟ- 'ଲୋକେ କ'ଣ କହିବେ' !

ଲୋକାଚାର ଉପରେ ନିଜର ଆସ୍ଥାନ ଜମାଇ ବସିଥିବା ଲୋକମତ ଆମ ପରମ୍ପରା, ସଂସ୍କାର ଓ ସଂସ୍କୃତିକୁ ପରିପୁଷ୍ଟ କରୁ, ମନା ନାହିଁ। ମାତ୍ର ସବୁରି ଊର୍ଦ୍ଧ୍ୱରେ ତ ଜୀବନ ! ସଂସ୍କାର ହେଉ କି ଲୋକାଚାର, ଜୀବନର ଜୟଗାନ ହିଁ ସାର୍ଥକତାର ପରମ ଲକ୍ଷ୍ୟ। ଅଥଚ ବେଳେବେଳେ କିଛି ଘଟଣା କାନରେ ପଡେ, ଯାହା ଜୀବନକୁ ପଛକୁ ଠେଲିଦେଇ ଲୋକାଚାରର ଜୟଗାନ କରେ। ଆଦିବାସୀ ସମାଜରେ କୁନି ଶୁଶୁମାନଙ୍କୁ ରୋଗମୁକ୍ତ କରିବାର ଲକ୍ଷ୍ୟ ନେଇ ତାଙ୍କ କୋମଳ ଚର୍ମରେ ଚେଙ୍କ ଦେବା ଭଳି ଏକ ଅମାନବିକ ପରମ୍ପରା ଏହି ପର୍ଯ୍ୟାୟର। ବିଷୁବର ତାତିଲା ସୂର୍ଯ୍ୟଙ୍କ ପ୍ରଖରତା ମଧ୍ୟରେ ବି ଉତ୍ତପ୍ତ ଅଗ୍ନିପଥ ଉପରେ ଚାଲିବା, ବୈଦିକ ଯାଗଯଜ୍ଞ ନାମରେ ଚବିଶ ଘଣ୍ଟାରୁ ଊର୍ଦ୍ଧ୍ୱକାଳ ଅଭୁକ୍ତ ରହିବା ଆଦି ଲୋକାଚାର ଜୀବନ ପାଇଁ କଷ୍ଟଦାୟକ ହେଲେ ବି ଲୋକମତକୁ ଡରି ଏହାକୁ ଗ୍ରହଣ କରି ନିଆଯାଇଛି। ଲୋକାଚାରଠୁଁ ଜୀବନକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଚାରୁଥିବା କେହି ଯଦି ନିଜର ଭିନ୍ନ ମତପ୍ରକାଶ କରିବାର ଉପକ୍ରମ କରେ, ତେବେ ତାକୁ ଚୁପ୍ କରି ଦିଆଯାଏ ଏ କଥା କହି-'ଲୋକେ କ'ଣ କହିବେ ?'

ଏ ପ୍ରସଙ୍ଗରେ ଜଣେ ବନ୍ଧୁଙ୍କଠାରୁ ଶୁଣିଥିବା ତାଙ୍କ ଅଙ୍ଗେନିଭା କାହାଣୀ ବେଶ୍ ପ୍ରଣିଧାନଯୋଗ୍ୟ। ବନ୍ଧୁ ସସ୍ତ୍ରୀକ ଯାଇଥିଲେ ମୁମ୍ବାଇରେ ରହୁଥିବା ତାଙ୍କ ସାନଭାଇ ପାଖକୁ ଛୁଟି ବିତାଇବା ପାଇଁ। ସପ୍ତାହକ ରହଣି ମଧ୍ୟରେ ଦୁଇଭାଇଙ୍କ ପରିବାର ଦିନେ ନିକଟସ୍ଥ ଲୋନାଭିଲ୍ଲା ବୁଲିବାକୁ ବାହାରିଲାବେଳେ ଅଚାନକ ସାନଭାଇଙ୍କୁ ଡାକରା ଆସିଲା ନିଜ ଉପରିସ୍ଥଙ୍କ ନିକଟରୁ। ଅଗତ୍ୟା ତାଙ୍କ ସ୍ତ୍ରୀଙ୍କ ନେତୃତ୍ୱରେ ବଡଭାଇ ଓ ତାଙ୍କ ପତ୍ନୀ ରମଣୀୟ ସ୍ଥାନ ପରିଦର୍ଶନରେ ବାହାରିଗଲେ। ବୁଲାବୁଲି କରୁଥିଲା ବେଳେ ହଠାତ୍ ନିଜର ଅସାବଧାନତା ଯୋଗୁ ଏକ ଅଗଭୀର ଜଳାଶୟରେ ପଡିଗଲେ ସାନଭାଇଙ୍କ ସ୍ତ୍ରୀ । ଭ୍ରମଣକାରୀ ଦଳଟିରେ ବଡଭାଇ ଜଣକ ଏକମାତ୍ର ପୁରୁଷ ହୋଇଥିବାରୁ ନିଜ ସାନଭାଇର ସ୍ତ୍ରୀଙ୍କୁ ଉଦ୍ଧାର କରିବାକୁ ସେ ନିଜ ହାତ ବଢାଇ ଦେଲେ। ହଠାତ୍ ତାଙ୍କ ବିସ୍ତାରିତ ଦକ୍ଷିଣ ହସ୍ତଟିକୁ ଭିଡି ଆଣିଲେ ତାଙ୍କ ପତ୍ନୀ ଓ ଗର୍ଜି ଉଠି କହିଲେ, ''ସେ ପରା ତୁମ ଭାଇବୋହୂ! ତାଙ୍କୁ ଛୁଇଁଲେ ଲୋକେ କ'ଣ କହିବେ ?''

ଘଟଣାଟି ବର୍ଣ୍ଣନା କରି ବନ୍ଧୁ କହୁଥିଲେ, ''ସେଦିନ ପତ୍ନୀଙ୍କ ଆକଟକୁ ଏକ ରୋଷକଷାୟିତ ଚାହାଣିରେ ପ୍ରତିହତ କରି ମୁଁ ମୋ ଭ୍ରାତୃବଧୂଙ୍କୁ ଉଦ୍ଧାର କଲି ସିନା, ମାତ୍ର ଭାବୁଥିଲି ମୋ ପତ୍ନୀଙ୍କ ଭଳି ଏ ସଂସାରର ଅସଂଖ୍ୟ ରୂଢ଼ିବାଦୀଙ୍କ ମୂର୍ଖତା ସମ୍ପର୍କରେ। ଖାଇରେ ପଡି କେହି ଭାଇବୋହୂ ମରିଗଲେ ଏମାନେ କିଛି କହିବେନି। ଅଥଚ ଉଦ୍ଧାର କରିବାକୁ ହାତ ବଢାଇଲେ କହିବେ, 'ଅନାଚାରୀ ଦେଢ଼ଶୁରଟା'।

ପ୍ରକୃତରେ କେଡ଼େ କଥା ନ କହିଲେ ବନ୍ଧୁବର! ଲୋକମତ ତାହାର ରଙ୍ଗ ହରାଇ ବସିଲାଣି। ସମୟ କେତେ ବଦଳି ଯାଇଛି ସତେ! ତା' ସହିତ କେମିତି ବଦଳି ଚାଲିଛି ସମାଜର ଚିତ୍ର ଓ ମଣିଷ ଚରିତ୍ର! ଏଠି ବିଦ୍ୟାଳୟରେ ପାଠ ନ ପଢାଇ ଶିକ୍ଷକ ଜଣେ କୋଚିଂ କ୍ଲାସ୍‌ରେ ଅର୍ଥ ରୋଜଗାର କଲେ ଲୋକେ କିଛି କହିବେନି, ମାତ୍ର ପ୍ରାଇଭେଟ କୋଚିଂ ବଦଳରେ ନିୟମିତ ଶ୍ରେଣୀ କକ୍ଷର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଉଥିବା ଶିକ୍ଷକଙ୍କୁ କହିବେ 'ଅକର୍ମା'। ଲାଞ୍ଚ ନେଇ କାମ କରିବାକୁ ଅମଙ୍ଗ ହେଉଥିବା ଲୋକକୁ କହିବେ 'ବାଜେ ଲୋକ', ଅଥଚ ଲାଞ୍ଚ ନେଇ ଅସମ୍ଭବକୁ ସମ୍ଭବ କରିପାରୁଥିବା ଲୋକକୁ କହିବେ 'କରିତ୍‌କର୍ମା'। ଲୋକେ କହନ୍ତୁ। ଲୋକଙ୍କ କଥାରେ କିନ୍ତୁ ସତ୍ୟ, ସଦାଚାର, ନୀତି ଓ ନୈତିକତାର ଭାଷା ରହୁ। କହିବାର ସ୍ୱାଧୀନତା ଅଛି ବୋଲି ଲୋକେ ଯଦି ଆମ୍ବକୁ ଆମ୍ବଡା ବୋଲି କହିବେ, ତେବେ ଆମ୍ବର ସ୍ୱାଦ ସିନା ବଦଳିଯିବନି, ହେଲେ ତା'ର ରସାଳ ଅମୃତପଣ ପ୍ରତି ଯେ ଅପମାନ ହେବ, ଏ କଥା ଲୋକେ କେବେ ବୁଝିବେ?

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇ ସିହାଣୀ, ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫

# ନୂଆ ନିର୍ବାଚନ କମିଶନର

## ବ୍ୟକ୍ତିତ୍ୱ



ସୁଶୀଲ ଚନ୍ଦ୍ରା

ସାଧାରଣ ନିର୍ବାଚନ ଆଉ ଦୁଇ ମାସ ବାକି ରହିଛି। ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ଲାଗି ଭାରତର ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଯାଇଛି। ଇସିଆଇରେ ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ ଜଣ ନିର୍ବାଚନ କମିଶନର ରହିଥାଆନ୍ତି। ସୁନୀଲ ଆରୋରା ମୁଖ୍ୟ ନିର୍ବାଚନ କମିଶନର ଥିବା ବେଳେ ଅଶୋକ ଲାଭାସା ନିର୍ବାଚନ କମିଶନର ଓ ଖାଲିପଡ଼ିଥିବା ଅନ୍ୟ ଏକ ପଦବୀରେ ଏବେ ସୁଶୀଲ ଚନ୍ଦ୍ରା ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ୧୯୮୦ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ସୁଶୀଲ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ଥିଲେ।

୩ ଜଣିଆ ସଦସ୍ୟବିଶିଷ୍ଟ ନିର୍ବାଚନ ଆୟୋଗ ଉପରେ ବର୍ତ୍ତମାନ ଅନେକ କାର୍ଯ୍ୟଭାର ରହିଛି। ବିଶ୍ୱର ଦ୍ୱିତୀୟ ବୃହତ୍ ଜନସଂଖ୍ୟାବହୁଳ ଦେଶ ଭାରତର ପ୍ରତି ରାଜ୍ୟରେ ନିର୍ବାଚନୀ ପ୍ରସ୍ତୁତିର ସମୀକ୍ଷା, ଭୋଟରଙ୍କ ନାମ ତଦାରଖ ସହ ଏ ସଂକ୍ରାନ୍ତ ବହୁବିଧ ଆୟୋଜନ କରିବା ଦିଗରେ ସଦସ୍ୟମାନଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି। ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ପରିବର୍ତ୍ତେ ପୂର୍ବଭଳି ବାଲଟ୍ ବ୍ୟବହାର ଉପରେ ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। ହେଲେ ନିକଟରେ କମିଶନ ଏଭଳି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। କେବଳ ସେତିକି ନୁହେଁ, ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ, ଗଣମାଧ୍ୟମରେ ପେଡ୍ ନ୍ୟୁଜ୍‌ର ପ୍ରସାର, ଆଚରଣ ବିଧି ଉଲ୍ଲଂଘନ ଆଦି ଅନେକ ବିବାଦୀୟ ଦିଗ ପ୍ରତି ଆୟୋଗକୁ ସତର୍କ ଦୃଷ୍ଟିଦେବାକୁ ପଡ଼ିବ। ଏଭଳି କ୍ଷେତ୍ରରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଅନ୍ୟ ଦୁଇ ନିର୍ବାଚନ କମିଶନ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ନିତାନ୍ତ ଆବଶ୍ୟକ। ସୁଶୀଲ ରାଜସ୍ୱ ଓ ଟିକସ ସଂକ୍ରାନ୍ତରେ ବେଶ୍ ଅଭିଜ୍ଞତା ରଖିଥିବାରୁ ଆୟୋଗରେ ତାଙ୍କ ଉପସ୍ଥିତି ନିରପେକ୍ଷତା ବିଶେଷକରି ଆର୍ଥିକ ପରିଚାଳନା ବଜାୟ ରଖିବାରେ ସହାୟକ ହେବ ବୋଲି କୁହାଗଲାଣି। ଉଲ୍ଲେଖଯୋଗ୍ୟ ଯେ, ସୁଶୀଲଙ୍କ ପୂର୍ବରୁ ଆଇଆର୍‌ଏସ୍ ଅଧିକାରୀ ଟି. ଏସ୍. କ୍ରିଷ୍ଣମୂର୍ତ୍ତି ଆୟୋଗରେ ଯୋଗଦେଇ ୨୦୦୪ରେ ମୁଖ୍ୟ ନିର୍ବାଚନ କମିଶନର ହୋଇପାରିଥିଲେ। ଏବେ ସୁଶୀଲ ନୂଆ ନିର୍ବାଚନ କମିଶନର ହୋଇଥିବାରୁ ତାଙ୍କ କ୍ୟାରିୟର ସମ୍ପର୍କରେ ଜାଣିବା ଲାଗି ସାଧାରଣରେ ଆଗ୍ରହ ରହିବା ସ୍ୱାଭାବିକ।

ସୁଶୀଲ ଉତ୍ତରାଖଣ୍ଡର ରୁର୍‌କିରୁ ବିଟେକ୍ ଓ ଡେରାଡୁନ୍‌ରୁ ଆଇନରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ସେ ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହୋଇ ୧୯୮୦ରେ ଆଇଆର୍‌ଏସ୍‌ରେ ଯୋଗଦେଇଥିଲେ। ଚାକିରି କାଳରେ ଉତ୍ତରପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ ଏବଂ ମୁମ୍ବାଇରେ କାର୍ଯ୍ୟ କରିବା ବେଳେ ଅନ୍ତର୍ଜାତୀୟ ଟିକସ ଓ ବିଭିନ୍ନ ସ୍ଥାନରେ ରାଜସ୍ୱ ସଂକ୍ରାନ୍ତ ତଦନ୍ତ କରିଥିଲେ। ଦିଲ୍ଲୀରେ ଅନ୍ତର୍ଜାତୀୟ ଟିକସ ବ୍ୟାପାର ବୁଝିବା ଲାଗି ସେ ଆୟକର କମିଶନର (ଆବେଦନ) ପଦବୀରେ ଅବସ୍ଥାପିତ ହୋଇଥିଲେ। ସିବିଡିଟି ମୁଖ୍ୟ ହେବା ପୂର୍ବରୁ ସେ ବୋର୍ଡର ତଦନ୍ତ ଶାଖାର ସଦସ୍ୟ ମଧ୍ୟ ରହିଥିଲେ। ୨୦୧୬ ନଭେମ୍ବରରେ ସିବିଡିଟି ମୁଖ୍ୟ ଭାବେ ସେ ଯୋଗଦେଇ ଉତ୍ତମ କାର୍ଯ୍ୟ କରିପାରିଥିବାରୁ ତାଙ୍କ କାର୍ଯ୍ୟକାଳ ଦୁଇଥର ବୃଦ୍ଧି କରାଯାଇଥିଲା। ୬୧ ବର୍ଷୀୟ ସୁଶୀଲ ୨୦୨୨ ମେ'ରେ ପଦବୀରୁ ଅବସର ଗ୍ରହଣ କରିବେ। ତେବେ ଆଗାମୀ ସାଧାରଣ ନିର୍ବାଚନକୁ ନିରପେକ୍ଷ ଭାବେ ପରିଚାଳନା କରିବା ଦିଗରେ ତାଙ୍କ ଯୋଗଦାନ ଉତ୍ତମ ରହିବ ବୋଲି ଆଶା କରାଯାଏ।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆଧୁନିକ ସଭ୍ୟ ସମାଜରେ କୁସଂସ୍କାରର ବଶବର୍ତ୍ତୀ ହୋଇ ମଣିଷ କାହିଁ କେତେଦିନରୁ ଅଜବ ପରମ୍ପରା ପାଳନ କରିଆସୁଛି। ମାତ୍ର ଏହାଦ୍ୱାରା ଯେ, କେତେକ ବ୍ୟକ୍ତିଙ୍କର ଅସୁବିଧା ସୃଷ୍ଟି ହୁଏ ସେ କଥାକୁ ମଣିଷ ଭୁଲିଯାଇଥାଏ। ଏଭଳି ଏକ ଘୃଣ୍ୟ ପରମ୍ପରା ଉତ୍ତରାଖଣ୍ଡର ବାଗେଶ୍ୱର ଜିଲା ମଲ୍ଲା ଦାନପୁର ଅଞ୍ଚଳରେ ଅତି ପ୍ରାଚୀନ କାଳରୁ ଚଳିଆସୁଛି। ଏଠାରେ ମହିଳାଙ୍କୁ ମାସିକ ଧର୍ମ ସମୟରେ ଅତି କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡିଥାଏ। ଏହି ସମୟରେ ସେମାନଙ୍କୁ ଗାଈଗୁହାଳରେ ରଖାଯିବାର ନିୟମ ରହିଛି। ସେମାନଙ୍କୁ ଦିନବେଳା ଘରେ ଚଳପ୍ରଚଳ ପାଇଁ ସୁଯୋଗ ଦିଆଯାଏ। କିନ୍ତୁ ରାତି ହେଲେ ଘରେ ରହିବାକୁ ବାରଣ କରାଯାଇଥାଏ। କାରଣ ଏହାଦ୍ୱାରା ଘରର ଅମଙ୍ଗଳ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି। ଅଶୌଚ ସମୟରେ ମହିଳା ଘରେ ପ୍ରବେଶ କରିବା ଉଚିତ ନୁହେଁ ବୋଲି ପୁରୁଖା ଲୋକେ କହିଥାଆନ୍ତି। ରାତିରେ ଏହି ପାହାଡିଆ ଅଞ୍ଚଳରେ ଗାଈ ଗୁହାଳରେ ପ୍ରବଳ ଥଣ୍ଡାରେ ରହିବା ମହିଳାଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ । ତଥାପି ସେଠାରେ ମହିଳାମାନେ ସମାଜର କଡା ନୀତିନିୟମକୁ ମାନି ଚଳିବାକୁ ବାଧ୍ୟ ହୋଇଥାଆନ୍ତି। ତେବେ ଏ ପ୍ରଚଳିତ ପରମ୍ପରାକୁ ବର୍ତ୍ତମାନ ଅନେକେ ବିରୋଧ କରିବା ଆରମ୍ଭ କଲେଣି।

## ଚିରନ୍ତନୀ

ଜୀବନ ଥାଉଁ କି ଭୟ ଆଉ
ହସରେ ଯେତେ ହସ
କାନ୍ଦିବାକୁ ନ କରି ତିଳେ ଲାଜ
ମରଣ ଆଗୁଁ କର ହେ ପାନ
ଜୀବନ ସୁଧାରସ
ମରଣ-ପଥ ପଥିକ ଆଜି ସାଜ!
ନାହିଁରେ ଲାଭ ଜୀବନେ ଲେଖି
କାରଣହୀନ ଦୁଃଖ
ମରଣ ଶୋକେ ବିକଳେ ସଦା ଚାହିଁ
ଅମର ହେବା ମାନସେ ଖାଲି
ବିରସ କରି ମୁଖ
ଜୀବନ ପରେ ନାହିଁରେ କିଛି ନାହିଁ!

(ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ନଦୀ ପ୍ରଦୂଷଣ

ମହାଶୟ,

ବାହାର ରାଜ୍ୟ ତୁଳନାରେ ଓଡ଼ିଶାର ନଦୀଗୁଡ଼ିକ ବେଶି ଅପରିଷ୍କାର ହେଉଛି। କେଉଁଠି ଡ୍ରେନ ଫାଟି ନଦୀପାଣିରେ ମିଶିଲାଣି ତ ପୁଣି କେଉଁଠି ଅଳିଆ ଆବର୍ଜନା, ବର୍ଜ୍ୟବସ୍ତୁକୁ ଅନାୟାସରେ ନଦୀ ଗର୍ଭକୁ ଫିଙ୍ଗାଯାଉଛି। କୁଢ଼ କୁଢ଼ ମଇଳା, ମୃତଦେହ, ମଲା ପଶୁପକ୍ଷୀ ଏହି ଅମୃତ ଜଳରେ ମିଶି ବିଷକ୍ରିୟା ସୃଷ୍ଟି କରୁଛନ୍ତି। ଆଜି ଓଡ଼ିଶା ସମେତ ଭାରତର ବହୁ ନଦୀ, ହ୍ରଦ ସେମାନଙ୍କ ସତ୍ତା ହରାଇବାକୁ ବସିଲେଣି। ଗଙ୍ଗା ସଫେଇ ଅଭିଯାନ ନିମନ୍ତେ କେନ୍ଦ୍ର ସରକାର ବିଧିବଦ୍ଧ ଉପାୟ ହାତକୁ ନେଇଛନ୍ତି। ତେଣୁ ଏ ଦିଗରେ ଅତିଶୀଘ୍ର ଆମ ରାଜ୍ୟ ସରକାର ଆଗଭର ହେବା ଆବଶ୍ୟକ।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚିଟ୍‌ଫଣ୍ଡ ଫୋଟକା, କାଳିଆ ମଲମ

ଚିଟ୍‌ଫଣ୍ଡ ଜାଲରେ ପଡିଥିବା ସ୍ୱଳ୍ପ ସଞ୍ଚୟକାରୀଙ୍କୁ ଅର୍ଥ ଫେରସ୍ତ ଆରମ୍ଭ ହୋଇଛି। କାଳିଆ ଯୋଜନାରେ ମିଳୁଥିବା ଅର୍ଥ ଚାଷୀ ପରିବାରକୁ ସାମାନ୍ୟ ଆଶ୍ୱସ୍ତି ଦେଇଛି। ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଓ ପୋଷ୍ଟାଲ ଉଭୟ ସେବା ପାଇଁ ଗୋଟିଏ ଅଫିସ ଖୋଲାଯିବା ଦରକାର। ଅଧିକ ଅର୍ଥ ଚିଟ୍‌ଫଣ୍ଡରେ ବିନିଯୋଗ କରି ହାହୁତାଶରେ ଦିନ କାଟୁଥିବା ବ୍ୟକ୍ତିଙ୍କ ଅର୍ଥ ଭରଣା ପାଇଁ ସରକାର ଆଗେଇ ଆସିବା ଉଚିତ। ରାଜନୀତି ଛକାପଞ୍ଝା ପାଇଁ ସମସ୍ତେ ଲାଗି ପଡିଥିବା ବେଳେ ମୋଟା ଅଙ୍କର ଅର୍ଥ ହରାଇଥିବା ବ୍ୟକ୍ତିଙ୍କ ଧୈର୍ଯ୍ୟଚ୍ୟୁତ ଘଟିଲାଣି। ଦୋଷୀ ଦଣ୍ଡ ପାଉଛନ୍ତି ସତ କିନ୍ତୁ ଆର୍ଥିକ ଦଣ୍ଡ ଭୋଗୁଥିବା ବ୍ୟକ୍ତିଙ୍କୁ ଏ ଦଣ୍ଡରୁ ମୁକ୍ତି ଦିଆଯାଉ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଫେବୃୟାରୀ ୧୯୯୪**

- ୧୯୮୯ ମସିହାରେ ହୋଇଥିବା ଏକ ରାଜିନାମା ସର୍ତ୍ତାବଳୀକୁ ଉଲ୍ଲଂଘନ କରିଥିବା ଅଭିଯୋଗରେ ଆମେରିକା ଜାପାନ ଉପରେ ବାଣିଜ୍ୟ କଟକଣା ଲାଗୁ କରିଛି।
- ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପାଞ୍ଚଳରେ ଭୂମିକମ୍ପ ଘଟି ୧୧୭ ଜଣଙ୍କ ପ୍ରାଣହାନି।
- ନିର୍ବାଚନ ଆଚରଣବିଧି ପାଳନରେ ବିଫଳ ହେଉଥିବା ଜାତୀୟ ଏବଂ ରାଜ୍ୟ ସ୍ତରର ରାଜନୈତିକ ଦଳଗୁଡ଼ିକର ପରିଚୟ ପ୍ରତ୍ୟାହାର କିମ୍ବା ସ୍ଥଗିତ ଆଦେଶ ଲାଗୁ କରିବା ପାଇଁ ନିର୍ବାଚନ କମିଶନ ୧୯୬୮ ମସିହା ନିର୍ବାଚନ ପ୍ରତୀକ (ସଂରକ୍ଷଣ ଏବଂ ବଣ୍ଟନ) ଆଦେଶର ସଂଶୋଧନ କଲେ।

## ସଂକ୍ଷେପରେ

### ୧୭ ଓ ୨୪ରେ ପ୍ରତି ବୁଥରେ ସ୍ୱତନ୍ତ୍ର କ୍ୟାମ୍ପ

ମାର୍ଶାଘାଇ,୧୬।୨(ଡିଏନଏ): ଚଳିତ ମାସ ୧୭ ଓ ୨୪ ତାରିଖ ରବିବାର ଦିନ ପ୍ରତ୍ୟେକ ବୁଥରେ ସ୍ୱତନ୍ତ୍ର କ୍ୟାମ୍ପ କରି ଭୋଟର ତାଲିକାରେ ନାମ ଦରଜ କରିବା ପାଇଁ ତାଲିକାରୁ ବାଦ ପଡିଥିବା ନାଗରିକଙ୍କୁ ସୁଯୋଗ ଦେବାକୁ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ମାର୍ଶାଘାଇ ବ୍ଲକ ଗସ୍ତ ସମୟରେ ନିର୍ବାଚନ ପରିଚାଳନା ପାଇଁ ପ୍ରଥମ ପ୍ରିଜାଇଡିଂ ଅଫିସର ଏବଂ ପୋଲିଂ ଅଫିସରଙ୍କ ତାଲିମ ଶିବିରରେ ଜିଲାପାଳ ଶତପଥୀ ଯୋଗଦେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ତାଲିମ ଶିବିରରେ ଜିଲା ସହକାରୀ ନିର୍ବାଚନ ଅଧିକାରୀ ବିକ୍ରମ କେଶରୀ ପରିଡା,ମାର୍ଶାଘାଇ ବିଡିଓ ସୁବାଦାର ପ୍ରଧାନ,ଅତିରିକ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୯ ସାଧାରଣ ନିର୍ବାଚନ ପାଇଁ ଏହି ଭୋଟର ଲିଷ୍ଟ କାର୍ଯ୍ୟକାରୀ କରାଯିବାକୁ ଥିବାରୁ ଏହି ଦୁଇଦିନ ବ୍ଲକର ସମସ୍ତ ବୁଥରେ ଭୋଟର ଲିଷ୍ଟ ପ୍ରସ୍ତୁତ ଦାୟିତ୍ୱରେ ଥିବା ଅଧିକାରୀମାନେ ଉପସ୍ଥିତ ରହିବେ। ସେମାନେ ଭୋଟର ତାଲିକା ପ୍ରକାଶ କରିବା ସହିତ ଭୋଟର ତାଲିକାରୁ ବାଦ୍ ପଡିଥିବା ଏବଂ ନାମ ଅନ୍ତର୍ଭୁକ୍ତ କରିପାରି ନ ଥିବା ନାଗରିକଙ୍କ ନାମ ଭୋଟର ଲିଷ୍ଟରେ ସାମିଲ କରିବାର ସୁଯୋଗ ଦେବାକୁ ଏହି କ୍ୟାମ୍ପ ଉଦ୍ଦିଷ୍ଟ ବୋଲି ଜିଲାପାଳ କହିଥିଲେ।

■ ଯୁବତୀଙ୍କ ଫଟୋ ଭାଇରାଲ ଘଟଣା

# ପିସ୍ତଲରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ପଟ୍ଟାମୁଣ୍ଡାଇ, ୧୬।୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଓଉପଦା ଗ୍ରାମର ଦୀନେଶ ସେଠୀ (୨୨) ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ପିସ୍ତଲରେ ପିଟି ଦେବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏ ନେଇ ଶୁକ୍ରବାର ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦିଆଯାଇଛି ।

ଅଭିଯୋଗରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବଡପଦା ଗ୍ରାମର ଜଣେ ଯୁବକ ଓଉପଦା ଗ୍ରାମର ଜଣେ ଯୁବତୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରି ଦେଇଥିଲେ । ଏପରି କି ଏକତରଫା ପ୍ରେମ କରି ବିଭିନ୍ନ ସମୟରେ ଯୁବତୀଙ୍କୁ କମେଣ୍ଟ ମାରି ହଇରାଣ ହରକତ କରୁଥିଲେ। ଗତ ୧୧ତାରିଖରେ ବଡପଦା ସରପଞ୍ଚ, ଓଉପଦା ସରପଞ୍ଚ ଓ କେତେଜଣ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯାଇଥିଲା । ପରେ ସମସ୍ତ ଫଟୋକୁ କାଟି ଦିଆଯାଇଥିଲା । ମାତ୍ର ଏଥିରେ ଉତ୍କ୍ଷିପ୍ତ ହୋଇ ଫଟୋ ଭାଇରାଲ କରିଥିବା ଯୁବକଙ୍କ ସାଙ୍ଗ କହୁଥିବା ଓଉପଦା ଗ୍ରାମର ଡି. ମଲିକ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ଦୀନେଶଙ୍କୁ ହଠାତ୍ ପିସ୍ତଲରେ ଗୁଳି ମାରି ଦେବାକୁ ଧମକ ଦେଇଥିଲେ । ଦୀନେଶ ସେଠାରୁ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ସେ ଏକ ପିସ୍ତଲ ପଛ ପଟରେ ଦୀନେଶଙ୍କ ମୁଣ୍ଡକୁ ଆଘାତ କରିଥିଲେ । ଫଳରେ ଦୀନେଶ ସେହିଠାରେ ସଂଜ୍ଞାହୀନ ହୋଇ ପଡି ଯାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅପରପକ୍ଷରେ ଅଭିଯୁକ୍ତ ଯୁବକ ଜଣକ ଶନିବାର ମଧ୍ୟାହ୍ନରେ ଗ୍ରାମରେ ବୋମା ପକାଇ ଦେବାକୁ ଧମକ ଦେଇଥିବାର ଓଉପଦା ଗ୍ରାମବାସୀ ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗ୍ରାମବାସୀ ପୋଲିସ ନିକଟରେ ଦାବି କରିଛନ୍ତି । ଅଭିଯୁକ୍ତ ଯୁବକ ଜଣକ ପାରାଦୀପରେ ରୁହନ୍ତି । ତଦନ୍ତକାରୀ ପୋଲିସ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ଏହି ଘଟଣାର ତଦନ୍ତ କରୁଥିବା ବେଳେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।


ଆହତ ଦୀନେଶ ସେଠୀ।

# ଶହୀଦ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି


ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ମହମବତି ଶୋଭାଯାତ୍ରା ।

ପଟ୍ଟାମୁଣ୍ଡାଇ,୧୬।୨(ସ୍ୱ.ପ୍ର.)

ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଶନିବାର ପୂର୍ବାହ୍ନରେ ବାର ଆସୋସିଏସନ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସହକାରୀ ଦୌରାଜଜ୍ ହରପ୍ରସାଦ ପାଢୀ ଓ ଜେଏମଏଫସି ଜ୍ୟୋତିର୍ମୟୀ ଦାସ ଯୋଗଦେଇ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବାର ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସଭାରେ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ । ସନ୍ଧ୍ୟାରେ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଏକ ମହମବତି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ପ୍ରମୋଦ କୁମାର ପଣ୍ଡା, ସୁଶୀଲ ଦାଶ, ବିଜ୍ଞାନ ଜେନା, ସୁଶାନ୍ତ ସାମଲ, ରାମକୃଷ୍ଣ ଦାଶ, ପ୍ରଫୁଲ୍ଲ ଦାଶ, ବିଦ୍ୟାଧର ଦାଶ, ପ୍ରମୋଦ ସାହୁ, ପ୍ରଭାତ ବେରା, ସୋମ୍ୟ ରଞ୍ଜନ ଧଳ, ଅଭିରାମ କୁଣ୍ଡ, ରବୀନ୍ଦ୍ର ଦାଶ, ଶିଶିର ମଲିକ, ଭବାନୀ ପଣ୍ଡାଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ । ସେହିପରି ସ୍ଥାନୀୟ ମୁସଲିମ୍ ବସ୍ତି ଯୁବକ ସଂଘ ପକ୍ଷରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା । ମୁସଲିମ୍ ଭାଇମାନେ ନିଉ ମେଡିକାଲ ଛକରେ ଏକତ୍ରିତ ହୋଇ ପାକିସ୍ତାନ ମୁର୍ଦ୍ଦାବାଦ, ଆତଙ୍କବାଦ ହାଏ ହାଏ, ମୁସଲିମ ଧର୍ମରେ ଆତଙ୍କବାଦର ସ୍ଥାନ ନାହିଁ ବୋଲି ସ୍ଲୋଗାନ ଦେଇଥିଲେ । ସେହିପରି କଷଣଅଣ୍ଟା, ବଳଦେବନଗର, ତଳବାଲିପଡ଼ା, ସିଦ୍ଧପାଟଣା ପୌରାଞ୍ଚଳର ୫, ୬ ଓ ୭ ନଂ. ୱାର୍ଡର ପ୍ରଦୀପ ପରିଡା, ମଳୟ ଓଝା, ସଞ୍ଜୟ ପ୍ରଧାନ, ସତ୍ୟବ୍ରତ ଜେନା, ସନାତନ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ନିଳାଦ୍ରୀ ପ୍ରଧାନ, ଆଶାଲତା ପରିଡା, ପ୍ରଭାତୀ ପ୍ରଧାନ ପ୍ରମୁଖ ଏକ ମହମବତୀ ଶୋଭାଯାତ୍ରାରେ ସାମିଲ ହୋଇ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଏଥିସହିତ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସମସ୍ତ ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ରମାନେ ୨ମିନିଟ୍ ନୀରବ ପ୍ରାର୍ଥନା କରି ବୀର ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ବଧୂ ହତ୍ୟାକାରୀଙ୍କୁ ଗିରଫ ଦାବି

ପଟ୍ଟାମୁଣ୍ଡାଇ,୧୬।୨(ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ଥାନା ଅଧୀନ ବଲୁରିଆ ଗ୍ରାମରେ ଗତ ୮ତାରିଖରେ ଘଟିଥିବା ଏକ ବଧୂହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି । ଶନିବାର ସନ୍ଧ୍ୟାରେ ମୃତା ମହିଳା ଗୀତାଞ୍ଜଳିଙ୍କ ମାଆ ଦେବଜାନୀ ଜେନା, ଶୈଳବାଳା ଜେନା, ପ୍ରଭାତି ଜେନା, ରେବତୀ ଜେନା, ସେବତୀ ଜେନାଙ୍କ ସମେତ ୩୦ଜଣ ଚଉଦକୁଲାଟ ଫାଣ୍ଡି ଅଧିକାରୀ ପଞ୍ଚାନନ ମିଶ୍ରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ । ପ୍ରକାଶ ଯେ, ଆଳି ଥାନା ଅନ୍ତର୍ଗତ ସାନମଙ୍ଗ ଗ୍ରାମର ଘନଶ୍ୟାମ ଜେନାଙ୍କ ଝିଅ ଗୀତାଞ୍ଜଳି ପଟ୍ଟାମୁଣ୍ଡାଇ ଥାନା ବଲୁରିଆ ଗ୍ରାମର କେଲୁ ରାଉତଙ୍କ ପୁଅ ପ୍ରତାପଙ୍କୁ ଗତ ୩ ବର୍ଷ ତଳେ ବିବାହ କରିଥିଲେ । ଯୌତୁକ ପାଇଁ ଗୀତାଞ୍ଜଳିଙ୍କୁ ନିର୍ଯାତନା ଦିଆଯାଉଥିଲା । ଘଟଣାଦିନ ଗୀତାଞ୍ଜଳିଙ୍କୁ ତାଙ୍କ ଶାଶୁଘର ଲୋକେ ତଣ୍ଟି ଚିପି ହତ୍ୟା କରି ଟଙ୍ଗାଇ ଦେଇଥିବା ତାଙ୍କ ଭାଇ ହିମାଂଶୁ ଜେନା ଥାନାରେ ଅଭିଯୋଗ କରିଥିଲେ । ଏତଲାକୁ ଆଧାର କରି ପୋଲିସ ୪୫/୧୯ ନଂରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଏ ସପ୍ତାହର କାର୍ଯ୍ୟକ୍ରମ

### ୧୭।୨।୨୦୧୯ (ରବିବାର)

■ ମାଗଣା ହୃଦରୋଗ ଚିକିତ୍ସା ଶିବିର।
**ସ୍ଥାନ**–ମାର୍ଶାଘାଇ ମହାବିଦ୍ୟାଳୟ, **ସମୟ**–ପୂର୍ବାହ୍ନ ୧୦ଟା।

■ ୧୯୬୯ ମସିହା ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ।
**ସ୍ଥାନ**–ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ, **ସମୟ**–ପୂର୍ବାହ୍ନ ୧୦ଟା।

■ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ। **ସ୍ଥାନ**–ଲାଲବାହାଦୁର ନୋଡାଲ ଉଚ୍ଚଶିକ୍ଷାଶ୍ରମ,ମେହେନ୍ଦିପୁର,କେନ୍ଦ୍ରାପଡ଼ା,**ସମୟ**–ଅପରାହ୍ନ ୪ଟା।

■ ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ।
**ସ୍ଥାନ**–ତୁଳସୀ ମହିଳା ମହାବିଦ୍ୟାଳୟ, **ସମୟ**– ପୂର୍ବାହ୍ନ ୧୧ଟା।

■ ଶ୍ରୀ ବିଷ୍ଣୁ ମହାଯଜ୍ଞ। **ସ୍ଥାନ**–ଶିବାନନ୍ଦ ଆଶ୍ରମ, ଗରାପୁର,**ସମୟ**–ସନ୍ଧ୍ୟା ୬ଟା

■ ସାଂସ୍କୃତିକ କାର୍ଯ୍ୟକ୍ରମ। **ସ୍ଥାନ**–ଶିବାନନ୍ଦ ଆଶ୍ରମ,ଗରାପୁର,**ସମୟ**– ସନ୍ଧ୍ୟା ୬ଟା

■ ବିଶ୍ୱଶାନ୍ତି ଯଜ୍ଞ ଓ ପ୍ରବଚନ ସଭା।
**ସ୍ଥାନ**– ଯଜ୍ଞ ପଡିଆ ମଦନପୁର, ରାଜନଗର, **ସମୟ**– ଅପରାହ୍ନ ୫ଟା।

### ୧୮।୨।୨୦୧୯ (ସୋମବାର)

■ ମିଳିତ ଜନଶୁଣାଣି ଶିବିର।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ମହାକାଳପଡା,**ସମୟ**–ପୂର୍ବାହ୍ନ ୧୦ଟା୩୦ ମିନିଟ।

■ ଶ୍ରୀ ବିଷ୍ଣୁ ମହାଯଜ୍ଞ। **ସ୍ଥାନ**–ଶିବାନନ୍ଦ ଆଶ୍ରମ, ଗରାପୁର,**ସମୟ**–ସନ୍ଧ୍ୟା ୬ଟା

■ ବିଶ୍ୱଶାନ୍ତି ଯଜ୍ଞ ଓ ପ୍ରବଚନ ସଭା।
**ସ୍ଥାନ**–ଯଜ୍ଞ ପଡିଆ ମଦନପୁର, ରାଜନଗର, **ସମୟ**–ଅପରାହ୍ନ ୫ଟା।

■ ସାଂସ୍କୃତିକ କାର୍ଯ୍ୟକ୍ରମ। **ସ୍ଥାନ**–ଶିବାନନ୍ଦ ଆଶ୍ରମ, ଗରାପୁର, **ସମୟ**–ସନ୍ଧ୍ୟା ୬ଟା।

■ କନ୍ଦର ରାଜ ଦରବାରେ ଓ ତୁଳସୀ ବିବାହ ଉତ୍ସବ। **ସ୍ଥାନ**–ମା' ମହିପାଳିନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡ଼ା ସହର, **ସମୟ**– ସନ୍ଧ୍ୟା ୬ଟା।

### ୧୯।୨।୨୦୧୯ (ମଙ୍ଗଳବାର)

■ ଶ୍ରୀ ବିଷ୍ଣୁ ମହାଯଜ୍ଞ ଉଦ୍‌ଯାପନ।
**ସ୍ଥାନ**–ଶିବାନନ୍ଦ ଆଶ୍ରମ, ଗରାପୁର, **ସମୟ**–ସନ୍ଧ୍ୟା ୬ଟା।

■ ବିଶ୍ୱଶାନ୍ତି ଯଜ୍ଞ ଓ ପ୍ରବଚନ ସଭା।
**ସ୍ଥାନ**–ଯଜ୍ଞ ପଡିଆ ମଦନପୁର, ରାଜନଗର, **ସମୟ**– ଅପରାହ୍ନ ୫ଟା।

■ କନ୍ଦର ରାଜ ଦରବାରେ ଓ ତୁଳସୀ ବିବାହ ଉତ୍ସବ। **ସ୍ଥାନ**– ମା' ମହିପାଳିନୀ ମନ୍ଦିର, ମହିପାଳ, କେନ୍ଦ୍ରାପଡା ସହର, **ସମୟ**– ସନ୍ଧ୍ୟା ୬ଟା।

### ୨୦।୨।୨୦୧୯ (ବୁଧବାର)

■ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଦ୍‌ଘାଟନ ସମାରୋହ।
**ସ୍ଥାନ**–ନହୁଣୀ, କେନ୍ଦ୍ରାପଡା, **ସମୟ**– ଅପରାହ୍ନ ୨ଟା।

### ୨୧।୨।୨୦୧୯ (ଗୁରୁବାର)

■ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ଆଳି, **ସମୟ**– ପୂର୍ବାହ୍ନ ୧୦ଟା।

■ ସାଧାରଣ ନିର୍ବାଚନ ପାଇଁ ତାଲିମ ପ୍ରଦାନ।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ।

### ୨୩।୨।୨୦୧୯ (ଶନିବାର)

■ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ସମୀକ୍ଷା।
**ସ୍ଥାନ**–ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, **ସମୟ**– ପୂର୍ବାହ୍ନ ୧୦ଟା।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସିଗ୍‌ନାଲିଂ ଏବଂ ଟେଲିକମ୍ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.- ୬୭୫-କେବୁଲଶିଫ୍ଟିଂ-ଜେଡିଆଇ-ସିପିଏଚ୍, ତାରିଖ: ୧୨।୦୨।୨୦୧୯
କାର୍ଯ୍ୟ: ଏସ୍.ଇ.ସି. ରେଳପଥର ବିଳାସପୁର ଡିଭିଜନରେ ବିଏସ୍‌ପି-ଜେଏସ୍‌ଜିର ୪ର୍ଥ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଜେଡିଆଇ-ସିପିଏଚ୍ ସେକ୍ସନରେ ସିଗ୍‌ନାଲିଂ ଓ ଟେଲିକମ୍ କେବୁଲ୍, ଲୋକେସନ୍ ବକ୍ସର ସ୍ଥାନାନ୍ତରଣ/ସ୍ଥାନ ପରିବର୍ତ୍ତନ।
ଟେଣ୍ଡର ମୂଲ୍ୟ- ₹୨୫୧୭୪୦୭୧/- (₹ଦୁଇ କୋଟି ଏକାବନ ଲକ୍ଷ ଚଉସ୍ତରି ହଜାର ଏକସ୍ତରି ମାତ୍ର), ଇଏମ୍‌ଡି- ₹୨୭୫୯୦୦/- (ଦୁଇଲକ୍ଷ ପଚସ୍ତରି ହଜାର ନଅଶହ ମାତ୍ର), ଟେଣ୍ଡର ସମାପ୍ତି: ତା୦୫।୦୩।୨୦୧୯ରିଖ ଅପରାହ୍ନ ୧୫.୩୦ ଘଟିକାରେ।
ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଏସ୍‌ଟିଇ (ନିର୍ମାଣ) ଏସ୍‌ଇସି ରେଳପଥ ବିଳାସପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ ।
ଡେପୁଟି ଚିଫ୍ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟର/ସିଏନ୍-II
CPR/10/400
ସ୍ୱଚ୍ଛ ଭାରତ ଅଭିଯାନ



**ପୂର୍ବ ତଟ ରେଳପଥ**

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-EI-KYOSAN-133, ତା. 13.02.2019 ରିଖ
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଙ୍ଗେଶ୍ୱର ଷ୍ଟେସନ ଠାରେ Kyosan ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।
**ଟେଣ୍ଡର ମୂଲ୍ୟ :** ₹33,70,000/-, EMD : ₹67,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/- (GST 18% ସହିତ) ।
ବିକ୍ରି ଆରମ୍ଭ ହେବା ତାରିଖ : ତା.27.02.2019,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.03.2019 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-480/J/18-19



**ପୂର୍ବ ତଟ ରେଳପଥ**

**ଡାଟା ଏଣ୍ଟ୍ରି ପରିଚାଳନା ସେବା ବ୍ୟବସ୍ଥା**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-318E ତା. 31.01.2019 ରିଖ
**କାର୍ଯ୍ୟର ନାମ :** "ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ମୁଖ୍ୟାଳୟ/ଭୁବନେଶ୍ୱର, ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ଅନୁଗୁଳ ଏବଂ କାର୍ଯ୍ୟନିର୍ବାହୀ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା ।"
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹34.90 ଲକ୍ଷ, EMD : ₹69,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/-, କାର୍ଯ୍ୟ ଶେଷ ହେବା ଅବଧି: 730 ଦିନ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.03.2019 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ । ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-101/CB/18-19



**OFFICE OF TAHASILDAR ANGUL**

**MEGA LOK ADALAT**
**Dt. 17.02.19**
**VENUE: BIJU MAIDAN**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୧୭।୦୨।୧୯ (ରବିବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଗୋଳ ଜିଲ୍ଲାର ବିଜୁ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମେଗା ଲୋକ ଅଦାଲତ'ରେ ଅନୁଗୁଳ ତହସିଲଦାରଙ୍କ କାର୍ଯ୍ୟାଳୟ ତରଫରୁ ୫୦ ଗୋଟି ପଟ୍ଟା (RoR) ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ତହସିଲ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଉପସ୍ଥିତ ରହି ପଟ୍ଟା ଗ୍ରହଣ କରିବାକୁ ନିବେଦନ।

ଆପଣଙ୍କର ତହସିଲଦାର
ବିଚିତ୍ରାନନ୍ଦ ନାୟକ
Tahasildar, Angul





DHARITRI
Career appointment
Every Wednesday and Saturday



**ଇମ୍ୟୁନିଟି ବଢ଼ାଏ**
**ସହସ୍ରାଧିକ ରୋଗରୁ ରକ୍ଷାକରେ**

ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ

JOLLY
**ତୁଳସୀ 51 ଡ୍ରପ୍‌ସ**
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...

କେଶ ହାନି
ଚର୍ମରୋଗ
କାଠବ୍ରଣ, ବ୍ରଣ
ଝିମିଝିମି ଲାଗିବା
ତୁଣ୍ଡ ଘା'
କାଲୁଆ ଲାଗିବା
ଏକାଗ୍ରତା ଅଭାବ
ମୁଣ୍ଡ ବୁଲାଇବା




କୋଷ୍ଠକାଠିନ୍ୟ
ପେଟ ଗ୍ୟାସ୍
ଏସିଡିଟି
ବଦହଜମି
ଶ୍ୱାସରୋଗ
କାଶ, କଫ
ଦୁର୍ବଳତା
କ୍ଲାନ୍ତିରେ ପ୍ରଭାବୀ

# As per clinical study report

କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ

ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588



**BOI ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ପାରାଦ୍ୱୀପ ଶାଖା /** ଋଣଗ୍ରହୀତା: ମେସର୍ସ ଶକୁନ୍ତଳା ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ୍-୭, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ / ଜାମିନ୍‌ଦାରମାନେ: ୧) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ⱱ କାଳନ୍ଦୀ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧, ୨) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁ, ଗ୍ରାମ: ବାଲିଡ଼ିଆ, ପୋ/ଥାନା: ପାରାଦ୍ୱୀପ ଲକ, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ | ଟ.୬୬,୦୧,୬୫୪.୧୦ + ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୨.୧୧.୨୦୧୮ / ୧୪.୦୨.୨୦୧୯ | ସ୍ୱତ୍ୱାଧିକାରୀ: ୧) ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ୨) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ⱱ କାଳନ୍ଦୀ ସାହୁ ଏବଂ ୩) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁଙ୍କ ନାମରେ ଥିବା ଜମି/ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ମୌଜା: ନୂଆଗଡ଼, ଥାନା: ପାରାଦ୍ୱୀପ, ଏସ୍‌ଆର୍‌ଓ/ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଏହାର ଚଉହଦି- ଉତ୍ତର: ⱱ କ୍ଷୀରୋଦ ସାହୁ, ଦକ୍ଷିଣ: ଟହଲି ସିଂହ, ପୂର୍ବ: ରାସ୍ତା, ପଶ୍ଚିମ: ଟହଲି ସିଂହ |
| **ପୁରୀ ଶାଖା /** ଋଣଗ୍ରହୀତା: ଗନ୍ଧର୍ବ ସେନାପତି / ସହ-ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତି ସେନାପତି ଏବଂ ୨) ଶ୍ରୀ ଭାଗିରଥି ସେନାପତି, ସମସ୍ତଙ୍କ ଠିକଣା- ସା: ମଧୁବନ, ୫ମ ଲେନ୍, ପୁରୀ, ପିନ୍-୭୫୨୦୦୨ | ଟ.୧୮,୮୬,୪୦୧.୦୦ + ୩୦.୧୦.୨୦୧୮ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ | ୨୯.୧୦.୨୦୧୮ / ୧୨.୦୨.୨୦୧୯ | ଶ୍ରୀ ଗନ୍ଧର୍ବ ସେନାପତି, ପିତା: ⱱ ଗୋପିନାଥ ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ମୌଜା: ଟିକରପଡ଼ା, ପୁରୀ, ସାବକ ସେଟେଲମେଣ୍ଟ ଖାତା ନଂ.: ୦୩, ପ୍ଲଟ୍ ନଂ.: ୧୩୭ (ଅଂଶ), ଅନୁରୂପ ସେଟେଲମେଣ୍ଟ ନିର୍ଣ୍ଣୟ ହୋଇନଥିବା ଆରଓଆର୍ ମୌଜା: ମାଟିଆପଡ଼ା, ଖାତା ନଂ.: ୮୩/୪୯ (କ), ପ୍ଲଟ୍ ନଂ.: ୪୪୯/୧୯୩୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ବସ୍ତିପ୍ଲାନ୍ ପ୍ଲଟ୍ ନଂ.: ୪୫, ଯାହା ବର୍ତ୍ତମାନ କିଣାଯାଇଅଛି / ସେଟେଲମେଣ୍ଟ ରେକର୍ଡ ନିର୍ଣ୍ଣୟ ହୋଇନାହିଁ, ସ୍ୱତଃ: ସ୍ଥିତିବାନ, କିସମ: ଘରବାରି, ଥାନା: ପୁରୀ ଟାଉନ୍ (ନଂ.-୩୧), ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚଉହଦି- ଉତ୍ତର: ରାସ୍ତା ଏବଂ ଡଃ. ଶ୍ୟାମସୁନ୍ଦର ମହାପାତ୍ର, ଦକ୍ଷିଣ: ହାଡିଗୋହିର, ପୂର୍ବ: ଜମ୍ବେଶ୍ୱର ନାୟକ ଏବଂ ରମେଶ ଚନ୍ଦ୍ର ପଟ୍ଟନାୟକ, ପଶ୍ଚିମ: ମଙ୍ଗୁଳି ବାରିକ ଏବଂ କୁଞ୍ଜ ବିହାରୀ ସାହୁ |

ତାରିଖ : ୧୬.୦୨.୨୦୧୯, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**କର୍ପୋରେଶନ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୫.୦୨.୨୦୧୯ରିଖ ସୁଦ୍ଧା ବକେୟା ଋଣ (ଟଙ୍କାରେ) + ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ଆସ୍କା ଶାଖା, ପ୍ଲଟ୍ ନଂ.: ୨୭୬/୭୫୫, କଳିଙ୍ଗ ରୋଡ୍, ୱାର୍ଡ ନଂ.: ୧୧, ସା/ପୋ.: ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୦, ଫୋନ୍ ନଂ.: ୦୬୮୨୨-୨୭୧୨୭୮, ମୋ.: ୭୬୮୨୮୨୦୪୧୦** | | |
| **କାଳୁଚରଣ ଜେନା,** ପିତା: ପର୍ଶୁ ଜେନା, ରଘୁନାଥ ନଗର, ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୪୫୨୫୭୭୮ / ୨୭.୧୨.୨୦୧୭ | ୧୨.୬୩୦ | ଟ.୧୭,୫୨୦/- (ତା.୩୧.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଭୁବନେଶ୍ୱର କଟକ ରୋଡ୍ ଶାଖା, ପ୍ଲଟ୍ ନଂ.: ୩୩୩, ଏକାମ୍ର ହଲ୍ ନିକଟ, ସା/ପୋ.: ରସୁଲଗଡ, ବମିଖାଲ, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ.: ୦୬୭୪-୨୫୭୨୭୦୭, ୨୫୭୨୮୦୭, ମୋ.: ୯୫୫୬୪୫୨୭୩୦** | | |
| **ନୃସିଂହପ୍ରସାଦ ଦାସ,** ପିତା: ପରମାନନ୍ଦ ଦାସ, ପ୍ଲଟ୍ ନଂ.: ୯୮୧, ଝାରପଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / ଆକାଉଣ୍ଟ ନଂ.: ସିଏଡିଏଲ/୫୬୦୯୯୧୦୦୨୦୩୭୫୪୬ / ୦୩.୦୨.୨୦୧୭ | ୨୧.୦୫ | ଟ.୩୮,୫୩୯/- (ତା.୩୦.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପାରାଦୀପ ଶାଖା, ପାରାଦୀପଗଡ, ପାରାଦୀପ ପୋଲିସ୍ ଷ୍ଟେସନ୍ ନିକଟ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧, ଫୋନ୍ ନଂ.: ୦୬୭୨୨-୨୩୦୦୪୬, ମୋ.: ୭୦୦୮୪୨୮୫୭୨** | | |
| **ବିକ୍ରମ ପ୍ରଧାନ,** ପିତା: ପରମାନନ୍ଦ ପ୍ରଧାନ, ସା/ପୋ.: ଖୁରୁସିଆ, କେନ୍ଦ୍ରାପଡା, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୭୯୨୩ / ୨୫.୦୪.୨୦୧୬ | ୨୨.୨୦ | ଟ.୫୦,୭୬୬/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜନ କୁମାର ଓଝା,** ପିତା: ଅପନୀ ଓଝା, ସା: କୋଠି, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୭୭୦୭୨ / ୦୧.୦୩.୨୦୧୬ | ୬୨.୯୦ | ଟ.୧,୦୨,୭୫୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାପସ ମାଝୀ,** ପିତା: ଦୈତାରୀ ମାଝୀ, ସା: ବିଶ୍ୱାଳି, ପୋ.: ଭୂତମୁଣ୍ଡାଇ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୭୫୦୮ / ୨୨.୦୨.୨୦୧୬ | ୨୩.୫୦ | ଟ.୫୨,୮୬୨/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ବସନ୍ତ କୁମାର ଖଟେଇ,** ପିତା: ଉଛବ ଖଟେଇ, ସା: ସିଜୁ, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୮୯୯୭ / ୧୬.୦୨.୨୦୧୬ | ୪୧.୭୦ | ଟ.୬୭,୮୯୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜିତ୍ କୁମାର ମାଝୀ,** ପିତା: ବଳରାମ ମାଝୀ, ସା: ଫତେପୁର, ପୋ.: ଗୋପିଆକୁଦ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୫୩୬୦୦୫୩ / ୧୭.୦୫.୨୦୧୮ | ୧୭.୮୦ | ଟ.୩୩,୬୦୦/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୪୧୪୭୭୦୨** | | |
| **ବନମାଳି ବେହେରା,** ପିତା: ସଦାନନ୍ଦ ବେହେରା, ସା: ଖୋଳଦା, ପୋ.:କଳମଛୁଇଁ, ଥାନା: କଳିଏରୀ, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୧୨୯୨୦୩୮ / ୦୫.୦୪.୨୦୧୭ | ୩୩.୮୮୦ | ଟ.୩୫,୩୫୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପର୍ଶୁରାମ ଦାସ,** ପିତା: ଗୋବିନ୍ଦ ଦାସ, ସା: ରଙ୍ଗପୁର, ପୋ.: ଏକଘରିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୩୫୬୯୯୭୯ / ୦୫.୦୯.୨୦୧୭ | ୨୫.୫୨୦ | ଟ.୩୪,୧୮୫/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଜଗତପୁର ଶାଖା, ତଳ ମହଲା, ଜେ.ବି ମାର୍କେଟ ବିଲ୍ଡିଂ, ଜଗତପୁର ସ୍କୋୟାର, କେନ୍ଦ୍ରାପଡା ରୋଡ୍, ଏସ୍‌ଏଚ୍-୯ଏ, ପୋ./ଥାନା: ଜଗତପୁର, ଜିଲ୍ଲା: କଟକ (ଓଡ଼ିଶା), ପିନ୍-୭୫୧୦୨୧, ଫୋନ୍ ନଂ.: ୦୬୭୧- ୨୪୯୦୧୧୩, ୨୪୯୦୧୧୨, ମୋ.: ୮୬୦୨୦୪୪୭୪୦** | | |
| **ସଞ୍ଜୟ କୁମାର ପଣ୍ଡା,** ପିତା: କୃଷ୍ଣ ଚନ୍ଦ୍ର ପଣ୍ଡା, ଟାଙ୍ଗୀ-ଚୌଦ୍ୱାର, କଟକ, ଓଡ଼ିଶା-୭୫୪୦୨୧ / ଆକାଉଣ୍ଟ ନଂ.: ସିଏଡିଏଲ/୫୬୦୯୯୧୧୭୧୦୭୧୩୧୭ / ୩୦.୧୨.୨୦୧୭ | ୧୪୬.୬୦ | ଟ.୨,୩୦,୪୫୫/- (ତା.୩୧.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **କଙ୍କରଡା ଶାଖା, ପ୍ଲଟ୍ ନଂ.: ୨୩୭୯/୩୨୦୫ ଏବଂ ୨୩୭୯/୩୨୩୦, ମେନ୍ ରୋଡ୍, ସା/ପୋ.: କଙ୍କରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪, ମୋ.: ୭୬୮୨୮୨୦୩୯୫** | | |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନ: ପାଟପୁର, ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୮୬୩୩୦ / ୦୫.୧୨.୨୦୧୬ | ୧୮.୪୩ | ଟ.୩୫,୪୬୮/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନା: ପାଟପୁର, ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୧୬୪୩ / ୧୯.୦୫.୨୦୧୭ | ୨୦.୫୭୫ | ଟ.୩୪,୯୨୩/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୀପକ କୁମାର ପରିଡା,** ପିତା: ଦାଶୁଡୁ ପରିଡା, ସା: କାଉଡିଆ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୩୯୮୪ / ୧୭.୦୫.୨୦୧୭ | ୩୩.୭୧୫ | ଟ.୬୦,୫୬୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୁଃଖିଶ୍ୟାମ ଦାସ,** ପିତା: ⱱ ଅର୍ଜୁନ ଦାସ, ସା: ନିଷ୍ଠିପୁର, ବଡିଓସ୍ତ, ଥାନା: ପାଟପୁର, ଜିଲ୍ଲା: ଗଞ୍ଜାମ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୨୫୯୩ / ୦୧.୦୬.୨୦୧୭ | ୪୬.୨୦ | ଟ.୭୩,୨୯୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରୋହିତ ଦାସ,** ପିତା: ଉପେନ୍ଦ୍ର ଦାସ, ସା: ଲକ୍ଷ୍ମୀପୁର, ପୋ.: କୁରୁଳ, ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୪୦୪୨ / ୩୦.୦୫.୨୦୧୭ | ୨୩.୫୮୫ | ଟ.୪୮,୭୪୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |

ତାରିଖ: ୧୬.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

### ନୂତନ ସିଭିଲଜଜ୍‌ଙ୍କୁ ସ୍ୱାଗତ

**କୁଜଙ୍ଗ, ୧୬।୨(ସ୍ୱ.ପ୍ର.):** ନୂତନ ସଭିଲିଜଜ୍ ଜୁନିଅର ଡିଭିଜନ୍ ଶ୍ରୀମତି ବବିତା ପାତ୍ରଙ୍କୁ ଶନିବାର କୁଜଙ୍ଗ ଓକିଲ ସଂଘ ପକ୍ଷର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସଭାପତି ଏ.ଏନ.ଡି. ଯାଦବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ, ବସ୍‌ଜଜ୍ ଅଭିଲାଷ ସେନାପତି, ଜେଏମ୍‌ଏଫ୍‌ସି ମାମୀ ବେହେରା ପ୍ରମୁଖ ଯୋଗଦେଇ ସ୍ୱାଗତ କରିଥିଲେ। ସଂଘ ଉପସଭାପତି ଦାମୋଦର ସ୍ୱାଇଁ, ଅମୃତ ଦାସ, ସୁଶାନ୍ତ ପଟ୍ଟନାୟକ, କୈଳାସ ପରିଡା, ଚୈତନ୍ୟ ମହାପାତ୍ର, ଭାରତ ଭୂଷଣ ଦାସ, ନଳିନୀ ରଞ୍ଜନ ଦାସ, ଧନେଶ୍ୱର ସ୍ୱାଇଁ ପ୍ରମୁଖ ଶତାଧିକ ଆଇନଜୀବୀ ଉପସ୍ଥିତ ଥିଲେ।

### ମିଶନ ଶକ୍ତି ରଥକୁ ସମ୍ବର୍ଦ୍ଧନା

**ନାଉଗାଁ, ୧୬।୨(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଲଣା ପଞ୍ଚାୟତରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଆସିଥିବା ମିଶନ ଶକ୍ତି ରଥକୁ ଶୁକ୍ରବାର କୁଣ୍ଡେଶ୍ୱରଗ୍ରାମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସିଡିପିଓ ରାସେଶ୍ୱରି ମହାନ୍ତି, ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଆଇସିଡିଏସ ସୁପରଭାଇଜର ରେଣୁବାଳା ଦେଈ, ତପନ ବେହେରା, ଅଙ୍ଗନୱାଡ଼ି କର୍ମୀ ପ୍ରମିଳା ମିଶ୍ରଙ୍କ ସମେତ ବିଭିନ୍ନ ଗ୍ରୁପର ମହିଳା ସ୍ୱୟଂସହାୟିକା ସଦସ୍ୟମାନେ ଉପସ୍ଥିତ ଥିଲେ।

■ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବିରିଡ଼ି/ ବାଲିଆ, ୧୬।୨(ଡି.ଏନ.ଏ)**

ବିରିଡ଼ି ବିଦ୍ୟୁତ୍ ସେକ୍ସନ ୨୨ମୌଜା ପୂରଣ ପଞ୍ଚାୟତ ଅନ୍ତର୍ଗତ କମଳପୁର ଗ୍ରାମରେ ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମ ୧ ନଂ.ୱାର୍ଡର ଉପନ୍ଦ୍ରେ ଭୋଇ(୬୦)। ସକାଳେ ସେ ବିଲକୁ କାମ କରିବାକୁ ଯାଉଥିଲେ। ଏହି ସମୟରେ ଗହୀର ମଝିରେ ଛିଣ୍ଡିପଡିଥିବା ବିଦ୍ୟୁତ୍ ତାର କୁଦିଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ବାଲିଆ ଷ୍ଟୋର ୨୨ ମୌଜା ରାସ୍ତାର ମଇନ୍ଦିପୁର ନଦୀପୋଲ ନିକଟରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ, ପରିବାରର ଜଣଙ୍କୁ ଏନ୍‌ଜେଏନ୍ କିମ୍ବା ସେସୁରେ ଚାକିର ଦେବାକୁ ସେମାନେ ଦାବି କରିଥିଲେ। ୨୨ ମୌଜାର ଚାଷୀଖଣ୍ଡ ସବ୍‌ସେଷ୍ଟରରୁ ବାଗଲପୁର ପର୍ଯ୍ୟନ୍ତ ସଂଯୋଗ ଦିଆଯାଇଥିବା ୧୧ କେ.ଭି ତାର ସମ୍ପୂର୍ଣ୍ଣ ନିମ୍ନମାନର। ତାହା ବାଇଡିଙ୍ଗ ତାର ଥିଲା। ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଯୋଗୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସେମାନେ କହିଛନ୍ତି। ପୂର୍ବତନ ସରପଞ୍ଚ ଯୁଧାଷ୍ଠିର ବେହେରା କହିଛନ୍ତି ଯେ, ବିଦ୍ୟୁତ୍ ତାର ବିପଦସଙ୍କୁଳ ଅବସ୍ଥାରେ ଥିବା ସମ୍ପର୍କରେ ୨୨ ମୌଜା ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏମିତି କି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀମାନେ ଏହାକୁ ଅଣଦେଖା କରିଥିଲେ। ସାମାଜିକ କର୍ମୀ ପ୍ରବୀର ଦାସ କହିଛନ୍ତି ଯେ, ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ବେପରୁଆ ହୋଇପଡିଛି। ତେଣୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ମୃତ ଉପେନ୍ଦ୍ରଙ୍କ ସ୍ତ୍ରୀ ଜଣେ ପକ୍ଷାଘାତ ରୋଗୀ। ସ୍ୱାମୀଙ୍କ ମୃତ୍ୟୁରେ ସେ ଅସହାୟ ହୋଇପଡିଛନ୍ତି। ଏସଡିପିଓ ପ୍ରକାଶ ଚନ୍ଦ୍ର ପାଲ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ତାଙ୍କ କଥା ଶୁଣି ନ ଥିଲେ। ପରେ ଜଗତ୍‌ସିଂହପୁର ଉପଜିଲାପାଳ ମହେନ୍ଦ୍ର ପ୍ରତାପ ମହାନ୍ତି, ବିରିଡ଼ି ଅତିରିକ୍ତ ତହସିଲଦାର ସୌମ୍ୟା ପଟ୍ଟନାୟକ, ଆଇଆଇସି ରଞ୍ଜିତ କୁମାର ମହାନ୍ତି ପହଞ୍ଚି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯାଇଥିଲା। ଏଥିସହ ତୁରନ୍ତ ବିଦ୍ୟୁତ୍ ତାର ମରାମତି କରିବାକୁ ଉପଜିଲାପାଳ ସେସୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।



ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାଆନଗଣ୍ଡା କାହାଣ ଋଣ;**
**ମାଇପ କହୁଛନ୍ତି ଚନ୍ଦ୍ରଉଦିଆ କିଣ ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ମନ ବଳେଇବା ବା ଅଡିବସିବା ସ୍ତ୍ରୀପକ୍ଷେ ଅତି ବେକାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା,**
**ମୁଣ୍ଡରେ ରାମ ଟହଲିଆ ଖୋଷା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଇ ନ ଥାଏ। ଦୈନନ୍ଦିନ ଗୁରୁରାଣ ମେଣ୍ଟାଇବାକୁ ଅସମର୍ଥ ମହିଳା ବେଶ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାସ୍ତା ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ

**ତିର୍ତ୍ତୋଲ, ୧୬।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଇଦ୍ରିସିଂଠାରେ ମଣିଜଙ୍ଗା-ଏରସମା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପାଇଁ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଇଦ୍ରିସିଂର ପୂର୍ବତନ ସରପଞ୍ଚ ବୈରାଗୀ ବାରିକ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଉନ୍ନତୀକରଣ ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଥିବା ବେଳେ ବିଭାଗ ତରଫରୁ ବ୍ୟୟବରାଦ କରାଯାଇଥିବା କହିଥିଲେ। ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ସରପଞ୍ଚ ବେଦଶ୍ରୀ ବନ୍ଦନା ଦାସ, ସମିତିସଭ୍ୟ ପ୍ରସନ୍ନ ଦାଶ, ସୁକାନ୍ତ ଦାସ, ପୂର୍ବତନ ସରପଞ୍ଚ କିଶୋର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସୁକଦେବ ମହାନ୍ତି, ଦେବେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଧୂଳି ସତ୍ୟାଗ୍ରହ ଜାରି



ଧୂଳି ସତ୍ୟାଗ୍ରହରେ ସାମିଲ ହୋଇଥିବା ନାଗରିକ ମଞ୍ଚର କର୍ମକର୍ତ୍ତା।

**ପାରାଦୀପ, ୧୬।୨(ସ୍ୱ.ପ୍ର.)**

ପାରାଦୀପର ବର୍ଦ୍ଧିତ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଦାବିରେ ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ କିଛିଦିନ ହେଲା ପ୍ରତିବାଦ କରାଯାଉଛି। ଏପରି କି ଗତ ୮ ତାରିଖରେ ଧୂଳି ସତ୍ୟାଗ୍ରହ କରାଯିବା ସହ ଅଞ୍ଚଳିକ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ୩ ଦିନିଆ ଧାରଣା ଦିଆଯାଇଥିଲା। ଏଥିସହିତ ଏକ ୧୫ଦଫା ଦାବିପତ୍ର ଦିଆଯାଇଥିଲା। ଯେ ପର୍ଯ୍ୟନ୍ତ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ନ କରାଯାଇଛି ସେ ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ବିରୋଧ କରାଯିବ ବୋଲି କୁହାଯାଇଥିଲା। ଏହି କ୍ରମରେ ପୁଣି ମଞ୍ଚ ସଭାପତି ତଥା ପ୍ରକୃତିବନ୍ଧୁ ଅୟସକାନ୍ତ ରାୟଙ୍କ ନେତୃତ୍ୱରେ ବୋର୍ଡ କାର୍ଯ୍ୟାଳୟ ଆଗରେ ବିରୋଧ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି।

# ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ପ୍ରଦାନ

**ବିରିଡ଼ି, ୧୬।୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ଶିବପୁର ଓ ଗୋପୀନାଥପୁର ପଞ୍ଚାୟତରେ ଶନିବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବପୁର ସରପଞ୍ଚ ଶକୁନ୍ତଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ସମିତିସଭ୍ୟା ମାନସୀ ବେହେରା, ପୂର୍ବତନ ସରପଞ୍ଚ ବବିତା ପାତ୍ର, ପିଇଓ ପ୍ରମୋଦ କୁମାର ସେନାପତି, ଅମୀୟ ରାୟ, ନୀଳକଣ୍ଠ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗୋପୀନାଥପୁର ପଞ୍ଚାୟତରେ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ସମିତିସଭ୍ୟ ସୁନିଲ କୁମାର ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ନାଏବ ସରପଞ୍ଚ ସାଗର ରଞ୍ଜନ ସାହୁ, ପିଇଓ ପ୍ରଶାନ୍ତ କୁମାର ସାହୁ ଯୋଗ ଦେଇ ଓଡ଼ିଶା ସରକାରଙ୍କ ଜନହୀତକର ଯୋଜନା ସମ୍ପର୍କରେ କହିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ଓ ଶୀତ ବସ୍ତ୍ର ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ମାଗଣା ଏଲଇଡି ବଲ୍‌ବ ବଣ୍ଟନ କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ପିଠା ବଣ୍ଟନ ଓ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

# ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବିରିଡ଼ି, ୧୬।୨(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଢଙ୍ଗଗଡ଼ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ 'ମୁଁ ହିରୋ, ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯୁବ ବାହିନୀ ସଦସ୍ୟ ମନୋରଞ୍ଜନ ମୁଖୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ ମୁଖ୍ୟଅତିଥି, ଆଇନଜୀବୀ ଅଲେଖ ଚରଣ ବାରିକ ମୁଖ୍ୟବକ୍ତା, ପିଇଓ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ଖେଳ ଶିକ୍ଷକ ସେଖ କଲିମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଫିର୍ଦ୍ଦୋଶ ଖାତୁନ, ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପାଇଥିବା ଅସ୍ମିତା ସାସମଲ ଓ ସାମାଜିକ କର୍ମୀ ଅନିଲ ଜେନାଙ୍କୁ ମୁଁ ହିରୋ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସରୋଜ ରଣା, ଅବିନାଶ ରଣା, ସୁଶୀଲ ଦାସ, ମୁନା ବେହେରା, ହରେକୃଷ୍ଣ ସାହୁ, ସୁଦର୍ଶନ ଭୋଇ ଉପସ୍ଥିତ ଥିଲେ।



ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

# ପାଲା ମାଧ୍ୟମରେ ସଚେତନତା

**ରଘୁନାଥପୁର, ୧୬।୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତରେ ପାଲା ମାଧ୍ୟମରେ କାଳିଆ ଯୋଜନା ସମ୍ପର୍କରେ ଶନିବାର ସଚେତନ କରାଯାଇଛି। ସରପଞ୍ଚ ଶେଷଦେବ ସେଠୀଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ବିଡିଓ ପଞ୍ଚାନନ ପଟ୍ଟାୟତ, ଜିଲା ଅବଜରଭର ରୁଦ୍ର ପ୍ରସନ୍ନ ସାହୁ, ପିଏ ଦେବାଶ୍ରୀତା ପରିଡ଼ା, ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ ଓ ସରୋଜ ରାୟ ପ୍ରମୁଖ ଯୋଗ ଦେଇଥିଲେ। ୪ ଶହ ପରିବାରଙ୍କୁ ମାଗଣାରେ ଏଲଇଡି ବଲବ୍ ପଞ୍ଚାୟତରେ ୨୭ ପୁରୁଣା ଏସ୍ଏଚଜିଙ୍କୁ ମୋବାଇଲ ଫୋନ ପାଇଁ ୩ ହଜାର ଟଙ୍କା ସହାୟତା ଓ ୪୫ ଜଣଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା।



ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।


## CONVENER PG MEDICAL COUNSELING & ADMISSION 2019-20
### NOTICE

**No. 5/PG Cell 2019** **Dt. 14.02.2019**

**No.885-E:-** The PG (Medical) Counseling and Admission Process-2019-20 will be conducted at SCB Medical College, Cuttack. All the PG (Medical) aspirants are requested to be in touch with the website of DMET, Odisha i.e. www.dmetodisha.gov.in in PG Medical/ Dental section.

Sd./-
Convener

10016/11/0055/1819

## +PILES CLINIC+

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916

ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION

DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM

VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## OFFICE OF THE EXECUTIVE ENGINEER RWSS DIVISION, RAIRANGPUR

**INVITATION FOR BIDS**
**E-mail: eerwss_rai@nic.in, eerwss.rai@gmail.com**

### E-PROCUREMENT NOTICE

**IDENTIFICATION No. 45 RWSS/ RRPUR-2018-19/ Dated 14.02.2019**

**No.1697-O:-** The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/ class registered with Central Govt./ Railways.

| | | | |
|---|---|---|---|
| 1. | Nature of work | : | Execution of piped water supply Project on turnkey basis. |
| 2. | No. of tenders | : | 03 (five) Nos. |
| 3. | Period of Completion | : | 180 days to 360 days |
| 4. | Cost of tender | : | Rs. 10000.00 |
| 5. | Estimated cost | : | Rs. 59.76 lakhs to Rs. 130.71 lakhs |
| 6. | Class of Contractor | : | (As mentioned in Tender Call Notice) |
| 7. | Date and time of availability of bid documents in Portal | : | From 9.00 hours of dt. 16.02.19 to 17.00 hours of dt. 02.03.2019. |
| 8. | Receipt of bid cost, bid security, documents | : | On line only. |
| 9. | Date & time of opening of technical bid | : | Dt. 06.03.19 at 11.00 hours onwards. |
| 10. | Other Documents | : | (As mentioned in DTCN). |
| 11. | The bidders have to participate in on-line bidding only. Further details can be seen from the website https://www.tendersodisha.gov.in. | | |
| 12. | Any addendum/ Corrigendum/ Cancellation of tender can also be seen in the said website. | | |
| 13. | ST/SC up to B class contractors only eligible to avail 10% price preference over the general category contractors & have to submit an affidavit to consider such preference for them. | | |

Sd./- Executive Engineer,
RWSS Division, Rairangpur

25010/11/0045/1819

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER
L.I. DIVISION, SAMBALPUR CAMP AT L.I. SUB-DIVISION OFFICE, JHARSUGUDA
e-mail I.D: eeolicsbp@gmail.com

**No.CAD-1426:-** e-Procurement Notice
**Identification No. EEOLICSBP-19/18-19 Dt. 14.02.2019**

| | | | |
|---|---|---|---|
| 01 | Name of work | : | Installation of Khaliamal LIP (DMF Grant) in Jharsuguda District & Tainsaria-II LIP (PVTG village) in Deogarh District. |
| 02 | Estimated cost | : | Rs. 22.00 lakhs to Rs. 23.50 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 10.00 hrs. of 18.02.2019 to 17.00 hrs. of 27.02.2019. |
| 05 | Date & Time of opening of bids | : | 11.00 Hrs. of 28.02.2019 |
| 06 | Name and Address of the officer inviting bid | : | Executive Engineer, L.I. Division, Sambalpur Camp at L.I. Sub-Division, Jharsuguda |

Further details can be seen from the website **www.tendersorissa.gov.in.**

Executive Engineer,
L.I. Division, Sambalpur

32308/11/0027/1819

See Career Appointment on every Wednesday & Saturday

## ODISHA HYDRO POWER CORPORATION LIMITED

OHPC
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581 (0)/232641 (R), Fax: 06861-232541, E-mail< unit.head_balimela@yahoo.com>

REGD. OFFICE: ODISHA HYDRO POWER CORPORATION LIMITED. (A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER, E-MAIL: ohpc.co@gmail.com/ md@ohpcltd.com, WEB: www.ohpcltd.com

**NOTICE INVITING TENDER No:/BHEP/40/2018-19, Dtd- 14.02.2019**

**No.CAD-1430:-** Sealed Tenders are invited in two part basis from the eligible class ("C" or "D") of Contractors/Firms/ Agencies having experience in State/ Central PSU/ Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Group | Description of Services | Estimated Cost | Cost of tender paper (Non-refundable) in Rs. | EMD n shape of DD only (Refundable) in Rs. | Period of availablity of tender documents | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| A | Repair and Maintenance to proposed training hostel (Qr. No. 2RB-42 to 46). | Rs. 2,25,016/- | Rs. 2000/- + (+GST @18%) 360/- = 2360/- | Rs. 2300/- | 16.02.2019 to 26.02.2019 | 26.02.2019 up to 12.00 hrs. | 26.02.2019 at 12.30 hrs. |
| B | Repair of cable trench with replacement of damaged RCC slabs with new RCC slabs from AB-7 to Valve house, BHEP. | Rs. 1,24,190/- | Rs. 600/- + (+GST @18%) 108/- = 708/- | Rs. 1300/- | 16.02.2019 to 27.02.2019 | 27.02.2019 up to 12.00 hrs. | 27.02.2019 at 12.30 hrs. |
| C | Rapair of Power house back side road near canteen & replacement of damaged drain slab near store area (P&C and MSD-III sub-division office), BHEP. | Rs. 1,85,193.00/- | Rs.600/- + (+GST @18%) 108/- = 708/- | Rs. 1900/- | 16.02.2019 to 28.02.2019 | 28.02.2019 up to 12.00 hrs. | 28.02.2019 at 12.30 hrs. |

For details of the tender documents, terms & conditions please visit our website **www.ohpcltd.com**.

04019/11/0113/1819 Sd./- Senior General Manager (Electrical), BHEP, Balimela

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)

OFFICE OF THE EXECUTIVE ENGINEER,L.I. DIVISION, ANGUL, Email ID - eeliangul@gmail.com
e- Tender Notice
Bid Identification No E.E. ANGUL (OLIC) 06/2018-19 Dt. 13.02.2019
No. 999 DATE 13.02.2019

**No.CAD-1434:-** The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects in different Blocks of Angul District as described in the table below, from Civil 'D' / 'C' Class valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energisation of new R.L. Projects and revival of defunct R.L. Projects under percentage wise rate contract on turnkey basis.

1. Name of Works : Installation & Energisation of River Lift Projects with supply of all materials on Turnkey basis.
2. Total Nos. of Packages : 16 Nos
3. Approximate Estimated Cost : Rs. 11.164 Lakh to 26.228 Lakh
4. Class of Contractor : "D", "C" with H.T. License
5. Period of completion : 90 Days from the date of issue of work order.
6. Other details as follows. :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 06/2018-19 | 19.02.2019 10.00 AM | 26.02.2019 Up to 5.00 PM | 23.02.2019 | 27.02.2019 11.00 AM |

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

32327/11/0008/1819 Sd./- Executive Engineer, L.I. Division, Angul

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

| TARIFF | MORE SPACE • SAME PRICE | | | | | | | | *GST 5% Extra |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30Days | | |
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠ୍‌କରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି
ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଜଗତ୍‌ସିଂହପୁର ଅଫିସ/ନାଉଗାଁ,୧୬।୨(ସ୍ୱ.ପ୍ର.)

ଆଖିରେ ଲୁହ ଛଳଛଳ, ତୁଣ୍ଡରେ ଶହୀଦ ଯବାନ ଅମର ରହେ ଧ୍ୱନୀ। ଛୋଟ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ କୋହ। ବୀରପୁତ୍ରକୁ ହରାଇ ଜନ୍ମମାଟି ଶୋକାଭିଭୁତ। ଏଭଳି ଏକ ଭାବବିହ୍ୱଳ ପରିବେଶରେ ଶନିବାର ରାତିରେ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ପାରିଶିଖର ଗ୍ରାମରେ ଅମର ଶହୀଦ ପ୍ରସନ୍ନ ସାହୁଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅପରାହ୍ନରେ ଭୁବନେଶ୍ୱରରେ ତାଙ୍କ ମୃତଦେହ ପହଞ୍ଚିବା ପରେ ଶୋଭାଯାତ୍ରାରେ ନିଜ ଗ୍ରାମକୁ ନିଆଯାଇଥିଲା। ବାଟରେ ବିଭିନ୍ନ ସ୍ଥାନରେ ବହୁ ଲୋକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



# ଛଳଛଳ ଆଖିରେ ଶହୀଦଙ୍କୁ ସଲାମ୍



ଜଗତ୍‌ସିଂହପୁର ବଜାରଠାରେ ଶହୀଦଙ୍କ ଶେଷ ଦର୍ଶନ ପାଇଁ ଉପସ୍ଥିତ ଲୋକମାନେ।

## ରାସ୍ତା ଜନସମୁଦ୍ର, ଟ୍ରାଫିକ୍ ଜାମ୍

ଶହୀଦ ପ୍ରସନ୍ନଙ୍କ ମରଶରୀର ଶୋଭାଯାତ୍ରାରେ ନିଆଯିବାବେଳେ ଜଗତ୍‌ସିଂହପୁର ଜିଲା ଆରମ୍ଭରୁ ରାସ୍ତାସାରା ଜନସମୁଦ୍ର ସୃଷ୍ଟି ହୋଇଥିଲା। ଜିଲା ସୀମା ଆରମ୍ଭରୁ ଜନ୍ମମାଟି ପର୍ଯ୍ୟନ୍ତ ଶୋଭାଯାତ୍ରା ଯିବାକୁ ପ୍ରାୟ ୬ ଘଣ୍ଟା ଲାଗିଥିଲା। ବିରିଡ଼ି, ଅଣଖିଆ, ତରିକୁନ୍ଦ, ନୂଆପୋଲ, ଜଗତ୍‌ସିଂହପୁର, ଢିଅସାହି, ନାଉଗାଁ ଓ ଶିଖର ଆଦି ରାସ୍ତାରେ ଲୋକେ ଅପରାହ୍ନ ୨ଟାରୁ ତାଙ୍କୁ ଅପେକ୍ଷା କରି ରହିଥିଲେ। ଯେତିକି ବିଳମ୍ବ ହେଉଥିଲା ଲୋକଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ପ୍ରକାଶ ପାଉଥିଲା। ସ୍ଥାନୀୟ ଚାରିପଲିଆରୁ ଜଗତ୍‌ସିଂହପୁର ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ଯିବାକୁ ୧ ଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ବିଭିନ୍ନ ସାମାଜିକ ସଙ୍ଗଠନ, ଯୁବକ ସଙ୍ଗଠନ ପକ୍ଷରୁ ସହରରେ ବାଇକ୍, ମହମବତୀ ଶୋଭାଯାତ୍ର କରାଯାଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡିଥିଲା।

## ବାପାଙ୍କ ପାଇଁ ଆମେ ଗର୍ବିତ

ପ୍ରସନ୍ନଙ୍କ ଶହୀଦ ହେବା ଖବର ପାଇବା ପରଠାରୁ ପରିବାର ଲୋକେ ସ୍ତବ୍ଧ ହୋଇଯାଇଛନ୍ତି। ସ୍ତ୍ରୀ ମୀନା ଓ ୨ ପିଲାଙ୍କ ଆଖିରୁ ଲୁହ ଶୁଖୁନାହିଁ। ପ୍ରସନ୍ନଙ୍କ ଶହୀଦ ହେବା କଥାକୁ ସେମାନେ ଏବେ ମଧ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି। ତଥାପି କୋହଭରା କଣ୍ଠରେ ତାଙ୍କ ଝିଅ ରୁନି କହିଛନ୍ତି ଯେ, ଦେଶ ପାଇଁ ବାପା ଜୀବନ ଦେଇଥିବାରୁ ଆମେ ସମସ୍ତେ ତାଙ୍କ ପାଇଁ ଗର୍ବିତ।



ଶହୀଦଙ୍କ ମରଶରୀର ଶୋଭାଯାତ୍ରାରେ ସାମିଲ ହୋଇଥିବା ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।



## ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି

ଶହୀଦ ପ୍ରସନ୍ନ ସାହୁଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ଜନ୍ମମାଟି ପାରିଶିଖରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ, ଜିଲାପାଳ ପୁନମ ଗୁହା ତାପସ କୁମାର, ଏସ୍‌ପି ପ୍ରକାଶ ଆର, ନାଉଗାଁ ବିଡିଓ ରଶ୍ମିରେଖା ମଲ୍ଲିକ, ଥାନା ଅଧିକାରୀ ପ୍ରଜ୍ଞାରିତାମ୍ବର କର ପ୍ରମୁଖ ସାମିଲ ହୋଇଥିଲେ। ଜିଲାର ବହୁ ବିଶିଷ୍ଟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନାଗରିକମାନେ ତାଙ୍କୁ ବାଟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜଗତ୍‌ସିଂହପୁର ସହରରେ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରଘୁନନ୍ଦନ ଦାଶ, ନିର୍ମଳ ସ୍ୱାଇଁ, ରମାକାନ୍ତ ଭୋଇ, ଉପେନ୍ଦ୍ର ବିଶ୍ୱାଳ, ଜିଲା ଉପସଭାପତି ସୌଭାଗ୍ୟ ମହାନ୍ତିଙ୍କ ସମେତ କଂଗ୍ରେସ ନେତାମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳୁନି ଚୁଲି, ପେଟକୁ ଯାଉନି ଦାନା

ଅମର ଯବାନ ପ୍ରସନ୍ନ ସାହୁଙ୍କ ଶହୀଦ ହେବା ଖବର ପହଞ୍ଚିବା ପରଠାରୁ ତାଙ୍କ ଜନ୍ମମାଟି ପାରିଶିଖର ସ୍ତବ୍ଧ ହୋଇପଡିଛି। ୨ ଦିନ ହେଲା ଗ୍ରାମରେ ଚୁଲି ଜଳିନି। ଆବାଳ ବୃଦ୍ଧ ବନିତା ସମସ୍ତେ ଚାହିଁ ରହିଥିଲେ ପ୍ରସନ୍ନଙ୍କ ପାର୍ଥିବ ଶରୀରକୁ। ପରିବାର ଲୋକ, ସମ୍ପର୍କୀୟ, ସାଙ୍ଗସାଥି ସମସ୍ତଙ୍କ ଆଖିରେ ଲୁହ। ପେଟକୁ ଦାନା ଯାଉନି। ଶୂନ୍‌ଶାନ ପରିବେଶ। କାହାରି ପାଟିରୁ କଥା ବାହାରୁନି। ପ୍ରସନ୍ନଙ୍କ ପାର୍ଥିବ ଶରୀର ଗ୍ରାମରେ ପହଞ୍ଚିବା ପରେ କାନ୍ଦବୋବାଳିଆରେ ଫାଟି ପଡ଼ିଥିଲା ଗାଁ। ଶେଷଦର୍ଶନ କରିବାକୁ ସୃଷ୍ଟି ହୋଇଥିଲା ଜନସମୁଦ୍ର। ଶହୀଦ ପ୍ରସନ୍ନ ସାହୁ ଅମର ରହେ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇପଡିଥିଲା।

## ପରିବାରକୁ ସମବେଦନାର ସୁଅ

ପ୍ରସନ୍ନଙ୍କ ଗାଁ ପାରିଶିଖରରେ ୨ ଦିନ ହେଲା ରାଜନେତା, ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀଙ୍କ ଭିଡ଼ ଲାଗିଛି। ସମସ୍ତେ ତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଉଛନ୍ତି। ଶନିବାର ପୁରୀ ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବାଲିକୁଦା ବିଧାୟକ ପ୍ରଶାନ୍ତ ମୁଦୁଲି, ନାଉଗାଁ ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧ୍ୟକ୍ଷ ଲିଙ୍ଗରାଜ ସ୍ୱାଇଁ, ଯୁବନେତା ପ୍ରଦୀପ୍ତ ସ୍ୱାଇଁ, ଏମ୍‌ପି କୁଳମଣୀ ସାମଲ ପ୍ରମୁଖ ପ୍ରସନ୍ନଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ସରକାରୀ ଚାକିରି ଦାବି

ପ୍ରସନ୍ନ ଥିଲେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କର ଅନ୍ୟ ୨ ଭାଇ ଚାଷବାସ କରି ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ପ୍ରସନ୍ନ ହିଁ ପରିବାରର ଆର୍ଥିକ ବୋଝ ସମ୍ଭାଳୁଥିଲେ। ତାଙ୍କ ଝିଅ ରୁନି ଯୁକ୍ତ ୩ ବାଣିଜ୍ୟ ବିଭାଗ ୨ୟ ବର୍ଷରେ ପଢୁଥିବାବେଳେ ପୁଅ ଜଗନ ଯୁକ୍ତ ୨ ବିଜ୍ଞାନ ପଢୁଛନ୍ତି। ତେଣୁ ଆର୍ଥିକ ବୋଝ ସମ୍ଭାଳିବା ପାଇଁ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବାକୁ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଯୁବନେତା ପ୍ରଦୀପ୍ତ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ତିର୍ତ୍ତୋଲ ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।



ନାଉଗାଁରେ ଯୁବକ ସଂଘର ଶ୍ରଦ୍ଧାଞ୍ଜଳି।




## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶହୀଦଙ୍କ ଶେଷକୃତ୍ୟ ସମ୍ପନ୍ନ

ଜମ୍ମୁ-କଶ୍ମୀରର ପୁଲଓ୍ୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ବୀର ଯବାନ ପ୍ରସନ୍ନ ସାହୁ (୪୬)ଙ୍କ ଶେଷକୃତ୍ୟ ଶନିବାର ଜନ୍ମମାଟି ଜଗତ୍‌ସିଂହପୁର ଜିଲା ନାଉଗାଁର ପାରିଶିଖର ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ଗାଁରେ ପ୍ରସନ୍ନଙ୍କ ମରଶରୀର ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ତ୍ରୀ ମୀନା, ଝିଅ ରୁନି ଓ ପୁଅ ଜଗନଙ୍କ ଅବସ୍ଥା ଅସମ୍ଭାଳ ହୋଇପଡିଥିଲା। ସେମାନଙ୍କୁ ନିୟନ୍ତ୍ରଣ କରିବା ଉପସ୍ଥିତ ପରିବାର ସଦସ୍ୟ ଓ ଗାଁ ଲୋକଙ୍କ ପକ୍ଷରେ ସହଜ ନ ଥିଲା। ପରେ ମରଶରୀର ଦେବୀ ନଦୀ ପଠା ଶ୍ମଶାନକୁ ନିଆଯାଇଥିଲା। ସେଠାରେ ଗାର୍ଡ ଅଫ ଅନର୍ ଓ ତୋପସଲାମୀ ପରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଜଗନ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଶହସ୍ରାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ନେତା ଉମେଶ ସ୍ୱାଇଁ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଏମ୍‌ପି କୁଳମଣୀ ସାମଲ, ଜିଲାପାଳ ଗୁହା ପୁନମ ତାପସ କୁମାର, ଏସ୍‌ପି ପ୍ରକାଶ ଆର୍, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ପ୍ରଶାସନିକ ଓ ପୋଲିସ ଅଧିକାରୀ ସେଠାରେ ରହି ଶହୀଦଙ୍କ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

## ଯେଉଁଠି ଖେଳୁଥିଲେ, ସେଇଠି ଜଳିଲା ଜୁଇ

ପାରିଶିଖର ଗାଁଟି ଦେବୀ ନଦୀକୂଳରେ ରହିଛି। ଏହି ନଦୀପଠାରେ ପ୍ରସନ୍ନ ପିଲାଟି ଦିନୁ ସାଙ୍ଗସାଥୀଙ୍କ ସହ ଖେଳୁଥିଲେ। ଏପରିକି ଚାକିରିରୁ ଛୁଟିରେ ଆସିଲେ ବନ୍ଧୁମାନଙ୍କ ସହ ନଦୀ କୂଳ ଆଡେ ବୁଲାବୁଲି କରୁଥିଲେ। ନଦୀ ପଠାରେ ସନ୍ଧ୍ୟାରେ ଖଟି ଜମୁଥିଲା। ନଦୀରୁ ମାଛ ଧରିବା, ପହଁରା ଶିଖିବା ଆଦି କଥା ମନେପକାଇ ତାଙ୍କ ବନ୍ଧୁମାନେ ପ୍ରସନ୍ନଙ୍କୁ ଝୁରି ହେଉଛନ୍ତି। ଆଜି ସେହି ନଦୀପଠାରେ ଜଳିଛି ପ୍ରସନ୍ନଙ୍କ ଜୁଇ।



## ପାକିସ୍ତାନକୁ ଦିଆଯାଉ ଦୃଢ଼ ଜବାବ

ସମସ୍ତଙ୍କ ଆଖି ଛଳଛଳ, କିନ୍ତୁ ମୁହଁରେ ବୀରର ହୁଙ୍କାର। ଗୋଟିଏ ସ୍ୱର ପାକିସ୍ତାନ ମୁର୍ଦାବାଦ ଶ୍ଳୋଗାନରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଯାଇଥିଲା। ଯେଉଁଭଳି ଭାବେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ଦେଶର ୪୪ ଜଣ ବୀର ଯବାନ ଶହୀଦ ହେଲେ, ତାହାକୁ ସବୁ ମହଲରେ ତୀବ୍ର ସମାଲୋଚନା କରାଯାଉଛି। ପାକିସ୍ତାନକୁ ଏଭଳି ଆକ୍ରମଣର ଜବାବ ଦେବାକୁ ଉପସ୍ଥିତ ଜନସାଧାରଣ ଦାବି କରିଛନ୍ତି।



ନାଉଗାଁରେ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।




ପାରାଦୀପରେ ଶହୀଦଙ୍କ ଉଦ୍ଦେଶ୍ୟରେ ହୋଇଥିବା ଶୋଭାଯାତ୍ରା।



ତିର୍ତ୍ତୋଲରେ ସମୂହ ଦୀପଦାନ କରାଯାଉଛି।

## ନିର୍ମାଣ କରାଯାଉ ସ୍ମୃତିସ୍ତମ୍ଭ

ଶହୀଦ ପ୍ରସନ୍ନ ସାହୁଙ୍କ ଶେଷକୃତ୍ୟ ଯେଉଁ ଶ୍ମଶାନରେ ସମ୍ପନ୍ନ ହେଲା ତାହା ହେଉଛି ଦେବୀ ନଦୀପଠା। ଏହି ପଠାଟି ଜଗତ୍‌ସିଂହପୁର, ପୁରୀ, କଟକ ଜିଲାର ସଙ୍ଗମସ୍ଥଳ। ଏଠାରେ ପ୍ରସନ୍ନଙ୍କର ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ, ଜନସାଧାରଣ ଦାବି କରିଛନ୍ତି।

# ସ୍ମାର୍ଟଫୋନ୍ ଆପ୍ସ



ଯୁଗ ବଦଳିବା ସହ ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି ପରିବର୍ତ୍ତନ। ବିଶେଷଭାବରେ ଇନ୍‌ଫର୍ମେଶନ ଆଣ୍ଡ ଟେକ୍ନୋଲୋଜି ବେଶ୍ ଆଗକୁ ଆଗେଇ ସାରିଲାଣି, ଫଳରେ ବିଶାଳ ପୃଥିବୀ ସଙ୍କୁଚିତ ମନେହେଉଛି। ବର୍ତ୍ତମାନର ଯୁବପିଢ଼ି ଏବଂ ଇଲେକଟ୍ରୋନିକ ଗାଜେଟ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି କହିପାରନ୍ତି। ଏବେ ସ୍ମାର୍ଟଫୋନ୍‌ର ବ୍ୟବହାର ବହୁଳ ହେବାରେ ଲାଗିଛି। ଏଥିରେ କେବଳ କଥାବାର୍ତ୍ତା ନୁହେଁ ଅନେକ ବ୍ୟକ୍ତିଗତ ତଥ୍ୟକୁ ମଧ୍ୟ ରଖିହେଉଛି। ହେଲେ ଏପରି ଆପ୍ସ ବ୍ୟବହାର କରିବା ସମୟରେ ଆମକୁ କେତୋଟି ବିଷୟ ପ୍ରତି ସଜାଗ ରହିବାକୁ ପଡ଼ିବ । ଜାଣନ୍ତୁ ସେ ସମ୍ପର୍କରେ...



ଯଦି ଆପଣ ବିନା ଚେକ୍ କରି କୌଣସି ଆପ୍ ବ୍ୟବହାର କରୁଛନ୍ତି, ତେବେ ସାବଧାନ ହୋଇଯାଆନ୍ତୁ, କାହିଁକି ନା ଏହାଦ୍ୱାରା ଆପଣଙ୍କ ପର୍ସନାଲ ଡାଟା ଡିଲିଟ ଏପରି କି ଚୋରି ହେବାର ସମ୍ଭାବନା ରହିଛି। ଏମିତି କିଛି ଆପ୍ସ ଅଛି, ଯାହାକୁ ଆଧାର କରି ଆପଣଙ୍କ ବ୍ୟକ୍ତିଗତ ତଥ୍ୟ ଲିକ୍ ହୋଇପାରେ। ତେଣୁ ଆପ୍ସ ବ୍ୟବହାର ବେଳେ ସତର୍କ ରହିବା ନିହାତି ଜରୁରୀ। ସାଧାରଣତଃ କୌଣସି ଆପ୍ସର ଆବଶ୍ୟକତା ପଡିଲେ ତାହାକୁ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିଥାଉ ଏବଂ ତାକୁ ବ୍ୟବହାରରେ ଲଗାଇଥାଉ। ଏମିତି ବି ହୋଇପାରେ ଆପଣ କୌଣସି ଫେକ୍ ଆପ୍ ବ୍ୟବହାର କରୁଛନ୍ତି, ତା' ବିଷୟରେ ସବିଶେଷ ତଥ୍ୟ ଜାଣିନାହାନ୍ତି, ତେବେ ଏଭଳି କେତେକ ଆପ୍ସ ଆପଣଙ୍କର ପର୍ସନାଲ ଇନ୍‌ଫରମେଶନ୍ ଡିଲିଟ୍ କରିପାରେ। ଏଥିପାଇଁ ଏହି ଆପ୍‌ରୁ ସତର୍କ ରହିବା ବହୁତ ଜରୁରୀ। ସେପରି କେତୋଟି ଆପ୍ସ ସମ୍ପର୍କରେ ସୂଚନା..



ବିକ୍ରମ



ଅଭିନାଶ

**ଫାଇଲ ଟ୍ରାନ୍ସପର ପ୍ରୋ:** ଫାଇଲ ଟ୍ରାନ୍ସପର ପ୍ରୋ ନାମକ ଆପ୍‌ଟି ଶେୟାର ଇଟ୍ ଆପ୍ ଭଳି କାମ କରିଥାଏ। ଏହି ଆପ୍ସ ଆପଣଙ୍କ ଡାଟାବି ଚୋରି ହୋଇପାରେ, ଏହାକୁ ମଧ୍ୟ ଅଲଗା ଉପାୟରେ ବ୍ୟବହାର କରାଯାଇପାରେ। ସିକ୍ୟୁରିଟି ଫର୍ମ ଚେକ୍‌ପଏଣ୍ଟ ଏହି ଆପ୍‌କୁ ମାଲୱେର ସହ ପ୍ରଭାବିତ ବୋଲି ଜଣାପଡ଼ିଛି।

**ବ୍ରାଇଟେଷ୍ଟ ଏଲ୍‌ଇଡି ଫ୍ଲାଶ ଲାଇଟ୍ ଟର୍ଚ୍ଚ:** ଏହି ଆପ୍ କୌଣସି ଡିଟେକ୍ଟିଭ୍‌ଠୁ କମ୍ ନୁହେଁ। ଏହା ୟୁଜର୍ସର ପଛରେ ଗୋଇନ୍ଦା ଭଳି ପଡିଯାଇଥାଏ। ଏହା ଏକ ସାଇଲେଣ୍ଟ କିଲର ପରି, ଯାହା ଭିତରେ ଭିତରେ ଏତେ କ୍ଷତି କରେ ଯେ ତାହା ବାହାରକୁ ସହଜରେ ଜଣାପଡି ନ ଥାଏ। ଜାସୁସି କାମ କରିଥାଏ। ତେଣୁ ଏଭଳି ଆପ୍ସ କେବେହେଲେ ଫୋନ୍‌ରେ ଡାଉନ୍‌ଲୋଡ୍ କରନ୍ତୁ ନାହିଁ। ଯଦି କରିଛନ୍ତି ତେବେ ତୁରନ୍ତ ଡିଲିଟ୍ କରିଦିଅନ୍ତୁ।

**କଲ ରେକର୍ଡର:** ଅଧିକାଂଶ ୟୁଜର୍ସ ତାଙ୍କ ମୋବାଇଲ୍‌ରେ ତାଙ୍କୁ ଆସୁଥିବା କଲଗୁଡିକର ଫୋନ୍ ରେକର୍ଡିଂ ପାଇଁ ବ୍ୟବହାର କରିଥାନ୍ତି। କିନ୍ତୁ ଏହି ଆପ୍ ବି ଆପଣଙ୍କ ବ୍ୟକ୍ତିଗତ ସମ୍ବନ୍ଧୀୟ ତଥ୍ୟକୁ ଥାର୍ଡ ପାର୍ଟିକୁ ମଧ୍ୟ ଶେୟାର କରିବାର ସମ୍ଭାବନା ରହିଛି। ଏଥିଲାଗି ଏହି ଆପ୍ସକୁ ଡାଉନ୍‌ଲୋଡ୍ ନ କରିବା ହିଁ ଭଲ ହେବ।

**ସ୍ମାର୍ଟ ସ୍ୱାଇପ୍ ଆପ୍ :** ଏହି ଆପ୍ ସହାୟତାରେ ଫେବରେଟ୍ ଆପ୍ସ,ସେଟିଙ୍ଗ୍ସ ଆଦିକୁ ଖୁବ୍ ସହଜରେ ଆକ୍ସେସ୍ କରିପାରନ୍ତି। ଏହାଦ୍ୱାରା ମଧ୍ୟ ପର୍ସନାଲ ଡାଟାକୁ ଖୁବ୍ ସହଜରେ ଚୋରି ହୋଇପାରେ।

**ଫ୍ରି ୱାଇଫାଇ ପ୍ରୋ :** ଏହି ଆପ୍ ଜରିଆରେ ୱାଇଫାଇ ମିଳିଥାଏ। କିନ୍ତୁ ଏହି ଆପ୍ସ ଜରିଆରେ ହ୍ୟାକିଙ୍ଗର ବି ରିସ୍କ ଅଧିକ ରହିଛି। ଏଥିଲାଗି ମୋବାଇଲ୍‌ରୁ ଏହି ଆପ୍ସକୁ ଡିଲିଟ୍ କରିଦିଅନ୍ତୁ।



**ମାଲୱେର ଆପ୍:** ଭାରତରେ ଅତି କମ୍‌ରେ ୪୦ ପ୍ରତିଶତ ଲୋକଙ୍କ ମୋବାଇଲ୍‌ରେ ଏହି ଆପ୍ ରହିଛି । ଏହା ପର୍ସନାଲ ଡାଟା ପ୍ରଭାବିତ କରିବା ସହିତ ଫାଷ୍ଟ ପେମେଣ୍ଟ ଅପସନ୍ ମଧ୍ୟ ରହିଛି, ଯାହାକୁ ଠିକ୍ ଭାବରେ ବ୍ୟବହାର ନ କଲେ ଅଯଥାରେ ଆକାଉଣ୍ଟରୁ ଟଙ୍କା କଟିବାର ସମ୍ଭାବନା ରହିଛି।

ଯେତେବେଳେ ବି ଯେଉଁ ଆପ୍ ଡାଉନ୍‌ଲୋଡ୍ କରୁଛନ୍ତି, ପ୍ରଥମେ ଏହା ଦେଖନ୍ତୁ ଯେ, ଏହି ଆପ୍ସ କେଉଁ କମ୍ପାନୀ ଲଞ୍ଚ କରୁଛି ତାକୁ ନଜରରେ ରଖନ୍ତୁ।

–ଯେଉଁ ଆପ୍ସ ଲାଗୁଛି କିଛି ଅସୁବିଧା ହେଉଛି ତେବେ ତାକୁ ଡାଉନ୍‌ଲୋଡ୍ କରନ୍ତୁ ନାହିଁ।

–ପ୍ଲେ ଷ୍ଟୋରରେ ଗୋଟିଏ ନାମରେ କେତୋଟି ଆପ୍ସ ଦେଖିବାକୁ ମିଳେ । ହେଲେ ଏଥିରେ ମାତ୍ର ସ୍ପେଲିଙ୍ଗ ଟିକେ ଏପଟ ସେପଟ ଥାଏ।

–ଆପ୍ସ ଡାଉନ୍‌ଲୋଡ୍ କରୁଥିବା ସମୟରେ ଲାଷ୍ଟ ଅପଡେଟ୍ କେବେ ହୋଇଥିଲା ଦେଖି ଦିଅନ୍ତୁ।

–ଆପଣଙ୍କ ସ୍ମାର୍ଟଫୋନ୍‌କୁ ଖୋଲିବା ପାଇଁ ସବୁବେଳେ ପାସୱାର୍ଡ ବ୍ୟବହାର କରନ୍ତୁ।

–ଫୋନ୍‌ରେ ସବୁବେଳେ ଚେକ୍ କରୁଥାନ୍ତୁ ଯେ କିଛି ନୂଆ ଆଇକନ୍ ଦେଖା ଯାଉନି ତ ?

–ଯେଉଁ ଆପ୍ସକୁ ଉପରେ ଟିକେ ଡାଉଟ୍ ଲାଗୁଛି ତାକୁ ତୁରନ୍ତ ଅନ୍‌ଇନ୍‌ଷ୍ଟଲ କରି ଦିଅନ୍ତୁ।



## ଏମାନେ କ'ଣ କରନ୍ତି

**ମୋର ଯେତିକି ଦରକାର ସେତିକି ଆପ୍ସ ବ୍ୟବହାର କରେ: ବିକ୍ରମ ସାମଲ** (ଦ୍ୱିତୀୟବର୍ଷ, କମ୍ପ୍ୟୁଟର ସାଇନ୍ସ, ମହାବୀର କଲେଜ, ଖୋର୍ଦ୍ଧା)–

ମୁଁ ପ୍ରାୟ ହ୍ୱାଟ୍ସଆପ୍ ଆପ୍ ବ୍ୟବହାର କରେ। ସେଥିରେ ମୋ ସାଙ୍ଗ ମାନଙ୍କ ସହ ଚାଟ୍ କରେ,ଫେସବୁକ୍, ସହ ଇନ୍‌ଷ୍ଟାଗ୍ରାମ୍ ଆପ୍ ବ୍ୟବହାର କରେ ଯେଉଁଥିରେ ସାଙ୍ଗମାନଙ୍କ ସହ ଫଟୋ ଉଠାଇବାକୁ ଭଲ ଲାଗେ। ଏହା ବ୍ୟତୀତ ଆଉକିଛି ଆଡୁସାଡୁ ଆପ୍ ବ୍ୟବହାର କରେନି। କାରଣ ଅଯଥା ଆପ୍ ମୋବାଇଲ୍‌ରେ ରଖେନି ଏହା ମୋବାଇଲ୍‌ର ସ୍ପେଶ ନେଇଥାଏ।

**କେବଳ ବିଜ୍‌ନେସ୍ ଓ ହେଲ୍‌ଥ ରିଲେଟେଡ୍ ଆପ୍ସ ଡାଉନ୍‌ଲୋଡ୍ କରେ: ଅଭିନାଶ ମହାନ୍ତି** (ହୋଟେଲ ମ୍ୟାନେଜର୍, ପୁରୀ) –

ମୁଁ ଯେହେତୁ ହୋଟେଲ୍ ଲାଇନ୍‌ରେ କାମ କରେ ତେଣୁ ସେହି ରିଲେଟେଡ୍ କିଛି ଆପ୍ସ ଯେମିତିକି ଇନ୍ ଗୋଆଇବିବୋ, କାମ୍ସ ସ୍କାନର୍, ଫୋନ୍ ପେ, ଗୁଗୁଲ୍ ପେର ବ୍ୟବହାର ମୁଁ କରିଥାଏ। କାରଣ କଷ୍ଟମର୍ ବୁକିଂ, ଆଇଡି ପ୍ରୁଫ୍ ସ୍କାନ ତଥା ଟଙ୍କା ଦେଣନେଣ ପାଇଁ ଏ ସମସ୍ତ ଆପ୍ସ ମୋତେ ବହୁତ ସାହାଯ୍ୟ କରେ। ଯେଉଁଠି ଥିଲେ ବି ଏହି ଆପ୍ସଗୁଡ଼ିକ ସାହାଯ୍ୟରେ ମୁଁ ମୋ କାମ ସୁବିଧାରେ କରିପାରେ। ସେହିପରି ହେଲ୍‌ଥ ରିଲେଟେଡ୍ କିଛି ଆପ୍ସ ବି ମୁଁ ଡାଉନ୍‌ଲୋଡ୍ କରିଛି। ଯେମିତିକି ଯେ ଫିଟ୍,ହେଲ୍‌ଦିଫାଇମି, ୱାଟର୍ ଡ୍ରିଙ୍କ୍ ରିମାଇଣ୍ଡର ଇତ୍ୟାଦି। ଏହି ସବୁ ଆପ୍ସରେ ବ୍ୟାୟାମ ଓ ଖାଦ୍ୟପେୟକୁ ନେଇ ଅନେକ କିଛି ଟିପ୍ସ ଦିଆଯାଇଥାଏ, ଯାହାକୁ ଅନୁକରଣ କରି ମୁଁ ଅନେକ ଫାଇଦା ବି ପାଇଲିଣି। ମୁଁ କେବେ ବି ଅଯଥା ଆପ୍ସ ଡାଉନ୍‌ଲୋଡ୍ କରେନି। ମୋର ଯେଉଁ ଅତ୍ୟାବଶ୍ୟକ ଆପ୍ସ ଦରକାର କେବଳ ସେୟାକୁ ଡାଉନ୍‌ଲୋଡ୍ କରେ ଆଉ ତାକୁ ହିଁ ବ୍ୟବହାର କରେ।

–ମହାଶ୍ୱେତା

## ଏ ସପ୍ତାହର ପ୍ରଶ୍ନ

୧– ୧୦୦ଟି ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳିଥିବା ପ୍ରଥମ ଏସୀୟ ମହିଳା ଖେଳାଳି .... ?

୨–ପୃଥିବୀପୃଷ୍ଠର ସବୁଠୁ ଗଭୀରତମ ସ୍ଥାନ.... ?

୩– ସର୍ବପ୍ରଥମ ଅଲିମ୍ପିକ୍........ ଠାରେ ଆୟୋଜିତ ହୋଇଥିଲା ?

୪– 'ହାଓ ଇଣ୍ଡିଆ ସି ଦ ୱାର୍ଲ୍ଡ' ପୁସ୍ତକର ଲେଖକ..... ?

୫– ବ୍ରିଟିଶ୍ କମ୍ପାନୀ ଭାରତର........ ସହରରେ ସର୍ବପ୍ରଥମେ କାରଖାନା ପ୍ରତିଷ୍ଠା କରିଥିଲା ?

## ଗତ ସପ୍ତାହର ଉତ୍ତର

୧ ସାନା ମୀର୍

୨ ମାରିଆନା ଟ୍ରେଞ୍ଚ

୩ ଗ୍ରୀସ୍‌ର ଏଥେନ୍ସ

୪ ଶ୍ୟାମ୍ ସରନ୍

୫ ସୁରଟ

## ଉତ୍ତରଦାତା



ସୁସ୍ମିତା ଦାସ
ଗୌତମ ନଗର , ଭୁବନେଶ୍ୱର



ରେସ୍ମାରାଣୀ ନାୟକ
ନାଉଗାଁ, ଜଗତ୍‌ସିଂହପୁର

**ବି:ଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ 10

### ୨୦୧୮ରେ ସର୍ବାଧିକ ପାରିଶ୍ରମିକ ନେଇଥିବା ଅଭିନେତ୍ରୀ

୧– ସ୍କାର୍‌ଲେଟ୍ ଜନ୍‌ସନ୍.........................୪୦.୫ ମିଲିଅନ୍ ଡଲାର

୨– ଆଞ୍ଜେଲିନା ଜୋଲି.........................୨୮ ମିଲିଅନ୍ ଡଲାର

୩– ଜେନିଫର ଆନିଷ୍ଟନ୍......................... ୧୯.୫ ମିଲିଅନ୍ ଡଲାର

୪– ଜେନିଫର ଲରେନ୍ସ ......................... ୧୮ ମିଲିଅନ୍ ଡଲାର

୫– ରିଜ୍ ୱିଦର୍‌ସ୍ପୁନ୍.............................. ୧୬.୫ ମିଲିଅନ୍ ଡଲାର

୬– ମିଲା କ୍ୟୁନିସ୍ .............................. ୧୬ ମିଲିଅନ୍ ଡଲାର

୭– ଜୁଲିଆ ରୋବର୍ଟ୍ସ ........................... ୧୩ ମିଲିଅନ୍ ଡଲାର

୮– କେଟ୍ ବ୍ଲାଞ୍ଚେଟ୍ .............................. ୧୨.୫ ମିଲିଅନ୍ ଡଲାର

୯– ମେଲିସା ମ୍ୟାକ୍ କାର୍ଥୀ....................... ୧୨ ମିଲିଅନ୍ ଡଲାର

୧୦– ଗାଲ୍ ଗ୍ୟାଡଟ୍ ............................ ୧୦ ମିଲିଅନ୍ ଡଲାର



ଆଞ୍ଜେଲିନା ଜୋଲି


# OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA
## DISTRICT PROGRAMME MANAGEMENT UNIT
## NATIONAL HEALTH MISSION
E-mail: dpmunrhmrayagada@gmail.com, Phone: 06856-235357

No.: 1319/NHM/2019 Date: 15.2.19

### TENDER CALL NOTICE

No.: 887-E: Sealed tenders were invited from the reigstered contractors (D & C Class) of P.W.D./Water Resources/R.D./PHD Govt. of Orissa/C.P.W.D. Contractors for the following works to be eventually drawn up in P.W.D. P1 forms in conformity with the Detailed Tender Call Notice.

| Sl. No. | Name of the Work | Approximate Estimated Cost (Rs.) Excluding GST | Cost of Tender Paper (Non-refundable) (In Rs.) | E.M.D. Required @ 1% (In Rs.) | Time for Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Repair and renovation of IPD at CHC, Muniguda | 10,15,701.00 | 6000.00 | 10157.00 | Six Calendar Months |
| 2 | Repair and renovation of OT at CHC, Muniguda | 5,57,769.00 | 4000.00 | 5577.00 | Two Calendar Months |
| 3 | Construction of Maa Gruha Building at Sahada PHC(N) | 7,61,173.00 | 4000.00 | 7611.00 | Two Calendar Months |
| 4 | Construction of Labour room at Sahada PHC(N) | 12,06,435.00 | 6000.00 | 12064.00 | Six Calendar Months |
| 5 | Repair and renovation of IPD at PHC(N), Khambesi | 2,52,170.00 | 2000.00 | 2521.00 | Two Calendar Months |
| 6 | New Construction of OPD & LR at PHC(N), Khambesi | 14,25,764.00 | 6000.00 | 14257.00 | Six Calendar Months |

The tender document can be obtained from O/o. CDM & PHO, Rayagada on payment of the cost of the tender paper (Non-refundable) in shape of DD drawn in favour of CDM & PHO, Rayagada payabale at any Nationalized Bank at Rayagada during office hours (10 A.M. to 5 P.M.) from **15.02.2019 to 25.02.2019** on working day only. The tender paper duly signed by the contractor should be accompanied with the attested copies of valid contract licnese. GST Clearance Certificate, PAN Card and requistie EMD or N.S.C./P.O.T.D./Kissan Vikash Patra/P.O.S.B. Account/TDR of any Nationalized Bank duly pledge in favour of Chief District Medical & Public Health Officer, Rayagada. The tender paper without required amount of E.M.D. will not be considered and transfer or adjustment of E.M.D. is also not permissible. The bid document will be selling and recieved from **Dt. 15.02.2019 to 25.02.2019** till 05.00 P.M. at Office of Chief District Medical & Public Health Office, Rayagada through Regd. Post/Speed Post/Courier. The envelope containing the bid documents must be super scribed as "BID FOR THE CIVIL WORK UNDER NHM FOR THE ABOVE MENTIONED CONCERN WORKS". The tender will be opened on Dt.26.02.2019 at 05.00 P.M. at the Office Chamber of CDM & PHO cum District Mission Director, Rayagada in presence of the tenderers or their authorised representatives. The tenderer are required to furnish an affidavit about the authenticity of the tender documents along with the tender paper. The tender without the above documents and EMD will be rejected. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the right to reject any or all tenders without assigning any reason thereof.

**Sd./- Dr. Siba Prasad Padhi**
**Chief District Medical & Public Health Officer**
**cum District Mission Director, Rayagada**

10035/11/0032/1819

See Career Appointment on every Wednesday & Saturday

OFFICE OF THE PANCHAYAT SAMITI
LAXMIPUR, DIST-KORAPUT

No.: 337/19 Date: 15.02.2019

### TENDER CALL NOTICE

Sealed tenders are invited from intended registered contractor for execution of 03 (three) number of construction work under Panchayat Samiti, Laxmipur. The terms and conditions of the tender call notice can be obtained from the official website of Koraput distirct **www.koraput.nic.in** & DRDA website: **drdakoraput.org**. The last date and time of receipt of Tender paper is 25.02.2019 during office hours only.

**Sd./- Block Development Officer, Laxmipur**

# DRDA, MAYURBHANJ

No.1553 / DRDA (M) Dt.15.02.2019

### QUOTATION CALL NOTICE

Sealed quotations are invited from interested reputed Suppliers / Dealers / Firms / Agencies for supply of Computer consumable items for **DRDA** office, Mayurbhanj for the **year 2018-19 & 2019-20.** The last date & time for receipt of quotation : **by 1.00 PM. of 25.02.2019.** Details available in District website **www.mayurbhanj.nic.in.**

**Sd./- Project Director,**
**DRDA, Mayurbhanj.**

# କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର -10 ରେ ପ୍ଲଟ୍ ନଂ 10-1F/175 ଟିକୁ ଶ୍ରୀ ଅଶୋକ କୁମାର ସାହୁ, ପିତା– ସ୍ୱର୍ଗତ ଗୌରାଙ୍ଗ ସାହୁ, ସା/ପୋ: ନୁରତଙ୍ଗ, ଥା: ମାହାଙ୍ଗା, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅଶୋକ କୁମାର ସାହୁ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ସୟଦ ଅବୁନସର ତବସିର ଅହମ୍ମଦ, ପିତା: ସୟଦ ଅହମଦ୍ ରଜିଉଲ୍ଲା, ସା: ରସୁଲପୁର, ପୋ: କୁଦ, ଥା: ସାଲେପୁର, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ

# Zilla Swasthya Samiti, Ganjam

Advt. No.2901 Date:16.02.2019

### Walk In Interview

A Walk in Interview will be conducted for filling up vacancies of AYUSH Doctors (Ayurvedic / Homoeopathic), Pharmacist, Staff Nurse / ANM in the Mobile Health team under Rashtriya Bal Swasthya Karyakram (RBSK) on contractual basis subject to renewal as per Odisha State Health & Family Welfare Society terms and conditions. The detail vacancy post as follows:

| Sl. No | Name of the Post | Vacancy | Eligibility Criteria, TOR etc. | Monthly base remuneration (in Rs) & Performance Incentive (PI) |
|---|---|---|---|---|
| 1 | AYUSH Doctors (Ayurvedic) | Male - 05 Female - 13 | Detail can be referred from the **website https://ganjam.nic.in** | 20,800 + PI |
| 2 | AYUSH Doctors (Homoeopathic) | Female - 05 | | 20,800 + PI |
| 3 | Pharmacist | 08 | | 10311 + PI |
| 4 | Staff Nurse / ANM | 07 | | As applicable |

Interested candidates fulfilling the eligibility criteria may register her / his name at IEC Hall of office of the CDM & PHO, Ganjam, Berhampur on the schedule date mentioned against post from 10.30 A.M to 12.00 Noon, with filled application form along with a self attested copies of all supportive documents. The actual numbers of vacancy may differ (increase or decrease) at the time of engagement.

All communication will be made through e-mail only & time to time notification regarding status of recruitment process will be web hoisted in District website (i.e. **https://ganjam.nic.in**). The undersigned reserves the right to cancel / reject any or all the applications without assigning any reason thereof.

**Sd./- CDM & PHO, Ganjam.**

GOVERNMENT OF ODISHA
OFFICE OF THE PROJECT ADMINISTRATOR, ITDA, MALKANGIRI

### e-Procurement Notice

**Bid Identification No. ITDAMKG-07/2018-19**

The Project Administrator, ITDA, Malkangiri on behalf of Governor of Odisha invites Percentage Rate bids through online mode for the type of works given in the table from the eligible contractors of Class (Special Class/A Class/ B Class/ C Class/ D Class) or of equivalent range registered with the State Governments and Central Government/ MES/ Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website **www.tendersodisha.gov.in.**

| | | |
|---|---|---|
| Name / Type of works | : | Const. of work Shed for Producer Groups at 1) Mudulipada (BDA, Mudulipada) 2) Nilapari (DDA, Kudumulugumma) |
| No. of works | : | 02 Nos. (Two) |
| Amount put to Tender | : | As laid down in the DTCN |
| Tender paper cost | : | As laid down in the DTCN |
| E.M.D. Amount Required | : | 1% of the Amount put to tender (As laid down in the DTCN) |
| Period of completion | : | 06 (Six calendar months) As laid down in the DTCN for each work. |
| Date & time of availability of bid document in the portal | : | From 3.00 PM of 16.02.2019 to 23.02.2019 upto 05.00 PM. |
| Last Date/time for receipt of bid in the portal | : | 23.02.2019 upto 05.00 PM |
| Last Date/time for submission of paper cost & documents for verification | : | From 10.00 hours of 25.02.2019 to 27.02.2019 (upto 5.00 PM during office hours) |
| Date of opening of Tender | : | 28.02.2019 (At 11.00 AM) |

Further details can be seen from the e-procurement portal **www.tendersodisha.gov.in.**

**Sd./- Project Administrator, ITDA, Malkangiri**



“ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ଆଳରେ ରାଜ୍ୟବାସୀଙ୍କ କ୍ଷତି କରିବାକୁ ହାନିକାରକ ତତ୍ତ୍ୱଙ୍କୁ ସୁଯୋଗ ଦିଆ ନ ଯାଉ।

-ମେହବୁବା ମୁଫ୍‌ତି, ପିଡିପି ଅଧ୍ୟକ୍ଷା

## ସଂକ୍ଷେପରେ

### ଜରୁରିକାଳୀନ ପରିସ୍ଥିତି ଘୋଷଣା କଲେ ଟ୍ରମ୍ପ୍‌



**ୱାଶିଂଟନ,୧୬।୨:** ଆମେରିକା-ମେକ୍ସିକୋ ସୀମାରେ ଶୁକ୍ରବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ସୀମାରେ କାନ୍ଥ ନିର୍ମାଣ ପ୍ରକଳ୍ପକୁ ପ୍ରବଳ ବିରୋଧ ନେଇ ସୃଷ୍ଟି ହୋଇଥିବା ଅରାଜକତାକୁ ଦୃଷ୍ଟିରେ ରଖି ସେ ଏହି କେଠାର ନିଷ୍ପତ୍ତି ନେଇଥିବା କହିଛନ୍ତି। ସୀମାରେ ଡ୍ରଗ୍ସ କାରବାର, ମାଫିଆଙ୍କ ଅନୁପ୍ରେବେଶ ଏବଂ ମାନବ ଚାଲାଣ ବନ୍ଦ କରିବା ପାଇଁ ଗତ ନିର୍ବାଚନରେ ଟ୍ରମ୍ପ୍ ଦକ୍ଷିଣ ପନ୍ଥୀ ସମୂହଙ୍କୁ କାନ୍ଥ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ, ନିର୍ମାଣ କାର୍ଯ୍ୟ ଲାଗି ଟ୍ରମ୍ପ୍ ବିଭିନ୍ନ ଉତ୍ସରୁ ପାଣ୍ଠି ସଂଗ୍ରହ ଅଭିଯାନ ଜାରି ରଖିଥିବା ବେଳେ ଡେମୋକ୍ରାଟ୍ସ ପକ୍ଷରୁ ଜୋର୍‌ଦାର୍ ବିରୋଧ କରାଯାଇଛି। କାନ୍ଥ ନିର୍ମାଣ ପ୍ରକଳ୍ପ ନାଁରେ ଟ୍ରମ୍ପ୍ ଆଗାମୀ ନିର୍ବାଚନ ପାାଇଁ ପାଣ୍ଠି ଯୋଗାଡ଼ ଚଳାଇଥିବା ଡେମୋକ୍ରାଟ୍ସ ପକ୍ଷରୁ ଅଭିଯୋଗ ହୋଇଛି। ଆମେରିକା କଂଗ୍ରେସରେ ମଧ ଏଥିପାଇଁ ଟ୍ରମ୍ପଙ୍କୁ ବିରୋଧର ସାମ୍ନା ହେବାକୁ ପଡ଼ିଛି। ସୁରକ୍ଷା ଦୃଷ୍ଟିରୁ କାନ୍ଥ ନିର୍ମାଣ ଏକ ଜରୁରୀ ପଦକ୍ଷେପ ବୋଲି ଟ୍ରମ୍ପ୍ କହି ଆସୁଥିବାବେଳେ ବିବାଦ ଘନେଇବାରେ ଲାଗିଛି।

### ୭ ଆତଙ୍କବାଦୀଙ୍କ ସମେତ ୧୫ ନିହତ



**କାଏରୋ,୧୬।୨:** ଇଜିପ୍ଟର ସିନାଇ ଉପଦ୍ୱୀପରେ ଶନିବାର ସୁରକ୍ଷା ବଳ ଓ ଇସ୍‌ଲାମିକ୍ ଷ୍ଟେଟ୍ ଜିହାଦୀ ଗୋଷ୍ଠୀଙ୍କ ମଧରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ଅଧିକାରୀଙ୍କ ସମେତ ୧୫ ଯବାନ ପ୍ରାଣ ହରାଇଥିବା ବେଳେ ୭ ଜିହାଦୀ (ଆତଙ୍କବାଦୀ) ନିହତ ହୋଇଛନ୍ତି। ଇଜିପ୍ଟ ସେନା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଘଟଣା ପରେ ସେନା ପକ୍ଷରୁ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥନରେ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ମହମ୍ମଦ ମୋର୍ସିଙ୍କୁ ୨୦୧୩ରେ ସେନା ଗାଦିଚ୍ୟୁତ କରିବା ପରଠାରୁ ସୁରକ୍ଷା ବଳକୁ ଟାର୍ଗେଟ୍ କରାଯାଉଛି ବୋଲି ସେନା ପ୍ରବକ୍ତା ତାମର ଏଲ୍-ରେଫାଇ କହିଛନ୍ତି।

# ପ୍ରତିଶୋଧ ପାଇଁ ବଢ଼ୁଛି ଚାପ

## ଶହୀଦଙ୍କ ଶେଷଯାତ୍ରା ବେଳେ ଲୁହରେ ଭାସିଲା ସାରା ଦେଶ

**ନୂଆଦିଲ୍ଲୀ,୧୬।୨**

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ପ୍ରତିଶୋଧ ନେବା ଲାଗି ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଆକ୍ରମଣକୁ କଦାପି ଭୁଲିବୁ ନାହିଁ କି କ୍ଷମା ଦେବୁନାହିଁ ବୋଲି ସିଆରପିଏଫ କହିବା ସହ ପ୍ରତିଶୋଧ ନେବା ପାଇଁ ଗତକାଲି ପ୍ରତିଜ୍ଞା କରିଥିଲା। ଆଗାମୀ ଲୋକ ସଭା ନିର୍ବାଚନ ବିଳମ୍ବ ହେଲେ ମଧ ପାକିସ୍ତାନ ବିରୋଧରେ ଠିକଣା କାର୍ଯ୍ୟାନୁଷ୍ଠାନ ଲାଗି ଗୁଜରାଟର ଜଣେ ବରିଷ୍ଠ ମନ୍ତ୍ରୀ ମତ ଦେଇଛନ୍ତି। ଲୋକ ସଭା ନିର୍ବାଚନ ପୂର୍ବରୁ ପାକିସ୍ତାନରେ ଶୋକସଭା ବ୍ୟବସ୍ଥା ହେବା ଆବଶ୍ୟକ ବୋଲି ଗୁଜରାଟ ଆଦିବାସୀ ବିକାଶ ଓ ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ଇସ୍‌ଲାମାବାଦ ଶିକ୍ଷା ପାଇବା ଆବଶ୍ୟକ ଏହା ୧୨୫ କୋଟି ଭାରତୀୟ ଚାହାନ୍ତି। ତେଣୁ ନିର୍ବାଚନକୁ ଅଟକାଇ ପାକିସ୍ତାନ ଉପରେ ଆକ୍ରମଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଶିବସେନା ମଧ ଆକ୍ରମଣ ପାଇଁ ସରକାରଙ୍କ ଉପରେ ଚାପ ପକାଇଛି। ଏପରିକି ବିଶ୍ୱ ମାନଚିତ୍ରରୁ ପାକିସ୍ତାନକୁ ଲିଭାଇ ଦେବା ଲାଗି ଶହୀଦଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

ପୁଲଓ୍ୱାମାରେ ଯାହା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଏବଂ ଯେଉଁ ଯବାନ ଶହୀଦ ହେଲେ ସେମାନଙ୍କ ପରିବାର ଲାଗି ଅପୂରଣୀୟ କ୍ଷତି। ଏଭଳି ବର୍ବରୋଚିତ କାର୍ଯ୍ୟ ଲାଗି କ୍ରୋଧ ବ୍ୟକ୍ତ କରିବାକୁ ଶବ୍ଦର ଅଭାବ ହେଉଛି ବୋଲି ଅଭିନେତା ମନୋଜ ବାଜପେୟୀ କହିଛନ୍ତି। ଆକ୍ରମଣକାରୀଙ୍କୁ ଦଣ୍ଡ ଦେବା ପାଇଁ ସରକାର ଠିକ୍ ନିଷ୍ପତ୍ତି ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଅନ୍ୟ ସିନେ ଓ ଟିଭି କଳାକାରମାନେ ମଧ ପୁଲଓ୍ୱାମା ଆକ୍ରମଣ ପାଇଁ ଶୋକବ୍ୟକ୍ତ କରିଛନ୍ତି।

ପାକିସ୍ତାନ ଜୈଶ୍-ଇ-ମହମ୍ମଦ ଓ ଅନ୍ୟ ଆତଙ୍କବାଦୀ ସଂଗଠନ ଲାଗି ନିରାପଦ ଭୂସ୍ୱର୍ଗ ପାଲଟିଛି। ଇସ୍‌ଲାମାବାଦ ତୁରନ୍ତ ଆତଙ୍କବାଦୀଙ୍କୁ ସହାୟତା ବନ୍ଦ କରିବା ସହିତ ସେମାନଙ୍କ ପାଣ୍ଠି ଜବତ କରିବା ଲାଗି ଆମେରିକା କଡ଼ା ନିର୍ଦ୍ଦେଶ ଦେଇଛି। ଆତଙ୍କବାଦ ନିରୋଧୀ ଲଢ଼େଇରେ ଆମେରିକା ଭାରତ ସହ ରହିଛି। ଭାରତର ଆତ୍ମସୁରକ୍ଷା ଅଧିକାରକୁ ଆମେରିକାର ସମର୍ଥନ ରହିଥିବା ଏହାର ଜାତୀୟ ନିରାପତ୍ତା ଉପଦେଷ୍ଟା ଜନ୍ ବୋଲ୍ଟନ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ କହିଛନ୍ତି।



### ଭାରତର ଆତ୍ମରକ୍ଷା ଅଧିକାରକୁ ଆମେରିକାର ସମର୍ଥନ



ଅଜିତ୍ ଡୋଭାଲ | ଜନ୍ ବୋଲ୍ଟନ

ଶହୀଦ ଯବାନମାନଙ୍କ ଲାଗି ସାରା ଦେଶ ଲୁହରେ ଭିଜିଛି। ଦେଶର ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକ ଶହୀଦଙ୍କ ଶେଷ ଯାତ୍ରାରେ ସାମିଲ ହୋଇଛନ୍ତି। କେଉଁଠି ମହମବତୀ ଶୋଭାଯାତ୍ରା ହୋଇଛି ତ କେଉଁଠି ଜନସାଧାରଣ ସହିଦ ଯବାନ ଶେଷକୃତ୍ୟରେ ସାମିଲ ହୋଇ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି। ଶହୀଦଙ୍କ ଜନ୍ମମାଟିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଉତ୍ତରପ୍ରଦେଶର ସିଆରପିଏଫ ଯବାନ ପ୍ରଦୀପ ସିଂ ଯାଦବଙ୍କ ମରଶରୀର ପଞ୍ଚଭୂତରେ ଲୀନ ହେବାବେଳେ ତାଙ୍କ ୧୦ ବର୍ଷର ଝିଅ ସୁପ୍ରିୟା ସଂଜ୍ଞାହୀନ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଉତ୍ତରପ୍ରଦେଶରୁ ୧୨ ଜଣ ଶହୀଦ ହୋଇଛନ୍ତି। ରାଜସ୍ଥାନର ଶହୀଦ ୫ ଯବାନଙ୍କ ଅନ୍ତିମ ଯାତ୍ରାରେ ଲକ୍ଷାଧିକ ଲୋକ ସାମିଲ ହୋଇଥିଲେ। ରାସ୍ତାରେ ଲୋକଙ୍କ ସୁଅ ଛୁଟିଥିଲା। ଅନେକ ହାତରେ ତ୍ରିରଙ୍ଗା ଧରିଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଭାରତ ମାତା କୀ ଜୟ, ବନ୍ଦେ ମାତରମ୍ ଏବଂ ପାକିସ୍ତାନ ମୁର୍ଦ୍ଦାବାଦ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ପଞ୍ଜାବରେ ଶହୀଦ କୁଲବିନ୍ଦର ସିଂ ଓ ମନିନ୍ଦର ସିଂଙ୍କ ମରଶରୀର ପହଞ୍ଚିବା ପରେ ହଜାର ହଜାର ଲୋକ ଅଶ୍ରୁଳ ବିଦାୟ ଦେଇଥିଲେ। ସେହିପରି ଉତ୍ତରାଖଣ୍ଡର ଡେରାଡୁନରେ ସିଆରପିଏଫ ଯବାନ ମୋହନ ଲାଲ୍‌ଙ୍କ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆଗ୍ରାଠାରେ ଯବାନ କୌଶଲ କୁମାର ରାଓ୍ୱତଙ୍କ ଶେଷଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ରାଓ୍ୱତଙ୍କ ବଳିଦାନ ବ୍ୟର୍ଥ ଯିବନି ବୋଲି ତାଙ୍କ ଝିଅ ଅପୂର୍ବା ଏବଂ ପରିବାର ସଦସ୍ୟମାନେ କହିଛନ୍ତି। ସେହିପରି ମହାରାଷ୍ଟ୍ରର ଦୁଇ ଶହୀଦ ଯବାନ ନୀତିନ ଶିବାଜୀ ରାଠୋର ଏବଂ ସଞ୍ଜୟ ସିଂ ଦୀକ୍ଷିତ ଏବଂ କର୍ନାଟକର ଏଚ୍. ଗୁରୁଙ୍କ ଶେଷକୃତ୍ୟ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ହୋଇଛି।

### ମେଜର ଶହୀଦ



**ଜମ୍ମୁ,୧୬।୨**

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ସିଆରପିଏଫ୍ ଯବାନ ଶହୀଦ ହେବାର ୪୮ ଘଣ୍ଟା ନ ପୂରୁଣୁ ଶନିବାର ଜମ୍ମୁ-କଶ୍ମୀରର ରାଜୌରୀ ଜିଲ୍ଲାରେ ଜଣେ ମେଜର ପାହ୍ୟାର ସେନା ଅଧିକାରୀ ଶହୀଦ ହୋଇଛନ୍ତି। ତାଙ୍କ ନାମ ଚିତ୍ରେଶ ସିଂ ବିଷ୍ଟ। ନୌସେରା ସେକ୍ଟରରେ ଏକ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)କୁ ଅକାମୀ କରୁଥିବାବେଳେ ଏହା ବିସ୍ଫୋରଣ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ପାକିସ୍ତାନୀ ଅନୁପ୍ରବେଶକାରୀ ନିୟନ୍ତ୍ରଣ ରେଖା ଅତିକ୍ରମ କରି ପ୍ରାୟ ଦେଢ଼ କିଲୋମିଟର ଦୂରରେ ଏହି ଆଇଇଡି ଖଞ୍ଜିଥିଲେ।

### ଆକ୍ରମଣକାରୀଙ୍କୁ ପାକ୍ ଗଣମାଧ୍ୟମର ପ୍ରଶଂସା

**ନୂଆଦିଲ୍ଲୀ, ୧୬।୨**

ଜମ୍ମୁକଶ୍ମୀରର ପୁଲଓ୍ୱାମାରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୪୦ ଯବାନଙ୍କ ଜୀବନ ନେଇଥିବା ବ୍ୟକ୍ତି ପାକିସ୍ତାନ ପାଇଁ ଆତଙ୍କବାଦୀ ନୁହେଁ, ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା। ଏକ ଗାଡ଼ିରେ ୩୫୦ କିଲୋଗ୍ରାମର ବିସ୍ଫୋରକ ସାମଗ୍ରୀ ନେଇ ସୁରକ୍ଷା ଯବାନଙ୍କ ବସରେ ଧକ୍କା କରାଇବା ପୂର୍ବରୁ ନିଜକୁ ନିଷିଦ୍ଧ ପାକିସ୍ତାନସ୍ଥିତ ଜୈଶ୍-ଇ-ମହମ୍ମଦର ସଦସ୍ୟ ଭାବେ ଦାୟିତ୍ୱକତାର ସହ ଘୋଷଣା କରିଥିବା ବ୍ୟକ୍ତିଙ୍କୁ କେବେ ବି ପାକିସ୍ତାନ ଆତଙ୍କବାଦୀର ମାନ୍ୟତା ଦେବ ନାହିଁ। ପାକିସ୍ତାନ ଗଣମାଧ୍ୟମରେ ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି।

## ‘ପୁଣି ଥରେ ହେଉ ସର୍ଜିକାଲ ଷ୍ଟ୍ରାଇକ୍’

**ନୂଆଦିଲ୍ଲୀ,୧୬।୨:** ପୁଲଓ୍ୱାମା ଆକ୍ରମଣ ପରେ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପାକିସ୍ତାନ ମଧ ନିଜ ସୈନ୍ୟବାହିନୀକୁ ସଜାଗ କରିଛି। ତେବେ ଇସ୍‌ଲାମାବାଦର ବ୍ୟବହାରରେ ପରିବର୍ତ୍ତନ କରାଇବାକୁ ହେଲେ ସୀମିତ ସୀମାପାର ଷ୍ଟ୍ରାଇକ୍ ବିକଳ୍ପକୁ ସରକାର ଗୁରୁତ୍ୱର ସହ ବିଚାର କରିବାକୁ ହେବ ବୋଲି ମତପ୍ରକାଶ ପାଇଛି। ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ ସବୁଠୁ ଭଲ ବିକଳ୍ପ ବୋଲି ଜଣେ ସେନାଧିକାରୀ କହିଛନ୍ତି। ପାକିସ୍ତାନକୁ ଶିକ୍ଷା ଦେବାକୁ ହେଲେ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ସତର୍କତାର ସହ ଆକାଶମାର୍ଗରୁ ଆକ୍ରମଣ କରିବାକୁ ହେବ। ଏଲ୍‌ଓସି ସେପଟେ ଥିବା ଆତଙ୍କବାଦୀ କ୍ୟାମ୍ପ ଏବଂ ଲଞ୍ଚ ପ୍ୟାଡ୍‌କୁ ଟାର୍ଗେଟ ଲାଗି ସ୍ମାର୍ଟ ଗ୍ଲାଇଡ ବୋମା ଏବଂ କ୍ଷେପଣାସ୍ତ୍ରରେ ସଜ୍ଜିତ ସୁଖୋଇ-୩୦ଏମ୍‌କେଆଇ, ମିରେଜ-୨୦୦ ଏବଂ ଜାଗୁଆର ଭଳି ଯୁଦ୍ଧବିମାନକୁ ବ୍ୟବହାର କରାଯାଇପାରିବ। ସେହିପରି ପାକିସ୍ତାନୀ ସେନା ଘାଟି, ଆତଙ୍କବାଦୀ ଶିବିର, ଲଞ୍ଚ ପ୍ୟାଡ ଆଦିକୁ ଟାର୍ଗେଟ କରିବା ଲାଗି ସ୍ମେର୍ଚ ରକେଟ ସିଷ୍ଟମ ଏବଂ ବ୍ରହ୍ମୋସ୍ ସୁପରସୋନିକ କ୍ରୁଜ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରାଯାଇପାରିବ ବୋଲି ଉକ୍ତ ଅଧିକାରୀ କହିଛନ୍ତି।

## ‘ଲୁହର ପ୍ରତିଶୋଧ ନେବୁ’

**ଧୁଳେ(ମହାରାଷ୍ଟ୍ର),୧୬।୨**



ଦେଶର ସୈନ୍ୟବାହିନୀ ପ୍ରତି କ୍ଷତି ପହଞ୍ଚାଉଥିବା କାହାରିକୁ ଛଡ଼ାଯିବ ନାହିଁ। ପୁଲଓ୍ୱାମା ଆକ୍ରମଣ ପରବର୍ତ୍ତୀ ପ୍ରତି ବୁନ୍ଦା ଲୁହ ପାଇଁ ପ୍ରତିଶୋଧ ନିଆଯିବ। ଯବାନଙ୍କ ବିରୋଧରେ ଯେଉଁମାନେ ଆତଙ୍କବାଦୀଙ୍କୁ ଅସ୍ତ୍ର ଓ ବୋମା ଯୋଗାଉଛନ୍ତି ସେମାନଙ୍କୁ ନୂଆ ଭାରତ ବରଦାସ୍ତ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାରାଷ୍ଟ୍ରର ଏକ ସାଧାରଣ ସଭାରେ କହିଛନ୍ତି। ପାକିସ୍ତାନ ଆତଙ୍କବାଦର ଅନ୍ୟ ନାମ। ପୁଲଓ୍ୱାମା ଆକ୍ରମଣକାରୀଙ୍କୁ ଦଣ୍ଡ ଦେବା ଲାଗି ସୈନ୍ୟବାହିନୀକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି।

## ନୀତୀଶଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ

**ପାଟନା,୧୬।୨ :** ମୁଜାଫରପୁର ଆଶ୍ରୟ ଗୃହ ଯୌନ ଶୋଷଣ ମାମଲା ବିହାରରୁ ଦିଲ୍ଲୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟକୁ ସ୍ଥାନାନ୍ତର ହୋଇଥିବା ବେଳେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ପୂର୍ବତନ ମୁଜାଫରପୁର ଡିଏମ୍ ଧର୍ମେନ୍ଦ୍ର ସିଂ, ଆଇଏଏସ୍ ଅଧିକାରୀ ଅତୁଲ କୁମାର ସିଂଙ୍କ ବିରୋଧରେ ବିଚାରପତି ମନୋଜ କୁମାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଆଶ୍ରୟ ଗୃହ ଯୌନ କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ ଶୁକ୍ରବାର ଦାଖଲ କରିଥିବା ପିଟିଶନକୁ ବିଚାରକୁ ନେଇ ବିଚାରପତି କୁମାର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ତଦନ୍ତ ବେଳେ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଚପାଇ ଦିଆଯାଇଛି। ପୂର୍ବତନ ଡିଏମ୍ ଧର୍ମେନ୍ଦ୍ର ସିଂ, ଅତୁଲ କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସିବିଆଇ ତଦନ୍ତ ପରିସରଭୁକ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଶ୍ୱିନୀ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

## ଫୁର୍‌ସତ

## ଶହୀଦ ପରିବାରଙ୍କୁ ୫ ଲକ୍ଷ ଦେବେ ଅମିତାଭ୍



**ମୁମ୍ବାଇ:** ଜମ୍ମୁ-କଶ୍ମୀର୍‌ର ପୁଲ୍‌ଓ୍ୱାମାରେ ଶହୀଦ ହୋଇଥିବା ପ୍ରତି ଯବାନ୍‌ଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଏ ଦାନ କରିବାକୁ ମେଗାଷ୍ଟାର ଅମିତାଭ୍ ବଚ୍ଚନ୍ ଇଚ୍ଛା ପ୍ରକାଶ କରିଛନ୍ତି। ସର୍ବଶେଷ ରିପୋର୍ଟ ଅନୁଯାୟୀ ଆତଙ୍କବାଦୀ ଆକ୍ରମଣରେ ୪୯ଜଣ ସିଆରପିଏଫ୍ ଯବାନ ପ୍ରାଣ ହରାଇଛନ୍ତି। ଜୈଶ୍-ଇ-ମହମ୍ମଦ୍‌ର ଆତ୍ମଘାତୀ ଆକ୍ରମଣକାରୀ ଅଦିଲ ଅହମଦ୍ ଦର୍ ଗୁରୁବାର ପୁଲଓ୍ୱାମା ଜିଲାର ଜମ୍ମୁ-ଶ୍ରୀନଗର ହାଇଓ୍ୱେରେ ଏକ ବିସ୍ଫୋରକ ବୋଝେଇ ଯାନକୁ ସିଆରପିଏଫ୍‌ର ଚଳନ୍ତା ବସ୍‌ରେ ମାଡ କରିବା ଫଳରେ ଘଟଣାସ୍ଥଳରେ ୪୦ ଯବାନ୍‌ଙ୍କ ପ୍ରାଣହାନି ଘଟିଥିଲା।

## ଭାରତୀୟ ପତାକା ପ୍ରଦର୍ଶନ କରି ପାକ୍ ସ୍କୁଲ୍ ଦଣ୍ଡିତ


**କରାଚୀ:** ପାକିସ୍ତାନର ଏକ ସ୍କୁଲ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବା ବେଳେ କେତେକ ଛାତ୍ର ଭାରତୀୟ ସଂଗୀତ ଗାଇବା ସହ ଜାତୀୟ ପତାକା ପ୍ରଦର୍ଶନ କରିବାରୁ ଉକ୍ତ ସ୍କୁଲ୍‌କୁ ପାକିସ୍ତାନୀ କର୍ତ୍ତୃପକ୍ଷ ଦଣ୍ଡିତ କରିଛନ୍ତି। ଭାରତୀୟ ସଂସ୍କୃତିର ପ୍ରସାରକୁ ବିରୋଧ କରି ‘ମାମା ବେବି କେୟାର କେମ୍ବ୍ରିଜ ସ୍କୁଲ୍’ର ପଞ୍ଜୀକରଣ ପ୍ରତ୍ୟାହାର କରିନିଆଯାଇଛି। ସ୍କୁଲ୍‌ରେ ଚାଲିଥିବା କାର୍ଯ୍ୟକ୍ରମର ତଦନ୍ତ ପାଇଁ ଘରୋଇ ସ୍କୁଲ ନିର୍ଦ୍ଦେଶାଳୟ ଏକ ୩ ଜଣିଆ କମିଟି ଗଠନ କରିଛି। ଏ ସଂକ୍ରାନ୍ତରେ ଇନ୍ସପେକ୍ସନ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପ୍ରାଇଭେଟ୍ ଇନ୍‌ଷ୍ଟିଚ୍ୟୁଶନ୍‌ସ ସିନ୍ଧ୍ ନିର୍ଦ୍ଦେଶାଳୟରେ ହାଜର ହୋଇ ଏହାର କାରଣ ଦର୍ଶାଇବାକୁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। ଗତ ସପ୍ତାହରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପାକିସ୍ତାନୀଙ୍କ ପକ୍ଷରୁ କଟୁ ସମାଲୋଚନା କରାଯାଇଥିଲା। ସ୍କୁଲ୍ ପରିଚାଳନା କମିଟି ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ବିଭିନ୍ନ ଦେଶର ସଂସ୍କୃତି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଏହାର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ କେତେକ ଦେଶର କଳା ସଂସ୍କୃତି ପରିବେଷଣ କରିଥିଲେ। କିନ୍ତୁ କେତେକ ଖବରଦାତା ଉକ୍ତ ସ୍କୁଲ୍‌କୁ ବଦନାମ କରିବା ପାଇଁ ଉକ୍ତ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ଅଂଶକୁ ଭାଇରାଲ୍ କରିଥିଲେ।

## ଇତିହାସର ଆଇନାରେ

### ଫେବୃୟାରୀ ୧୭ର ପ୍ରମୁଖ ଘଟଣା

୨୦୦୬ ଫେବୃୟାରୀ ୧୭ରେ ଫିଲିପାଇନ୍ସର ସଦର୍ନ ଲାଇଟ୍‌ରେ ପ୍ରକାଣ୍ଡ ଅତଡା ଧସିବା ଯୋଗୁ ୧୧୨୬ ଲୋକଙ୍କ ମୃତ୍ୟୁ ଘଟିଥିଲା। ସଦର୍ନ ଲାଇଟ୍ ହେଉଛି ଫିଲିପାଇନ୍ସର ଏକ ପ୍ରଦେଶ। ଏହା ଇଷ୍ଟର୍ନ ଭସାୟସ୍ ଅଞ୍ଚଳରେ ଅବସ୍ଥିତ। ଏହାର ରାଜଧାନୀ ମାସିନ୍। ସଦର୍ନ ଲାଇଟ୍ ୧୯୫୯ରେ ଏକ ସ୍ୱାଧୀନ ରାଜ୍ୟ ହେବା ପୂର୍ବରୁ ଏହା ଏକ ସବ୍-ପ୍ରଭିନ୍ସ ଥିଲା। ଫିଲିପାଇନ୍ସର ଏହି ଅଞ୍ଚଳକୁ ରୋମାନ୍ କ୍ୟାଥଲିସିଜିମ୍‌ର ଜନ୍ମସ୍ଥଳୀ ଭାବେ ବିବେଚନା କରାଯାଏ।

୨୦୦୮ ଫେବୃୟାରୀ ୧୭ରେ ସର୍ବିଆରୁ ସ୍ୱାଧୀନତା ଲାଭ କରିଥିଲା କୋସାଭୋ। କୋସାଭୋକୁ ରିପବ୍ଲିକ ଅଫ୍ କୋସାଭୋ ମଧ କୁହାଯାଏ। ଏହା ଆଂଶିକ-ସ୍ୱୀକୃତିପ୍ରାପ୍ତ ରାଷ୍ଟ୍ର ଏବଂ ଦକ୍ଷିଣ-ପୂର୍ବ ୟୁରୋପର ଏକ ବିବାଦୀୟ ଅଞ୍ଚଳ। ଏହାର କ୍ଷେତ୍ରଫଳ ୧୦,୯୦୮ ବର୍ଗ କିଲୋମିଟର।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୫ | ୧୫.୪ |
| ଚାନ୍ଦବାଲି | ୨୮.୮ | ୧୯.୩ |
| କଟକ | ୨୮.୮ | ୧୫.୬ |
| ପାରାଦ୍ୱୀପ | ୨୮.୭ | ୧୯.୦ |
| ଭୁବନେଶ୍ୱର | ୨୯.୭ | ୧୭.୭ |
| ଗୋପାଳପୁର | ୩୦.୦ | ୧୯.୭ |
| ପୁରୀ | ୨୮.୨ | ୧୯.୦ |
| ଅନୁଗୋଳ | ୨୮.୧ | ୧୧.୬ |
| ବାରିପଦା | ୨୬.୦ | ୧୭.୫ |
| ଝାରସୁଗୁଡ଼ା | ୨୬.୦ | ୧୬.୪ |
| କେନ୍ଦୁଝର | ୨୪.୪ | ୧୫.୩ |
| ସମ୍ବଲପୁର | ୨୭.୨ | ୧୬.୦ |
| ସୁନ୍ଦରଗଡ଼ | ୩୦.୦ | ୧୨.୦ |
| ହୀରାକୁଦ | ୨୬.୧ | ୧୬.୫ |
| ତାଲଚେର | ୨୯.୪ | ୧୭.୮ |
| ଭବାନୀପାଟଣା | ୨୮.୦ | ୧୭.୦ |
| ବଲାଙ୍ଗୀର | ୨୭.୫ | ୧୬.୫ |
| କୋରାପୁଟ | ୨୯.୦ | ୧୫.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୭.୪ |
| ମାଲକାନଗିରି | ୩୪.୬ | ୧୬.୫ |
| ସୋନପୁର | ୨୬.୮ | ୧୪.୮ |
| ଦାରିଙ୍ଗିବାଡ଼ି | ୨୪.୦ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ‘କପିଲ ଶର୍ମା ଶୋ’ରୁ ସିଦ୍ଧୁ ବିଦା

**ମୁମ୍ବାଇ:** ଜୈଶ୍-ଇ-ମହମ୍ମଦ୍ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ପୁଲ୍‌ଓ୍ୱାମା ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ୍ ଶହୀଦ ହେବା ପରେ ପଞ୍ଜାବ କ୍ୟାବିନେଟ୍ ମନ୍ତ୍ରୀ ନଭଜୋତ ସିଂ ସିଦ୍ଧୁ ପାକିସ୍ତାନକୁ ସୁହାଇଲା ଭଳି ଦେଇଥିବା ଏକ ମନ୍ତବ୍ୟ ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏଥିପାଇଁ ବିଭିନ୍ନ ଆଡୁ ବିରୋଧର ସ୍ୱର ଉଠିବା ପରେ କପିଲ ଶର୍ମା ଶୋ’ରୁ ସିଦ୍ଧୁଙ୍କୁ ବାଦ୍ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନ୍‌ର କମେଡି ଶୋ’ରେ ପୂର୍ବତନ କ୍ରିକେଟର ସିଦ୍ଧୁ ଆଉ ଭାଗ ନେଇପାରିବେ ନାହିଁ। କ୍ରିକେଟରରୁ ରାଜନେତା ବନିଥିବା ପଞ୍ଜାବର ଏହି ମନ୍ତ୍ରୀ କପିଲଙ୍କ ଶୋ’ରେ ଦୀର୍ଘ ବର୍ଷ ହେବ ସଂଶ୍ଳିଷ୍ଟ ହୋଇ ରହିଆସିଛନ୍ତି। ସେ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଆତଙ୍କବାଦୀଙ୍କ ଏହି ଜଘନ୍ୟ କାଣ୍ଡ ପାଇଁ ସମଗ୍ର ଦେଶ (ପାକିସ୍ତାନ)କୁ ଦାୟୀ କରାଯାଇ ପାରିବ ନାହିଁ। ଆତଙ୍କବାଦୀଙ୍କର ଜାତି ଓ ଧର୍ମ ନାହିଁ। ପ୍ରତ୍ୟେକ ରାଷ୍ଟ୍ରରେ ଆତଙ୍କବାଦୀ ଅଛନ୍ତି। ତେଣୁ ଆତଙ୍କବାଦୀ ହିଁ ଦଣ୍ଡିତ ହେବା ଉଚିତ। ପୁଲ୍‌ଓ୍ୱାମା ଘଟଣାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯିବା ସହିତ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିବା ବେଳେ ଇସଲାମାବାଦ୍ ସହିତ ଭାରତ ଆଲୋଚନା ଜାରିରଖିବା ଉଚିତ ହେବ ବୋଲି ସିଦ୍ଧୁ ମତ ଦେଇଥିଲେ। ସିଦ୍ଧୁଙ୍କର ଏହି ମନ୍ତବ୍ୟକୁ ପ୍ରବଳ ବିରୋଧ କରାଯିବା ସହିତ ‘#ବଏକଟ୍ ସିଦ୍ଧୁ’, ‘#ବଏକଟ୍ କପିଲ ଶର୍ମା ଶୋ’ ଏବଂ ‘#ବଏକଟ୍ ସୋନିଟିଭି’ ଆଦି ହାଜଟ୍ୟାଗ୍ ଲଗାଇ ସୋସିଆଲ ମିଡିଆରେ ଟୁଇଟ୍ କରାଯାଇଥିଲା।






## BRIDE WANTED

Wanted qualified service bride for Gopal boy 1986, 5'6" M.Tech serving JRF, IIT, Bhubaneswar. 9437190417, "Sunasansar" 9937512659. D-11111

Brahmin boy 39, State Govt. service, village area preferable. 9437555525. D-58045

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 8917628852, 6370737397. D-64790

Wanted good looking Brahmin bride for only son B.A, PGDCA 39/5', 5" own residence Bhubaneswar. 9861590658. D-11097

## GROOM WANTED

Brahmin girl 1987, 5'2" MVSC serving Vetenary Doctor Dhenkanal "Sunasansar". 9937512659. D-11112

Beautiful Khandayat girl 1980/ M.Tech, Engineer Gridco, Bhubaneswar. 8658098352, 9238578590. D-64789

49ବର୍ଷ, Central Water Comissionରେ କାର୍ଯ୍ୟରତ ଛାଡ଼ପତ୍ର ଥିବା ଝିଅ ପାଇଁ 45 ବର୍ଷରୁ ଉର୍ଦ୍ଧ୍ୱ ଥିବା ଘରଜ୍ୱାଇଁ ବରପାତ୍ର ଆବଶ୍ୟକ। ଝିଅ ଓଡ଼ିଶା ବାହାରେ କାର୍ଯ୍ୟରତ। 8895400688. D-63755

Divorcee bride Bank officer 40, Railway 42 (Caste-no-bar). Contact: 7873374269. D-65080

Beautiful Teli girl-1992, 5'4", MBA HR, Delhi/ Mumbai base. Required serviceholder. 9868375385, 8826927272. D-65610

ପାରଳାଖେମୁଣ୍ଡିର କରଣ, ବି.ଏ. ପାସ୍, ଗୋରୀ, ଗୃହକର୍ମ ନିପୁଣା, ୩୩ବର୍ଷ ପାତ୍ରୀ ପାଇଁ ସରକାରୀ ଚାକିରି ଏବଂ ବ୍ୟାଙ୍କ ଚାକିରିଆ ଇତ୍ୟାଦି ଉପଯୁକ୍ତ ପାତ୍ର ଆବଶ୍ୟକ। ଜାତକ ଜରୁରୀ। ନଂ: ୮୭୬୩୫୭୬୫୭୦। ଧ-୧୧୧୯୯

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

32000km. run Jan 2016 Swift VXI white colour. 9437284700. D-11139

Bike commando new condition 2450 km. only black colour. 9437022337. D-11119

Hyundai EON 2012 Grey colour excellent condition 2,15,000/-. Contact: 7377740724. D-65828




## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall facility 1150/-. 6370743007, 6370855152. D-65341

Ready 2BHK/ 3BHK flat, Kalinga Nagar, Bhubaneswar (ORERA Approved) @ 40 lakh, No GST. 7381087905. D-65530

**4BHK Duplex at Kalarahanga near Patia Station at reasonable & affordable price. Ready to move 3BHK flat at Nayapalli Behera sahi nearer to NH-5 please contact: 8249222916, 9938792922.** D-10956

Gharabari individual (2000, 5400) plots at Pahal, Utkalheight, Jharapada, Duplex at Patia (76L), Hanspal for immediate sale. Details: 7008304833 (ବିଷ୍ଣୁ). D-11088

HMT double demy, fusi (15X20) offset printing, non-woven bag printing machine for sale (excellent condition). Contact: 7008994500, 7894410000. D-65575

ORERA registred 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65576

**Layout approved & Jatni BDO approved plot sale near Adyant +2 Science College, Gangapada, Bhubaneswar, facility-30' road, boundarywall, electric, children park & temple, cost @ 700 per sqft. Mob: 7682927930.** D-11076

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଧାର ମିଳୁଛି: 9090963952. D-65361

3BHK ready to move flats newly constructed for sale at Kharvel Nagar, Bhubaneswar. 7008672367, 8270788667. D-11109

**House sale under Muncipalty area near BDA park Dumduma Bhubaneswar, land area 1089 sqrft Built up-ground 776 sqrft, first floor 776 sqrft 2nd floor 500 sqrft, total-2052 sqrft marble flooring, 3 bed room 5 bath room BDA plan approved & bank loan available cost @ 60 lakh, 9938867397.** D-11100

2BHK completed flat fully furnished with modular kitchen, sale at Gudiapokhari near KEC. 9438109040, 8144634252. D-11127

Sthitiban plot near Big Bazaar, Patia to 2km. Singada Mouza 405 Decimal Rs. 12 lakh. Contact No: 8270495179. D-11077

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

2000 sqft. plots (10 nos.) at Sankarpur, Vipulgarden backside Ghatikia, Bhubaneswar (electricity, supply water, 30ft. road). 7381564227. D-65479

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥିବା plot sqft. 1500/-ରେ ବିକ୍ରିହେବ: 9937819395.** D-65362

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11154

Plot for sale at Sundrpada BBSR @ 270 sqft. sthitiban, single patta holder. 9192111444, 9040881230. D-11123

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Pre launch booking open for 3BHK flat at BJB Nagar. Contact: 9861616996. D-62159

**Plot on lowest buduget Brahmanjharilo, 9km. from BBSR 16km. from Cuttack 250/- sqft. 7809525452.** D-65830

Booking one lakh simplex 2BHK 1200 sqft. land 20,50,000/- BDA area Tankapani Road, Sai Temple monthly instalment 10,000/-. 7735738102. D-11153

Immediate sale of commercial floors/ building available at affordable price in our 6 storeyed building on Main road, Bomikhal, Rasulgarh near Esplanade Mall, Bhubaneswar. Price starts from Rs.3500/- per sqft. Grab the opportunity now. Contact: 8480698932. D-11161

Bhubaneswar Khandagiri AMRI Hospital ନିକଟରେ ଘରକରିବା ପାଇଁ plot sqft. 1400/-. 9776452737. D-65367

2X2BHK flat converted to super luxury fully loaded furnished flat. Only 3.5 kms. from Ravi Talkies Square, Bhubaneswar. 9439963384. D-58042

Tamando Market ପଛପଟେ ଜଟଣୀଗେଟ୍ NHରୁ ଲାଗି plot ମିଳୁଛି: 9439864322. D-65366

Residential plot for sale at Patia connecting with blacktop road boundarywall, electrification, water supply (ready for construction). 9556003065, 7978159231. D-65352

Tamando Market ପାଖରେ ଘରବାରି boundary plot ନେଇ ଘର କରନ୍ତୁ। 9438859527. D-10898

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11179

Bhubaneswar ହଂସପାଳ ପାଖରେ ଘରବାରି ବାଉଣ୍ଡାରି plot କିଣି ସଙ୍ଗେସଙ୍ଗେ ଘର କରନ୍ତୁ: 9556403869, 9937355539. D-10830

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11178

Following plots at Argul for sale. These plots are near to IIT Gate (within 1km.). 1. Plot no.- 41/787 and 40/786 are together 199 decimal with boundary wall, gates, watchman room. 2. Plot no.-37, 142/261-350 decimal. Both plots are in Mouza- Kanspada, Pattas are available, Khajana paid uptodate. Interested persons may contact. 9668399401, 8328832384. D-56635

Residential plot 3.5 km. from Dhauli N.H 12000 sqft. 50 lakhs. 9337102145. D-59852

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65829

ଭୁବନେଶ୍ୱର କଣ୍ଟାବାଡ NH 100' bypass road sideରେ ଗୃହୋପଯୋଗୀ ପଟ୍ଟା plot. 9437971401, 8093402880. D-64792

Tata memorial Cancer Hospital ପାଖରୁ 1.5km distanceରେ 199/- 229/- 379/-ରେ ମିଳୁଛି: 8658864750. D-64788

Book one 2BHK & 3BHK duplex at Bharatpur near Kalinga Studio Chhak. Cost 60 lakh to 85 lakh. 7978214375. D-64585

**Plot sale 7km. from Nakhara Chhaka in Water park 400/- 4km. NH-5, Hanspal at Balianta 600 gharabari plot. 9853289161, 9658061401.** D-65831

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65574

2BHK semi-furnished flat in Kalyani Plaza-2 at Kantilo Sunderpada road with car parking. Price-19 lakh. Contact: 8455880046, 9040233641. D-11192

Gharabari yellowzone plot at Raghunathpur 30mtr. from Nadankanan road & duplex/ simplex at Atala, Hanspal Square. 9438419823, 9861086655. D-65481

1500 sqft. gharabari residential land at backside of AMRI Hospital, Kolothia, Bhubaneswar, 29.5 lakh. 7504392698. D-65584

Plot at BDA Town planning scheme Phase-1, road demarcation complete, 1km. from Sum Hospital and another gharabari plot 30' internal road, 4km. from CV Raman. 9937446498. D-65583

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

Commercial building for sale 3800 sqft. on Cuttack Road near Kalpana Square, corner plot 32'X42' with parking area on bothside. Call (6 to 10 pm): 7008253189. D-56636




**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11177

## GENERAL SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

Ice factory manchinery compressor, canes, cooling coil, conditioner Tank. 9437022337. D-11118

Long coat German Shepherd Puppy for sale Nayapalli, Bhubaneswar. 9861550765. D-65571




Sapce for Nursing Home, Educational Institute, Bank, office, warehouse near Padmabati Market Sundarpada. 9437926044. D-10662

Ground Floor 3BHK and First floor 2BHK 1560 Sqft. each floor for Office/ family, HIG-133, DBA Phase-I, Pokhariput. 8895501036, 9937068115. D-11159

Cold store area 15*12*10 near Rasulgarh square, Bhubaneswar. 9437022337. D-11120

3BR house, ground floor, plot-RP92, Road No-2, Pandav Nagar, Tankapani Road, Bhubaneswar tolet for residential purpose only: 9437008476. D-58046

Tolet 3 storied building (4000 sqft., 15 rooms, modern flooring, fittings) at Abakash Lane, Puri near Gundicha Temple suitable for office. 9437488148, 8249098745. D-47998

House tolet at Maharana-Sahi Vivekananda-Marg, BBSR-2, 1400 sqft. 1st floor, plot-2697. 9937848794, 8249226189. D-52888

3BHK newly constructed independent house for residence/ office at K8 Kalinga Nagar, Behind Sum Hospital, rent expected-15000/- (negotiable). Contact: 9337176815, 9818598129. D-65826

Single room with attached toilet at IRC Village for Ladies accommodation only: 9937560970. D-64586

Duplex at Lingaraj Vihar, Pokhariput, ground floor 2 bedrooms, 2 toilets, drawing, dining, Kitchen, first floor, 1 bedroom, drawing, toilet, Rent. Contact: 7892589228. D-11078

3BHK marble flat at Unit-8, Souvagya Nagar, Main Road. Contact: 9000004523. D-64945

3BHK flat, 3 balconies, modular kitchen with garage, Golap Tower near Kendriya Vidyalaya, Jagamara, Khandagiri, Bhubaneswar. Contact: 9556781464. D-58047

Marbled house with garage, rent 14000 and independent single room for ladies, rent 5500 near Unit-8. DAV. Contact: 9438250900. D-65585

3BHK 1800 sqft. house for rent at Bapuji Nagar. Contact: 9437937556. D-36457

## ACCOMMODATION

Required 1200 sqft. hall location Sahid Nagar, Satya Nagar, Ashok Nagar, Patia, Cuttack Road, Delta Square. Contact: 9348916882. D-11125




ଶିରିଡ଼ିସାଇ, ଶନିସିଙ୍ଗ୍ନାପୁର, ନାସିକ, ମୁମ୍ବାଇଦର୍ଶନ, ବିମାନଯୋଗେ, 23rd March. ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। ଯୋଗାଯୋଗ: 7978044197, 9437090931. D-65609




Shivam logistic packers movers. Household/ car relocation countrywide. 9777044177, 9338461133. D-10964




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Herbal full body massage with refreshment by well trained therapist. 7381239385, 06742540855. D-65567

Experience full body massage with us by experts. Enquiry. 0674 2597822, 7377048581. D-65566

Improving your health, skin care through expert therapist, excellent offer. 9668374480. D-65568

Newly opening ayurvedic body massage smart therapist, Shree herbal. 7750020754. D-65569

Herbal full body massage by smart/ expert therapist. Contact: 8338067247. D-65570

Ayurvedic full body massage ladies/ gents experts therapist. 8338097451. D-65825

Physiotherapy, full body massage by trained ladies/ gents therapist: 7008773793. D-65476

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

## ବିବାହ ଶୁଭେଚ୍ଛା



**ସିପୁ ସହିତ ଲୋପା**

ଚମ୍ପାବସ୍ତ, ବାଲିପାଟଣା, ଖୋର୍ଦ୍ଧା

ମା' ବିମଳାଇ ତୁମ ଦୁଇଜଣଙ୍କୁ ଆଶୀର୍ବାଦ କରିବା ସହ ଭଲରେ ରଖନ୍ତୁ। ନବ ଦମ୍ପତିଙ୍କର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଶ୍ରୀଯୁକ୍ତ ନିରଞ୍ଜନ ସେନାପତି, ମିତାଲି ଦେବୀ, ସାଙ୍ଗ ଓ ବନ୍ଧୁ ପରିବାରବର୍ଗ। ଧ-୬୫୫୮୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## CLASSIFIED BOOKING STATIONS

**JAGADAMBA GIFT MALL**
Manoj Ku. Sahoo, Convent Road, Rayagada, Mob : 9439530999

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**JOGESWAR DAS**
Rayagada Contact: Mr. Jogeswar Das, Mob: 9437234611, 06856 222611.

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଦୀପ୍ତିରେଖା ପଟ୍ଟନାୟକ (ବେବି)**
ଆବିର୍ଭାବ: ୧୨।୦୫।୧୯୭୬
ତିରୋଧାନ: ୦୭।୦୨।୨୦୧୯

ତୋର ତିରୋଧାନରେ ସମସ୍ତେ ମର୍ମାହତ। ଆରପାରିରେ ଥିଲେ ସୁଦ୍ଧା ତୋର ସ୍ନେହ, ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମ ଉପରେ ସଦା ସର୍ବଦା ଥାଉ। ତୋର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ବନ୍ଧୁବାନ୍ଧବ ପାଇକ ନଗର (ପଶ୍ଚିମ), ଭୁବନେଶ୍ୱର-୩। ଧ-୧୧୧୮୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ନେତ୍ରମଣୀ ମହାନ୍ତି**
ବାଗସାହି, ଜଗତ୍‌ସିଂହପୁର
ଆବିର୍ଭାବ: ୦୧।୦୬।୧୯୨୮
ତିରୋଧାନ: ୦୭।୦୨।୨୦୧୯

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇରହିବ। ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ହତଭାଗ୍ୟ ପୁତ୍ର: କୃଷ୍ଣ କୁମାର ମହାନ୍ତି, ନାରାୟଣ କୁମାର ମହାନ୍ତି, ଅଜିତ୍ କୁମାର ମହାନ୍ତି, ଅସିତ୍ କୁମାର ମହାନ୍ତି, ଅମୀୟ କୁମାର ମହାନ୍ତି, ଅଶୋକ କୁମାର ମହାନ୍ତି। ଧ-୧୧୧୫୨

**9th Death Anniversary**



**Late Nitasha Pattanaik**
**(Lori)**
DOD: 17.02.2010

Nine Winters and Springs have passed without you so far, but we feel your presence in the very core of our hearts in every moment of our life. You are ever fresh in our memory now and in the days to come. With love Gelu, Babu, Malipada, Bhubaneswar. D-11183

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଏକାଦଶାହ ଉପଲକ୍ଷେ**



**✓ ସଞ୍ଜୁଲତା ମହାନ୍ତି**
ନାଲ୍‌କୋ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୨.୦୬.୧୯୬୪
ତିରୋଧାନ : ୦୭.୦୨.୨୦୧୯

ତୁମ ଅନାବିଳ ସ୍ନେହ, ଶ୍ରଦ୍ଧ ଓ ଅନୁଶାସନ ଚିର ସ୍ମରଣୀୟ। ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ରମାକାନ୍ତ ମହାନ୍ତି (ଟୁଟୁ) ଓ ପରିବାରବର୍ଗ
ଧ-୧୧୧୯୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଗୀତାରାଣୀ କବିଶତପଥୀ**
କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୨୧।୦୧।୧୯୫୩
ତିରୋଧାନ: ୨୯।୦୧।୨୦୧୮

ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୭୪

**୪ର୍ଥ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ମଦନମୋହନ ପରିଡ଼ା**
ସର୍ବୋଦୟନଗର, ପୁରୀ - ୨
ତିରୋଧାନ : ୦୧.୦୨.୨୦୧୫

ଆପଣଙ୍କର ସ୍ନେହ ଶ୍ରଦ୍ଧା, ଦୃଢ଼ମନା ନିର୍ଭିକତା, କର୍ତ୍ତବ୍ୟନିଷ୍ଠା, ସାଧୁତା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଆଦର୍ଶ ଓ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ୍ଭେ ଅନୁଭବ କରିବୁ। ଆଜି ୪ର୍ଥ ଶ୍ରାଦ୍ଧ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ସ୍ତ୍ରୀ-ନିରୁପମା, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁବାନ୍ଧବ
ଧ-୧୧୧୮୯

**ସଂକ୍ଷେପରେ**

ଗ୍ରାହକଙ୍କୁ ବର୍ଦ୍ଧିତ କ୍ରୟ ଅଭିଜ୍ଞତା ପ୍ରଦାନ କରିବା ଲାଗି ସମ୍ପ୍ରସାରଣ ଧାରା ବଜାୟ ରଖିଛୁ।
– ରୋନି ତାଲାତି, ସିଇଓ, ଟାଇଟାନ ଆଇୱେର ଡିଭିଜନ



ସାରା ଦେଶରେ ବର୍ତ୍ତମାନ ରେଳ ଯାତ୍ରା ଉପରେ କୌଣସି ମେଳା ସରଚାର୍ଜ ସଂଗ୍ରହ ନ କରିବାକୁ ନିଷ୍ପତ୍ତି ହୋଇଛି।
– ପୀୟୂଷ ଗୋୟଲ, କେନ୍ଦ୍ର ରେଳ ମନ୍ତ୍ରୀ



## ପୁଲୱାମା ଆକ୍ରମଣ ନେଇ ବିରୂପ ମନ୍ତବ୍ୟ
## ନିଜର କର୍ମଚାରୀଙ୍କୁ ସସ୍‌ପେଣ୍ଡ କଲା ଜାଇଡସ୍

**ନୂଆଦିଲ୍ଲୀ,୧୬-୨:** ପୁଲୱାମା ଆକ୍ରମଣ ନେଇ ବିରୂପ ମନ୍ତବ୍ୟ ଦେବା ଜାଇଡସ ହେଲଥକେୟାର କମ୍ପାନୀର ଜଣେ ମାର୍କେଟିଂ ଏକ୍‌ଜିକ୍ୟୁଟିଭଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ କମ୍ପାନୀ ସସ୍‌ପେଣ୍ଡ କରିଛି। ସୋସିଆଲ ମିଡିଆ ଫେସବୁକ୍‌ରେ ଦେଶ ବିରୋଧୀ ମନ୍ତବ୍ୟ ଦେବା କାରଣରୁ ଶ୍ରୀନଗରରେ ଅବସ୍ଥାପିତ ଜାଇଡସ୍‌ର ସହଯୋଗୀ କମ୍ପାନୀ ଜର୍ମାନ ରେମେଡିଜର ମାର୍କେଟିଂ ଏକ୍‌ଜିକ୍ୟୁଟିଭ ଇକ୍‌ବାଲ ହୁସେନଙ୍କୁ ଜାଇଡସ୍ ସସ୍‌ପେଣ୍ଡ କରିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପୁଲୱାମାରେ ଆତଙ୍କବାଦୀଙ୍କ କାର୍ଯ୍ୟକୁ ସମର୍ଥନ ଜଣାଇ ଫେସବୁକ୍‌ରେ ରିୟାଜ ଅହମ୍ମଦ ୱାନି ନାମକ ଜଣେ ବ୍ୟକ୍ତି ପୋଷ୍ଟ କରିବା ପରେ ଇକବାଲ ଏହାକୁ ପ୍ରକୃତ ସର୍ଜିକାଲ ଷ୍ଟ୍ରାଇକ୍ ବୋଲି ଏହାର ଉତ୍ତରରେ ଲେଖିଥିଲେ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏଭଳି ଲେଖିବାର କାରଣ ଜଣାଇବାକୁ ତାଙ୍କୁ ନୋଟିସ ଜାରି କରାଯାଇଛି। ଉତ୍ତର ନ ମିଳିଲେ ତାଙ୍କୁ କମ୍ପାନୀରୁ ବହିଷ୍କାର କରାଯିବ ବୋଲି କୁହାଯାଇଛି।

## ଶହୀଦ ପରିବାରର ବ୍ୟୟଭାର ବହନ କରିବ ରିଲାଏନ୍ସ ଫାଉଣ୍ଡେଶନ

**ମୁମ୍ବାଇ,୧୬-୨:** ରିଲାଏନ୍ସ ଫାଉଣ୍ଡେଶନ ପୁଲୱାମାରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପରିବାରର ସମସ୍ତ ଖର୍ଚ୍ଚ ବହନ କରିବ ବୋଲି କହିଛି। ଫାଉଣ୍ଡେଶନ ପକ୍ଷରୁ ଶନିବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପୂର୍ବରୁ ସେମାନଙ୍କ ପିଲାମାନଙ୍କର ପାଠପଢ଼ା, ବିବାହ ଆଦି ଖର୍ଚ୍ଚ ଏହା ବହନ କରିବ। ଏହାଛଡ଼ା ଶହୀଦଙ୍କ ପରିବାରର ଦୈନନ୍ଦିନ ବ୍ୟୟଭାର ଏବଂ ଆହତ ଯବାନଙ୍କ ଚିକିତ୍ସା ଖର୍ଚ୍ଚ ମଧ ବହନ କରାଯିବ। ତା'ଛଡ଼ା ସରକାର ଚାହିଁଲେ ଅନ୍ୟ ଯେକୌଣସି ଦାୟିତ୍ୱ ଦେଲେ ରିଲାଏନ୍ସ ଫାଉଣ୍ଡେଶନ ଏହା ତୁଲାଇବ ବୋଲି କୁହାଯାଇଛି।

## ବନ୍ଦେ ଭାରତ ଏକ୍ସପ୍ରେସରେ ତ୍ରୁଟି

**ନୂଆଦିଲ୍ଲୀ,୧୬-୨:** ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସର ଚଳାଚଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିବାର ଦିନକ ପରେ ଏଥିରେ ତ୍ରୁଟି ପରିଲକ୍ଷିତ ହୋଇଛି। ଟ୍ରେନଟି ଶନିବାର ବାରାଣସୀରୁ ଦିଲ୍ଲୀ ଫେରିବା ବେଳେ ଉତ୍ତରପ୍ରଦେଶର ଟୁଣ୍ଡଲାଠାରୁ ୧୫ କିମି ଦୂରରେ ଅଟକି ଯାଇଥିଲା। ଅଧିକାରୀମାନଙ୍କ କହିବାନୁଯାୟୀ କୌଣସି ପ୍ରାଣୀ ଟ୍ରେନ ଲାଇନରେ ଚାଲି ଆସିବାରୁ ଟ୍ରେନଟ ଅଟକି ଯାଇଥିଲା। ତେବେ ଟ୍ରେନ ଯାତ୍ରୀଙ୍କ କହିବାନୁଯାୟୀ ଏହା ବ୍ରେକ ଫେଲ ହେବା କାରଣରୁ ହୋଇଥିଲା। ଟ୍ରେନଟିର ବାଣିଜ୍ୟିକ ଚଳାଚଳ ରବିବାରଠାରୁ ଆରମ୍ଭ ହେବ ବୋଲି ରେଲୱେ ସୂତ୍ରରୁ ପ୍ରକାଶ।

## ଗୋପନୀୟତା ଭଙ୍ଗ ଅଭିଯୋଗ
## ୟେସ୍ ବ୍ୟାଙ୍କ ବିରୋଧରେ ଆର୍‌ବିଆଇର କାର୍ଯ୍ୟାନୁଷ୍ଠାନ ଧମକ

**ନୂଆଦିଲ୍ଲୀ,୧୬-୨:** ୟେସ୍ ବ୍ୟାଙ୍କର ଅଡୁଆ ବଢ଼ିବାକୁ ଯାଉଛି। ଗୋପନୀୟ ରିପୋର୍ଟ ପ୍ରକାଶ କରିବାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହି ବ୍ୟାଙ୍କ ଉପରେ ଅସନ୍ତୁଷ୍ଟ ହୋଇଛି। ୟେସ୍ ବ୍ୟାଙ୍କ ବିରୋଧରେ କେନ୍ଦ୍ରୀୟ ବ୍ୟାଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଧମକ ଦେଇଛି। ସୂଚନାଥାଉ କି, ସମ୍ପତ୍ତି ଶ୍ରେଣୀଭୁକ୍ତ କରିବା ଏବଂ ବ୍ୟବସ୍ଥା ଆପଣାଇବାରେ ୟେସ୍ ବ୍ୟାଙ୍କ କୌଣସି ତ୍ରୁଟି କରି ନାହିଁ ବୋଲି ଆର୍‌ବିଆଇ ରିପୋର୍ଟ ଦେଇଥିଲା। ବ୍ୟାଙ୍କ ଏହି ରିପୋର୍ଟକୁ ସାର୍ବଜନୀନ କରିଥିଲା। ଫଳରେ ୟେସ୍ ବ୍ୟାଙ୍କର ଶେୟାର ମୂଲ୍ୟ ଅଚାନକ ବୃଦ୍ଧି ପାଇଥିଲା। ଶୁକ୍ରବାର ବ୍ୟାଙ୍କ ପକ୍ଷରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ପତ୍ର ଲେଖି ରିଜର୍ଭ ବ୍ୟାଙ୍କର ଅସନ୍ତୋଷ ସମ୍ପର୍କରେ ଜଣାଇ ଦିଆଯାଇଛି।

# ଗୋୟଲଙ୍କ ହାତରୁ ଯିବ ଜେଟ୍ ଏୟାରୱେଜ ନିୟନ୍ତ୍ରଣ

**ନୂଆଦିଲ୍ଲୀ,୧୬-୨**


ଦୀର୍ଘ ୨୫ ବର୍ଷ ପରେ ପ୍ରମୋଟର ନରେଶ ଗୋୟଲଙ୍କ ହାତରୁ ଜେଟ୍ ଏୟାରୱେଜର ନିୟନ୍ତ୍ରଣ ଚାଲିଯିବ। ପ୍ରାୟ ୮୪୦୦ କୋଟି ଟଙ୍କାର ଋଣରେ ବୁଡ଼ି ରହିଥିବା ଏହି ଘରୋଇ ବିମାନ କମ୍ପାନୀକୁ ବଞ୍ଚାଇ ରଖିବା ଲାଗି ଗୋୟଲ ଶେଷରେ ଏହାର ନିୟନ୍ତ୍ରଣ ଛାଡ଼ିବାକୁ ରାଜି ହୋଇଛନ୍ତି। ରିଜଲ୍ୟୁଶନ ପ୍ଲାନ ଅନୁଯାୟୀ, ଏଣିକି ଏହାର ନିୟନ୍ତ୍ରଣ ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ ହାତକୁ ଚାଲିଯିବ। ବ୍ୟାଙ୍କ କନସୋର୍ଟିୟମ, ନ୍ୟାଶନାଲ ଇନଭେଷ୍ଟମେଣ୍ଟ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଫଣ୍ଡ(ଏନ୍‌ଆଇଆଇଏଫ୍) ଏବଂ ଏତିହାଦ ମିଳିତ ଭାବେ ଜେଟ୍‌ରେ ୩୪୦୦ କୋଟି ଟଙ୍କା ନିବେଶ କରିବାକୁ ରାଜି ହୋଇଛନ୍ତି। ଏହି ଅର୍ଥକୁ ପର୍ଯ୍ୟାୟକ୍ରମେ ନିବେଶ କରାଯିବାକୁ ଥିଲା ବେଳେ ବ୍ୟାଙ୍କ କନସୋର୍ଟିୟମ ହାତରେ ସର୍ବାଧିକ ୩୨% ଅଂଶଧନ ରହିବ। ଏହାଛଡ଼ା ଆବୁଧାବିସ୍ଥିତ ଏତିହାଦ ଏବଂ ଏନ୍‌ଆଇଆଇଏଫ୍ ନିକଟରେ ଯଥାକ୍ରମେ ୨୪.୯% ଓ ୧୯.୫% ଶେୟାର ରହିବ। ସେହିପରି ଗୋୟଲଙ୍କ ଅଂଶଧନ ୫୧%ରୁ ହ୍ରାସ ପାଇ ୨୦% ହେବ। କିନ୍ତୁ ପୂର୍ବପରି କମ୍ପାନୀର ପ୍ରମୋଟର ଭାବେ ତାଙ୍କୁ ପରିଗଣିତ କରାଯିବ।

ଜେଟ୍ ଏୟାରୱେଜ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏସ୍‌ବିଆଇ ନେତୃତ୍ୱରେ ଗଠିତ ବ୍ୟାଙ୍କ କନସୋର୍ଟିୟମ ନିଜର ଋଣର ଏକ ଅଂଶକୁ ଇକ୍ୱିଟିରେ ପରିବର୍ତ୍ତିତ କରିବେ। ଏହି ବ୍ୟବସ୍ଥାରେ ଏହା କମ୍ପାନୀର ସବୁଠୁ ବଡ଼ ଶେୟାରଧାରକ ହୋଇଯିବେ। କମ୍ପାନୀର ରିଜଲ୍ୟୁଶନ ପ୍ଲାନରେ ୮୪୦୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯିବ। ଏହାକୁ ଇକ୍ୱିଟି ଇନଫ୍ୟୁଜନ, ଡେଟ୍ ରିଷ୍ଟ୍ରକ୍ଚରିଂ, ସେଲ୍ ଏବଂ ଲିଜ, ବ୍ୟାଙ୍କ/ରିଫାଇନାନ୍ସିଂର ଯଥାଯଥ ମିଶ୍ରଣ ଜରିଆରେ କରାଯିବ। ତେବେ ଏହି ଡିଲ୍‌ର ଢାଞ୍ଚା କିଭଳି ଭାବେ ପ୍ରସ୍ତୁତ ହେବ ଏହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। କିନ୍ତୁ ଏହା ସ୍ପଷ୍ଟ ଯେ, ଗୋୟଲଙ୍କ ହାତରୁ କମ୍ପାନୀର ନିୟନ୍ତ୍ରଣ ଚାଲିଯିବ। ରିଜଲ୍ୟୁଶନ ପ୍ଲାନକୁ ଆସନ୍ତା ୨୧ରେ ବସିବାକୁ ଥିବା ଶେୟାରଧାରକଙ୍କ ବୈଠକରେ ଅନୁମୋଦନ କରାଯିବ। ବ୍ୟାଙ୍କ ନିଜର ଡେଟ୍(ଋଣ)କୁ ରିଜର୍ଭ ବ୍ୟାଙ୍କର ସର୍କୁଲାର ଅନୁଯାୟୀ ୧ ଟଙ୍କା ମୂଲ୍ୟରେ ପରିବର୍ତ୍ତିତ କରିବେ। ଶେୟାରଧାରକଙ୍କ ବୈଠକରେ କମ୍ପାନୀର ଅଧିକୃତ ପୁଞ୍ଜି ବଢ଼ାଇବା ଲାଗି ମଞ୍ଜୁରୀ ନିଆଯିବ। ଜେଟ୍ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କଗୁଡ଼ିକୁ ୧୧.୪ କୋଟି ଶେୟାର ପ୍ରଦାନ କରାଯିବ। ତେବେ ସମ୍ପୂର୍ଣ୍ଣ ଋଣ ପରିମାଣର କେତେ ଅଂଶକୁ ଇକ୍ୱିଟିରେ ବଦଳାଯିବ କମ୍ପାନୀ ତାହା ସ୍ପଷ୍ଟ କରି ନାହିଁ। କମ୍ପାନୀ ଅଧିକୃତ ପୁଞ୍ଜିକୁ ବଢ଼ାଇ ୨୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ନେଇଯିବାକୁ ଚାହୁଁଛି। ଏଥିରେ ୬୮୦ କୋଟି ଟଙ୍କାର ଇକ୍ୱିଟି କ୍ୟାପିଟାଲ ଏବଂ ୧୫୨୦ କୋଟି ଟଙ୍କାର ପ୍ରିଫରେନ୍ସ ଶେୟାର କ୍ୟାପିଟାଲ ରହିବ।

### ୧୯୯୩ରେ ଆରମ୍ଭ ହୋଇଥିଲା ଯାତ୍ରା

ନରେଶ ଗୋୟଲ ୧୯୯୨ ଏପ୍ରିଲ ପହିଲାରେ ଜେଟ୍ ଏୟାରୱେଜ କମ୍ପାନୀ ପ୍ରତିଷ୍ଠା କରିଥିଲେ ହେଁ ଏହାର ଯାତ୍ରା ୧୯୯୩ ମେ ୫ରୁ ଆରମ୍ଭ ହୋଇଥିଲା। ଏହି ଘରୋଇ ବିମାନ କମ୍ପାନୀକୁ ପ୍ରତିଷ୍ଠା କରିବା ଲାଗି ସେ କଠିନ ପରିଶ୍ରମ କରିଥିଲେ। ମା'ଙ୍କର ଗହଣା ବିକି ମାତ୍ର ୧୦ ହଜାର ଟଙ୍କାରେ ସେ ଆରମ୍ଭ କରିଥିଲେ ଜେଟ୍‌ର ଯାତ୍ରା। ୧୯୬୭ରେ ଦାଦାଙ୍କ ଏଜେନ୍ସିରେ କ୍ୟାଶିୟର ଭାବେ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ସେତେବେଳେ ସେ ମାତ୍ର ୩୦୦ ଟଙ୍କା ଦରମା ପାଉଥିଲେ। ସେଠାରେ କାମ କରିବା ଅବସରରେ ତାଙ୍କୁ ରୟାଲ ଜୋର୍ଡାନ ଏୟାରଲାଇନ୍ସରେ ତାଙ୍କୁ କାମ କରିବାର ସୁଯୋଗ ମିଳିଥିଲା। ମା'ଙ୍କ ଗହଣା ବିକି ଜେଟ୍ ଏୟାରୱେଜ ନାମରେ ସେ ୧୯୭୪ରେ ଏକ ଟ୍ରାଭେଲ୍ ଏଜେନ୍ସି ଖୋଲିଥିଲେ। ୧୯୯୧ରେ ଜେଟ୍ ଏୟାରୱେଜ ଲାଗି ରାସ୍ତା ଖୋଲିବା ଆରମ୍ଭ ହୋଇଥିଲା। କେନ୍ଦ୍ର ସରକାର ଓପନ ସ୍କାଇ ପଲିସିକୁ ସବୁଜ ସଙ୍କେତ ଦେଇଥିଲେ ଏବଂ ଗୋୟଲ ଏହାର ସୁଯୋଗ ହାତଛଡ଼ା କରି ନଥିଲେ। ସେ ଘରୋଇ ଅପରେଶନ ଲାଗି ଜେଟ୍ ଏୟାରୱେଜକୁ ଏକ ବିମାନ କମ୍ପାନୀ ଭାବେ ୧୯୯୨ ଏପ୍ରିଲ ପହିଲାରେ ପଞ୍ଜୀକୃତ କରିଥିଲେ ଏବଂ ଏହା ୧୯୯୩ ମେ ୫ରୁ ଏହାର କାର୍ଯ୍ୟାରମ୍ଭ କରିଥିଲା। ଏହି ଏୟାରଲାଇନ୍ସ ସେହି ଦିନଠାରୁ ଅଭିବୃଦ୍ଧି ରାସ୍ତାରେ ଯାତ୍ରାରମ୍ଭ କରିଥିଲା। ଏହା ବଳରେ ନରେଶ ଗୋୟଲ ଦିନେ ଭାରତର ଶୀର୍ଷ ୨୦ ଧନିକଙ୍କ ମଧ୍ୟରେ ଅନ୍ୟତମ ଥିଲେ।

- ୨୦% ଶେୟାର ସହ ଗୋୟଲଙ୍କୁ ପ୍ରମୋଟର ମାନ୍ୟତା
- ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ କନସୋର୍ଟିୟମ ହାତରେ ରହିବ ୩୨% ଅଂଶଧନ
- ଏନ୍‌ଆଇଆଇଏଫ ହାତରେ ୧୯.୫%, ଏତିହାଦ ନିକଟରେ ୨୪.୯% ଶେୟାର ରହିବ
- ମିଳିତ ଭାବେ ୩୪୦୦ କୋଟି ନିବେଶ କରିବେ




# କକ୍ସ ଆଣ୍ଡ କିଙ୍ଗସର 'ଡିଲ୍ ଉତ୍ସବ' ଆଜି

**ଭୁବନେଶ୍ୱର,୧୬-୨(ବ୍ୟୁରୋ)**


- ଟ୍ରାଭେଲ୍ ବୁକିଂ ଉପରେ ଆକର୍ଷଣୀୟ ଅଫର
- ରାମମନ୍ଦିର ଛକସ୍ଥିତ ଆଉଟଲେଟରେ ଉପଲବ୍ଧ ହେବ

କକ୍ସ ଆଣ୍ଡ କିଙ୍ଗସ ପକ୍ଷରୁ ଏହାର ଡିଲ୍ ଉତ୍ସବ ୨.୦ ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରର ରାମମନ୍ଦିର ଛକ ନିକଟରେ ଥିବା କମ୍ପାନୀର ଆଉଟଲେଟରେ ଏହି ଅଫରର ଲାଭ ଗ୍ରାହକ ପାଇ ପାରିବେ। ଏହି ସମୟରେ ହଲିଡେ ବୁକିଂ ଉପରେ କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଅନେକ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଥିବା ସୂଚନା ରହିଛି। ଏହା ୧୭ ତାରିଖ(ରବିବାର) ସକାଳ ୧୦ଟାରୁ ୫ଟା ଯାଏ ଚାଲିବ। ରୋଡ ଶୋ' ଲାଗି ପ୍ରିବୁକିଂ ଉପରେ ଗ୍ରାହକମାନେ ଅତିରିକ୍ତ ରିହାତି ପାଇ ପାରିବେ। ଗ୍ରାହକଙ୍କ ଚାହିଦା ଆଧାରରେ ଏହି ଅଫରକୁ ପୁଣି ଥରେ ଲଞ୍ଚ କରାଯାଇଛି।

ଏହା ଦ୍ୱାରା ଗ୍ରାହକ ଆକର୍ଷଣୀୟ ଅଫର ସହ ଜାତୀୟ ତଥା ଅନ୍ତର୍ଜାତୀୟ ହଲିଡେ ପ୍ୟାକେଜର ବୁକିଂ ସୁବିଧା ପାଇ ପାରିବେ। ରବିବାର ବୁକିଂ ଉପରେ ଭାଗ୍ୟଶାଳୀ ବିଜେତାଭାବେ ଦମ୍ପତିଙ୍କ ଲାଗି ମାଗଣା ହଲିଡେ ଟ୍ରିପ ରହିଛି। ୟୁରୋପ, ଆମେରିକା, ଫାର୍ ଇଷ୍ଟ ଏବଂ ଭାରତ ଭଳି ଦେଶ ପାଇଁ ଏହି ଟ୍ରିପ ଉପଲବ୍ଧ ହେବ। ସେହିଭଳି ବୁକ୍ ମାଇଁ ଶୋ'ର ମାଗଣା ଭାଉଚର ଜିତିବାର ସୁଯୋଗ ରହିଛି। ଏହାବାଦ କମ୍ପାନୀ ପକ୍ଷରୁ ଚାଇଲ୍ଡ ଟ୍ରାଭେଲ ଫ୍ରି, ହଲିଡେ ପେ ହଲିଡେ, ବାଏ ମୋର ଗେଟ୍ ମୋର, ଫାବୁଲସ ଡିସ୍‌କାଉଣ୍ଟ, ଟ୍ରାଭେଲ ଗିଫ୍ଟ ଭାଉଚର, ଆକର୍ଷକ ଗିଫ୍ଟ, ଜିଏସ୍‌ଟି ଫ୍ରି ଏବଂ ଇଏମ୍‌ଆଇ ବିକଳ୍ପ ଗ୍ରାହକମାନେ ଲାଭ କରିପାରିବେ। ସେହିଭଳି ଏଠାରେ ଗ୍ରାହକମାନେ ହଲିଡେ ଏକ୍ସପର୍ଟ, ଡେଷ୍ଟିନେଶନ ସ୍ପେଶିଆଲିଷ୍ଟ ଏବଂ ଭିଜା ଏକ୍ସପର୍ଟଙ୍କୁ ଭେଟିବାର ସୁଯୋଗ ପାଇପାରିବେ।





# ୟୋନୋ ଏସ୍‌ବିଆଇ ୨୦ ଅଣ୍ଡର ଟ୍ୱେଣ୍ଟିର ବିଜେତା



**ଭୁବନେଶ୍ୱର,୧୬-୨**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) 'ୟୁନୋ ୟ ୨୦ ଅଣ୍ଡର ଟ୍ୱେଣ୍ଟି' ଦ୍ୱାରା ଯୁବ ପ୍ରତିଭାଙ୍କ ପ୍ରତିଭାକୁ ଚିହ୍ନଟ କରି ପୁରସ୍କୃତ କରିଛି। ୧୭ ବର୍ଷୀୟ ଯୁବ ବୈଜ୍ଞାନିକ ସୋଭେଶ ମହାପାତ୍ର ଏହି ଟାଇଟଲ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସୋଭେଶ ପିଲା ଦିନରୁ ତାଙ୍କର ପ୍ରତିଭା ଦେଖାଇଥିବାବେଳେ ଏକାଧାରାରେ ଜଣେ ଲେଖକ, ଶିଶୁ ବିଜ୍ଞାନୀ, ଫିଲାନଥ୍ରୋପିଷ୍ଟ। ଏସ୍‌ବିଆଇ ତାଙ୍କୁ କଳା ଏବଂ ସାହିତ୍ୟ ବିଭାଗର ପୁରୁଷ ବର୍ଗରେ ପୁରସ୍କୃତ କରିଛି। ଏହି ଯୁବ ପ୍ରତିଭା ଜଣଙ୍କ ସର୍ବଦା ନିଜର ଭକ୍ତି ବି ଦି ୱାନ ହୁ ସେଟସ ଲିମିଟସ ଫର ଅଦର୍ସ ଭିତ୍ତିରେ ଜୀବନ ବଞ୍ଚି ଆସିଛନ୍ତି।




ଡୋସାନ ବବ୍‌କ୍ୟାଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ କଷ୍ଟମର ଏବଂ ଫାଇନାନ୍ସର ମିଟ ଭୁବନେଶ୍ୱରସ୍ଥିତ ପ୍ରେସ କ୍ଲବଠାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କମ୍ପାନୀର ସେଲ୍‌ସ ମ୍ୟାନେଜର ସତ୍ୟ ଏସ୍. ସାହୁ , ଅଧିକୃତ ଡିଲର କୋଣାର୍କ ଟେକ୍ ସଲ୍ୟୁଶନ ପକ୍ଷରୁ ସୌମିକ ଦାସ୍ ଏବଂ କୌଶିକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌କମ୍‌ର ଦେବାଳିଆ ପ୍ରକ୍ରିୟା
## ରିଜଲ୍ୟୁଶନ ପ୍ରଫେଶନାଲ ଚୟନ ଲାଗି ଏସ୍‌ବିଆଇର ଉଦ୍ୟମ

**ମୁମ୍ବାଇ,୧୬-୨**

ଋଣରେ ବୁଡ଼ି ରହିଥିବା ରିଲାଏନ୍ସ କମ୍ୟୁନିକେଶନ ଋଣ ପରିଶୋଧ କରିପାରୁ ନ ଥିବାରୁ ନିଜକୁ ଦେବାଳିଆ ଘୋଷଣା କରି ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଆବେଦନ କରିଛି। ଅନ୍ୟପକ୍ଷରେ ଏହି କମ୍ପାନୀକୁ ସର୍ବାଧିକ ଋଣ ଦେଇଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ସମାଧାନ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଜଣେ ପ୍ରଫେଶନାଲ ନିଯୁକ୍ତ କରିବାକୁ ଆଗଭର ହୋଇଛି। ଏଥିଲାଗି ଦେଶର ଶୀର୍ଷ ୪ଟି ଅଡିଟ କମ୍ପାନୀ ସହ ଯୋଗାଯୋଗ କରିଛି। ଆର୍‌କମ୍ ପକ୍ଷରୁ ଏନ୍‌ସିଏଲ୍‌ଟିରେ ଆବେଦନ କରାଯାଇଥିବା ବେଳେ ଏସ୍‌ବିଆଇ ଭିନ୍ନ ଏକ ଆବେଦନ ଦେବାକୁ ବିଚାର କରୁଛି। ସୂଚନାଥାଉ କି, ଆର୍‌କମ୍ ଉପରେ ଏବେ ପ୍ରାୟ ୪୨ ହଜାର କୋଟି ଟଙ୍କାର ଋଣ ବୋଝ ରହିଛି। ଅନ୍ୟପକ୍ଷରେ ୫୫୦ କୋଟି ଟଙ୍କା ବକେୟାକୁ ନେଇ ଆର୍‌କମ୍ ବିରୋଧରେ ଅଦାଲତ ଅବମାନନା ଅଭିଯୋଗ ଆଣି ଆମେରିକାର ଟେଲିକମ ଇକ୍ୟୁପମେଣ୍ଟ କମ୍ପାନୀ ଏରିକସନ ପକ୍ଷରୁ ଆଗତ ମାମଲାର ଶୁଣାଣି ସାରିବା ପରେ ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। କହିବାକୁ ଗଲେ, ଆର୍‌କମ୍‌ର ଅଡୁଆ ଧୀରେ ଧୀରେ ବଢ଼ିବାରେ ଲାଗିଛି।

# ସୋନି ଆଣିଲା ନୂଆ କ୍ୟାମେରା

**ନୂଆଦିଲ୍ଲୀ,୧୬-୨**

ସୋନି ଇଣ୍ଡିଆ ପକ୍ଷରୁ ନୂଆ 'ଆଲ୍‌ଫା ୬୪୦୦' କ୍ୟାମେରା ବଜାରକୁ ଆସିଛି। ଡାଇନାମିକ ଫଟୋଗ୍ରାଫି କଲଚରକୁ ବୁଦ୍ଧିମନ୍ତ କରିବା ଦିଗରେ କମ୍ପାନି ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହା ଇ-ମାଉଣ୍ଟ ମିରରଲେସ କ୍ୟାମେରା ଲାଇନଅପରେ ଫୁଲ ଫ୍ରେମ୍ କଣ୍ଟାଣ୍ଟ ଲାଇନ୍‌ଅପ, ଲାଇଟୱେଟ ଏପିଏସ୍-ସି ସହ ଆସୁଛି। ଏଥିରେ ବିଶ୍ୱର ଦ୍ରୁତତମ ଅଟୋଫୋକସ ଆକ୍ୟୁଜିସନ ୦.୦୨ ସେକେଣ୍ଡ, ରିୟଲ ଟାଇମ ଆଇ ଏଏଫ୍, ରିୟଲ ଟାଇମ ଟ୍ରାକିଂ ସହ ୨୪.୨ ଏମ୍‌ପି ଏପିଏସ୍-ସି ଏକ୍ସମୋର ସିଏମ୍‌ଓଏସ୍ ଇମେଜ ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏଥିରେ ରହିଛି। ମଡେଲଟିର ବଜାର ଦର ୭୫,୯୯୦ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।




# ପାକିସ୍ତାନୀ ସାମଗ୍ରୀ ଉପରେ ଲାଗିବ ୨୦୦% ସୀମା ଶୁଳ୍କ

**ନୂଆଦିଲ୍ଲୀ,୧୬-୨**

ପୁଲୱାମାରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଉଚିତ ଶିକ୍ଷା ଦେବା ଉଦ୍ଦେଶ୍ୟରେ ଭାରତ ଏହାଠାରୁ ମୋଷ୍ଟ ଫେଭର୍ଡ ନେସନ(ଏମ୍‌ଏଫ୍‌ଏନ୍) ମାନ୍ୟତା ପ୍ରତ୍ୟାହାର କରିଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ, ପାକିସ୍ତାନରୁ ଆସୁଥିବା ସାମଗ୍ରୀ ଉପରେ କେନ୍ଦ୍ର ସରକାର ୨୦୦% ସୀମା ଶୁଳ୍କ ଆଦାୟ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଶନିବାର ସନ୍ଧ୍ୟାରେ ଏ ସମ୍ପର୍କରେ ଟୁଇଟ୍ ଜରିଆରେ ଜଣାଇଛନ୍ତି। ଶୁଳ୍କ ବୃଦ୍ଧି କାରଣରୁ ପାକିସ୍ତାନରୁ ଭାରତକୁ ସାମଗ୍ରୀ ଆମଦାନୀ ପ୍ରଭାବିତ ହେବ। ସୂଚନାଥାଉ କି, ୨୦୧୭-୧୮ରେ ପାକିସ୍ତାନରୁ ମାତ୍ର ୩,୪୮୨ କୋଟି ଟଙ୍କାର ସାମଗ୍ରୀ ଭାରତକୁ ଆମଦାନୀ ହୋଇଥିଲା। ମୁଖ୍ୟତଃ ତାଜା ଫଳ, ସିମେଣ୍ଟ, ପେଟ୍ରୋଲିୟମ, ଖଣିଜ ଏବଂ ଚମଡାରେ ପ୍ରସ୍ତୁତ ସାମଗ୍ରୀମାନ ପଡୋଶୀ ଦେଶରୁ ଆସିଥାଏ। ପାକିସ୍ତାନରୁ ଆସୁଥିବା ଫଳ, ସିମେଣ୍ଟ ଉପରେ ପୂର୍ବରୁ ଯଥାକ୍ରମେ ୩୦ରୁ ୩୫% ଏବଂ ୭.୫% ସୀମା ଶୁଳ୍କ ଆଦାୟ କରାଯାଉଥିଲା। ୨୦୦% ଶୁଳ୍କ ଆଦାୟ କରିବା ବାହାନାରେ ପାକିସ୍ତାନ ସାମଗ୍ରୀକୁ ଭାରତ ପରୋକ୍ଷରେ ବ୍ୟାନ କଲା ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।



**INSTITUTE OF HOTEL MANAGEMENT CATERING TECHNOLOGY & APPLIED NUTRITION**
VEER SURENDRA SAI NAGAR, BHUBANESWAR-751007
Phone: (0674) 2589241, Website: www.ihmbbs.org

**TENDER NOTICE**

Sealed tenders are invited from the established firms/ shops for supply/contract of different items for a period of one year (**1st April 2019 to 31st March 2020**). Interested firms/shops may follow our website for details. **Sd/- Principal**

**OFFICE OF THE DISTRICT LEGAL SERVICES AUTHORITY, RAYAGADA**

**Dated : 16.02.2019**

The written exam for the posts of Junior Clerk / Junior Clerk-cum - Typist is scheduled to the held on 24.02.2019 from 9.30 AM. onwards at Women's College, Rayagada. Candidates are requested visit the websites **http://ecourts.gov.in/odisha/rayagada/recruitment** and Rayagada District web portal **www.rayagada.nic.in** to download admit cards and further information.

**Sd./- District & Sessions Judge-cum- Chairman, DLSA, Rayagada**

**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
Nayapalli, Bhubaneswar-751012, Ph.: 2392032, 2393336, 2395338, 2393912, 2396072 (Hostel), Fax: 2391954,
E-mail: sihfwodisha@gmail.com/ sihfwodisha@nic.in

**Tender No: 912** **Dated: 15.02.19**
**(SIHFW-Pur-Host-07/18)**

**Quotations for Repairing, Polishing of furniture at the hostel of Directorate of State Institute of Health & Family Welfare, Odisha**

**No.893-E:-** Sealed quotations are invited from the interested contractors/ firms/ workshops/ agencies having experience in the relevant field to undertake the repairing and polishing of steel/wooden furniture etc. at the hostel of Directorate of State Institute of Health & Family Welfare, Odisha. Detailed Description of works along with Term & Conditions of quotations may be seen and downloaded from the Directorate/ Govt. of Odisha official website http://sihfwodisha.nic.in, http://odisha.gov.in/tender from 20.02.2019 to 13.03.2019. Last date of submission of quotations is 13.03.2019 (Up to 16.00 hrs.). Tenders will be received only by Speed Post/ Regd. Post/Courier.

**Sd./- Dr. B.B. Panigrahy**
**Director, State Institute of Health & Family Welfare, Odisha**
10003/11/0107/1819

**OFFICE OF THE DEAN & PRINCIPAL**
**MAHARAJA KRISHNA CHANDRA GAJAPATI MEDICAL COLLEGE**
**BRAHMAPUR-760004, GANJAM, ORISSA**

**No. 987/ MCB-19/Welfare/Berhampur dated the 15th Feb. 2019**

**SHORT TENDER CALL NOTICE**

**No.889-E:-** Sealed Tenders are invited from the Registered, Rate Contract holding firms having valid GST Registration for supply of "Equipment/ Instrument" to the Ophthalmology Department so as to reach in the office of the undersigned within 10 days from the date of publication of the advertisement following the terms & conditions. The detailed Tender Paper, Terms & Conditions along with list of articles to be supplied can be obtained from the Office of the Undersigned on payment of Rs. 2000/- cash (non-refundable) at the Accounts Section. The details are also available in the website, www.mkcgmch.org.

**Sd./- Dean & Principal**
**MKCG Medical College, Berhampur**
10013/11/0019/1819




"ନୂଆଦିଲ୍ଲୀରେ ମୁଁ ମଣିଷ ହୋଇଛି, ତେଣୁ ଜାତୀୟ ରାଜଧାନୀରେ ଫୁଟବଲ ଖେଳର ପ୍ରସାର କ୍ଷେତ୍ରରେ ସହାୟତା ପାଇଁ ସବୁବେଳେ ପ୍ରସ୍ତୁତ ।

–ସୁନୀଲ ଛେତ୍ରୀ, ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ

"୨୦୧୯ରେ ଫେରାରି ଟିମ୍‌ରୁ ସେବାଷ୍ଟିଆନ ଭେଟେଲ ଓ ଚାର୍ଲସ ଲେକ୍‌ରେକ୍ ପ୍ରତିନିଧିତ୍ୱ କରିବାକୁ ଥିବାରୁ ଫଳାଫଳ ଉତ୍କଣ୍ଠାପୂର୍ଣ୍ଣ ରହିବ ।

–ନିକୋ ରୋଜବର୍ଗ, ପୂର୍ବତନ ଫର୍ମୁଲା ୱାନ ବିଶ୍ୱଚାମ୍ପିୟନ



## ସଂକ୍ଷେପରେ

### ସାହାଯ୍ୟର ହାତ ବଢ଼ାଇଲେ ସେହ୍ୱାଗ

**ନୂଆଦିଲ୍ଲୀ,୧୬।୨(ପିଟି):** ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍‌ଙ୍କ ପରିବାରକୁ ସାହାଯ୍ୟର ହାତ ବଢ଼ାଇଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ। ଶହୀଦ ଯବାନଙ୍କ ପିଲାମାନଙ୍କ ଶିକ୍ଷାଦାନ ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ଏହି ପୂର୍ବତନ କ୍ରିକେଟର ପ୍ରସ୍ତାବ ଦେଇଛନ୍ତି। ଆମେ ଯବାନଙ୍କ ପରିବାର ଲାଗି କିଛି କରିପାରିବା ନାହିଁ। କିନ୍ତୁ ମୁଁ ଅତିକମ୍‌ରେ ସେମାନଙ୍କ ପିଲାମାନଙ୍କ ଶିକ୍ଷାଦାନ ବ୍ୟବସ୍ଥା ଝାଝରସ୍ଥିତ ସେହ୍ୱାଗ ଇଣ୍ଟରନ୍ୟାଶନାଲ ସ୍କୁଲରେ କରାଇବା ଲାଗି ପ୍ରସ୍ତାବ ଦେଇପାରିବି। ଏହା ମୋର ସୌଭାଗ୍ୟ ହେବ ବୋଲି ସେହ୍ୱାଗ ଟୁଇଟର ଜରିଆରେ ଶନିବାର କହିଛନ୍ତି। ଉଲ୍ଲେଖଥାଉ କି, ଗତ ଗୁରୁବାର ଜମ୍ମୁ-କଶ୍ମୀରର ପୁଲୱାମା ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୪୦ ସିଆରପିଏଫ୍ ଯବାନ ଶହୀଦ ହୋଇଛନ୍ତି।

### ମାସକର ଦରମା ଦେବେ ବିଜେନ୍ଦର

**ନୂଆଦିଲ୍ଲୀ,୧୬।୨:** ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପରିବାରବର୍ଗଙ୍କ ଲାଗି ହରିୟାଣା ପୋଲିସରେ କାର୍ଯ୍ୟରତ ଚାମ୍ପିୟନ ବକ୍ସର ବିଜେନ୍ଦ୍ରର ସିଂ ଗୋଟେ ମାସର ଦରମା ପ୍ରଦାନ କରିବା ନେଇ କହିଛନ୍ତି। ଅଲିମ୍ପିକ୍ ପଦକଧାରୀ ଏକମାତ୍ର ପୁରୁଷ ବକ୍ସର ଶନିବାର କହିଛନ୍ତି, ଶହୀଦ ଯବାନଙ୍କ ପରିବାର ଲାଗି ମୁଁ ଏକ ମାସର ଦରମା ପ୍ରଦାନ କରୁଛି। ଯବାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ସମସ୍ତେ ଆଗକୁ ଆସିବା ଦରକାର। ତାଙ୍କ ପରିବାର ସହ ଛିଡ଼ା ହେବା ଆମ ଦାୟିତ୍ୱ। ଦେଶ ଲାଗି ସେମାନଙ୍କ ପରିବାରର ଜଣେ ସଦସ୍ୟ ଜୀବନ ତ୍ୟାଗ କରିଥିବାରୁ ଗର୍ବିତ ଅନୁଭବ କରାଇବା ଦରକାର। ଜୟ ହିନ୍ଦ।

### ଆଜିଠାରୁ କଟକରେ ଜାତୀୟ ସବ୍‌ଜୁନିୟର କୁସ୍ତି

**କଟକ ଅଫିସ,୧୬।୨:** ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାରଠାରୁ ଆରମ୍ଭ ହେଉଛି ୩୮ତମ ବାଳକ ଫ୍ରି ଷ୍ଟାଇଲ, ଗ୍ରୀକୋ ରୋମାନ ଓ ୨୨ତମ ଫ୍ରି ଷ୍ଟାଇଲ ସବ୍‌ଜୁନିୟର ଜାତୀୟ କୁସ୍ତି ଚାମ୍ପିୟନଶିପ। ଶନିବାର ସନ୍ଧ୍ୟା ସୁଦ୍ଧା ୧୨ଟି ରାଜ୍ୟର ପ୍ରତିଯୋଗୀ କଟକରେ ପହଞ୍ଚିଥିବା ବେଳେ ଅବଶିଷ୍ଟ ଦଳଗୁଡ଼ିକ ରବିବାର ସକାଳେ ପହଞ୍ଚିବେ ବୋଲି ଓଡ଼ିଶା କୁସ୍ତି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ବାରବାଟୀ ଷ୍ଟାଡିୟମ ପରିସରରେ ଖେଳାଳିମାନଙ୍କ ନିମନ୍ତେ ରହଣି ବ୍ୟବସ୍ଥା କରାଯାଇଛି। ରବିବାର ଖେଳାଳିମାନଙ୍କ ଓଜନ ମାପ କରାଯିବାବେଳେ ସୋମବାର ଉଦ୍‌ଘାଟନୀ ଉତ୍ସବ ସହ ପ୍ରତିଯୋଗିତା ଆରମ୍ଭ ହେବ। ସୂଚନାଥାଉ କି, ଦୀର୍ଘ ୧୧ବର୍ଷ ପରେ ଓଡ଼ିଶାରେ ପୁଣିଥରେ ଜାତୀୟ କୁସ୍ତି ଚାମ୍ପିୟନଶିପ ହେବାକୁ ଯାଉଛି। ୨୦୦୮ରେ ପୁରୀରେ ଶେଷଥର ପାଇଁ ସିନିୟର କୁସ୍ତି ଚାମ୍ପିୟନଶିପ ହୋଇଥିଲା। ପୂର୍ବରୁ ୨୨ ବର୍ଷ ତଳେ କଟକରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଚାମ୍ପିୟନଶିପ ହୋଇଥିଲା। ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ରାଜ୍ୟ ଏବଂ ଜାତୀୟ କୁସ୍ତି ଫେଡେରେଶନ ପକ୍ଷରୁ ୫୦ଜଣ ଟେକ୍ନିକାଲ ଅଫିସିଆଲ ପରିଚାଳନାରେ ସହଯୋଗ କରିବେ ବୋଲି ଜଣାପଡ଼ିଛି।

### ୧୮ରୁ ନବ ଦାଶ ମେମୋରିଆଲ ଟି୨୦

**ଭୁବନେଶ୍ୱର,୧୬।୨(ସ୍ପୋର୍ଟ୍ସ ବ୍ୟୁରୋ):** ନବ ଦାଶ ସ୍ମୃତି କମିଟି ଆନୁକୂଲ୍ୟରେ ଆସନ୍ତା ୧୮ରୁ ୨୧ ତାରିଖ ମଧ୍ୟରେ ସ୍ଥାନୀୟ ବିଜେବି କଲେଜ ଗ୍ରାଉଣ୍ଡରେ ଏକ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଫାଇନାଲ ଦିବସ ବ୍ୟତୀତ ପ୍ରତିଦିନ ଦୁଇଟି ଲେଖାଏ ମ୍ୟାଚ୍ ଖେଳାଯିବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବହୁ ଆକର୍ଷଣୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଭୁବନେଶ୍ୱରର ସବୁ ଅଗ୍ରଣୀ କ୍ଲବ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ଧଳା ବଲ୍‌ରେ ଖେଳାଳିମାନେ ରଙ୍ଗିନ ପୋଷାକ ପରିଧାନ କରି ମ୍ୟାଚ୍ ଖେଳିବେ। ୧୮ ତାରିଖରେ ସହୀଦ ସ୍ପୋର୍ଟିଂ ଓ ପାରାମାଉଣ୍ଟ ପରସ୍ପରକୁ ପ୍ରଥମ ମ୍ୟାଚ୍‌ରେ ଭେଟିବେ।

## ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

# ଟାଇଟଲ ବଜାୟ ରଖିଲେ ସାଇନା

**ଗୁଆହାଟୀ,୧୬।୨(ପି.ଟି.)**

ଗତଥରର ଚାମ୍ପିୟନ ସାଇନା ନେହ୍ୱାଲ ସ୍ଥାନୀୟ ଟିଆରପି ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୮୩ତମ ଜାତୀୟ ବ୍ୟାଡିଣ୍ଟନ ଚାମ୍ପିୟନଶିପ୍‌ରେ ମହିଳା ବିଭାଗ ଟାଇଟଲ ହାସଲ କରିଛନ୍ତି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସାଇନା ୨୧-୧୮, ୨୧-୧୫ରେ ପି.ଭି. ସିନ୍ଧୁଙ୍କୁ ହରାଇ ଚତୁର୍ଥଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛନ୍ତି। ୩୦ ମିନିଟରୁ ସାମନ୍ୟ ଊର୍ଦ୍ଧ୍ୱ ସମୟରେ ସାଇନା ବିଜୟୀ ହୋଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାରେ ଦୁଇଥର ଚାମ୍ପିୟନ ହୋଇଥିବା ସିନ୍ଧୁ ଟାଇଟଲ ମୁକାବିଲାରେ ସାଇନାକୁ ରୋକିବାରେ ସଫଳ ହୋଇ ନ ଥିଲେ। ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ସାଇନା ଗତ ବର୍ଷ ମଧ୍ୟ ସିନ୍ଧୁଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ଗତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫାଇନାଲରେ ମଧ୍ୟ ସାଇନା ୨୦୧୬ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟିନୀ ସିନ୍ଧୁଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ।

ଏହା ପୂର୍ବରୁ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରତିଯୋଗିତାରେ ସୌରଭ ବର୍ମା ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୬ ବର୍ଷୀୟ ମଧ୍ୟ ପ୍ରଦେଶ




ରନର୍ସଅପ୍ ପି.ଭି. ସିନ୍ଧୁ ଓ ଚାମ୍ପିୟନ୍ ସାଇନା ନେହ୍ୱାଲ।

### ସୌରଭଙ୍କୁ ତୃତୀୟ ଟାଇଟଲ

ଖେଳାଳି ସୌରଭ ଫାଇନାଲ ମ୍ୟାଚ୍‌ରେ ୧୭ ବର୍ଷୀୟ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟ ସେନ୍‌ଙ୍କୁ ୨୧-୧୮, ୨୧-୧୩ରେ ପରାସ୍ତ କରି ତୃତୀୟ ଥର ପାଇଁ ଜାତୀୟ ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ସୌରଭ ୨୦୧୧ ଓ ୨୦୧୭ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ୨୦୧୭ରେ ସୌରଭ ପ୍ରତିପକ୍ଷ ଲକ୍ଷ୍ୟଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ।

ପୁରୁଷ ଡବଲ୍ସରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ପ୍ରଣବ ଜେରୀ ଚୋପ୍ରା ଓ ଚିରାଗ ସେଟ୍ଟୀ ୨୧- ୧୩, ୨୨-୨୦ରେ ମାତ୍ର ୩୩ ମିନିଟ୍‌ରେ ଟପ୍ ସିଡ ଯୋଡି ଏମ.ଆର. ଅର୍ଜୁନ ଓ ଶ୍ଳୋକ ରାମଚନ୍ଦ୍ରନଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଏଥି ସହିତ ପ୍ରଣବ ତାଙ୍କର ତୃତୀୟ ଜାତୀୟ ଟାଇଟଲ ହାସଲ କରିଛନ୍ତି।

## ଜାତୀୟ ହକି କ୍ୟାମ୍ପରେ ୪ ଓଡ଼ିଆ

**ନୂଆଦିଲ୍ଲୀ,୧୬।୨(ପିଟି)**

ମାଲେସିଆଠାରେ ମାର୍ଚ୍ଚ ୨୩ରୁ ଆରମ୍ଭ ହେବାକୁ ଯାଉଛି ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ। ଏଥିନେଇ ଆସନ୍ତା ୧୮ ତାରିଖରୁ ବେଙ୍ଗାଲୁରୁସ୍ଥିତ ସାଇ କେନ୍ଦ୍ରଠାରେ ସିନିୟର ନ୍ୟାଶନାଲ କ୍ୟାମ୍ପ ଆରମ୍ଭ ହେବ। ଶିବିରରେ ଯୋଗଦେବା ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶନିବାର ୩୪ ଜଣ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ୪ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ସୁମନ ବେକ, ବୀରେନ୍ଦ୍ର ଲାକ୍ରା ଓ ଶିଳାନନ୍ଦ ଲାକ୍ରା। ଗତ ବିଶ୍ୱକପ୍‌ରେ ଖେଳିଥିବା ୧୮ ଜଣ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଏହି ତାଲିକାରେ ସୁଲତାନ ଜୋହର କପ୍ ରୌପ୍ୟ ପଦକଧାରୀ ଦଳର ସଦସ୍ୟ ଶିଳାନନ୍ଦ, ସୁମନ, ମନଦୀପ ମୋର, ଯଶଦୀପ ସିୱାଚ, ଭିଶାଲ ଆଣ୍ଟିଲ ଓ ଗୁରସାହେବଜିତ୍ ସିଂ ସ୍ଥାନ ପାଇଛନ୍ତି। ୩୪ ଜଣିଆ କୋର ଗ୍ରୁପ୍ ମଧ୍ୟରୁ ୨୮ତମ ସୁଲତାନ ଆଜଲାନ ଶାହ କପ୍ ପାଇଁ ଚଳିତ ମାସର ଅନ୍ତିମ ସପ୍ତାହରେ ଦଳ ଘୋଷଣା କରାଯିବ। ଯୁବ ଖେଳାଳିମାନେ କ୍ରମାଗତ ଭଲ ପ୍ରଦର୍ଶନ କରି ସିନିୟର ସ୍ତରରେ ପହଞ୍ଚି ପାରିଛନ୍ତି। ଏଥିନେଇ ସେମାନଙ୍କୁ ଶ୍ରେୟ ଦେବା ଉଚିତ ବୋଲି ଏଚ୍‌ଆଇ ହାଇପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ କହିଛନ୍ତି।

**ଗୋଲକିପର:** ପି. ଆର. ଶ୍ରୀଜେଶ, ସୁରଜ କାର୍କେରା ଓ କ୍ରିଷ୍ଣା ବାହାଦୁର ପାଠକ।

**ଡିଫେଣ୍ଡର:** ହରମନପ୍ରିତ ସିଂ, ଗୁରିନ୍ଦର ସିଂ, ବରୁନ କୁମାର, କୋଠାଜିତ୍ ସିଂ ଖଦାଙ୍ଗବାମ, ସୁରେନ୍ଦର କୁମାର, ଅମିତ ରୋହିଦାସ, ଜର୍ମନପ୍ରୀତ ସିଂ, ପ୍ରଦୀପ ସିଂ, ସୁମନ ବେକ, ମନଦୀପ ମୋର, ବୀରେନ୍ଦ୍ର ଲାକ୍ରା ଓ ରୂପିନ୍ଦର ପାଲ ସିଂ।

**ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ, ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ସୁମିତ, ସିମରନଜୀତ୍ ସିଂ, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ଲଳିତ ଉପାଧ୍ୟାୟ, ବିବେକ ସାଗର ପ୍ରସାଦ, ଯଶଦୀପ ସିୱାଚ ଓ ବିଶାଲ ଆଣ୍ଟିଲ।

**ଫରୱାର୍ଡ:** ଆକାଶଦୀପ ସିଂ, ରମଣଦୀପ ସିଂ, ଗୁରଜାନ୍ତ ସିଂ, ମନଦୀପ ସିଂ, ଦଲପ୍ରୀତ ସିଂ, ସୁମିତ କୁମାର, ଗୁରସାହେବଜିତ ସିଂ, ଶିଳାନନ୍ଦ ଲାକ୍ରା ଓ ଏସ୍. ଭି. ସୁନୀଲ।

## ଫାଇନାଲରେ କଟକ ସ୍ପୋର୍ଟ୍ସ ହଷ୍ଟେଲ




ହ୍ୟାଟ୍ରିକ୍ ଗୋଲ ସ୍କୋରର ଜୟସିଂଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଦିଆଯାଉଛି।

**ସୋନପୁର,୧୬।୨(ନି.ପ୍ର.):** କଟକର ସ୍ପୋର୍ଟ୍ସ ହଷ୍ଟେଲ ସୋନପୁର ଗାନ୍ଧୀ ପଡିଆଠାରେ ଚାଲିଥିବା ଅଲ ଓଡ଼ିଶା ରବି ଆଣ୍ଡ୍ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଶନିବାର ପୁଲ-ବି ସେମିଫାଇନାଲ ମ୍ୟାଚ୍ ସ୍ପୋର୍ଟ୍ସ ହଷ୍ଟେଲ ୩-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ଦେଇଛି। ଖେଳର ୧୦ମ, ୨୦ତମ ଓ ୩୩ ତମ ମିନିଟ୍‌ରେ କଟକ ଦଳର ଜର୍ସି ନଂ ୧୨ ଖେଳାଳି ଜୟସିଂ ଗାଗାରାଇ ହ୍ୟାଟ୍ରିକ୍ ଗୋଲ ଦେଇଥିଲେ। ଖେଳର ୬୧ ମିନିଟ୍‌ରେ ଓଡ଼ିଶା ପୋଲିସର ଜର୍ସି ନଂ ୧୫ ଖେଳାଳି ବିଜୟ ଘାଲାନ ପେନାଲଟି ସଟ୍‌କୁ ଗୋଲରେ ପରିଣତ କରିଥିଲେ। ଜୟସିଂ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ରେଫେରି ସଞ୍ଜୀବ କୁମାର ସାହୁ, ସଲିଲ ବେହେରା, ଦିଲ୍ଲୀପ ରାଉତ ଓ ଦେବାଶିଷ ବାଗ୍ ପ୍ରମୁଖ ପରିଚାଳନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଓ ସୁବାସ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ, ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ଜନମୁରା ପଞ୍ଚାୟତର ସରପଞ୍ଚ ତଥା ଜିଲା ସରପଞ୍ଚ ସଂଘର ସମ୍ପାଦକ ଅରବିନ୍ଦ ବାରିକ ଓ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନର ସମ୍ପାଦକ ସତ୍ୟନାରାୟଣ ଦରୱାନ ଯୋଗ ଦେଇଥିଲେ। ରବିବାର ୟୁନାଇଟେଡ ସ୍ପୋର୍ଟିଂ ବରଗଡ଼ ଓ ସ୍ପୋର୍ଟ୍ସ ହଷ୍ଟେଲ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

## ରାଜ୍ୟ ସିନିୟର କାୟାକିଂ, କାନୋଇଂ ଦଳ ଘୋଷିତ

**କଟକ ଅଫିସ, ୧୬।୨:** ଦିଲ୍ଲୀଠାରେ ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ୨୯ତମ ସିନିୟର ପୁରୁଷ ଏବଂ ମହିଳା ଜାତୀୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିନିମନ୍ତେ ଓଡ଼ିଶା କାୟାକିଂ ଓ କାନୋଇଂ ସଂଘ ପକ୍ଷରୁ ୨୧ ଜଣିଆ ଦଳ ଘୋଷଣା କରାଯାଇଛି। ମହିଳା ଦଳରେ ମୀନା ମାଧୁରୀ ଟପ୍ପୋ, ଓଇନାମ ବିଦ୍ୟାଦେବୀ, ସରୋଜିନୀ ଟପ୍ପୋ, ରୀନା ପୂଜାରୀ, ଏସ୍‌ମା ବର୍ଲା, ଫୁଲମଣି ଏକ୍କା, ଆରସୀ ଦେବୀ, ଏଚ୍. ବିଦ୍ୟାପତି ଚାନୁ, ସଚ୍ଚିମା କେରକେଟା, ନିତୁପ୍ରଭା ଟପ୍ପୋ, ସୁପ୍ରିୟା ଏକ୍କା, ଏଲିନା ରାଉତ ରହିଛନ୍ତି। ସେହିପରି ପୁରୁଷ ବିଭାଗରେ ନାଗାଥୋଇ ସିଂ, ଦେବୀସନ ସିଂ, ରତିକ ସିଂ, ନାନୋ ମିତେଇ, ହିମାଂଶୁ ଶତପଥୀ, ଗୀତା ଚନ୍ଦ୍ର ସିଂ, ସୌମ୍ୟ ମହାପାତ୍ର ରହିଛନ୍ତି। ଜନସନ ସିଂ ମୁଖ୍ୟ କୋଚ୍ ଓ ପୃଥ୍ୱୀରାଜ ସିନ୍ଧେ ଦଳର ସହକାରୀ କୋଚ୍ ରହିଛନ୍ତି। ରବିବାର ଦଳ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

## ଓଡ଼ିଶାର ବିଜୟଧାରା ଜାରି

**କଟକ ଅଫିସ,୧୬।୨:** ଗୋଆର ସାନଗୁଏମ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୧୯ ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୧୯୮ ରନରେ ଜମ୍ମୁ ଓ କଶ୍ମୀରକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା ଲଗାତର ୪ର୍ଥ ବିଜୟ। ବିଜୟ ଧାରା ବଜାୟ ରଖିବା ସହ ଗ୍ରୁପ-ସି'ରେ ସ୍ଥାନ ପାଇଥିବା ଓଡ଼ିଶା ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍ ଆସନ୍ତା ୨୦ରେ ଗୁଜରାଟ ବିପକ୍ଷରେ ଖେଳିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ବିନିମୟରେ ୨୮୯ ରନ ସଂଗ୍ରହ କରିଥିଲା। ଅଧିନାୟିକା ଇନ୍ଦ୍ରାଣୀ ଛତ୍ରିଆ ସର୍ବାଧିକ ୫୧ ରନ କରିଥିବା ବେଳେ ପୁନମ ନାୟକ ୪୫, ସୁଇଟ ବେଉରା ୪୪ ରନ କରିଥିଲେ। ଓଡ଼ିଶାକୁ ଅତିରିକ୍ତ ୮୩ ରନ ମିଳିଥିବା ବେଳେ ଏହା ମଧ୍ୟରେ ୭୨ଟି ୱାଇଡ ସାମିଲ ଥିଲା। ଜମ୍ମୁ ଓ କଶ୍ମୀର ପକ୍ଷରୁ ରୁନକ ଜାହାନ ଓ ରୁଦ୍ରାକ୍ଷୀ ଚିବ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଜମ୍ମୁ ଓ କଶ୍ମୀର ୯୧ ରନରେ ଅଲଆଉଟ ହୋଇଥିଲା। ଅଧିନାୟିକା ସୋନିକା ସର୍ବାଧିକ ୧୮ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଣୀ କୁମାରୀ ପ୍ରସାଦ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଛନ୍ତି ।

## ଗୁପ୍ଟିଲଙ୍କ କ୍ରମାଗତ ଦ୍ୱିତୀୟ ଶତକ

**ଖ୍ରିଷ୍ଟଚର୍ଚ୍ଚ,୧୬।୨:** ବିସ୍ଫୋରକ ଓପନର ମାର୍ଟିନ ଗୁପ୍ଟିଲଙ୍କ କ୍ରମାଗତ ଦ୍ୱିତୀୟ ଶତକ ବଳରେ ବାଂଲାଦେଶ ବିପକ୍ଷରେ ଏଠାରେ ଖଳାଯାଇଥିବା ୨ୟ ଦିନିକିଆ ମ୍ୟାଚରେ ନ୍ୟୁଜିଲାଣ୍ଡ ଦଳ ୮ ଉଇକେଟରେ ବିଜୟ ହାସଲ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ନ୍ୟୁଜିଲାଣ୍ଡ ୨-୦ ବ୍ୟବଧାନରେ ଆଗୁଆ ଜିତି ନେଇଛି। ମ୍ୟାଚ୍‌ରେ ଶତକୀୟ ଇନିଂସ ଖେଳିଥିବା ଗୁପଟିଲ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଦଳ ପୂର୍ବ ମ୍ୟାଚ୍ ଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୪୯.୪ ଓଭରରେ ୨୨୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମହମ୍ମଦ ମିଥୁନ ୫୭ ଓ ସବିର ରେହମାନ(୪୩)ଙ୍କ ବ୍ୟତୀତ ଅନ୍ୟ କେହି ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ଲୋକି ଫର୍ଗୁସନ ୩ ଉଇକେଟ ନେଇଥିଲେ। ଜବାବରେ ଗୁପଟିଲ ଓ ଅଧିନାୟକ କେନ ୱିଲିୟମସନ ଦ୍ୱିତୀୟ ଉଇକେଟ ପାଇଁ ୧୪୩ ରନ୍‌ର ଭାଗୀଦାରି କରି ଦଳର ବିଜୟ ନିଶ୍ଚିତ କରି ଦେଇଥିଲେ। ଗୁପଟିଲ ୮୮ ବଲର ସମ୍ମୁଖୀନ ହୋଇ ୧୪ ଚୌକା ଓ ୪ ଛକା ସହାୟତାରେ ୧୧୮ ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ୱିଲିୟମସନଙ୍କ ସହ ରସ ଟେଲର ମିଶି ଦଳର ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ। ଫଳରେ ୩୬.୧ ଓଭରରେ ୨ ଉଇକେଟ ହରାଇ ୨୨୯ ରନ୍ କରି ମ୍ୟାଚ୍ ଜିତ ନେଇଛି। ଦଳ ପାଇଁ ୱିଲିୟମସନ ୬୫ ଓ ଟେଲର ୨୧ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ ମୁସ୍ତାଫିଜୁର ରହମାନ ଦୁଇ ଉଇକେଟ ନେଇଥିଲେ।




ମାର୍ଟିନ ଗୁପ୍ଟିଲ


**NANDANKANAN**

**NANDANKANAN ZOOLOGICAL PARK**

**TENDER NOTICE No.18 of 2018-19**

**Date: 16.02.2019**

Deputy Director, Nandankanan Zoological Park invites sealed tender in prescribed form from interested individuals / firms / entrepreneurs for **supply of Animal Feed** to Nandankanan Zoological Park during the financial year, 2019-20.

The last date of submission of sealed tender: 5.00 P.M of 07.03.2019.

Opening of sealed tender (Technical bid) : 11.30 A.M. of 08.03.2019.

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from 18.02.2019. The downloaded tender papers must be accompanied with a Bank Draft of Rs.**5900/-** (Rupees Five Thousand Nine Hundred) only (inclusive of 18% GST) in favour of Deputy Director, Nandankanan Zoological Park drawn on only nationalized Bank payable at Bhubaneswar.

**Sd./- Deputy Director,**
**Nandankanan Zoological Park**



**OFFICE OF THE DISTRICT MAGISTRATE & COLLECTOR, SAMBALPUR**

**Phone: 0663-2410582, 9437052238,**
**E-mail: diprosambalpur25@gmail.com**

**No. 873 / Election,** **16.02.2019**

**QUOTATION**

Sealed Quotations are invited from the intending Firms/ Suppliers/ Distributors to offer their rates to provide T.V/V.CR/ V.C.D/D.V.D Players etc. for hire rent for one month or fraction there off for MCMC Centre at Collectorate, Sambalpur during the course of General Election-2019.

The interest firms/ agencies may submit their application in plain paper addressed to the Additional District Magistrate, Collectorate, Sambalpur within 25.02.2019, 5.00 PM through REGISTERED POST/ SPEED POST.

The authority reserves the right to accept or reject any quotation or all quotations without assigning any reason thereof.

**Sd./- Collector-cum-District Election Officer**
**Sambalpur**



**ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ**

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

ଓଡ଼ିଶା ସରକାର

No.163-MM

**Tele Fax No-06762226717, e-mail ld-dfo.dhenkanal@gmail.com**

**ଦ୍ୱିତୀୟ ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲରୁ ୨୦୧୮-୧୯ (୨୦୧୯ ବର୍ଷର) କାଜୁ ବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁଯାୟୀ ପ୍ରକାଶ୍ୟ ଭାବେ ନିଲାମ କରାଯିବ। ବିକ୍ରି ସର୍ତ୍ତ ଓ କାଜୁ ବାଦାମ ସଂଗ୍ରହ ସ୍ୱତନ୍ତ୍ର ନିୟମାବଳୀଗୁଡ଼ିକ କାଏମ ରହିବ। ନିଲାମ ସମାପ୍ତି ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ସମ୍ବନ୍ଧରେ କୌଣସି ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ବିଶେଷ ବିବରଣୀ ଢେଙ୍କାନାଳ ବନଖଣ୍ଡ ଅଧିକାରୀ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟ ଦିବସରେ ଦିବା ୧୦ ଘଣ୍ଟା ଠାରୁ ୫ ଘଣ୍ଟା ମଧ୍ୟରେ ମିଳିପାରିବ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୦୭.୦୩.୨୦୧୯ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ବନଖଣ୍ଡ, ଢେଙ୍କାନାଳ | (୧.) ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭ.ଏସ୍.ଏସ୍ ଏରିଆ) (DL No.03 of 2018-19) (୨.) ବେଗା ରିଜର୍ଭ ଜଙ୍ଗଲର ମିଶ୍ରିତ କାଜୁ ପ୍ଲାଣ୍ଟେସନ୍ (କରଡାବଣି ଭ.ଏସ୍.ଏସ୍ ଏରିଆ ବ୍ୟତୀତ) (DL No.04 of 2018-19) | ସକାଳ ୧୧.୦୦ |

08037/11/0010/1819

**ସ୍ୱା./- ବନଖଣ୍ଡ ଅଧିକାରୀ, ଢେଙ୍କାନାଳ ବନଖଣ୍ଡ**



**OFFICE OF THE EXECUTIVE ENGINEER PUBLIC HEALTH DIVISION, BALANGIR**

**Tel -06652-234647, At: Tulsinagar, Balangir-767001,**
**Email: eephbgr@yahoo.co.in**

**NATIONAL COMPETITIVE BIDDING THROUGH e-Procurement**

**Identification No. EEPH-BLGR– 25 / 2018-19**
**Dt. 13.02.2019**

**No.489-C:-**

| | | | |
|---|---|---|---|
| 01 | Name of work | : | 02 Nos |
| 02 | Estimated cost | : | Rs 16.97 lakhs to Rs. 33.99 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 11.00 Hrs. of 18.02.2019 to 17.00 Hrs. of 27.02.2019 |
| 05 | Last date/time of receipt of bids in the portal | : | 17.00 Hrs. of 28.02.2019 |
| 06 | Date & Time of opening of bids | : | 12.00 Hrs. of 01.03.2019 |
| 07 | Name and Address of the officer inviting bid | : | Executive Engineer, PH Division, Balangir, At-Tulsinagar, Dist-Balangir-767001 |

Further details can be seen from the web site www.tendersorissa.gov.in

13005/11/0011/1819

**Sd./- Executive Engineer,**
**P.H. Division, Balangir**



**ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟ, ଅନୁଗୋଳ**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପ-ବିଭାଗ)**

**ସଂଖ୍ୟା: ୨୮୪** **ତାରିଖ: ୧୬।୦୨।୨୦୧୯**

ଏତଦ୍ୱାରା ଅନୁଗୋଳ ଜିଲ୍ଲାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା (B.P.L. Category) ତଥା SECC ତାଲିକାରେ ଥିବା ସମସ୍ତ ଅନୁସୂଚିତ ଜନଜାତି (S.T.) ଅନୁସୂଚିତ ଜାତି S.C.) ଶ୍ରେଣୀର ଅଭିଭାବକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ଶିକ୍ଷାବର୍ଷ ୨୦୧୯-୨୦ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ, ''ଅନ୍ୱେଷା'' ଯୋଜନା ମାଧ୍ୟମରେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଶ୍ରେଣୀର ପିଲାମାନେ (ଉଭୟ ପୁଅ ଓ ଝିଅ) ଯେଉଁମାନଙ୍କର ବୟସ ତା୩୧।୦୩।୨୦୧୯ରିଖ ସୁଦ୍ଧା ୫ ବର୍ଷ ପୂରଣ ହୋଇଥିବ କିନ୍ତୁ ୭ ବର୍ଷରୁ କମ୍ ହୋଇଥିବ, ସେମାନେ ସହରାଞ୍ଚଳରେ ଥିବା ଉତ୍ତମ ମାନର ଇଂରାଜୀ ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ ଷ୍ଟାଣ୍ଡାର୍ଡ-୧ (ପ୍ରଥମ ଶ୍ରେଣୀ)ରେ ପଢ଼ିବାର ସୁଯୋଗ ପାଇବେ। ସହରାଞ୍ଚଳର ହଷ୍ଟେଲରେ ରହିବା, ଖାଇବା, ପିଇବା, ବିଦ୍ୟାଳୟକୁ ଯିବା ଆସିବା ତଥା ପାଠ୍ୟ ଉପକରଣ, ପୋଷାକ ପତ୍ର ଇତ୍ୟାଦିର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ।


ଏଣୁ ଆଗ୍ରହୀ ଅଭିଭାବକମାନଙ୍କୁ ଅନୁରୋଧ ଯେ, ସେମାନେ ଏଥିପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ପୂରଣ କରି ଆବଶ୍ୟକୀୟ ପ୍ରମାଣ ପତ୍ରର ନକଲ ସହ ସମ୍ପୃକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ A.D.W.O, ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ W.E.O.ଙ୍କ ନିକଟରେ ଦାଖଲ କରିବେ। ଏହି ଫର୍ମ ଜିଲ୍ଲାର ସମସ୍ତ ବ୍ଲକ/ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଅନୁଗୋଳରେ ଉପଲବ୍ଧ ହେବ। ଏହାର ସବିଶେଷ ବିବରଣୀ ଜିଲ୍ଲା ୱେବ୍‌ସାଇଟ୍ https://angul.nic.in ରେ ମଧ୍ୟ ଉପଲବ୍ଧ ହେବ। ଛାତ୍ର, ଛାତ୍ରୀମାନଙ୍କ ଚୟନ ଓ ନାମ ଲେଖା ସରକାରଙ୍କ ନିର୍ଦ୍ଦେଶାନୁସାରେ ଅନୁସୂଚିତ ଜନଜାତି ୭୦% ଓ ଅନୁସୂଚିତ ଜାତି ୩୦% ଆଧାରରେ ଲଟେରି ମାଧ୍ୟମରେ କରାଯିବ।

ଆବେଦନଫର୍ମ ଦାଖଲର ଶେଷ ତାରିଖ- ତା ୦୬।୦୩।୨୦୧୯ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ। ନିର୍ଦ୍ଦିଷ୍ଟ ତାରିଖ ପରେ କିମ୍ବା ଅସମ୍ପୂର୍ଣ୍ଣ ଓ ପ୍ରମାଣପତ୍ର ବିହୀନ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

“ ଅଷ୍ଟ୍ରେଲିଆରେ ମୋ ସଫଳତା ପଛରେ ନ୍ୟାଶନାଲ କ୍ରିକେଟ ଏକାଡେମିରେ କିରଣ ମୋରେ ମୋତେ ଦେଇଥିବା ଟିପ୍ସର ବିଶେଷ ଭୂମିକା ରହିଛି ।

–ରିଷଭ ପନ୍ତ, ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ



“ ବିଶ୍ୱକପ୍ ଦଳରେ ରିଷଭ ପନ୍ତଙ୍କୁ ସ୍ଥାନ ଦେବା ସମ୍ପର୍କରେ ନିଷ୍ପତ୍ତି ପୂର୍ବରୁ ଆମେ ତାଙ୍କୁ କୋଡୋଟି ଅନ୍ତର୍ଜାତୀୟ ଦିନିକିଆରେ ଖେଳାଇବାକୁ ଚାହୁଁ ।

–ଏମ.ଏସ୍.କେ. ପ୍ରସାଦ, ଖେଳାଳି ଚୟନ କମିଟି ମୁଖ୍ୟ



# ଇରାନୀ କପ୍ ଜିତିଲା ବିଦର୍ଭ

ନାଗପୁର,୧୬।୨(ପି.ଟି.)

ରଣଜୀ ଚାମ୍ପିୟନ ବିଦର୍ଭ ଘରୋଇ କ୍ରିକେଟରେ ତା'ର ଶ୍ରେଷ୍ଠତା ବଜାୟ ରଖିଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଅନୁଷ୍ଠିତ ଇରାନୀ କପ୍‌ରେ ତାରକା ଖଚିତ ଅବଶିଷ୍ଟ ଭାରତ ବିପକ୍ଷରେ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ବିଦର୍ଭ ଚାମ୍ପିୟନ ହୋଇଛି। ଏଥି ସହିତ ବିଦର୍ଭ କ୍ରମାଗତ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ମୁମ୍ବାଇ ଓ କର୍ନାଟକ ପରେ ବିଦର୍ଭ ତୃତୀୟ ଦଳ ଭାବେ କ୍ରମାଗତ ଦ୍ୱିତୀୟ ଇରାନୀ କପ୍ ଟାଇଟଲ ହାସଲ କରିଛି। ପ୍ରଥମ ଇନିଂସରେ ୧୦୨ରନର ଶତକୀୟ ପାଳି ଖେଳି ବିଦର୍ଭକୁ ଅଗ୍ରଣୀ କରାଇଥିବା ଟେଲଏଣ୍ଡର ଅକ୍ଷୟ କର୍ନେୱାର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ପ୍ରଥମ ଇନିଂସରେ ୯୫ ରନ ପଛରେ ପଡିଥିବା ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସରେ ବିହାରୀଙ୍କ ଅପରାଜିତ ୧୮୦ ରନ(୩୦୦ ବଲ, ୧୯ ଚୌକା, ୪ ଛକା)ର ଶତକୀୟ ପାଳି ବଳରେ ୧୦୭ ଓଭରରେ ୩୭୪/୩ରେ ପାଳି ଘୋଷଣା କରିଥିଲା। ଫଳରେ ବିଦର୍ଭ ସମ୍ମୁଖରେ ୨୮୦ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବିଦର୍ଭ ଦମ୍ଦାର ବ୍ୟାଟିଂ ପ୍ରଦର୍ଶନ କରି ପଞ୍ଚମ ତଥା ଅନ୍ତିମ ଦିବସରେ ୧୦୩.୧ ଓଭରରେ ୫ ଉଇକେଟ ହରାଇ ୨୬୯ ରନ କରି ବିଜୟର ନିକଟବର୍ତ୍ତୀ ହୋଇଥିଲା। ବିଜୟ ପାଇଁ ଆଉ ମାତ୍ର ୧୧ ରନ ଆବଶ୍ୟକ ହେଉଥିବା ବେଳେ ଦୁଇ ଦଳ ମ୍ୟାଚ ଡ୍' ରଖିବାକୁ ସହମତି ପ୍ରକାଶ କରି ହାତ ମିଳାଇଥିଲେ। ଫଳରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଦର୍ଭ ବିଜୟୀ ଘୋଷିତ ହୋଇଥିଲା। ଟପ୍ ସ୍କୋରର ତଥା ଅଭିଜ୍ଞ ବ୍ୟାଟ୍ସମ୍ୟାନ ୱାସିମ ଜାଫର ଓ ତାରକା ଦ୍ରୁତ ବୋଲର ଉମେଶ ଯାଦବଙ୍କ ଅନୁପସ୍ଥିତି ସତ୍ତ୍ୱେ ବିଦର୍ଭ ଉଚ୍ଚକୋଟୀର ପ୍ରଦର୍ଶନ କରି ଶେଷରେ ବାଜି ମାରିଥିଲା।



ଇରାନୀ କପ୍ ଚାମ୍ପିୟନ୍ ବିଦର୍ଭ ଦଳର ଖେଳାଳିମାନେ ଟ୍ରଫି ସହ।

## ଶହୀଦଙ୍କ ସନ୍ତାନଙ୍କୁ ଦେଲେ ପୁରସ୍କାର ରାଶି

ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ରଣଜୀ ଚାମ୍ପିୟନ ବିଦର୍ଭ ଖେଳାଳିମାନେ ସେମାନଙ୍କ ପୁରସ୍କାର ରାଶି ଜମ୍ମୁ-କଶ୍ମୀରର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ସନ୍ତାନଙ୍କୁ ଦାନ କରିଛନ୍ତି। ବିଦର୍ଭ ଅଧିନାୟକ ଫୈଜ ଫଜଲ ଏ ନେଇ ଘୋଷଣା କରିଥିଲେ। ସମ୍ପନ୍ନ ପୁରସ୍କାର ରାଶି ଆମେ ସହୀଦଙ୍କ ସନ୍ତାନଙ୍କୁ ଦାନ କରିବୁ । ଦଳର ସବୁ ଖେଳାଳି ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛୁ । ଆମ ଦଳ ଓ ବିଦର୍ଭ କ୍ରିକେଟ ଆସୋସିଏଶନ ତରଫରୁ ଏହା ଏକ ଛୋଟିଆ ପ୍ରୟାସ ବୋଲି ସେ କହିଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୭/୧ ରୁ ବିଦର୍ଭ ଖେଳ ଆରମ୍ଭ କରିଥିଲା। ଓଭର ନାଇଟ ବ୍ୟାଟ୍ସମ୍ୟାନ ସଞ୍ଜୟ ରଘୁନାଥ ୧୭ରୁ ଖେଳ ଆରମ୍ଭ କରି ୪୨ ରନ କରି ରାଜସ୍ଥାନ ଲେଗ୍ ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ଅଥର୍ବ ତାଇଡେ ୧୬ରୁ ଖେଳ ଆରମ୍ଭ କରି ୭୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଏଲ୍‌ବିଡବ୍ଲ୍ୟୁ ହେବା ସହ ଚହରଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ମୋହିତ କାଲେ ୩୭ ରନର ପାଳି ଖେଳି ଧର୍ମେନ୍ଦ୍ରସିନ୍ ଜାଡେଜାଙ୍କ ବଲ୍‌ରେ ତନବୀର ଉଲ ହକ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଗଣେଶ ସତୀଶ ୮୭ ରନର ଲଢୁଆ ପାଳି ଖେଳି ଅବଶିଷ୍ଟ ଭାରତ ବୋଲରଙ୍କୁ ନିରାଶ କରିଥିଲେ। ଗଣେଶ ହନୁମା ବିହାରୀଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଗଣେଶ ଆଉଟ ହେବା ପରେ ଉଭୟ ଦଳ ହାତ ମିଳାଇଥିଲେ ଓ ମ୍ୟାଚ୍ ଡ୍ର ରଖିବାକୁ ନିଷ୍ପତ୍ତି ନେଇଥିଲେ। ଉଇକେଟ କିପର ବ୍ୟାଟ୍ସମ୍ୟାନ ଅକ୍ଷୟ ୱାଦେକର ୧୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଅବଶିଷ୍ଟ ଭାରତ ତରଫରୁ ଚହର ୨, ଅଙ୍କିତ୍ ରାଜପୁତ, ଜାଡେଜା ଓ ବିହାରୀ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ:** ୮୯.୪ ଓଭରରେ ୩୩୦ ଅଲଆଉଟ୍।
**ବିଦର୍ଭ ପ୍ରଥମ ଇନିଂସ:** ୧୪୨.୧ ଓଭରରେ ୪୨୫ ଅଲଆଉଟ୍।
**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ:** ୧୦୭ ଓଭରରେ ୩୭୪/୩ (ଇନିଂସ ଘୋଷଣା)
**ବିଦର୍ଭ ଦ୍ୱିତୀୟ ଇନିଂସ:** ୧୦୩.୧ ଓଭରରେ ୨୬୯/୫ (ଗଣେଶ ସତୀଶ- ୮୭, ଅଥର୍ବ ତାଇଡେ- ୭୨, ସଞ୍ଜୟ ରଘୁନାଥ- ୪୨, କାଲେ- ୩୭, ରାହୁଲ ଚହର- ୨/୧୧୬, ଅଙ୍କିତ୍ ରାଜପୁତ- ୧/୪୧, ଜାଡେଜା- ୧/୫୯, ବିହାରୀ- ୧/୦)

# କୁଶଲ ଦେଲେ ରୋମାଞ୍ଚକ ବିଜୟ

**ଡର୍ବାନ, ୧୬।୨:** ଘରୋଇ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ରୋମାଞ୍ଚକ ବିଜୟ ହାସଲ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୦୪ ରନର ଟାର୍ଗେଟ୍‌କୁ ପିଛା କରିଥିବା ଶ୍ରୀଲଙ୍କା ୯ ଉଇକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଛି। କୁଶଲ ପେରେରା ଅପରାଜିତ ୧୫୩ ରନର ମାରାଥନ ଇନିଂସ ଖେଳି ବିଜୟରେ ନାୟକ ସାଜିଥିଲେ। ଏହି ବିଜୟ ସହ ଶ୍ରୀଲଙ୍କା ୨ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ଅନ୍ତିମ ତଥା ୨ୟ ମ୍ୟାଚ୍ ଫେବୃୟାରୀ ୨୧ରୁ ପୋର୍ଟ ଏଲିଜାବେଥ୍‌ଠାରେ ଆରମ୍ଭ ହେବ।

୩୦୪ ରନର ଟାର୍ଗେଟ୍‌କୁ ପିଛା କରିଥିବା ଭ୍ରମଣକାରୀ ଶ୍ରୀଲଙ୍କା ପ୍ରାରମ୍ଭରୁ ୫୨ ରନ ମଧ୍ୟରେ ଲାହିରୁ ଥିରିମାନେ (୨୧), ଅଧିନାୟକ ଦିମୁଥ କରୁଣାରତ୍ନେ (୨୦) ଓ କୁଶଲ ମେଣ୍ଡିସ (୦)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଶ୍ରୀଲଙ୍କା ଆଉ କୌଣସି ଉଇକେଟ୍ ନ ହରାଇ ୮୨/୩ ରନ କରିଥିଲା। ଚତୁର୍ଥ ଦିବସର ଆରମ୍ଭରୁ ଶନିବାର ଓଶଡା ଫର୍ନାଡୋ (୩୭) ଓ ଉଇକେଟ୍‌କିପର ନିରୋଶାନ ଡିକ୍‌ୱେଲା (୦)ଙ୍କୁ ଦୁଇଟି ବଲ୍ ଅନ୍ତରରେ ଆଉଟ୍ କରି ଡେଲ୍ ଷ୍ଟେଇନ ଘରୋଇ ଦଳ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। ତେବେ କୁଶଲ ପେରେରା ଓ ଧନଞ୍ଜୟ ଡି ସିଲ୍‌ଭା (୪୮) ୬ଷ୍ଠ ଉଇକେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ୯୬ ରନ୍ ଭାଗୀଦାରି କରି ବିଜୟ ଆଶା ସଞ୍ଚାର କରିଥିଲେ। କିନ୍ତୁ ଦଳୀୟ ସ୍କୋର ୨୦୬ ରନ ହୋଇଥିବାବେଳେ ବାମହାତୀ ସ୍ପିନର କେଶବ ମହାରାଜା ଲଗାତର ୨ଟି ବଲରେ ସିଲ୍‌ଭା ଓ ସୁରଙ୍ଗ ଲାକମଲ (୦)ଙ୍କୁ ଆଉଟ୍ କରି ପୁଣିଥରେ ମ୍ୟାଚ୍ ଦକ୍ଷିଣ ଆଫ୍ରିକା କବ୍‌ଜାକୁ ଆଣିଥିଲେ। ଏହାପରେ ୮ମ ଓ ୯ମ ଉଇକେଟ୍ ଭାବେ ଯଥାକ୍ରମେ ଲସିଥ୍ ଏମ୍ବୁଲଡେନିୟା (୪) ଓ କଶୁନ ରଜିଥ୍ (୧) ଆଉଟ୍ ହେବାବେଳକୁ ଶ୍ରୀଲଙ୍କାର ସ୍କୋର ୨୨୬ ହୋଇଥିଲା ଏବଂ ପରାଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। ତେବେ ମଧ୍ୟକ୍ରମରେ ଧୈର୍ଯ୍ୟର ସହ ଅପରାଜିତ ରହିଥିବା ୨୮ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନ କୁଶଲ କିନ୍ତୁ ହାର୍ ମାନିବାକୁ ପ୍ରସ୍ତୁତ ନ ଥିଲେ। ୧୧ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ବିଶ୍ୱ ଫର୍ନାଣ୍ଡୋ (୬ ରନ, ୨୭ ବଲ)ଙ୍କୁ ସାଥୀ କରି କୁଶଳ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। କୁଶଳ ନିଜର ଶତକ ହାସଲ କରିବା ସହିତ ଅନ୍ତିମ ଉଇକେଟ୍‌ରେ ୭୮ ରନ ସଂଗ୍ରହ କରି ଅବିସ୍ମରଣୀୟ ବିଜୟ ଦେଇଥିଲେ। କୁଶଲ ୨୦୦ ବଲରୁ ୧୫୩ ରନ (୧୨ ଚୌକା, ୫ ଛକା) କରି ଅପରାଜିତ ରହିଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ମଧ୍ୟ ସେ ୫୧ ରନ କରିଥିଲେ। ମ୍ୟାଚ୍‌ବିଜୟୀ ଇନିଂସ ଲାଗି କୁଶଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୧୮ ପରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାର ଏହା ପ୍ରଥମ ପରାଜୟ ଥିଲା।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ–** ୨୩୫/୧୦ (କ୍ୱିଣ୍ଟନ ଡି କକ୍ ୮୦, ବିଶ୍ୱ ଫର୍ନାଡୋ ୪/୬୨)।
**ଶ୍ରୀଲଙ୍କା ପ୍ରଥମ ଇନିଂସ–** ୧୯୧/୧୦ (କୁଶଲ ୫୧, ଷ୍ଟେଇନ ୪/୪୮)।
**ଦ.ଆଫ୍ରିକା ୨ୟ ଇନିଂସ–** ୨୫୯/୧୦ (ଫାଫ୍ ଡୁ ପ୍ଲେସିସ ୯୦, ଏମ୍ବୁଲଡେନିୟା ୫/୬୬)।
**ଶ୍ରୀଲଙ୍କା ୨ୟ ଇନିଂସ–** ୩୦୪/୯, ୮୫.୩ ଓଭର (କୁଶଲ ୧୫୩*, କେଶବ ୩/୭୧)।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଫେବୃଆରୀ ୧୭/୨୦୧୯ Bhubaneswar, Sunday, February 17/ 2019

## ସଂକ୍ଷେପରେ

### ମା'ବଳିବାସୁଳାଇ କ୍ରିକେଟ ଟୁର୍ନାମେଣ୍ଟ, ବରୁଣାଡିହା ଚାମ୍ପିୟନ

**ରାଜକନିକା,୧୬।୨(ଡି.ଏନ୍.ଏ)-** ରାଜକନିକା ବ୍ଲକ ଅନ୍ତର୍ଗତ ବଜରପୁର ବଳିବାସୁଳାଇ କ୍ରିକେଟ କ୍ଲବ ପକ୍ଷରୁ ୮ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବରୁଣାଡିହା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତରପଦା କ୍ରିକେଟ ଟିମ ଓ ବରୁଣାଡିହା ମଧରେ ଅନୁଷ୍ଠିତ ହୋଇଥିଲା। ତରପଦା କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮୦ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ବରୁଣାଡିହା ଟିମ୍ କୌଣସି ଉଇକେଟ ନ ହରାଇ ୮୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ସାମାଜିକ କର୍ମୀ ସଞ୍ଜୟ ବେହୁରା ଯୋଗଦେଇ ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ସଞ୍ଜୟ ବିଶ୍ୱାଳ ଏଥବରେ ଅଧକ୍ଷତା କରିଥିଲେ। ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟବକ୍ତା ଭାବେ ପ୍ରଦୀପ ପଲ୍ଲାଇ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ରବିନାରାୟଣ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସେ ଖେଳାଳିମାନଙ୍କୁ ପ୍ରଶଂସା କରିଥିଲେ। ବଳିବାସୁଳୀ କ୍ଲବର ସଦସ୍ୟ ଜ୍ୟୋତିରଞ୍ଜନ ମଲିକ, ବିକାଶ ମଲିକ, ସୁମନ୍ତ କୁମାର ନାୟକ, ନୀରୋଦ ମଲିକ, ସରୋଜ ନାୟକ ଓ ସୁମନ୍ତ ପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ■ ଭିତରକନିକା ଜାତୀୟ ଉଦ୍ୟାନ

# ୩୦୭ରୁ ୧୨୬କୁ ଖସିଲା ଡଲ୍‌ଫିନ ସଂଖ୍ୟା

**କେନ୍ଦ୍ରାପଡା ଅଫିସ, ୧୬।୨**



ପେଣ୍ଠବେଳାଭୂମିରେ ମୃତ ଡଲ୍‌ଫିନ।

- ■ ଚିଲିକାଠାରୁ ଅଧିକ ଥିବା ନେଇ ଦିଆଯାଉଛି ସଫେଇ
- ■ ଚିଙ୍ଗୁଡିଘେରି ଓ ଅନୁପ୍ରବେଶ ଯୋଗୁ ନଷ୍ଟ ହେଉଛି ପରିବେଶ
- ■ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ସତ୍ତ୍ୱେ ଚୁପ ବସିଛି ପ୍ରଶାସନ

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ସବୁବେଳେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିଛି। ଦିନେ ଏହି ଅଞ୍ଚଳ ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରାପ୍ତିର ଦାବିଦାର ଥିଲା । ମାତ୍ର ଏବେ ଏହାର ପରିବେଶ ନଷ୍ଟ ହେବାରେ ଲାଗିଛି।

ଚଳିତ ବର୍ଷ ଡଲଫିନ ଗଣନାରେ ସଂଖ୍ୟା ହ୍ରାସ ହେବା ପରେ ଏହା ସ୍ପଷ୍ଟ ହୋଇଛି। ପୂର୍ବବର୍ଷ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ମୋଟ ୩୦୭ଟି ଡଲଫିନ୍ ଦେଖିବାକୁ ମିଳିଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୨୬କୁ ଖସିଆସିଛି। ମାତ୍ର ବନବିଭାଗ ଏନେଇ ଚିନ୍ତାପ୍ରକଟ ନ କରି ଚିଲିକାଠାରୁ ଏଠାରେ ଡଲଫିନ ସଂଖ୍ୟା ଅଧିକ ଥିବା ଦର୍ଶାଇ ସଫେଇ ଦେଇଚାଲିଛି।

ଗତ ଜାନୁୟାରୀ ୧୯ରେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ଡଲଫିନ ଗଣନା ହୋଇଥିଲା। ଏହି ସମୟରେ ଏଠାରେ ୧୪ଟି ଇରାୱାଡି, ୧୪ଟି ବଟଲନୋଜ ଓ ୯୮ଟି ହମ୍ପବ୍ୟାକ ପ୍ରଜାତିର ଡଲଫିନ ଦେଖିବାକୁ ମିଳିଥିଲା। ତେବେ ୨୦୧୮ରେ ଏହି ସାମୁଦ୍ରିକ ଅଞ୍ଚଳରେ ମୋଟ ୩୦୭ ଡଲଫିନ ଚିହ୍ନଟ ହୋଇଥିଲା। ଏସମ୍ପର୍କରେ ରାଜନଗର ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଭିନ୍ନ କାରଣରୁ ଡଲଫିନଗୁଡିକ ଏଠାରେ ଦେଖିବାକୁ ମିଳିନାହିଁ। ଗଣନା ବେଳେ ଘନ କୁହୁଡି ଥିବାରୁ ଠିକ ଭାବେ ଆକଳନ ହୋଇପାରି ନାହିଁ। ମାତ୍ର ଚିଲିକାଠାରୁ ଏଠାରେ ୧୩ଟି ଅଧିକ ଡଲଫିନ ରହିଛି ବୋଲି ସେ କହିଛନ୍ତି। ସଂଖ୍ୟା କମିଥିବାରୁ ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଜାତୀୟ ଉଦ୍ୟାନର ପରିବେଶ ସୁଧାରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ଚିଙ୍ଗୁଡି ଘେରି ଉଚ୍ଛେଦ ଓ ଅନୁପ୍ରବେଶ ରୋକିବା ନିମନ୍ତେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସେମାନେ କହିଛନ୍ତି। ଏସମ୍ପର୍କରେ ବାରହାପୁରର ପରିବେଶବିତ ହେମନ୍ତ କୁମାର ରାଉତ କୁହନ୍ତି, ଗହୀରମଥା ଅଞ୍ଚଳରେ ଡଲଫିନ ହ୍ରାସ ଏକ ପ୍ରତୀକ ମାତ୍ର । ଜାତୀୟ ଉଦ୍ୟାନ ଏବେ ନିଜସ୍ୱ ଜୈବ ବିବିଧତା ହରାଇବାକୁ ବସିଛି । କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳର ଅନେକ ସ୍ଥାନରେ ଚିଙ୍ଗୁଡି ଘେରି ଦେଖିବାକୁ ମିଳୁଛି । ଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ପରିବେଶ ଉପରେ କୁପ୍ରଭାବ ପକାଇଛି । ଗଛଲତା ଏଠାରେ ଉଧଉ ନ ଥିବା ବେଳେ ଚାଷ ଜମି ଲୁଣିଆ ହେବାରେ ଲାଗିଛି । ଗତ ଦୁଇ ବର୍ଷ ପୂର୍ବେ ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳରେ ଦୁଇଟି କମ୍ପାନୀକୁ ଚିଙ୍ଗୁଡି ଚାଷ ପାଇଁ ୧୫ ବର୍ଷିଆ ଲିଜ ଦେଇଛନ୍ତି। ଫଳରେ ସାମୁଦ୍ରିକ ଜୀବ ଏଠାରେ ରହିବା ପାଇଁ ପସନ୍ଦ କରୁନାହାନ୍ତି। ସେହିପରି ମହାକାଳପଡା ଅଞ୍ଚଳର ପରିବେଶବିତ ଲକ୍ଷ୍ମୀକାନ୍ତ ଗନ୍ତାୟତ କୁହନ୍ତି, ଜାତୀୟ ଉଦ୍ୟାନ ପାଇଁ ଅନୁପ୍ରବେଶ ଏବେ ବିପଦ ସାଜିଛି । ୨୦୧୫ରେ ୟୁନୋସ୍କୋ ପକ୍ଷରୁ ଆସିଥିବା ଅନୁଧ୍ୟାନକାରୀ ଦଳ ଭିତରକନିକା ପରିସୀମାରେ ବହୁ ଗ୍ରାମ ଦେଖିବାକୁ ପାଇଥିଲେ । ଫଳରେ ବିଶ୍ୱ ଐତିହ୍ୟ ତାଲିକା ମାନ୍ୟତା ପାଇବାରୁ ଏହା ବଞ୍ଚିତ ହୋଇଥିଲା। ସମୁଦ୍ର ପଥ ଦେଇ ବହୁ ବାଂଲାଦେଶୀ ଏଠାକୁ ଆସି ଡେରା ଜମାଉଛନ୍ତି। ମାତ୍ର ଭୋଟବ୍ୟାଙ୍କ ରାଜନୀତି ପାଇଁ ପ୍ରଶାସନ ଅଧିକାରୀ ସେମାନଙ୍କୁ ଦେଶାନ୍ତର କରିବା ବଦଳରେ ଘରଡିହ ଯୋଗାଇବାକୁ ବାଧ ହେଉଛନ୍ତି।

ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ଅନୁପ୍ରବେଶ ରୋକିବା ଓ ଚିଙ୍ଗୁଡି ଘେରୀ ଉଚ୍ଛେଦ କରିବା ଲାଗି ପ୍ରଶାସନ ପକ୍ଷରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଅନୁପ୍ରବେଶ ରୋକିବା ପାଇଁ ୩ଟି ସାମୁଦ୍ରିକ ଥାନା, ସମୁଦ୍ର ତଟ ରକ୍ଷା ବାହିନୀ ଓ ବନ ବିଭାଗକୁ ସଜାଗ କରାଯାଇଛି ବୋଲି ସେ କହିଛନ୍ତି।

## ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମୋତ୍ସବ: ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

**ଆଳି,୧୬।୨**



ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ।

ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମ ମହୋତ୍ସବ ଶନିବାର ଲକ୍ଷ୍ମୀବରାହ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଳି ମହୋତ୍ସବ ଭାବେ ନାମିତ ଏହି ଜନ୍ମୋତ୍ସବରେ ଠାକୁରଙ୍କ ଦର୍ଶନ ନିମନ୍ତେ ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥିଲା। ଏହି ଅବସରରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ଏନେଇ ଆଳି ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଲକ୍ଷ୍ମୀବରାହ ଜୀଉଙ୍କ ମନ୍ଦିର ନିକଟରୁ ଆଳି ନୂଆବଜାର ପର୍ଯ୍ୟନ୍ତ ତୋରଣ ଓ ଆଲୋକମାଳାରେ ସୁସଜ୍ଜିତ ହୋଇଛି। ଲକ୍ଷ୍ମୀବରାହ ସେବକସଂଘ, ଦେମାଳ ଲକ୍ଷ୍ମୀବରାହ ୟୁଥ କ୍ଲବ ଓ ଟ୍ରଷ୍ଟବୋର୍ଡର ମିଳିତ ଉଦ୍ୟମରେ ଏହି ଉତ୍ସବ ପାଳନ କରାଯାଉଛି।

ପ୍ରତିବର୍ଷ ପରି ଚଳିତ ବର୍ଷ ବରାହ ଦ୍ୱାଦଶୀ ଅବସରରେ ଏହି ଜନ୍ମୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ପ୍ରାତଃ ୪ଟାରେ ମନ୍ଦିର ପହୁଡ ଖୋଲିବା ପରେ ମଙ୍ଗଳା ଆଳତି କରାଯାଇ ଠାକୁରଙ୍କୁ ରାଜାବେଶ କରାଯାଇଥିଲା। ଦିବା ୧୧ଟା ସମୟରେ ବାଲ୍ୟଧୂପ କରାଯାଇଥିଲା। ଏହି ଧୂପ ବର୍ଷକରେ ଥରେ ବରାହ ଦ୍ୱାଦଶୀ ଦିନ କରାଯାଏ ବୋଲି ପୂଜକମାନେ ପ୍ରକାଶ କରିଛନ୍ତି। ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ପ୍ରସାଦ ଭୋଗ ଲାଗି ହେବା ପରେ ପହଡ଼ ପଡ଼ିଥିଲା। ଅପରାହ୍ନରେ ପହୁଡ ଖୋଲାଯାଇ ପରେ ସନ୍ଧ୍ୟାଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ଠାକୁରଙ୍କ ପାଇଁ ଖିରି, ଲୁଚି, କାକରା, ମାଲପୁଆ ଆଦି ଭୋଗ ଲାଗିଥିଲା। ଏହି ଦିବସରେ ଠାକୁରଙ୍କ ଦର୍ଶନ ପାଇଁ ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା ଓ ଯାଜପୁର ଅଞ୍ଚଳରୁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା।

## ବୋହୂଙ୍କୁ ମରଣାନ୍ତକ ଆକ୍ରମଣ ପରେ ଶ୍ୱଶୁରଙ୍କ ଆତ୍ମହତ୍ୟା

**କୋରେଇ,୧୬।୨(ସ୍ୱ.ପ୍ର.)**

ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତର ବରୁଣାଇପଦା ଗ୍ରାମରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ନିଜ ସାନ ବୋହୂଙ୍କୁ ଏକ କଟୁରୀରେ ଶ୍ୱଶୁର ମରଣାନ୍ତକ ଆକ୍ରମଣ କରିବା ପରେ ନିଜେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁତର ଅବସ୍ଥାରେ ବୋହୂ ଶକୁନ୍ତଳାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ହତ୍ୟା ଉଦ୍ୟମ ଓ ଅପମୃତ୍ୟୁ ଦୁଇଟି ମାମଲା ରୁଜୁ କରିଛି। ଘଟଣାଟି ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ପ୍ରକାଶ ଯେ, ଗ୍ରାମ ନିକଟରେ କରଦା ହରିହାଟ ଓ ମହୋତ୍ସବ ଚାଲିଥିବାବେଳେ ଶନିବାର ଅପରାହ୍ନ ପ୍ରାୟ ୨ଟା ବେଳେ ବଡ଼ବରୁଣାଇପଦାର ଦାମୋଦର ବେହେରା (୬୫) ହଠାତ ଏକ କଟୁରୀରେ ତାଙ୍କ ସାନପୁଅ ନୀଳମଣିଙ୍କ ସ୍ତ୍ରୀ ଶକୁନ୍ତଳା (୨୫)ଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ଶକୁନ୍ତଳାଙ୍କ ପିଠି, ପେଟ ଓ ହାତରେ ଗଭୀର ଆଘାତ ଲାଗିଥିଲା। କଷ୍ଟରେ ଶକୁନ୍ତଳା ଚିତ୍କାର କରିବାରୁ ପାଟି ଶୁଣି ପଡ଼ୋଶୀମାନେ ଦାମୋଦରଙ୍କୁ କାବୁ କରିଥିଲେ। ଶକୁନ୍ତଳାଙ୍କୁ ସଙ୍ଗେସଙ୍ଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ଦାମୋଦର ଅନ୍ୟ ଏକ ଘର ମଧ୍ୟକୁ ପଶିଯାଇ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହା ଦେଖି ପରିବାର ଅନ୍ୟସଦସ୍ୟମାନେ ଉଦ୍ଧାର କରି ଦାମୋଦରଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଶକୁନ୍ତଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୨ବର୍ଷ ତଳେ ନୀଳମଣି ଶକୁନ୍ତଳାଙ୍କୁ ବିବାହ କରିଥିଲେ। ହେଲେ ଦାମୋଦର କେଉଁ କାରଣରୁ ଶକୁନ୍ତଳାଙ୍କୁ ହାଣିଲେ ଓ ନିଜେ କାହିଁକି ରଶି ଲଗାଇ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ପାଟକୁରା,୧୬।୨(ଡି.ଏନ୍.ଏ.)**

ଗରଦପୁର ବ୍ଲକ ବେଡ଼ାରୀ ପଞ୍ଚାୟତ ଅନ୍ତର୍ଗତ ହରିଦାସପୁର ଗ୍ରାମରେ ୧୧ କେଭି ବିଦ୍ୟୁତ ତାର ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଙ୍ଗାଧର ପରିଡ଼ାଙ୍କ ସାନପୁଅ ତପନ (୩୫)। ଦିନ ୧୧ଟା ବେଳେ ଏକ କଞ୍ଚା ବାଉଁଶ ଧରି ଆସୁଥିବା ବେଳେ ଶନିମନ୍ଦିର ନିକଟରେ ଅଳ୍ପ ଉଚ୍ଚତାରେ ଓହଳିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା ଅଫିସ, ୧୬।୨**



ପୁରୁଣା ବସ୍‌ଷ୍ଟାଣ୍ଡରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଗତ ୧୪ ଅପରାହ୍ନ ସମୟରେ କାଶ୍ମୀରର ପୁଲ୍‌ୱାମା ଠାରେ କେନ୍ଦ୍ରୀୟ ସୁରକ୍ଷା ବଳର ଯବାନ ଗାଡିକୁ ଆତଙ୍କି ହମଲା ହୋଇଥିଲା । ଏଥିରେ ୪୦ ଯବାନ ଶହୀଦ ହୋଇଛନ୍ତି। ଏନେଇ କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନରେ ଶହୀଦଙ୍କୁ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସହର ମଧ୍ୟରେ ଶନିବାର ସନ୍ଧ୍ୟାରେ ୩ଟି କ୍ଲବର ସରସ୍ୱତୀ ଭସାଣୀ ଥିବା ବେଳେ କେବଳ ବୀରଗାଥାର ଧ୍ୱନି ଶୁଣିବାକୁ ମିଳିଥିଲା । ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂର୍ବାହ୍ନ ୧୧ଟାରେ ନୀରବ ପାର୍ଥନା କରାଯାଇଛି। ଏ ସମ୍ପର୍କରେ ସହରର ଫକିରାବଦସ୍ଥ ମୀର ଓବେଦା କହିଛନ୍ତି, ଆତଙ୍କବାଦୀଙ୍କ କୌଣସି ଜାତି ଅବା ଧର୍ମ ନାହିଁ । ବିଶେଷ କରି ଇସଲାମ ଧର୍ମରେ ଆତଙ୍କବାଦର କୌଣସି ସ୍ଥାନ ନାହିଁ। ତେବେ କେତେଜଣ ମୌଳବାଦୀ ଭାରତରେ ଆତଙ୍କ ଖେଳାଇ ଦେଶକୁ ଖଣ୍ଡ ବିଖଣ୍ଡିତ କରିବାକୁ ଚାହୁଁଛନ୍ତି । ତାହାର ଦୃଢ଼ ମୁକାବିଲା କରିବା ଆବଶ୍ୟକ।




## ଭୌତିକ ଅଗ୍ନିକାଣ୍ଡର ତଦନ୍ତ କରିବାକୁ ପ୍ରତିଶ୍ରୁତି

**ଆଳି,୧୬।୨(ଡି.ଏନ.ଏ.)–**ଗତ ଦୁଇ ସପ୍ତାହ ହେବ ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ଅନ୍ତର୍ଗତ ଦୈତାରୀପୁର ଗ୍ରାମରେ ଭୌତିକ ଅଗ୍ନିକାଣ୍ଡ ଘଟୁଛି। ୧୫ଟି ଘର ନିଆଁରେ ପୋଡିଯାଇଛି। ଭୟଭୀତ ହୋଇ ଗ୍ରାମର ବିପ୍ପନ୍ନଙ୍କ ସମେତ ୪୫ ପରିବାର ଘରଦୁଆର ଛାଡି ନିକଟସ୍ଥ ନଦୀକୂଳରେ ପାଲ ଟାଣି ରହିଛନ୍ତି । ସେମାନଙ୍କୁ ଆଳି ତହସିଲ ପକ୍ଷରୁ ପାଲ ଯୋଗାଇ ଦିଆଯାଇଛି। ଗ୍ରାମର ଯୁବକସଂଘ ପକ୍ଷରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶନିବାର କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଦୈତାରୀପୁର ଗସ୍ତ କରି ଅଗ୍ନିବିପନ୍ନ ପରିବାରଗୁଡିକୁ ଭେଟିଛନ୍ତି। ଗ୍ରାମବାସୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଘଟଣାର ତଦନ୍ତ ପାଇଁ ଜିଲାପାଳ ଶତପଥୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତଦନ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଗ୍ରାମରେ ଦମକଳ ଗାଡ଼ି ରହିବ ବୋଲି କହିଛନ୍ତି। ଆଗାମୀ ୧୫ ଦିନ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ଏଠାରେ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ସରକାରୀ ସୁବିଧାରୁ ବଞ୍ଚିତ ପରିବାରଗୁଡିକୁ ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି ସେ କହିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି,ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ବ୍ଲକ ବିଜୁ ଯୁବଜନତା ଦଳ ସଭାପତି କେଦାରନାଥ ବେହେରା ଓ ପଦନିପାଳ ସରପଞ୍ଚ ରାକେଶ ରୋଶନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଚର ଜମିରୁ ମାଟି ଉଠାଣକୁ ବିରୋଧ

**ଡେରାବିଶ,୧୬।୨(ସ୍ୱ.ପ୍ର.)–**ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମ ଗୋଚର ଜମିରୁ ମାଟି ଖୋଳି ରାସ୍ତା ନିର୍ମାଣ କରାଯିବା କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସହ ଖାଲ କରିଥିବା ସ୍ଥାନ ପୋତିବା ପାଇଁ ଦାବି କରିଛନ୍ତି । ଗତବର୍ଷ ଡିସେମ୍ବର ୧୨ ତାରିଖରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କଟକ–ଚାନ୍ଦବାଲି ରାସ୍ତାର ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁରସ୍ଥିତ ଯାତ୍ରୀ ସୁବିଧାକେନ୍ଦ୍ର ଠାରୁ କେଶରପୁର (ଢିଅସାହି) ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଶୁଭ ଦେଇଥିଲେ । ୧ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା ୩ କିଲୋମିଟର ଲମ୍ବର ଏହି ରାସ୍ତା ପାଇଁ ଆବଶ୍ୟକ ହେଉଥିବା ମାଟି ଲାଗି ଏଷ୍ଟିମେଟ୍‌ରେ ସ୍ୱତନ୍ତ୍ର ଅର୍ଥ ବରାଦ ରହିଛି । ତେବେ ସଂପୃକ୍ତ ଠିକାଦାର ରାସ୍ତା ପାର୍ଶ୍ୱରେ ଥିବା ଗୋଚର ଜମିକୁ ମେଶିନ୍ ଲଗାଇ ଖାଲ କରି ରାତା ରାତି ରାସ୍ତା ନିର୍ମାଣ କରି ଦେବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗ୍ରାମର ଗୃହପାଳିତ ଗୋରୁ , ଛେଳି, ମେଣ୍ଢା ଆଦିଙ୍କ ପାଇଁ ଉଦ୍ଦିଷ୍ଟ ଏହି ଚାରଣ ଜମିକୁ ଖାଲ କରିଦେବା ଫଳରେ ଭବିଷ୍ୟତରେ ଏହା ଚାଷଜମିରେ ପରିଣତ ହୋଇଯିବା କିମ୍ବା ବ୍ୟକ୍ତି ବିଶେଷଙ୍କ ମାଲିକାନାରେ ରହିଯିବାର ଆଶଙ୍କା ଦେଖାଦେଇଛି । ଦାନପୁର ପଞ୍ଚାୟତ ବିଜେଡି ସଭାପତି ଅମ୍ବିକା ପ୍ରସାଦ ରଥଙ୍କ ସମେତ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଖାଲ ହୋଇଥିବା ଗୋଚର ଜମିର ପୂର୍ବାବସ୍ଥା ଫେରାଇ ଆଣିବା ପାଇଁ ଦାବି କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରକ୍‌ରେ ପିଟିହେଲା ବସ୍ ଶିଶୁ ମୃତ, ୪ ଆହତ

**କଟକ ଅଫିସ, ୧୬ା୨:** ୧୬ ନମ୍ବର ଜାତୀୟ ରାଜପଥର ଜଗତ୍‌ପୁର ଥାନା ଅନ୍ତର୍ଗତ ଖଇରା ନାଳପୋଲ ନିକଟରେ ଶନିବାର ଯାଜପୁରରୁ କଟକ ଆସୁଥିବା ବାବାମଣି ନାମକ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ସାଢ଼େ ୩ ବର୍ଷର ଶିଶୁର ମୃତ୍ୟୁ ଘଟିଥିବାବେଳେ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଆହତମାନଙ୍କ ପରିଚୟ ଜଣାପଡି ନ ଥିବାବେଳେ ଚିକିତ୍ସାଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତଳୁଆ ଅଞ୍ଚଳର ସଂଗ୍ରାମ ସେନାପତିଙ୍କ ପୁଅ ଲୋକନାଥ ସେନାପତି ଓରଫ୍ ସାଇ। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇ ଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାରେ ଏକ ମାମଲା(ନଂ.୬୬/୧୯) ରୁଜୁ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବସ୍(ଓଡି୦୪ଏ-୭୩୫୮)ଟି ଭାରସାମ୍ୟ ହରାଇ ସମ୍ମୁଖରେ ଯାଉଥିବା ଏକ ଟ୍ରକ୍(ଏମ୍‌ଏଚ୍‌୧୭ଏଜି-୮୪୫୨)କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶିଶୁର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟ ବସ୍ ଓ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଛି। ତେବେ ବସ୍ ଚାଳକଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

■ ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ ନିର୍ମାଣ ପ୍ରସଙ୍ଗ

# ସଂଜ୍ଞାହୀନ ହୋଇ ଚିକିତ୍ସିତଥିବା ଚାଷୀଙ୍କ ମୃତ୍ୟୁ

ଡୁବୁରୀ,୧୬ା୨(ଡିଏନଏ)

- ୨୮ଦିନର ସଂଗ୍ରାମ ପରେ ହାରିଗଲେ ସାଇବୁ
- ଗ୍ରାମରେ ଉତ୍ତେଜନା
- ଉତ୍ତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କଲା ପ୍ରଶାସନ

କଳିଙ୍ଗନଗର ଥାନା ଅନ୍ତର୍ଗତ ଡୁବୁରୀ ନିକଟରେ ଚାଲିଥିବା ସୁକିନ୍ଦା-ଅନୁଗୋଳ-ଡୁବୁରୀ ରେଳପଥ କାର୍ଯ୍ୟକୁ ନେଇ ବିବାଦ ଥମିବାର ନାଁ ନେଉ ନ ଥିବାବେଳେ ଏହାକୁ ନେଇ ଶନିବାର ଅଧିକ ଉତ୍ତେଜନା ପ୍ରକାଶ ପାଇଛି। ଏହି ରେଳପଥ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ସାଇବୁ ମହାନ୍ତ (୪୬) ନାମକ ଜଣେ ଚାଷୀ ନିଜ ଜମିର ଶୋଚନୀୟ ଅବସ୍ଥା ଦେଖି ଗତ ୧୯ତାରିଖରେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ୨୮ଦିନର ସଂଗ୍ରାମ ପରେ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଚାଷୀଙ୍କ ଘର ବାଘରାସାହି ଗାଁରେ ହୋଇଥିବା ବେଳେ ଏ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ଆଲୋଚନା କରିବା ପରେ ପରସ୍ଥିତି ଶାନ୍ତ ପଡ଼ିଥିଲା।

ସୁକିନ୍ଦା ତହସିଲ ଅନ୍ତର୍ଗତ ଡୁବୁରୀ ରାଜସ୍ୱ ମୌଜାର ଖାତା ନମ୍ବର ୧୨୭ର ସମସ୍ତ ଚାଷଜମିକୁ ବେଆଇନ ଭାବେ ବିନା ମୂଲ୍ୟରେ ରେଳୱେ କର୍ତ୍ତୃପକ୍ଷ ଅଧିଗ୍ରହଣ କରି ରେଳପଥ ନିର୍ମାଣ କାର୍ଯ୍ୟ କରୁଥିଲେ। ଗତ ୧୯ତାରିଖ ସାଇବୁ ଜମି ଦେଖିବାକୁ ଆସିଥିବା ବେଳେ ଜମିର ଅବସ୍ଥା ଦେଖି ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲକୁ ପଠାଇ ଦିଆଯାଇଥିଲା। ଦୀର୍ଘ ୨୮ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଚାଷୀ ପ୍ରତିନିଧିଙ୍କୁ ଡାକି କଳିଙ୍ଗନଗର ଥାନାରେ ଆଲୋଚନା କରିଥିଲା। ଆଲୋଚନାରେ ସୁକିନ୍ଦା ତହସିଲଦାର ବୁଲବୁଲ ବେହେରା, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା, ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଓ ରେଳୱେ ଠିକାଦାର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ମୃତ ଚାଷୀଙ୍କ ଉତ୍ତରାଧିକାରୀଙ୍କୁ ସମ୍ପୃକ୍ତ ଠିକାସଂସ୍ଥାରେ କର୍ମନିଯୁକ୍ତି ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ପ୍ରଶାସନ ପକ୍ଷରୁ ରେଳୱେ କର୍ତ୍ତୃପକ୍ଷ ଠିକାଦାର ମାଧ୍ୟମରେ ଶବ ସତ୍କାର ପାଇଁ ୧୦ହଜାର ଟଙ୍କା ଯୋଗାଇ ଦେଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ କିଛି ଅର୍ଥ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିବାଦୀୟ ୧୨୭ନମ୍ବର ଖାତାରେ ରେଳପଥ ନିର୍ମାଣ କାର୍ଯ୍ୟକୁ ନେଇ କୋର୍ଟରେ ମାମଲା ବିଚାରାଧୀନ ଥିବାରୁ କୋର୍ଟଙ୍କ ନିଷ୍ପତ୍ତି ପୂର୍ବରୁ କୌଣସି ପ୍ରକାର ରେଳପଥ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଛି।

ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣା

# ଜେଲ ଗଲେ ଶିକ୍ଷକ

ବିରଜାକ୍ଷେତ୍ର,୧୬ା୨(ଡି.ଏନ୍.ଏ)



ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର କରାଯିବା ଘଟଣାରେ ସମ୍ପୃକ୍ତ ଥିବା ଜଣେ ଶିକ୍ଷକଙ୍କ ସମେତ ଆଉ ଜଣଙ୍କୁ ମଧ୍ୟ ଯାଜପୁର ପୋଲିସ ଶନିବାର କୋର୍ଟଚାଲାଣ କରିଛି। ଉକ୍ତ ଶିକ୍ଷକ ଜଣକ ହେଲେ ଛବାଟି ଗ୍ରାମର ଦେବଦତ୍ତ ସ୍ୱାଇଁ (ବାବୁ ସାର୍)। ଏହି ଘଟଣାରେ ପୂର୍ବରୁ ପୋଲିସ ଅଭିଯୁକ୍ତ ସାନସୁଆର ପଞ୍ଚାୟତ ତରତୋଟା ଗ୍ରାମର ସର୍ବେଶ୍ୱର ଜେନା (୨୧)ଙ୍କୁ ଗିରଫ କରିସାରିଥିବା ବେଳେ ଶୁକ୍ରବାର ଅଭିଯୁକ୍ତ ଶିକ୍ଷକ ଓ ସର୍ବେଶ୍ୱରଙ୍କ ସମ୍ପର୍କୀୟ ଭାଇ ଗୁଡୁ ଜେନାଙ୍କୁ (୧୯) ଗିରଫ କରିଥିଲା। ପ୍ରକାଶ ଯେ, ଶିକ୍ଷକ ଦେବଦତ୍ତଙ୍କ ଦ୍ୱାରା ପରିଚାଳିତ ଏକ ବେସରକାରୀ ବିଦ୍ୟାଳୟରେ ପୀଡ଼ିତା ନାବାଳିକା ଷଷ୍ଠ ଶ୍ରେଣୀରେ ପଢ଼ନ୍ତି। ତେବେ ସମ୍ପୃକ୍ତ ନାବାଳିକାଙ୍କ ସହ ସର୍ବେଶ୍ୱରଙ୍କର ପ୍ରେମ ସମ୍ପର୍କ ଥିଲା। ସର୍ବେଶ୍ୱର ଉକ୍ତ ନାବାଳିକାଙ୍କୁ ଦେଇଥିବା ଏକ ପ୍ରେମପତ୍ର ଦେବଦତ୍ତଙ୍କ ହସ୍ତଗତ ହୋଇଥିଲା। ଏହାପରେ ଦେବଦତ୍ତ ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରିବା ସହ ଜାନୁୟାରୀ ୧୯ ସନ୍ଧ୍ୟାରେ ଉକ୍ତ ବିଦ୍ୟାଳୟରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ସର୍ବେଶ୍ୱରଙ୍କ ଆଗରେ କହିବା ପରେ ଉଭୟ ଲୋକଲଜ୍ଜା ଭୟରେ ଗତ ୨୧ତାରିଖ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାରବର୍ଗ ପକ୍ଷରୁ ସର୍ବେଶ୍ୱର ତାଙ୍କ ଝିଅକୁ ଅପହରଣ କରିନେଇଥିବା ଯାଜପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୧୬/୧୯) ରୁଜୁ କରିଥିଲା। ଅପରପକ୍ଷରେ ସର୍ବେଶ୍ୱର ନାବାଳିକାଙ୍କୁ ବିଞ୍ଝାରପୁର ଥାନା କନ୍ଥିଆ ଗ୍ରାମର ସମ୍ପର୍କୀୟଙ୍କ ଘରେ ଛାଡ଼ି କର୍ମ ଅନ୍ୱେଷଣରେ କଲିକତା ଯାଇଥିବା ବେଳେ ସେଠାରେ ଗୁଡୁ ଜେନା(୧୯) ତାଙ୍କୁ ବଳାତ୍କାର କରିଥିଲେ। ସର୍ବେଶ୍ୱର ଏହା ଜାଣି ନାବାଳିକାଙ୍କୁ ସେଠାରୁ କଲିକତା ନେଇଯାଇଥିଲେ। ଏକ ପୋଲିସ ଟିମ୍ ସର୍ବେଶ୍ୱରଙ୍କ ଫୋନ୍ ଟ୍ରାକ୍ କରି ଉଭୟଙ୍କୁ ଗୁରୁବାର ରାତିରେ କଲିକତାରୁ ଯାଜପୁର ଥାନାକୁ ଆଣିଥିଲେ। ଶୁକ୍ରବାର ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ସର୍ବେଶ୍ୱରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ନାବାଳିକାଙ୍କ ବୟାନକୁ ଭିତ୍ତି କରି ପୋଲିସ ଶୁକ୍ରବାର ରାତିରେ ଶିକ୍ଷକ ଦେବଦତ୍ତ ସ୍ୱାଇଁ ଓ ସମ୍ପର୍କୀୟ ଭାଇ ଗୁଡୁଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଦେବଦତ୍ତ ଯାଜପୁର ବ୍ଲକ ବଡ଼ସୁଆର ପଞ୍ଚାୟତ ଅନ୍ତର୍ଗତ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକଭାବେ କାର୍ଯ୍ୟ କରୁଥିବା ବେଳେ ଉକ୍ତ ବେସରକାରୀ ବିଦ୍ୟାଳୟ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ନିରଞ୍ଜନ କରଙ୍କ ସୂଚନା ଅନୁଯାୟୀ, ଯେଉଁ ବିଦ୍ୟାଳୟରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା, ସେହି ବିଦ୍ୟାଳୟର ଭିତ୍ତିଭୂମି ଉପରେ ତଦନ୍ତ କରାଯିବା ସହ ନାବାଳିକାଙ୍କୁ କାଉନସେଲିଂ କରାଯିବ।

■ ଚଣ୍ଡିଖୋଲ ସବ୍‌ଜଜ୍ କୋର୍ଟ ଉଦ୍‌ଘାଟିତ

# 'ଓକିଲଙ୍କ କାର୍ଯ୍ୟଧାରା ଜନହିତରେ ଲାଗୁ'

ଚଣ୍ଡିଖୋଲ,୧୬ା୨(ଡି.ଏନ.ଏ.)



ସବ୍‌ଜଜ୍ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

ଚଣ୍ଡିଖୋଲଠାରେ ଶନିବାର ସବଜଜ୍ କୋର୍ଟ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଚଣ୍ଡିଖୋଲ ବାର୍ ଆସୋସିଏଶନ ସଭାପତି ଶରତ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ହାଇକୋର୍ଟ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ପ୍ରଥମ ବାରିଷ୍ଟର ଭାବେ ମଧୁବାବୁଙ୍କ ପ୍ରେରଣା ଓ ଆଦର୍ଶବାଦୀ ଚିନ୍ତାଧାରା ସମାଜ ପାଇଁ ମାର୍ଗଦର୍ଶନ କରିଛି। ଓକିଲଙ୍କ କାର୍ଯ୍ୟଧାରା ମଧୁବାବୁଙ୍କ ପରି ଜନହିତରେ ରହିଲେ କୋର୍ଟ ପ୍ରତିଷ୍ଠା ସାର୍ଥକ ହେବ ବୋଲି ଜଷ୍ଟିସ୍ ମିଶ୍ର ପ୍ରକାଶ କରିଛନ୍ତି। ହାଇକୋର୍ଟ ଜଜ ଯତିନ୍ଦ୍ର ପ୍ରସାଦ ଦାସ, ଯାଜପୁର ଜିଲା ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଓ ଓଡ଼ିଶା ବାର କାଉନ୍ସିଲର ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଖୁବ୍ କମ୍ ଦିନ ମଧ୍ୟରେ ଚଣ୍ଡିଖୋଲ କୋର୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବା ଏକ ଗୌରବର ବିଷୟ ବୋଲି କହିଥିଲେ। ସମ୍ପାଦକ ଜନ୍ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଉପଦେଷ୍ଟା ଅନଙ୍ଗ ଓଟା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲା ବେଳେ ରେଣୁବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ମୋହନ ଜେନା, ଯାଜପୁର ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଏସ୍‌ପି ଅକ୍ଷୟ ଦାସ, ଅବସରପ୍ରାପ୍ତ ଜଜ୍ ଗୟାଧର ପଣ୍ଡା, ଆଇନଜୀବୀ ପ୍ରତାପ ଚନ୍ଦ୍ର ଦାସ, ପ୍ରଦୀପ୍ତ କୁମାର ପରିଡ଼ାଙ୍କ ସମେତ ଚଣ୍ଡିଖୋଲ କୋର୍ଟରେ ସମସ୍ତ ଆଇନଜୀବୀ ଓ ମୋହରୀର ପ୍ରମୁଖ ଉପସ୍ଥିତ ଥିଲେ।

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ବରୀ,୧୬ା୨(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତର ମଲ୍ଲିଆଘାଇ ଛକ ନିକଟ ମଙ୍ଗଳା ପଡିଆରେ ଶନିବାର ଅପରାହ୍ନରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ପାଳିତ ହୋଇଯାଇଛି। ଅନୁପମ ଗ୍ୟାସ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ବରୀର ଭାଜପା ନେତା ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ କହିଥିଲେ। ବରୀ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ଦାସ ଯୋଗଦେଇ ଉପସ୍ଥିତ ଗୃହିଣୀଙ୍କୁ ଉତ୍ସାହିତ କରିଥିଲେ। ଅନୁପମ ଗ୍ୟାସର ପ୍ରୋପ୍ରାଇଟର ମନୋରଞ୍ଜନ ସାହୁ ଉତ୍ସବ ସଞ୍ଚାଳନ କରିଥିଲେ। ଏଚପିସିଏଲ କର୍ମଚାରୀ ବିଭୁରଞ୍ଜନ ଦାସ, ଲିପ୍ସା ପ୍ରିୟଦର୍ଶିନୀ ନାୟକ ଉପସ୍ଥିତ ଥିଲେ। ୩୧ ମାର୍ଚ୍ଚ ୨୦୧୯ ସୁଦ୍ଧା ଓଡ଼ିଶାର ପ୍ରତି ଘରକୁ ସ୍ୱଚ୍ଛ ଇନ୍ଧନ ଏଲପିଜି ସଂଯୋଗ କରିବା ଲକ୍ଷ ରହିଛି ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ୭୫ ଲକ୍ଷ ପରିବାରକୁ ଏଲପିଜି ସଂଯୋଗ ହୋଇଛି ବୋଲି ସେ କହିଥିଲେ। ଆଖପାଖ ପଞ୍ଚାୟତର ଶତାଧିକ ଗୃହିଣୀ ଅଂଶଗ୍ରହଣ କରିଥିଲେ।

## ରାଜ୍ୟସ୍ତରୀୟ ଶ୍ରାବଣୀ କପ୍: ସେମିରେ ବିଞ୍ଝାରପୁର ବିସିସି

ସିଂହପୁର,୧୬ା୨(ଡି.ଏନ୍.ଏ.): ସିଂହପୁରସ୍ଥିତ କାକୁଡି ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଶ୍ରାବଣୀକପ୍‌ରଶନିବାରତୃତୀୟକ୍ୱାର୍ଟରଫାଇନାଲମ୍ୟାଚ୍‌ଅନୁଷ୍ଠିତହୋଇଯାଇଛି।ଶ୍ରୀକ୍ଷେତ୍ରପାଳ ସ୍ପୋର୍ଟିଂ ଭୁବନେଶ୍ୱର ଓ ବିଞ୍ଝାରପୁର ବିସିସି ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଶ୍ରୀକ୍ଷେତ୍ରପାଳ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟରେ ୧୫୯ ରନ କରିଥିଲା। ଜବାବରେ ବିଞ୍ଝାରପୁର ବିସିସି ୧୯ ଓଭରରେ ୫ ଉଇକେଟ ହରାଇ ୧୬୫ ରନ୍ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଆଖାର ଅଲିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି।

### ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
### ସିଗ୍‌ନାଲିଂ ଏବଂ ଟେଲିକମ୍ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ.- ୬୭୫-କେବୁଲଶିଫ୍ଟିଂ-ଜେଡିଆଇ-ସିପିଏଚ୍, ତାରିଖ: ୧୨।୦୨।୨୦୧୯
କାର୍ଯ୍ୟ: ଏସ୍.ଇ.ସି. ରେଳପଥର ବିଳାସପୁର ଡିଭିଜନରେ ବିଏସ୍‌ପି-ଜେଏସ୍‌ଜିର ୪ର୍ଥ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଜେଡିଆଇ-ସିପିଏଚ୍ ସେକ୍ସନରେ ସିଗ୍‌ନାଲିଂ ଓ ଟେଲିକମ୍ କେବୁଲ୍, ଲୋକେସନ୍ ବକ୍ସର ସ୍ଥାନାନ୍ତରଣ/ସ୍ଥାନ ପରିବର୍ତ୍ତନ।
ଟେଣ୍ଡର ମୂଲ୍ୟ- ₹୨୫୧୭୪୦୭୧/- (₹ଦୁଇ କୋଟି ଏକାବନ ଲକ୍ଷ ଚଉସ୍ତରି ହଜାର ଏକସ୍ତରି ମାତ୍ର), ଇଏମ୍‌ଡି- ₹୨୭୫୯୦୦/- (ଦୁଇଲକ୍ଷ ପଚସ୍ତରି ହଜାର ନଅଶହ ମାତ୍ର), ଟେଣ୍ଡର ସମାପ୍ତି: ତା୦୫।୦୩।୨୦୧୯ରିଖ ଅପରାହ୍ନ ୧୫.୩୦ ଘଟିକାରେ।
ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଏସ୍‌ଟିଇ (ନିର୍ମାଣ) ଏସ୍‌ଇସି ରେଳପଥ ବିଳାସପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ଡେପୁଟି ଚିଫ୍ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟର/ସିଏନ୍-II
CPR/10/400
ସ୍ୱଚ୍ଛ ଭାରତ ଅଭିଯାନ

### ପୂର୍ବ ତଟ ରେଳପଥ
### ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-EI-KYOSAN-133, ତା. 13.02.2019 ରିଖ
**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଞ୍ଚେଶ୍ୱର ଷ୍ଟେସନ ଠାରେ Kyosan ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ :** ₹33,70,000/-, EMD : ₹67,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/- (GST 18% ସହିତ)।
ବିଡ୍ ଆରମ୍ଭ ହେବା ତାରିଖ : ତା.27.02.2019,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.13.03.2019 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-480/J/18-19

### ପୂର୍ବ ତଟ ରେଳପଥ
### ଡାଟା ଏଣ୍ଟ୍ରି ପରିଚାଳନା ସେବା ବ୍ୟବସ୍ଥା


ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-318E ତା. 31.01.2019 ରିଖ
**କାର୍ଯ୍ୟର ନାମ :** "ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ମୁଖ୍ୟାଳୟ/ଭୁବନେଶ୍ୱର, ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ଅନଗୁଳ ଏବଂ କାର୍ଯ୍ୟନିର୍ବାହୀ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା।"
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹34.90 ଲକ୍ଷ, EMD : ₹69,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/-, କାର୍ଯ୍ୟ ଶେଷ ହେବା ଅବଧି: 730 ଦିନ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.03.2019 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-101/CB/18-19

### OFFICE OF TAHASILDAR ANGUL

**MEGA LOK ADALAT**
**Dt. 17.02.19**
**VENUE: BIJU MAIDAN**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୧୭।୦୨।୧୯ (ରବିବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଗୋଳ ଜିଲ୍ଲାର ବିଜୁ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମେଗା ଲୋକ ଅଦାଲତ'ରେ ଅନୁଗୁଳ ତହସିଲଦାରଙ୍କ କାର୍ଯ୍ୟାଳୟ ତରଫରୁ ୫୦ ଗୋଟି ପଟ୍ଟା (RoR) ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ତହସିଲ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଉପସ୍ଥିତ ରହି ପଟ୍ଟା ଗ୍ରହଣ କରିବାକୁ ନିବେଦନ।

ଆପଣଙ୍କର ତହସିଲଦାର
ବିଚିତ୍ରାନନ୍ଦ ନାୟକ
Tahasildar, Angul




ଇମ୍ୟୁନିଟି ବଢ଼ାଏ
ସହସ୍ରାଧିକ ରୋଗରୁ ରକ୍ଷାକରେ
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
JOLLY ତୁଳସୀ 51 ଡ୍ରପ୍ସ
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...




କେଶ ହାନି | କୋଷ୍ଠକାଠିନ୍ୟ
ଚର୍ମରୋଗ | ପେଟ ଗ୍ୟାସ୍
କାଠବ୍ରଣ, ବ୍ରଣ | ଏସିଡିଟି
ଝିମିଝିମି ଲାଗିବା | ବଦହଜମି
ତୁଣ୍ଡ ଘା' | ଶ୍ୱାସରୋଗ
କାଲୁଆ ଲାଗିବା | କାଶ, କଫ
ଏକାଗ୍ରତା ଅଭାବ | ଦୁର୍ବଳତା
ମୁଣ୍ଡ ବୁଲାଇବା | କ୍ଲାନ୍ତିରେ ପ୍ରଭାବୀ
# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ। 0161-520-1588

### BOI ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ -୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା, ସହ-ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା, ସହ-ରଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା, ସହ-ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ରଣଗ୍ରହୀତା, ସହ-ରଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ରଣଗ୍ରହୀତା / ସହ-ରଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ପାରାଦ୍ୱୀପ ଶାଖା /** ରଣଗ୍ରହୀତା: ମେସର୍ସ ଶକୁନ୍ତଳା ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ୍-୭, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ / ଜାମିନ୍‌ଦାରମାନେ: ୧) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ୰ କାଳନ୍ଦୀ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ୍, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧, ୨) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁ, ଗ୍ରାମ: ବାଲିଡ଼ିଆ, ପୋ/ଥାନା: ପାରାଦ୍ୱୀପ ଲକ୍, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ | ଟ.୬୬,୦୧,୬୫୪.୧୦ + ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୨.୧୧.୨୦୧୮ / ୧୪.୦୨.୨୦୧୯ | ସ୍ୱତ୍ୱାଧିକାରୀ: ୧) ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ୨) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ୰ କାଳନ୍ଦୀ ସାହୁ ଏବଂ ୩) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁଙ୍କ ନାମରେ ଥିବା ଜମି/ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ମୌଜା: ନୂଆଗଡ଼, ଥାନା: ପାରାଦ୍ୱୀପ, ଏସ୍‌ଆର୍‌ଓ/ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଏହାର ଚଉହଦ୍ଦି- ଉତ୍ତର: ୰ କ୍ଷୀରୋଦ ସାହୁ, ଦକ୍ଷିଣ: ଟହଲି ସିଂହ, ପୂର୍ବ: ରାସ୍ତା, ପଶ୍ଚିମ: ଟହଲି ସିଂହ |
| **ପୁରୀ ଶାଖା /** ରଣଗ୍ରହୀତା: ଗନ୍ଧର୍ବ ସେନାପତି / ସହ-ରଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତି ସେନାପତି ଏବଂ ୨) ଶ୍ରୀ ଭାଗିରଥି ସେନାପତି, ସମସ୍ତଙ୍କ ଠିକଣା- ସା: ମଧୁବନ, ୫ମ ଲେନ୍, ପୁରୀ, ପିନ୍-୭୫୨୦୦୨ | ଟ.୧୮,୮୬,୪୦୧.୦୦ + ୩୦.୧୦.୨୦୧୮ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ | ୨୯.୧୦.୨୦୧୮ / ୧୨.୦୨.୨୦୧୯ | ଶ୍ରୀ ଗନ୍ଧର୍ବ ସେନାପତି, ପିତା: ୰ ଗୋପିନାଥ ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ମୌଜା: ଚିକରପଡ଼ା, ପୁରୀ, ସାବକ ସେଟେଲମେଣ୍ଟ ଖାତା ନଂ.: ୦୩, ପ୍ଲଟ୍ ନଂ.: ୧୩୭ (ଅଂଶ), ଅନୁରୂପ ସେଟେଲମେଣ୍ଟ ନିର୍ଣ୍ଣୟ ହୋଇନଥିବା ଆରଓଆର୍ ମୌଜା: ମାଟିଆପଡ଼ା, ଖାତା ନଂ.: ୮୩/୪୯ (କ), ପ୍ଲଟ୍ ନଂ.: ୪୪୯/୧୯୩୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ବସ୍ତିପ୍ଲାନ୍ ପ୍ଲଟ୍ ନଂ.: ୪୫, ଯାହା ବର୍ତ୍ତମାନ କିଣାଯାଇଅଛି / ସେଟେଲମେଣ୍ଟ ରେକର୍ଡ ନିର୍ଣ୍ଣୟ ହୋଇନାହିଁ, ସ୍ୱତଃ: ସ୍ଥିତିବାନ, କିସମ: ଘରବାରି, ଥାନା: ପୁରୀ ଟାଉନ୍ (ନଂ.-୩୧), ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚଉହଦ୍ଦି- ଉତ୍ତର: ରାସ୍ତା ଏବଂ ଡଃ. ଶ୍ୟାମସୁନ୍ଦର ମହାପାତ୍ର, ଦକ୍ଷିଣ: ହାଡିଗୋହିର, ପୂର୍ବ: ଜନ୍ମେଶ୍ୱର ନାୟକ ଏବଂ ରମେଶ ଚନ୍ଦ୍ର ପଟ୍ଟନାୟକ, ପଶ୍ଚିମ: ମଙ୍ଗୁଳି ବାରିକ ଏବଂ କୁଞ୍ଜ ବିହାରୀ ସାହୁ |

ତାରିଖ : ୧୬.୦୨.୨୦୧୯, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ


### କର୍ପୋରେଶନ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ରଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ରଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ରଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ରଣଗ୍ରହୀତାମାନେ ଦାୟୀ ରହିବେ।

| ଶାଖା / ରଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ରଣ ଆକାଉଣ୍ଟ ନଂ. / ରଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୫.୦୨.୨୦୧୯ରିଖ ସୁଦ୍ଧା ବକେୟା ରଣ (ଟଙ୍କାରେ) + ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ଆସ୍କା ଶାଖା, ପ୍ଲଟ୍ ନଂ.: ୨୭୬/୭୫୫, କଳିଙ୍ଗ ରୋଡ୍, ୱାର୍ଡ ନଂ.: ୧୧, ସା/ପୋ.: ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୦, ଫୋନ୍ ନଂ.: ୦୬୮୨୨-୨୭୧୨୭୮, ମୋ.: ୭୬୮୨୮୨୦୪୧୦** | | |
| **କାଳୁଚରଣ ଜେନା,** ପିତା: ପର୍ଶୁ ଜେନା, ରଘୁନାଥ ନଗର, ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୪୫୨୫୭୭୮ / ୨୭.୧୨.୨୦୧୭** | ୧୨.୬୩୦ | ଟ.୧୭,୫୨୦/- (ତା.୩୧.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଭୁବନେଶ୍ୱର କଟକ ରୋଡ୍ ଶାଖା, ପ୍ଲଟ୍ ନଂ.: ୩୩୩, ଏକାମ୍ର ହଲ୍ ନିକଟ, ସା/ପୋ.: ରସୁଲଗଡ, ବମିଖାଲ, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ.: ୦୬୭୪-୨୫୭୨୭୦୭, ୨୫୭୨୮୦୭, ମୋ.: ୯୫୫୬୪୫୨୭୩୦** | | |
| **ନୃସିଂହପ୍ରସାଦ ଦାସ,** ପିତା: ପରମାନନ୍ଦ ଦାସ, ପ୍ଲଟ୍ ନଂ.: ୯୮୧, ଝାରପଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / **ଆକାଉଣ୍ଟ ନଂ.: ସିଏଡିଏଲ୍/୫୬୦୯୯୧୦୦୨୦୩୭୫୪୬ / ୦୩.୦୨.୨୦୧୭** | ୨୧.୦୫ | ଟ.୩୮,୫୩୯/- (ତା.୩୦.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପାରାଦୀପ ଶାଖା, ପାରାଦୀପଗଡ, ପାରାଦୀପ ପୋଲିସ୍ ଷ୍ଟେସନ୍ ନିକଟ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧, ଫୋନ୍ ନଂ.: ୦୬୭୨୨-୨୩୦୦୪୬, ମୋ.: ୭୦୦୮୪୨୮୫୭୨** | | |
| **ବିକ୍ରମ ପ୍ରଧାନ,** ପିତା: ପରମାନନ୍ଦ ପ୍ରଧାନ, ସା/ପୋ.: ଖୁରୁସିଆ, କେନ୍ଦ୍ରାପଡା, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୭୯୭୯୨୩ / ୨୫.୦୪.୨୦୧୬** | ୨୨.୨୦ | ଟ.୫୦,୭୬୬/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜନ କୁମାର ଓଝା,** ପିତା: ଅପନୀ ଓଝା, ସା: କୋଠି, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୭୭୦୭୨ / ୦୧.୦୩.୨୦୧୬** | ୬୨.୯୦ | ଟ.୧,୦୨,୭୫୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାପସ ମାଝୀ,** ପିତା: ଦୈତାରୀ ମାଝୀ, ସା: ବିଶ୍ୱାଳି, ପୋ.: ଭୂତମୁଣ୍ଡାଇ, ଜଗତ୍‌ସିଂହପୁର / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୭୯୭୫୦୮ / ୨୨.୦୨.୨୦୧୬** | ୨୩.୫୦ | ଟ.୫୨,୮୬୨/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ବସନ୍ତ କୁମାର ଖଟେଇ,** ପିତା: ଉଚ୍ଛବ ଖଟେଇ, ସା: ସିଜୁ, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୭୯୮୯୯୭ / ୧୬.୦୨.୨୦୧୬** | ୪୧.୭୦ | ଟ.୬୭,୮୯୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜିତ୍ କୁମାର ମାଝୀ,** ପିତା: ବଳରାମ ମାଝୀ, ସା: ଫତେପୁର, ପୋ.: ଗୋପିଆକୁଦ, କୁଜଙ୍ଗ, ଜଗତ୍‌ସିଂହପୁର / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୫୩୬୦୦୫୩ / ୧୭.୦୫.୨୦୧୮** | ୧୭.୮୦ | ଟ.୩୩,୬୦୦/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୪୧୪୭୭୦୨** | | |
| **ବନମାଳି ବେହେରା,** ପିତା: ସଦାନନ୍ଦ ବେହେରା, ସା: ଷୋଳଦା, ପୋ.:କଳମଛୁଇଁ, ଥାନା: କଲିଏରୀ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୧୨୯୨୦୩୮ / ୦୫.୦୪.୨୦୧୭** | ୩୩.୮୮୦ | ଟ.୩୫,୩୫୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପର୍ଶୁରାମ ଦାସ,** ପିତା: ଗୋବିନ୍ଦ ଦାସ, ସା: ରଙ୍ଗପୁର, ପୋ.: ଏକଘରିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୩୫୬୯୯୭୯ / ୦୫.୦୯.୨୦୧୭** | ୨୫.୫୨୦ | ଟ.୩୪,୧୮୫/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଜଗତପୁର ଶାଖା, ତଳ ମହଲା, ଜେ.ବି ମାର୍କେଟ ବିଲ୍ଡିଂ, ଜଗତପୁର ସ୍କୋୟାର, କେନ୍ଦ୍ରାପଡା ରୋଡ୍, ଏସ୍‌ଏଚ୍-୯ଏ, ପୋ./ଥାନା: ଜଗତପୁର, ଜିଲ୍ଲା: କଟକ (ଓଡ଼ିଶା), ପିନ୍-୭୫୧୦୨୧, ଫୋନ୍ ନଂ.: ୦୬୭୧- ୨୪୯୦୧୧୩, ୨୪୯୦୧୧୨, ମୋ.: ୮୬୦୨୦୪୪୭୪୦** | | |
| **ସଞ୍ଜୟ କୁମାର ପଣ୍ଡା,** ପିତା: କୃଷ୍ଣ ଚନ୍ଦ୍ର ପଣ୍ଡା, ଟାଙ୍ଗୀ-ଚୌଦ୍ୱାର, କଟକ, ଓଡ଼ିଶା-୭୫୪୦୨୧ / **ଆକାଉଣ୍ଟ ନଂ.: ସିଏଡିଏଲ୍/୫୬୦୯୯୧୧୭୧୦୭୧୩୧୭ / ୩୦.୧୨.୨୦୧୭** | ୧୪୬.୬୦ | ଟ.୨,୩୦,୪୫୫/- (ତା.୩୧.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **କଙ୍କରଡା ଶାଖା, ପ୍ଲଟ୍ ନଂ.: ୨୩୭୯/୩୨୦୫ ଏବଂ ୨୩୭୯/୩୨୩୦, ମେନ୍ ରୋଡ୍, ସା/ପୋ.: କଙ୍କରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪, ମୋ.: ୭୬୮୨୮୨୦୩୯୫** | | |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନ: ପାଟପୁର, ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୮୬୩୩୦ / ୦୫.୧୨.୨୦୧୬** | ୧୮.୪୩ | ଟ.୩୫,୪୬୮/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନା: ପାଟପୁର, ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୮୧୬୪୩ / ୧୯.୦୫.୨୦୧୭** | ୨୦.୫୭୫ | ଟ.୩୪,୯୨୩/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୀପକ କୁମାର ପରିଡା,** ପିତା: ଦାଶୁରୁ ପରିଡା, ସା: କାଉଡିଆ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୪୩୯୮୪ / ୧୭.୦୫.୨୦୧୭** | ୩୩.୭୧୫ | ଟ.୬୦,୫୬୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୁଃଖିଶ୍ୟାମ ଦାସ,** ପିତା: ୰ ଅର୍ଜୁନ ଦାସ, ସା: ନିଷ୍ଟିପୁର, ବଡିଓସ୍ତ, ଥାନା: ପାଟପୁର, ଜିଲ୍ଲା: ଗଞ୍ଜାମ / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୯୮୨୫୯୩ / ୦୧.୦୬.୨୦୧୭** | ୪୬.୨୦ | ଟ.୭୩,୨୯୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରୋହିତ ଦାସ,** ପିତା: ଉପେନ୍ଦ୍ର ଦାସ, ସା: ଲକ୍ଷ୍ମୀପୁର, ପୋ.: କୁରୁଳ, ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଡିଏଲ୍/୫୬୦୯୫୧୦୦୨୮୪୪୦୪୨ / ୩୦.୦୫.୨୦୧୭** | ୨୩.୫୮୫ | ଟ.୪୮,୭୪୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |

ତାରିଖ: ୧୬.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ



ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେ ନାହିଁ।
- ସେନେକା



## ସଂକ୍ଷେପରେ

### ୫୯ତମ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଛତିଆ,୧୬।୨(ଡି.ଏନ୍.ଏ.)- ଛତିଆ ଗ୍ରାମପଞ୍ଚାୟତ ଅଧୀନ ପାଟଣା ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଶନିବାର ୫୯ତମ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ନାମଯଜ୍ଞ ବୁଧବାର ଆରମ୍ଭ ହୋଇଥିଲା। ଉକ୍ତ ଧର୍ମାନୁଷ୍ଠାନରେ ଦୂରଦୂରାନ୍ତରୁ ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଶତାଧିକ ଶ୍ରଦ୍ଧାଳୁ ହରିନାମ ଶୁଣିବା ସହ ଭଗବାନଙ୍କ କୃପା ଲାଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା ନିର୍ବାଚନମଣ୍ଡଳୀର ବିଭିନ୍ନ ଦଳର ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଚବିଶ ପ୍ରହର ନାମଯଜ୍ଞରେ ପାଟଣା ଗ୍ରାମବାସୀ ସହଯୋଗ କରିଥିଲେ।

# ମିଳିଲାନି ମଧ୍ୟାହ୍ନଭୋଜନ: ଭୋକିଲା ଫେରିଲେ ଛାତ୍ରୀଛାତ୍ର

ଛତିଆ,୧୬।୨(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତର ଦଳେଇ ସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅସ୍ୱାଭାବିକ ପରିସ୍ଥିତି ଦେଖିବାକୁ ମିଳିଛି। ଉକ୍ତ ବିଦ୍ୟାଳୟରେ ମୋଟ ୩୯ ପିଲା ପଢୁଥିବା ବେଳେ ୨ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟ ଗୃହ ନ ଥିବାରୁ ପିଲାମାନେ ଗଛମୂଳେ ପଢ଼ନ୍ତି। ଶନିବାର ସକାଳେ ବର୍ଷା ହେବାରୁ ମୋଟ ୩୯ ପିଲାରୁ ୨୪ ଜଣ ଆସିଥିଲେ। ପ୍ରଥମେ ୬ ଜଣ ଆସିଥିଲେ। ବର୍ଷା ଛାଡ଼ିବା ପରେ ଆଉ ୧୮ ଜଣ ବିଳମ୍ବରେ ଆସିଥିଲେ। ବିଦ୍ୟାଳୟ ଗୃହ ନ ଥିବାରୁ ଗଛମୂଳେ କ୍ଲାସ ହେଉଥିଲା। ଶନିବାର ବର୍ଷା ହେବାରୁ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ପାଠପଢ଼ା ହେଉଥିଲା। ସେଠାରେ ମାତ୍ର ୬/୭ ଜଣ ବସିପାରିବେ। ବର୍ଷା ଛାଡ଼ିବା ପରେ ବିଳମ୍ବରେ ପିଲା ଆସିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ରାଉତ ଡେରିରେ ଆସିଛ କହି ପିଲାଙ୍କୁ ଘରକୁ ଫେରାଇ ଦେବାରୁ ମଧ୍ୟାହ୍ନଭୋଜନ ନ ଖାଇ ଭୋକରେ ଘରକୁ ଫେରିଥିଲେ। ପରେ ଅଭିଭାବକମାନେ ବିଦ୍ୟାଳୟକୁ ଆସି ହୋ ହଲ୍ଲା କରିବା ସହ କାହିଁକି ଆମ ପିଲାଙ୍କୁ ନ ପଢ଼ାଇ ଫେରାଇ ଦେଇଥିଲ ବୋଲି ପ୍ରଶ୍ନ କରିଥିଲେ। ପିଲାମାନେ ଗଛମୂଳେ ପାଠପଢ଼ିଥିଲେ ସ୍କୁଲ ଗୃହ ନିର୍ମାଣ ପାଇଁ ଅଭିଯୋଗ କରିଥାନ୍ତେ ବୋଲି ସେମାନେ କହିଥିଲେ। ଏଥିସହ ଶନିବାର ହୋଇଥିବାରୁ କାହିଁକି ପିଲାଙ୍କୁ ମଧ୍ୟାହ୍ନଭୋଜନରେ ଅଣ୍ଡା ଦେଲନି ବୋଲି କହିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରାଉତ କହିଛନ୍ତି, ପ୍ରଥମେ ଆସିଥିବା ୬ଜଣ ପିଲାଙ୍କର ମଧ୍ୟାହ୍ନଭୋଜନ ପାଇଁ ଜଣାଇ ଦେଇଥିଲେ। ଅନ୍ୟମାନେ ଡେରିରେ ଆସିବାରୁ କିପରି ସେମାନଙ୍କର ମଧ୍ୟାହ୍ନଭୋଜନ କରାଇଥାନ୍ତେ ବୋଲି କହିଥିଲେ। କିନ୍ତୁ ଶନିବାର ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଥିବା ଜଣାପଡ଼ିଛି।

## ବ୍ୟାସ ସରୋବର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଯାଜପୁରରୋଡ,୧୬।୨(ନି.ପ୍ର.)

ବ୍ୟାସ ସରୋବର ମହୋତ୍ସବର ଶନିବାର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମେଘୁଆ ପାଗ ଥିବାରୁ ମହୋତ୍ସବର ମାହୋଲ ଫିକା ପଡ଼ିଯାଇଥିବା ଜଣାପଡ଼ିଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ବ୍ୟାସଶ୍ରୀ କଳା ନିକେତନ ଦ୍ୱାରା ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଷ୍ଟଲଗୁଡିକ ଖାଲିପଡିଛି। ବହୁ କମ୍ ସଂଖ୍ୟାରେ ଦର୍ଶକ ଥିବା ଦେଖିବାକୁ ମିଳିଛି। ବଉଳ ଗଛ ମୂଳେ ସାଧୁସନ୍ଥଙ୍କ ଭିଡ ଜମି ନାହିଁ। ଦୋକାନୀମାନେ ହାତ ଖାଲି କରି ବସିଛନ୍ତି। ମହିମା ଆଶ୍ରମରେ ଖଞ୍ଜଣୀ ମାଡ ଓ ଅଷ୍ଟପ୍ରହର ନାମଯଜ୍ଞ ଓ ହରିନାମ ମୁଖରିତ ହୋଇଛି। ପୌର ପରିଷଦ ପକ୍ଷରୁ ପୀଠକୁ ସଜାସଜି କରାଯାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାଆନଗଣ୍ଡା କାହାଣ ରଣ;**
**ମାଇପ କହୁଛନ୍ତି ଚନ୍ଦ୍ରଉଦିଆ କିଣ ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ମନ ବଳେଇବା ବା ଅଡିବସିବା ସ୍ତ୍ରୀପକ୍ଷେ ଅତି ବେକାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା,**
**ମୁଣ୍ଡରେ ରାମ ଟହଲିଆ ଖୋଷା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଇ ନ ଥାଏ। ଦୈନନ୍ଦିନ ଗୁରୁରାଣ ମେଣ୍ଟାଇବାକୁ ଅସମର୍ଥ ମହିଳା ବେଶ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ଅଙ୍ଗନୱାଡ଼ି କର୍ମୀ ୨ଶିଶୁଙ୍କ ଅଣ୍ଡାଛତୁଆ ବନ୍ଦ କରିବା ଘଟଣା

# ରିପୋର୍ଟ ତଲବ କଲେ ମୁଖ୍ୟମନ୍ତ୍ରୀ

ସୁକିନ୍ଦା,୧୬।୨(ଡି.ଏନ୍.ଏ.)

ଦଳିତ ବସ୍ତିରେ ରହୁଥିବା କାରଣରୁ ଯାଜପୁର ଜିଲା ସୁକିନ୍ଦା ବ୍ଲକ ମୁଣ୍ଡାକୁଳ ଅଙ୍ଗନୱାଡ଼ି କେନ୍ଦ୍ରର ୨ଜଣ ଶିଶୁ କନ୍ୟାଙ୍କୁ ଅଣ୍ଡା ଛତୁଆରୁ ବଞ୍ଚିତ କରାଯାଉଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଗତ ୮ ତାରିଖ ଖବର ପ୍ରକାଶ ପାଇବା ପରେ ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଯାଜପୁର ଜିଲାପାଳ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ରିପୋର୍ଟ ତଲବ କରିଥିବା ଜଣାପଡ଼ିଛି। ସୂଚନା ଯେ, ଉକ୍ତ ୨ ଶିଶୁଙ୍କ ପରିବାର ଦଳିତ ବସ୍ତିରେ ରହୁଥିବା କାରଣରୁ ସେମାନଙ୍କୁ ଅଣ୍ଡା ଓ ଛତୁଆ ମିଳିବାରୁ ବଞ୍ଚିତ କରାଯାଉଥିଲା। ଏପରିକି ସେମାନଙ୍କ ନାମକୁ ଅଙ୍ଗନୱାଡ଼ି କେନ୍ଦ୍ରରୁ କାଟି ଦେବାକୁ ମଧ୍ୟ ଧମକ ଦିଆଯାଇଥିଲା। ଏନେଇ ଶିଶୁଦ୍ୱୟଙ୍କ ପିତା ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଅଙ୍ଗନୱାଡି କର୍ମୀ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ଅଙ୍ଗନୱାଡି ସୁପରଭାଇଜରଙ୍କଠାରୁ ସିଡିପିଓ ତଦନ୍ତ କରିଥିଲେ ହେଁ କିଛି ପଦକ୍ଷେପ ଗ୍ରହଣ କରଯାଇ ନ ଥିଲା। ଏହି ଖବର ପ୍ରକାଶ ପାଇବା ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରି ରିପୋର୍ଟ ତଲବ କରିଥିଲେ। ଏହାପରେ ସୁକିନ୍ଦା ସିଡିପିଓ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଗୁରୁବାର ରିପୋର୍ଟ ଦାଖଲ କରିଥିବା ସୂଚନା ଦେଇଛନ୍ତି।

## ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ଯାଜପୁରରୋଡ,୧୬।୨(ନି.ପ୍ର.)

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣରେ ୪୪ ଯବାନ ଶହୀଦ ହୋଇଛନ୍ତି। ଏ ନେଇ ଯାଜପୁରରୋଡରେ ଶନିବାର ବଜରଙ୍ଗ ଦଳ ପକ୍ଷରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଥିସହ ପାକିସ୍ତାନ ବିରୋଧୀ ଧ୍ୱନି ଦିଆଯାଇଥିଲା। ପାକିସ୍ତାନ ଭାରତରେ ଆତଙ୍କବାଦ ଚଳାଇଛି। ପାକିସ୍ତାନର ଏଭଳି କାର୍ଯ୍ୟ ବିରୋଧରେ ଭାରତ ପକ୍ଷରୁ ଉଚିତ ଶାସ୍ତି ଦିଆଯାଉ ବୋଲି ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଥିଲା।

# ଏଡିଜେ କୋର୍ଟ ଉଦ୍‌ଘାଟିତ

ଯାଜପୁରରୋଡ,୧୬।୨(ନି.ପ୍ର.)

ଯାଜପୁରରୋଡଠାରେ ଶନିବାର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) କୋର୍ଟ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କୋର୍ଟ ଉଦ୍‌ଘାଟନ କରିଥିଲେ। ଯାଜପୁରରୋଡ ଓକିଲ ସଂଘ ସଭାପତି ସରୋଜ କୁମାର କର ଅଧ୍ୟକ୍ଷତା କରିଥିଲେ। କୋର୍ଟ ଖୋଲିବା ନେଇ ବ୍ୟାସନଗର, କୋରେଇ, ସୁକିନ୍ଦା ଓ ଦାନଗଦୀ ଆଦି ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଏହି ଅବସରରେ ପୁଲୱାମାରେ ଶହୀଦ ଯବାନଙ୍କ ସ୍ମୃତିରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମାନିତ ଅତିଥିଭାବେ ହାଇକୋର୍ଟ ବିଚାରପତି ଯତୀନ୍ଦ୍ର ପ୍ରସାଦ ଦାସ, ଯାଜପୁର ଜିଲା ଓ ଦୌରାଜଜ୍ ବିରଞ୍ଚି ନାରାୟଣ ମିଶ୍ର, ଅତିରିକ୍ତ ଜିଲାଜଜ୍ ଦେବଦତ୍ତ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନ୍ୟାୟିକ ବ୍ୟବସ୍ଥା ମାଧ୍ୟମରେ ଓକିଲ ଏବଂ ଜଜ୍‌ଙ୍କ ସମନ୍ୱୟ ରକ୍ଷା, ଉପଯୁକ୍ତ ସମୟରେ ମକଦ୍ଦମାଗୁଡ଼ିକର ନ୍ୟାୟ ପ୍ରଦାନ କରିବାକୁ ମୁଖ୍ୟଅତିଥି ମିଶ୍ର ଆହ୍ୱାନ ଦେଇଥିଲେ। ତଳ କୋର୍ଟଗୁଡ଼ିକରେ ସିସି କ୍ୟାମେରା ଲଗାଯାଇ କୋର୍ଟର କାର୍ଯ୍ୟକୁ ଅନୁଧ୍ୟାନ କରାଯିବ। ଅନ୍ୟତମ ଅତିଥି ଜେ ବି ଦାସ କହିଲେ କୋର୍ଟ ହେଉଛି ଏକ ମନ୍ଦିର ଏବଂ ଆଇନଜୀବୀ ଏହାର ପୂଜକ। ନ୍ୟାୟ ରୂପକ ପ୍ରସାଦ ବାଣ୍ଟିବା ଓକିଲଙ୍କ କର୍ତ୍ତବ୍ୟ। ବ୍ୟାସନଗର ଓକିଲ ସଂଘ ସଭାପତି ନାରାୟଣ ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। କଳିଙ୍ଗନଗର ଓକିଲ ସଂଘ ସଭାପତି ମନୀନ୍ଦ୍ର କୁମାର ଧଳ, ଜିତେନ୍ଦ୍ର ପ୍ରତିହାରୀ, ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ହୃଷୀକେଶ ରାଉତ, ବ୍ରଜ କିଶୋର ପତି, ରାମଚନ୍ଦ୍ର ପହି, ଯାଜପୁର ବାର ଆସୋସିଏଶନର ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ବହୁ ଓକିଲ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ବନ୍ଦିତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାସ ଓ ନାରାୟଣ ଚନ୍ଦ୍ର ଧୀରଙ୍କୁ ସମ୍ମାନିତ କରାଯାଇଥିଲା।

CONVENER PG MEDICAL COUNSELING & ADMISSION 2019-20
NOTICE

No. 5/PG Cell 2019 Dt. 14.02.2019

No.885-E:- The PG (Medical) Counseling and Admission Process-2019-20 will be conducted at SCB Medical College, Cuttack. All the PG (Medical) aspirants are requested to be in touch with the website of DMET, Odisha i.e. www.dmetodisha.gov.in in PG Medical/ Dental section.

Sd./-
Convener

10016/11/0055/1819

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ୧୯ରେ ଉଦ୍‌ଘାଟନ ହେବ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

## ସ୍ଥାନ ପରିଦର୍ଶନ କଲେ ଡାକ୍ତର, କର୍ମଚାରୀ

ସିଂହପୁର,୧୬।୨(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରଠାରେ ଆସନ୍ତା ୧୯ ତାରିଖରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହେବ। ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ସମ୍ପର୍କରେ ଶନିବାର ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ହୃଦାନନ୍ଦ ଦାସ, ବୈକୁଣ୍ଠ ବେହେରା, ରଜତ ମିଶ୍ର, ମନୋଜ ସାହୁ ଆସି ସ୍ୱାସ୍ଥ୍ୟକେନ୍ଦ୍ର ଗୃହର ଅବସ୍ଥା ଦେଖି ଉପସ୍ଥିତ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ବରିଷ୍ଠ ନାଗରିକ ହରିହର ସାହୁ, ସରପଞ୍ଚ ରମାମଣୀ ସାହୁ, ପଦ୍ମନାଭ ଦାସ, ନିରଞ୍ଜନ ଦାସ, ପ୍ରମୋଦ ସାହୁ, ପ୍ରସନ୍ନ ନାୟକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ସିଂହପୁରଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରିଆସୁଥିଲେ।

## ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଡୁବୁରୀ,୧୬।୨(ଡିଏନଏ)

କଳିଙ୍ଗନଗର ବଣିକ ସଂଘ, ଡୁବୁରୀ ଆନୁକୂଲ୍ୟରେ ପୁଲବାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ବୀର ଯବାନଙ୍କୁ ଶନିବାର ରାତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ଉପଲକ୍ଷେ ଡୁବୁରୀ ଛକ ବିଜୁ ପ୍ରତିମୂର୍ତ୍ତୀ ନିକଟରୁ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ବାହାରି ଡୁବୁରୀ ବଜାର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀମାନେ ପାକିସ୍ଥାନ ବିରୋଧୀ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ଶୋଭାଯାତ୍ରାରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ବଜାର ବ୍ୟବସାୟୀ ସଂଘ ସଭାପତି ସୁଧାଂଶୁ ଶେଖର ରାଉତ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ଦାସ, ବିଶ୍ୱନାଥ ସାହୁ, ବିଶ୍ୱରଞ୍ଜନ ସ୍ୱାଇଁ, ସଂଗ୍ରାମ ରାଉତ, ସୁକୁମାର ଜେନାମଣି, ରବିନାରାୟଣ ଦେଓ, ଶ୍ରୀବତ୍ସ ସ୍ୱାଇଁଙ୍କ ସମତ ଶତାଧିକ ବ୍ୟବସାୟୀ ଓ ସାଧାରଣ ଲୋକ ସାମିଲ ଥିଲେ।

# ତାଲୁକ ଆଇନସେବା ପ୍ରାଧିକରଣ

ଯାଜପୁରରୋଡ,୧୬।୨(ନି.ପ୍ର.)

ତାହାରପୁର ପଞ୍ଚାୟତ ଅନ୍ତର୍ଗତ କୁଆଁରଦା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଯାଜପୁରରୋଡ କୋର୍ଟର ତାଲୁକସେବା ପ୍ରାଧିକରଣ ତରଫରୁ ଏକ ଆଇନ ସେବା ପ୍ରାଧିକରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରରୋଡ଼ ବିଚାରାଳୟର ସବଜଜ୍ ନୀଳିମା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁନସଫ୍ କୁମାରୀ ରୀନତୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ତାଲୁକ ଅଧ୍ୟକ୍ଷ ନୀଳିମା ପଣ୍ଡା ମକଦ୍ଦମାଗୁଡ଼ିକର ସ୍ଥାୟୀ ଓ ଆପୋସ ସମାଧାନ କରିଥିଲେ। ଅନ୍ୟତମ ବିଚାରପତି ବିନତୀ ମିଶ୍ର ସମାଜର ଦୁର୍ବଳ ଅବହେଳିତ ବର୍ଗଙ୍କ ପାଇଁ ଯୋଗାଇ ଦିଆଯାଉଥିବା ମାଗଣା ଆଇନ ସେବା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନୃସିଂହ ପୁହାଣ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇନ ଓ ଶାସନକୁ ସୁଦୃଢ଼ କରିବା ଉପରେ ନ୍ୟାୟାଳୟର ଭୂମିକା ଓ ବିଚାରପତିଙ୍କର ସମୟ ଉପଯୋଗୀ ନ୍ୟାୟ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ନିହାର ରଞ୍ଜନ ଗୋସ୍ୱାମୀ, ରମେଶ ଚନ୍ଦ୍ର ପତି, ସନ୍ତୋଷ କୁମାର ସାହୁ, ସସ୍ମିତା ସ୍ୱାଇଁ ସାମାଜିକ ନ୍ୟାୟ ପ୍ରଦାନ ଦିଗରେ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ହରିହର ଜେନା ଧନ୍ୟବାଦ ଦେଇଥିଲେ।

OFFICE OF THE EXECUTIVE ENGINEER
RWSS DIVISION, RAIRANGPUR

INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
E-PROCUREMENT NOTICE
IDENTIFICATION No. 45 RWSS/ RRPUR-2018-19/ Dated 14.02.2019

No.1697-O:- The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/ class registered with Central Govt./ Railways.

| | | | |
|---|---|---|---|
| 1. | Nature of work | : | Execution of piped water supply Project on turnkey basis. |
| 2. | No. of tenders | : | 03 (five) Nos. |
| 3. | Period of Completion | : | 180 days to 360 days |
| 4. | Cost of tender | : | Rs. 10000.00 |
| 5. | Estimated cost | : | Rs. 59.76 lakhs to Rs. 130.71 lakhs |
| 6. | Class of Contractor | : | (As mentioned in Tender Call Notice) |
| 7. | Date and time of availability of bid documents in Portal | : | From 9.00 hours of dt. 16.02.19 to 17.00 hours of dt. 02.03.2019. |
| 8. | Receipt of bid cost, bid security, documents | : | On line only. |
| 9. | Date & time of opening of technical bid | : | Dt. 06.03.19 at 11.00 hours onwards. |
| 10. | Other Documents | : | (As mentioned in DTCN). |
| 11. | The bidders have to participate in on-line bidding only. Further details can be seen from the website https://www.tendersodisha.gov.in. | | |
| 12. | Any addendum/ Corrigendum/ Cancellation of tender can also be seen in the said website. | | |
| 13. | ST/SC up to B class contractors only eligible to avail 10% price preference over the general category contractors & have to submit an affidavit to consider such preference for them. | | |

Sd./- Executive Engineer,
RWSS Division, Rairangpur

25010/11/0045/1819

ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER
L.I. DIVISION, SAMBALPUR CAMP AT L.I. SUB-DIVISION OFFICE, JHARSUGUDA
e-mail I.D: eeolicsbp@gmail.com

No.CAD-1426:- e-Procurement Notice
Identification No. EEOLICSBP-19/18-19 Dt. 14.02.2019

| | | | |
|---|---|---|---|
| 01 | Name of work | : | Installation of Khaliamal LIP (DMF Grant) in Jharsuguda District & Tainsaria-II LIP (PVTG village) in Deogarh District. |
| 02 | Estimated cost | : | Rs. 22.00 lakhs to Rs. 23.50 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 10.00 hrs. of 18.02.2019 to 17.00 hrs. of 27.02.2019. |
| 05 | Date & Time of opening of bids | : | 11.00 Hrs. of 28.02.2019 |
| 06 | Name and Address of the officer inviting bid | : | Executive Engineer, L.I. Division, Sambalpur Camp at L.I. Sub-Division, Jharsuguda |

Further details can be seen from the website www.tendersorissa.gov.in.

Executive Engineer,
L.I. Division, Sambalpur

32308/11/0027/1819

See Career Appointment on every Wednesday & Saturday

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581 (0)/232641 (R), Fax: 06861-232541, E-mail< unit.head_balimela@yahoo.com>

REGD. OFFICE: ODISHA HYDRO POWER CORPORATION LIMITED. (A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER, E-MAIL: ohpc.co@gmail.com/ md@ohpcltd.com, WEB: www.ohpcltd.com

NOTICE INVITING TENDER No:/BHEP/40/2018-19, Dtd- 14.02.2019

No.CAD-1430:- Sealed Tenders are invited in two part basis from the eligible class ("C" or "D") of Contractors/Firms/ Agencies having experience in State/ Central PSU/ Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Group | Description of Services | Estimated Cost | Cost of tender paper (Non-refundable) in Rs. | EMD n shape of DD only (Refundable) in Rs. | Period of availablity of tender documents | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| A | Repair and Maintenance to proposed training hostel (Qr. No. 2RB-42 to 46). | Rs. 2,25,016/- | Rs. 2000/- + (+GST @18%) 360/- = 2360/- | Rs. 2300/- | 16.02.2019 to 26.02.2019 | 26.02.2019 up to 12.00 hrs. | 26.02.2019 at 12.30 hrs. |
| B | Repair of cable trench with replacement of damaged RCC slabs with new RCC slabs from AB-7 to Valve house, BHEP. | Rs. 1,24,190/- | Rs. 600/- + (+GST @18%) 108/- = 708/- | Rs. 1300/- | 16.02.2019 to 27.02.2019 | 27.02.2019 up to 12.00 hrs. | 27.02.2019 at 12.30 hrs. |
| C | Rapair of Power house back side road near canteen & replacement of damaged drain slab near store area (P&C and MSD-III sub-division office), BHEP. | Rs. 1,85,193.00/- | Rs.600/- + (+GST @18%) 108/- = 708/- | Rs. 1900/- | 16.02.2019 to 28.02.2019 | 28.02.2019 up to 12.00 hrs. | 28.02.2019 at 12.30 hrs. |

For details of the tender documents, terms & conditions please visit our website www.ohpcltd.com.

04019/11/0113/1819 Sd./- Senior General Manager (Electrical), BHEP, Balimela

ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
OFFICE OF THE EXECUTIVE ENGINEER,L.I. DIVISION, ANGUL, Email ID - eeliangul@gmail.com
e- Tender Notice
Bid Identification No E.E. ANGUL (OLIC) 06/2018-19 Dt. 13.02.2019
No. 999 DATE 13.02.2019

No.CAD-1434:- The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects in different Blocks of Angul District as described in the table below, from Civil 'D' / 'C' Class valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energisation of new R.L. Projects and revival of defunct R.L. Projects under percentage wise rate contract on turnkey basis.

1. Name of Works : Installation & Energisation of River Lift Projects with supply of all materials on Turnkey basis.
2. Total Nos. of Packages : 16 Nos
3. Approximate Estimated Cost : Rs. 11.164 Lakh to 26.228 Lakh
4. Class of Contractor : "D", "C" with H.T. License
5. Period of completion : 90 Days from the date of issue of work order.
6. Other details as follows. :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 06/2018-19 | 19.02.2019 10.00 AM | 26.02.2019 Up to 5.00 PM | 23.02.2019 | 27.02.2019 11.00 AM |

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

32327/11/0008/1819 Sd./- Executive Engineer, L.I. Division, Angul

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ଼ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469, 8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

TARIFF MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି,ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ,ଜୁଆ, ଭୁତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନୁ - ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ସଦ୍‌ଗୁରୁ ସାଇନାଥ



## ସଂକ୍ଷେପରେ

### ବିଜୁ ଯୁବବାହିନୀ ସଭାପତିଙ୍କୁ ହତ୍ୟା ଧମକ, ଥାନାରେ ଅଭିଯୋଗ

**ବିଞ୍ଝାରପୁର,୧୬।୨(ଡି.ଏନ୍.ଏ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ପଞ୍ଚାୟତର ବିଜୁଯୁବ ବାହିନୀ ସଭାପତି ଯଶୋବନ୍ତ ବେହେରାଙ୍କୁ ହତ୍ୟା ଧମକ୍ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହି ଗ୍ରାମର ଜନୈକ ଯୁବକ ଗତ ୧୪ ତାରିଖରେ ବାଛୋଳ ଛକଠାରେ ଭୂଜାଲି ଧରି ଯଶୋବନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଧମକ ଦେଇଥିଲା। ଏଥିନେଇ ଯଶୋବନ୍ତ ଉକ୍ତ ଯୁବକଙ୍କ ପିତାଙ୍କୁ ଜଣାଇଥିଲେ। ଏଥିରେ ରାଗିଯାଇ ଉକ୍ତ ଯୁବକ ଜଣକ ଯଶୋବନ୍ତଙ୍କୁ ବୋମାମାଡ଼ କରି ହତ୍ୟା କରିବାକୁ ଫୋନରେ ଧମକ୍ ଦେଇଛନ୍ତି। ଏନେଇ ଯଶୋବନ୍ତ ଶନିବାର ବିଞ୍ଝାରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଛି, ରବିବାର ମାମଲା ରୁଜୁ କରାଯିବ ବୋଲି ଥାନା ଅଧିକରୀ ସୂଚନା ଦେଇଛନ୍ତି।

### ୯୬ଦିନରେ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା
### ପ୍ରଶାସନ ନ ଶୁଣିଲେ ତୀବ୍ର ହେବ ଆନ୍ଦୋଳନ

**କୋରେଇ,୧୬।୨(ସ୍ୱ.ପ୍ର.):** ପାଣିକୋଇଲିରେ ମେଡିକାଲ କଲେଜ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଶାନ୍ତିପୂର୍ଣ୍ଣ ଗଣଧାରଣା ୯୬ ଦିନ ଓ ସତ୍ୟାଗ୍ରହ ୧୮ ଦିନରେ ପହଞ୍ଚିଛି। ଗଣଧାରଣା ତିନି ମାସରୁ ଉର୍ଦ୍ଧ୍ୱ ବିତି ଯାଇଥିବାବେଳେ ବେଳେ ପ୍ରଶାସନ ବା ସରକାରଙ୍କ ଚେତା ପଶୁ ନ ଥିବାରୁ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ନିଷ୍ପତି ନିଆଯାଇଛି। ଜିଲାପାଳ, ଆରଡିସିଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବାପରେ ମଧ ସମସ୍ତେ ଜାଣିଅଜଣା ଭଳି ଅଭିନୟ କରୁଛନ୍ତି। ଯାହାକି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ଶନିବାର କ୍ରିୟାନୁଷ୍ଠାନ କମିଟିର ଆବାହକ ଧରଣୀଧର ଘଡ଼େଇ ଓ ଯୁଗ୍ମ ଆବାହକ ସୁବାସ ଧଳ ଉପବାସରେ ଧାରଣାସ୍ଥଳରେ ବସିଥିଲେ । ପ୍ରତ୍ୟେକ ଦିନ ଜନସତ୍ୟାଗ୍ରହ କରାଯିବା ସହିତ ଶହେଦିନ ପୂରଣ ପରେ ଆମରଣ ଅନଶନ କରାଯିବାକୁ ନିଷ୍ପତ୍ତି ହୋଇଛି। ଯଦି ବୈଷୟିକ କମିଟି ଦ୍ୱାରା ତଦନ୍ତ କରା ନ ଯାଏ ତାହେଲେ ଜନସତ୍ୟାଗ୍ରହ ଓ ଆମରଣ ଅନଶନ ସହିତ ଜନସଚେତନତା କାର୍ଯ୍ୟକ୍ରମ ଏବଂ ଆବଶ୍ୟକ ପଡ଼ିଲେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି।

### ନାବାଳିକାଙ୍କୁ ଅସଦାଚରଣ କରି ଯୁବକ କୋର୍ଟଚାଲାଣ

**କୋରେଇ,୧୬।୨(ସ୍ୱ.ପ୍ର.):** କୋରେଇ ଥାନା ଅନ୍ତର୍ଗତ ସାଦକପୁର ପଞ୍ଚାୟତର ଚାରଦା ଗ୍ରାମର ଜନୈକ ନାବାଳିକାଙ୍କୁ ସେହି ଅଞ୍ଚଳର ବାବୁ (୨୨)ନାମକ ଯୁବକ ଅସଦାଚରଣ କରିବା ନେଇ ଥାନାରେ ଏକ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୨୪/୧୯) ରୁଜୁ କରି ଅଭିଯୁକ୍ତ ବାବୁଙ୍କୁ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି।

■ ରାସ୍ତା କାମ ନ ସରୁଣୁ ଉଠିଲା କଂକ୍ରିଟ

# ପାଣିରେ ପଡ଼ିଲା ୪୪.୯୫ ଲକ୍ଷ ଟଙ୍କା

**କାଳିଆପାଣି,୧୬।୨(ଡିଏନଏ)**

■ପୁଠିକାଦାର- ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା

■ରାସ୍ତାକାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ

■ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ



ଆର ଆଣ୍ଡ ବି ରୋଡ଼ (କଲରଙ୍ଗିଅତା ଡାବାଛକ) ଠାରୁ କଲାରଙ୍ଗୀ ଗ୍ରାମ ଦେହୁରି ସାହି ଛକ ପର୍ଯ୍ୟନ୍ତ ୧ କି.ମି. ପିଚୁ ଓ କଂକ୍ରିଟ ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ପିଚୁ ଓ କଂକ୍ରିଟ ଉଠିଯାଇଥିବା ଦେଖିବାକୁ ମିଳିଛି। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ସମ୍ପୃକ୍ତ ରୋଡ଼ କାର୍ଯ୍ୟ ପାଇଁ ଠିକାଦାର ୧୭।୪।୨୦୧୮ରେ କାର୍ଯ୍ୟାଦେଶ ପାଇଥିବା ବେଳେ ଜାନୁୟାରୀ ୩ରୁ କାମ ଆରମ୍ଭ କରିଥିଲେ। ଅଦ୍ୟାବଧି ଉକ୍ତ କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ସଦ୍ୟ ନିର୍ମାଣ ହୋଇଥିବା ରାସ୍ତାରୁ ପିଚୁ ଓ କଂକ୍ରିଟ ଉଠିଯିବା ସହ ବିଭିନ୍ନ ସ୍ଥାନରେ ଖାଲ ହୋଇଯାଉଥିବା ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୁଦାନରେ ୧କି.ମି. ରାସ୍ତା ନିର୍ମାଣ ପାଇଁ ୪୪ଲକ୍ଷ ୯୫ହଜାର ଟଙ୍କାର ଟେଣ୍ଡର କରାଯାଇଥିଲା। ସେଥିରୁ ପିଚୁ ୫୧୪ ମିଟର, କଂକ୍ରିଟ ୪୮୬ ମିଟର ହୋଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଠିକାଦାର ମନମୁଖୀଭାବେ କାର୍ଯ୍ୟ କରି ଶେଷ କରିବାକୁ ଲାଗିପଡ଼ିଛନ୍ତି। ଏହି କାର୍ଯ୍ୟର ଟେଣ୍ଡର ଦାନଗଦୀ ଅଞ୍ଚଳର ସୁକାନ୍ତ କୁମାର ଧଳ ନାମକ ଠିକାଦାର ପାଇଥିବା ବେଳେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରୁଥିବା ପରିଲକ୍ଷିତ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। କାର୍ଯ୍ୟ ଆରମ୍ଭ ସମୟରେ ନିର୍ମାଣ ସାମଗ୍ରୀରେ ଭାଗମାପ ଠିକ୍ ନ ଥିବାରୁ ରାଁସୋଳ ସରପଞ୍ଚ ବିଶ୍ୱଜିତ ମହାନ୍ତି କାମ ବନ୍ଦ କରିଦେଇଥିଲେ। ତେବେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଠିକାଦାର ପୁଣି କାର୍ଯ୍ୟ ଚାଲୁ କରିଥିଲେ। ତେବେ ମାତ୍ର କିଛି ଦୂର କାର୍ଯ୍ୟ ଠିକ କରି ପୁଣି ପୂର୍ବ ପରି କାର୍ଯ୍ୟ କରିଚାଲିଥିଲେ। ଫଳରେ କେତେଜଣ ଗ୍ରାମବାସୀ ଏହାକୁ ବିରୋଧ କରି କାମ ବନ୍ଦ କରିଦେଇଥିଲେ। ୧୫ଦିନରୁ ଅଧିକ ଦିନ କାର୍ଯ୍ୟ ବନ୍ଦ ରହିବା ପରେ କାର୍ଯ୍ୟଶେଷ କରିବାକୁ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ କରାଯିବାରୁ ଠିକାଦାର କାର୍ଯ୍ୟ ଶେଷ କରିବାରେ ଲାଗିପଡ଼ିଛନ୍ତି। ତେବେ ଅଦ୍ୟାବଧି ରାସ୍ତାର ଦୁଇ ପାର୍ଶ୍ୱରେ ମୋରମ ଗଦା ହୋଇଥିବାରୁ ଦୁର୍ଘଟଣା ଘଟୁଥିବା ବେଳେ ରାସ୍ତାର ବହୁସ୍ଥାନରେ ଗାତ ହୋଇଯାଇଛି। ଏହି କାର୍ଯ୍ୟକୁ ତୁରନ୍ତ ଠିକ୍ କରା ନ ଗଲେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯିବ ବୋଲି ସରପଞ୍ଚ ବିଶ୍ୱଜିତ ମହାନ୍ତି ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଯନ୍ତ୍ରୀ ଦିନେ ମଧ କାର୍ଯ୍ୟ ତଦାରଖ କରିବାକୁ ଆସୁ ନ ଥିବା ଗ୍ରାମବାସୀମାନେ ସାଧାରଣରେ ଅଭିଯୋଗ କରିଛନ୍ତି। ରାସ୍ତା ଅବସ୍ଥା ସମ୍ବନ୍ଧରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ, କାର୍ଯ୍ୟ ଠିକ ଚାଲିଛି ବୋଲି ଉତ୍ତର ଦେଇଥିଲେ। ତୁରନ୍ତ କାର୍ଯ୍ୟ ସମ୍ବନ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ପଦାକୁ ଆସିବା ସହ ଅନ୍ୟଥାରେ ବ୍ୟୟ ହେଉଥିବା ଅର୍ଥ ବାଟମାରଣାରୁ ବର୍ତ୍ତି ପାରନ୍ତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବିଞ୍ଝାରପୁର/ସିଂହପୁର, ୧୬।୨(ଡି.ଏନ.ଏ)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ମାଁସଡା ପଞ୍ଚାୟତ ଗୌଡସାହି ଗ୍ରାମର ରାଜୀବ ଲୋଚନ ପାଣିଙ୍କ ସ୍ତ୍ରୀ ଅନୁ ପାଣି (୩୫)ଙ୍କ ସନ୍ଦେହ ଜନକଭାବେ ମୃତ୍ୟୁ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଅନୁ ନିଆଁରେ ପୋଡି ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ମଙ୍ଗଳାବାଗ ଥାନା ପୋଲିସ ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନାକୁ ସୂଚନା ପ୍ରଦାନ କରିବାପରେ ପୋଲିସ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଛି। ଅପରପକ୍ଷରେ ମୃତ ଅନୁଙ୍କ ପରିବାର ଲୋକେ ଥାନାରେ ଅନୁଙ୍କୁ ତାଙ୍କ ଶାଶୁଘର ଲୋକେ ମାରିଦେଇଥିବା ବିଞ୍ଝାରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି ବୋଲି ଥାନାଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି।

## ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ଧର୍ମଶାଳା,୧୬।୨(ଡି.ଏନ.ଏ.)**



ଧର୍ମଶାଳା ଥାନା ପକ୍ଷରୁ କରାଯାଇଥିବା ଶୋଭାଯାତ୍ରା।

ଜାମ୍ମୁକଶ୍ମୀର ପୁଲୱାମାଠାରେ ଗୁରୁବାର ସିଆରପିଏଫର ସୁରକ୍ଷା ବାହିନୀ ଉପରେ ଆତଙ୍କବାଦ ଆକ୍ରମଣରେ ୪୦ଜଣ ଯବାନ ଶହୀଦ ଘଟଣାକୁ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି କ୍ରମରେ ଶୁକ୍ରବାର ସନ୍ଧ୍ୟାରେ ନୀରବ ପ୍ରାର୍ଥନା କରାଯିବା ସହ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରାଯାଇଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରକୁ ଅବସରପ୍ରାପ୍ତ ସେନା ଅଧିକାରୀ କ୍ୟାପଟେନ୍ ତ୍ରିଲୋଚନ ବିଶ୍ୱାଳ ଶୁଭାରମ୍ଭ କରିଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୋଭାଯାତ୍ରାରେ ରୋଟାରୀ ବ୍ଲକର ସଭାପତି ପ୍ରଦୀପ ବରାଳ, ଇନରହୁଇଲ କ୍ଲବପକ୍ଷରୁ ମିନତୀ ସାହୁ, ପ୍ରେସ କ୍ଲବ ପକ୍ଷରୁ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଅଖିଳ ସ୍ୱାଇଁ, ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ସଂପାଦକ ସତ୍ୟ ମହାନ୍ତି, କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା, ଯୁବକଂଗ୍ରେସ ପକ୍ଷରୁ ସଭାପତି ସଞ୍ଜୟ ରାଉତ, ଫାଣ୍ଡି ଅଧିକାରୀ ଉପେନ୍ଦ୍ର ଦାସ, କୃଷକ ନେତା ବସନ୍ତ ପରିଡା, ଡାକ୍ତର ଉମେଶ ଚନ୍ଦ୍ର ସାହୁ, ଦଳିତନେତା ହରିହର ମଳିକ ବହୁ ଅନୁଷ୍ଠାନର ଶତାଧିକ କର୍ମୀ ଯୋଗ ଦେଇଥିଲେ। ସେହିପରି ଜାରକାସ୍ଥିତ ଲିଜେଣ୍ଡ କ୍ଲବ ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ହନୁମାନ ମନ୍ଦିର ପରିସରରୁ ବାହାରି ଜାରକା ବଜାର ପରିକ୍ରମା କରିଥିଲା। ଏଥିରେ ସୌମପ୍ରକାଶ ବିଶ୍ୱାଳ, ଦେବାଶିଷ ବରାଳ, କୈସର ଆଜାମ୍ ଖାନ୍, ସୁବ୍ରତ କୁମାର ମାଝି, ତାପସ ବେହେରା, ସନ୍ତୋଷ ଖଟୁଆ, ଲକ୍ଷ୍ମୀକାନ୍ତ ବାରିକଙ୍କ ସମେତ କ୍ଲବର ବହୁ ସଦସ୍ୟ ଯୋଗ ଦେଇଥିଲେ। ସେହିପରି ବଡ଼ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମଧ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

### ପିଠା କାର୍ଯ୍ୟକ୍ରମକୁ ଅନୁଧ୍ୟାନ କଲେ ପର୍ଯ୍ୟବେକ୍ଷକ

**ଯାଜପୁର ଅଫିସ,୧୬।୨**

ଯାଜପୁର ପୌରାଞ୍ଚଳର ୫ଟି ସ୍ଥାନରେ ପିଠା କାର୍ଯ୍ୟକ୍ରମ ୧୫ତାରିଖ ଠାରୁ ଆରମ୍ଭ ହୋଇଛି। ବୁଧବାର ଦେବୀଗଡ଼ା ପଡିଆଠାରେ ସହରାଞ୍ଚଳ ପିଠା କାର୍ଯ୍ୟକ୍ରମରେ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ତଥା ପିଠା କାର୍ଯ୍ୟକ୍ରମର ରାଜ୍ୟ ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଯୋଗଦେଇ ଅନୁଧ୍ୟାନ କରିଛନ୍ତି। ସମସ୍ତ ସରକାରୀ ଯୋଜନାଗୁଡିକ ଲୋକଙ୍କ ସୁବିଧା ପାଇଁ ପ୍ରଣୟନ କରାଯାଇଛି। ତେବେ ସମସ୍ତେ ଯେପରି ଏହି ଯୋଜନାଗୁଡିକ ସମ୍ପର୍କରେ ଅବଗତ ହୋଇପାରିବେ ସେଥିପାଇଁ ଏହି ପିଠା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା ହୋଇଛି ବୋଲି ମିଶ୍ର କହିଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ପୌର ପ୍ରଶାସନ ଓଏସ୍‌ଡି ସୁଦର୍ଶନ ମିଶ୍ର ଏଥିରେ ଯୋଗଦେଇ ସାଧାରଣ ଜନତାଙ୍କୁ ସମସ୍ତ ଯୋଜନା ସମ୍ପର୍କରେ ସଚେତନ କରାଇବାର ପିଠା କାର୍ଯ୍ୟକ୍ରମ ଏକ ଶ୍ରେଷ୍ଠ ମାଧ୍ୟମ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଜନାର ସୁଫଳ ପାଇଲେ ହିତାଧିକାରୀ ଆନନ୍ଦ ଅନୁଭବ କରୁଥିବାରୁ ଯୋଜନାଗୁଡିକୁ ଜାଣି ସେଥିରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ପରେ ଅତିଥିମାନେ ପିଠା ଷ୍ଟଲଗୁଡିକୁ ପରିଦର୍ଶନ କରିବା ସହ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଅତିଥିମାନେ ମ୍ୟୁନିସିପାଲ ହାଇସ୍କୁଲ ପଡିଆ, ଉଠା ଜଳସେଚନ ନିକଟ ପଡିଆ, ବାଳାଶ୍ରମ ପଡିଆ ପ୍ରମୁଖସ୍ଥାନରେ ହେଉଥିବା ପିଠା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପ୍ରଥମାଖଣ୍ଡ, ଜାବରା ପଞ୍ଚାୟତରେ ସରକାରୀ ସହାୟତା ବଣ୍ଟନ ମେଳା

**ରସୁଲପୁର,୧୬।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକର ପ୍ରଥମାଖଣ୍ଡ ଓ ଜାବରା ପଞ୍ଚାୟତରେ ଶନିବାର ସରକାରୀ ସହାୟତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଚିନ୍ତାମଣୀ ସୁର, ନାଏବ ସରପଞ୍ଚ ନିରୂପମା ସ୍ୱାଇଁ, ବିଦ୍ୟୁତ୍ ବଣ୍ଟନ ବିଭାଗର କର୍ମଚାରୀ, ମିଶନଶକ୍ତିର କମକର୍ତ୍ତାଗଣ ଅତିଥି ଭାବେ ଯୋଗଦେଇ ସରକାରୀ ସହାୟତା ପ୍ରଦାନ କରିଥିଲେ। ପୂର୍ବରୁ ବିଭିନ୍ନ ଯୋଜନା ଜରିଆରେ ଭତ୍ତା ପାଉଥିବା ୬୬୪ଜଣଙ୍କୁ ୫ଶହ ଟଙ୍କା ଲେଖାଏ ପ୍ରତ୍ସାହନ ରାଶି ପ୍ରଦାନ କରିଥିଲେ। ୩୦୦ପରିବାରକୁ ଇଲେକ୍ଟ୍ରି ବଲ୍‌ବ, ୧୭ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ପାଗ ପ୍ରତିକୂଳସ୍ଥିତି ଯୋଗୁ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଆରମ୍ଭ ହୋଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ପିତବାସ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କିରଥିଲେ । ସେହିପରି ଜାବରା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ବସନ୍ତ କୁମାର ବେହେରା ଅଧକ୍ଷତା କରିଥିଲେ। ଏଥିରେ ସମିତିସଭ୍ୟ ରେବତୀ ସ୍ୱାଇଁ, ମିଶନ ଶକ୍ତି ପକ୍ଷରୁ ବିଷ୍ଣୁପ୍ରିୟା ପାଳ, ନାଏବ ସରପଞ୍ଚ ରେଣୁବାଳା ଦାସ, ପୂର୍ବତନ ସରପଞ୍ଚ କ୍ଷୀରୋଦ କୁମାର ସ୍ୱାଇଁ, ମୋଇଉଦ୍ଦିନ ମହମ୍ମଦ, ସମିତି ସଭ୍ୟ ରାଜକିଶୋର ପାଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ୨୦୦ ପରିବାରକୁ ଏଲ୍‌ଇଡି, ୬୨୭ଭତ୍ତା ହିତାଧିକାରୀଙ୍କୁ ପ୍ରୋତ୍ସାହନ, ୨୦ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ଧଳ ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀ, ୯ଟି ଅଙ୍ଗନୱାଡି କେନ୍ଦ୍ର କର୍ମଚାରୀ ଯୋଗଦେଇଥିଲେ ।


ହିତାଧିକାରୀଙ୍କୁ ବିଦ୍ୟୁତ ବଲ୍‌ବ ପ୍ରଦାନ କରାଯାଉଛି।

■ ଯୁବ ଭୋଟରଙ୍କ ନାମ ପଞ୍ଜୀକରଣ

## ୧୭, ୨୪ ତାରିଖରେ ସ୍ୱତନ୍ତ୍ର ଅଭିଯାନ

**ଯାଜପୁର ଅଫିସ,୧୬।୨**

୧।୧।୨୦୧୯ ତାରିଖ ସୁଦ୍ଧା ଯେଉଁ ଭୋଟରଙ୍କ ବୟସ ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ହୋଇଛି, ସେମାନେ ନିଶ୍ଚିତ ଭାବରେ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜିକରଣ କରାଇ ନେବାକୁ ଭାରତର ନିର୍ବାଚନ ଆୟୁକ୍ତ ପରାମର୍ଶ ଦେଇଛନ୍ତି। ସେହି ଆଧାରରେ ଚଳିତ ମାସ ୧୭ ଓ ୨୪ ତାରିଖରେ ଭୋଟର ପଞ୍ଜିକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନିଜ ବାସସ୍ଥାନ ନିକଟସ୍ଥ ମତଦାନ କେନ୍ଦ୍ରରେ ଏହି ଦୁଇ ଦିନରେ ଯୋଗ୍ୟ ବ୍ୟକ୍ତିମାନେ ଗୋଟିଏ ପାସ୍‌ପୋର୍ଟ ସାଇଜ ଫଟୋ ଓ ନିଜର ଜନ୍ମ ପ୍ରମାଣ ପତ୍ରର ନକଲ ସହ ଉପଯୁକ୍ତ ଫର୍ମରେ ଆବେଦନ କରିପାରିବେ। ଏହି କାର୍ଯ୍ୟକ୍ରମରେ ସହାୟତା ପାଇଁ ପ୍ରତ୍ୟେକ ବୁଥ୍‌ଗୁଡ଼ିକରେ ବୁଥ୍ ଲେବଲ ଅଫିସରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ଯୁବ ଭୋଟରମାନେ ସେମାନଙ୍କ ନାମ ପଞ୍ଜିକରଣର ଏହି ଶ୍ରେଷ୍ଠ ସୁଯୋଗକୁ ନ ହରାଇବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି । ଏହି ନୂଆ ଭୋଟରମାନେ ଆଗାମୀ ୨୦୧୯ ନିର୍ବାଚନରେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ପାଇବେ। ସେହିପରି ଭୋଟର ତାଲିକାରେ ନିଜ ସମ୍ପର୍କରେ ସୂଚନା ଜାଣିବା ପାଇଁ ହେଲ୍ପଲାଇନ ୧୯୫୦ କିମ୍ବା ଭୋଟର ହେଲ୍ପଲାଇନ ଆପକୁ ଡାଉନ୍‌ଲୋଡ କରି ସହାୟତା ନେବାପାଇଁ ଜିଲାପାଳ ଦାସ ସୂଚନା ଦେଇଛନ୍ତି ।

■ ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ୍ ଟୁର୍ନାମେଣ୍ଟ

## ଫାଇନାଲରେ ବରୁଆଁ

**ଧର୍ମଶାଳା,୧୬।୨(ଡିଏନଏ)**


ବିଜୟୀଦଳଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଧର୍ମଶାଳା ଫୁଟବଲ୍ ଆସୋସିଏଶନ ଆନୁକୁଲ୍ୟରେ ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ଏକବିଂଶତମ ରାଜ୍ୟସ୍ତରୀୟ ଡିଫା କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ ସେମିଫାଇନାଲ୍ ଖେଳରେ ମା' ମଙ୍ଗଳା ଆଥଲେଟିକ୍ ଆସୋସିଏଶନ, ବରୁଆଁ ୨-୧ ଗୋଲରେ ଆୟୋଜକ ଡିଫାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ସୁଶାନ୍ତ ସ୍ୱାଇଁ ଓ ଚିତ୍ତରଞ୍ଜନ ଓଝା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବାବେଳେ ଡିଫାର ମାନସ ଜେନା ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚକୁ ତାଜଉଦ୍ଦିନ୍ ଖାଁ ପରିଚାଳନା କରିଥିବାବେଳେ ଶୈଳେଶ ପାଣି ଓ ପ୍ରଶାନ୍ତ ସେଠୀ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଆରପିଏଫ୍ ଅଧିକାରୀ ଅଶୋକ କୁମାର ନନ୍ଦ ଓ ଖେଳ ଶିକ୍ଷକ ଗଣେଶ୍ୱର ବେହେରା ଯୋଗଦେଇ ବିଜୟୀ ଦଳର ସୁଶାନ୍ତ ସ୍ୱାଇଁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ଖେଳ ପୂର୍ବରୁ ଭଦ୍ରକ ଭେଟେରାନ ଏକାଦଶ ସହିତ ଯାଜପୁର ଭେଟେରାନ ଏକାଦଶ ମଧରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରବିବାର ମା' ମଙ୍ଗଳା ଆଥଲେଟିକ ଆସୋସିଏଶନ ବରୁଆଁ ସହିତ ବାପୁଜୀ ସ୍ପୋର୍ଟିଂ କ୍ଲବ, କଟକ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ଜିଲା ପ୍ରଶାସନ ପକ୍ଷରୁ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

**ଯାଜପୁର ଅଫିସ,୧୬।୨**

ଜାମ୍ମୁକଶ୍ମୀରର ପୁଲୱାମାରେ ସଂଘଟିତ ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶନିବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶହୀଦଙ୍କ ବୀରତ୍ୱ ଓ ଦେଶର ସୁରକ୍ଷା ପାଇଁ ସେମାନଙ୍କ ଅବଦାନର ସ୍ମୃତିଚାରଣ କରାଯିବା ସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସହକାରୀ ଜିଲାପାଳ ଶିବ ପ୍ରସାଦ ମହାପାତ୍ର, ଉମେଶ ଲେଙ୍କା, ତାରିଣୀସେନ୍ ପଟ୍ଟନାୟକ, କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସମେତ ସମସ୍ତ ବିଭାଗର ମୁଖ୍ୟ କିରାଣୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

■ ୧୯ରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମଶାଳା ଗସ୍ତ

## ୩୧୩ ପ୍ରକଳ୍ପର ହେବ ଉଦ୍‌ଘାଟନ, ଶିଳାନ୍ୟାସ

**ଧର୍ମଶାଳା,୧୬।୨(ଡି.ଏନ୍.ଏ.)**

ରାଜ୍ୟ ବିକାଶରେ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିବା ଧର୍ମଶାଳା ନିର୍ବାଚନ ମଣ୍ଡଳୀକୁ ଆସନ୍ତା ୧୯ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୦୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ୩୧୩ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ରାସ୍ତା ଓ ଗୃହ ନିର୍ମାଣ, ଜଳ ସମ୍ପଦ, ଗ୍ରାମ୍ୟଉନ୍ନୟନ, ଗ୍ରାମ୍ୟଜଳଯୋଗାଣ ଓ ପରିମଳ ତଥା ପଞ୍ଚାୟତିରାଜ ବିଭାଗର ୧୦୬ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ୨ଶହ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୯୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୧୧୩ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଶନିବାର ଜାରକାସ୍ଥିତ ବଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସୂଚନା ଦେଇଛନ୍ତି। ଧର୍ମଶାଳାରେ ଚାଲିଥିବା ବିକାଶ କାର୍ଯ୍ୟକ୍ରମକୁ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ନିର୍ବାଚନ ମଣ୍ଡଳୀକୁ ଆସନ୍ତା ୫ବର୍ଷ ମଧ୍ୟରେ ବିକାଶର ଶିଖରରେ ପହଞ୍ଚାଇ ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ବିକଶିତ ନିର୍ବାଚନ ମଣ୍ଡଳୀ କରାଯିବାକୁ ବିଧାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ପାନୀୟ ଜଳ ଯୋଗାଣ, ଗ୍ରାମାଞ୍ଚଳର ବିକାଶ ଓ ଗମନାଗମନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବଳବନ୍ତରାୟ ସୂଚନା ଦେଇଛନ୍ତି। ୪୫କୋଟି ଟଙ୍କା ବ୍ୟୟରେ କୁଜିରା-କଲଣ ସେତୁ, ୨୫କୋଟି ଟଙ୍କା ବ୍ୟୟରେ ଗୋକର୍ଣ୍ଣେଶ୍ୱର ମନ୍ଦିରଠାରୁ ରମ୍ଭାପୁର ନଦୀବନ୍ଧ ରାସ୍ତା, ୭୭ଟି ଅଙ୍ଗନୱାଡି କେନ୍ଦ୍ର, ଆମା ଗାଁ ଆମ ବିକାଶ ଯୋଜନାରେ ୧୧୨ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ୬କୋଟି ୭୧ଲକ୍ଷ ଟଙ୍କା ବ୍ୟୟରେ ୪ଟି ବିଜୁ ସେତୁର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ୧୯ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଜାରକାସ୍ଥିତ କଳ୍ପତରୁଦାସ ଷ୍ଟାଡିୟମରେ ହେଲିକେପ୍ଟରରୁ ଅବତରଣ କରି ଯୁବଶକ୍ତି କ୍ଲବଠାରେ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ସହ ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ କରିବେ। ପରେ ଏକ ଶୋଭାଯାତ୍ରାରେ ମହୋତ୍ସବ ପଡିଆକୁ ପାଛୋଟି ନିଆଯିବ। ସେଠାରେ ମୁଖ୍ୟମନ୍ତ୍ରୀ ଧର୍ମଶାଳା ବିକାଶ ସମାବେଶରେ ଯୋଗଦେଇ ଦଳୀୟ କର୍ମୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଧର୍ମଶାଳାର ସମସ୍ତ ପଞ୍ଚାୟତରୁ ୩୦ହଜାରରୁ ଉର୍ଦ୍ଧ୍ୱ କର୍ମୀ ଓ ସମର୍ଥକ ଯୋଗଦେବା ସହ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଏହି ଖବରଦାତା ସମ୍ମୀଳନୀରେ ବିଧାୟକଙ୍କ ସମେତ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ବିଜେଡି ରାଜ୍ୟ ପରିଷଦର ସଦସ୍ୟ ଜଳଧର ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ବ୍ଲକ ଯୁବ ବିଜେଡି ସଭାପତି ପ୍ରସନ୍ନ ରାଉତ, ଛାତ୍ର ବିଜେଡି ସଭାପତି ସୌମ୍ୟ ପ୍ରକାଶ ବିଶ୍ୱାଳ ଓ ଯୁବ ସଂଗଠକ ପ୍ରତାପ ପ୍ରଧାନଙ୍କ ସମେତ ବହୁ ଦଳୀୟ ଛାମୁଆ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୀ ବନ୍ୟପ୍ରାଣୀ ଡିଭିଜନ

# ୨୦୧୭ରେ ଚିହ୍ନଟ ହୋଇଥିଲେ ୭ ଡଲ୍‌ଫିନ

**ପୁରୀ ଅଫିସ, ୧୬।୨**

■ ୨୦୧୮ରେ ଥିଲେ ୫, ୨୦୧୯ରେ ଶୂନ
■ ୫ ବର୍ଷରେ ଏଥର ଅଧିକ ଟିମ୍ ଗଠନ ହୋଇଥିଲା

ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ଚଳିତବର୍ଷ ଆଦୌ ଡଲ୍‌ଫିନ ଦେଖାଯାଇ ନାହାନ୍ତି। ଗତ ୧୪ ତାରିଖରେ ଜଙ୍ଗଲ ଏବଂ ପରିବେଶ ବିଭାଗ ପକ୍ଷରୁ ଡଲ୍‌ଫିନ ଗଣନା ରିପୋର୍ଟ ପ୍ରକାଶ ପାଇଛି। ଗତ ୫ ବର୍ଷର ଡଲ୍‌ଫିନ ଗଣନାକୁ ତର୍ଜମା କଲେ ୨୦୧୭ରେ ପୁରୀ ଡିଭିଜନ ଅଧୀନରେ ସର୍ବାଧିକ ୭ ଡଲ୍‌ଫିନ ଚିହ୍ନଟ ହୋଇଥିଲେ। ୨ ବର୍ଷ ଡଲ୍‌ଫିନ ଦେଖାଯାଇଥିବା ବେଳେ ୩ ବର୍ଷ ଏମାନଙ୍କ ସଂଖ୍ୟା ଶୂନ୍ ରହିଛି। ଚଳିତବର୍ଷ ୧୦ଟି ଟିମ୍ ଗଠନ କରାଯାଇ ଗତ ମାସ ୧୯ ତାରିଖରେ ଡଲ୍‌ଫିନ ଗଣନା କରାଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ସବୁଠୁ ଅଧିକ ଟିମ୍ ଗଣନାରେ ସାମିଲ ହୋଇଥିଲେ ବୋଲି ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଦେବୀ ମୁହାଣଠାରୁ ଅରଖକୁଦା ମୁହାଣ ପର୍ଯ୍ୟନ୍ତ ବ୍ୟାପିଛି ପୁରୀ ବନ୍ୟପ୍ରାଣୀ ଡିଭିଜନ। ଏହା ଅଧୀନରେ ୫ଟି ରେଞ୍ଜ ବ୍ରହ୍ମଗିରି, ବାଲୁଖଣ୍ଡ, କୋଣାର୍କ, ଗୋପ ଓ ଅସ୍ତରଙ୍ଗ ରହିଛି। ଏଥିମଧ୍ୟରୁ ଗୋପ ରେଞ୍ଜରେ ଡଲ୍‌ଫିନ ରହିବା ଲାଗି କୌଣସି ଜଳାଶୟ ନ ଥିବାରୁ ପ୍ରତିବର୍ଷ ୪ଟି ରେଞ୍ଜରେ ଗଣତି କରାଯାଇଥାଏ। ୨୦୧୫ରେ ଡଲ୍‌ଫିନ ଗଣନା ଲାଗି ୩ଟିମ୍ ଟିମ୍ ଗଠନ କରାଯାଇଥିଲା। ହେଲେ ଗୋଟିଏ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା। ୨୦୧୬ରେ ସମାନ ସଂଖ୍ୟକ ଟିମ୍ ଗଠନ ହୋଇଥିଲା। ପ୍ରତିକୂଳ ପାଗ ଯୋଗୁ ଗଣନା କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିବାବେଳେ ଡଲ୍‌ଫିନ ଆଦୌ ଚିହ୍ନଟ ହୋଇପାରି ନ ଥିଲେ। ୨୦୧୭ରେ ୩ଟି ଟିମ୍ ଗଠନ କରାଯାଇ ଗଣନା କରାଯାଇଥିଲା। ପୁରୀ ଉପକୂଳରେ ୭ଟି ବଟଲନୋଜ ଡଲ୍‌ଫିନ ଠାବ କରିଥିଲେ ଗଣନାକାରୀ। ୨୦୧୮ରେ ମଧ୍ୟ ୩ଟି ଟିମ୍ ଗଠନ ହୋଇଥିଲା। କେଲୁଣି ମୁହାଣ ନିକଟରେ ୫ ବଟଲନୋଜ ଡଲ୍‌ଫିନ ଦେଖା ଯାଇଥିଲେ। ହେଲେ ଚଳିତବର୍ଷ ଏହି ସଂଖ୍ୟା ଶୂନ ରହିବା ପରିବେଶବିତ୍‌ଙ୍କୁ ବ୍ୟଥିତ କରିଛି।

ଏ ସମ୍ପର୍କରେ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି, ଜାନୁୟାରୀ ୧୯ରେ ହୋଇଥିବା ଗଣନା ସମୟରେ ଗୋଟିଏ ହେଲେ ବି ଡଲ୍‌ଫିନ ଦେଖିବାକୁ ମିଳି ନ ଥିଲା। କିନ୍ତୁ ଗତ ୧୪ ତାରିଖରେ ଦେବୀନଦୀ ମୁହାଣ ନିକଟରେ ବହୁ ସଂଖ୍ୟାରେ ଡଲ୍‌ଫିନ ଦେଖିବାକୁ ମିଳିଛି। ଏହା ବ୍ୟତୀତ ଜାହାନିଆଁ ନିକଟରେ ମଧ୍ୟ ପର୍ଯ୍ୟଟକମାନେ ଡଲ୍‌ଫିନ ଦେଖିଥିବା କହିଛନ୍ତି। ତେଣୁ ଡଲ୍‌ଫିନ କେତେବେଳେ କେଉଁଠି ବାହାରୁଛନ୍ତି ତାହାର କୌଣସି ନିର୍ଦ୍ଦିଷ୍ଟତା ରହୁନାହିଁ।

## ଆସୁଛନ୍ତି ଆମିକସ୍ କ୍ୟୁରି

# ପୁଣି ମେଳି ହେଲେ ସେବାୟତ

**ପୁରୀ ଅଫିସ, ୧୬।୨**

କିଛି ମାସର ନୀରବତା ପରେ ପୁଣି ସେବକମାନେ ତତ୍ପର ହୋଇଉଠିଛନ୍ତି। ନିଜ ବଂଶାନୁକ୍ରମିକ ସେବା ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ମେଳି ବାନ୍ଧିଛନ୍ତି। ଆସନ୍ତା ୨୨ ତାରିଖରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ନୂଆ ଆମିକସ୍ କ୍ୟୁରି ରଞ୍ଜିତ କୁମାର ପୁରୀ ଗସ୍ତରେ ଆସୁଛନ୍ତି। ସେ ଶ୍ରୀମନ୍ଦିର ସଂସ୍କାର ମାମଲା ନେଇ ବିଭିନ୍ନ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରିବେ। ତେଣୁ ନୂଆ ଆମିକସ୍ କ୍ୟୁରିଙ୍କୁ କ'ଣ ତଥ୍ୟ ପ୍ରଦାନ କରାଯିବ ସେ ନେଇ ଶ୍ରୀମନ୍ଦିରର ପ୍ରମୁଖ ସେବାୟତମାନେ ଶନିବାର ଏକ ବୈଠକ କରିଛନ୍ତି। ଲୋକନାଥ ରୋଡସ୍ଥିତ ଭିତର ସେବାୟତ ନିଯୋଗ କାର୍ଯ୍ୟାଳୟରେ ଏହି ବୈଠକ ବସିଥିଲା। ଏଥିରେ ଭିତର ସେବାୟତ ନିଯୋଗ, ପୂଜାପଣ୍ଡା ନିଯୋଗ, ସୁଆର ମହାସୁଆର ନିଯୋଗ, ପ୍ରତିହାରୀ ନିଯୋଗର କର୍ମକର୍ତ୍ତାମାନେ ଏକାଠି ହୋଇଥିଲେ। ବିଶେଷକରି ଏଥିରେ ବଂଶାନୁକ୍ରମିକ ସେବା ଉପରେ ଅଧିକ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ରୀତିନୀତି ଅନ୍ୟ ସମ୍ପୂର୍ଣ୍ଣ ଭାବେ ଅନ୍ୟ ମନ୍ଦିରଠାରୁ ସ୍ୱତନ୍ତ୍ର। ଏହାକୁ ଭାରତର ଅନ୍ୟ ମନ୍ଦିର ସହ ସମକକ୍ଷ କରାଯିବା ଅନୁଚିତ। ସେବକଙ୍କ ବଂଶାନୁକ୍ରମିକ ସେବା ଅଧିକାର ରଖାଯାଉ ବୋଲି ଆମିକସ୍ କ୍ୟୁରିଙ୍କୁ କୁହାଯିବ ବୋଲି ଆଲୋଚନା ହୋଇଥିବା ଜଣାପଡିଛି। ସେହିପରି ସୁପ୍ରିମ୍‌କୋର୍ଟ ଦାନ, ଦକ୍ଷିଣା ଉପରେ ଯେଉଁ ରୋକ୍ ଲଗାଇଛନ୍ତି ସେ ସମ୍ପର୍କରେ ମଧ୍ୟ ନୂତନ ଆମିକସ୍ କ୍ୟୁରିଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଏତଦ୍‌ବ୍ୟତୀତ ସୁପ୍ରିମ୍‌କୋର୍ଟ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି ଏହାଦ୍ୱାରା କିପରି ସେବାୟତମାନେ ପ୍ରଭାବିତ ହେଉଛନ୍ତି ତାହା ଆମିକସ୍ କ୍ୟୁରିଙ୍କୁ ଅବଗତ କରାଇବା ଲାଗି ଆଲୋଚନା ହୋଇଥିବା ଜଣାପଡିଛି। ସେହିପରି ରବିବାର ଗୋବର୍ଦ୍ଧନ ପୀଠରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବାକୁ ଯାଉଥିବା ସେବାୟତ ପ୍ରତିନିଧିମାନେ କ'ଣ ପକ୍ଷ ରଖିବେ ସେ ନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି।

# ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କଲେ ଦଇତାପତି ନିଯୋଗ ନୂତନ କର୍ମକର୍ତ୍ତା

**ପୁରୀ ଅଫିସ, ୧୬।୨**

### ସ୍ନାନ ପୂର୍ଣ୍ଣିମା, ରଥଯାତ୍ରା ପାଇଁ ନିମନ୍ତ୍ରଣ କଲେ


ଶଙ୍କରାଚାର୍ଯ୍ୟଙ୍କ ସହ ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା।

ଦଇତାପତି ନିଯୋଗର ନୂତନ କର୍ମକର୍ତ୍ତା ଶନିବାର ସନ୍ଧ୍ୟାରେ ଗୋବର୍ଦ୍ଧନ ପୀଠାଧୀଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀମନ୍ଦିରରେ ସଂସ୍କାର ଏବଂ ଶୃଙ୍ଖଳା ସମ୍ପର୍କରେ ଶଙ୍କରାଚାର୍ଯ୍ୟ ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରାୟ ଅଧଘଣ୍ଟା ଧରି ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଶଙ୍କରାଚାର୍ଯ୍ୟ କେତେକ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ହେଉଛି ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ ଏବଂ ମୋକ୍ଷର କେନ୍ଦ୍ର। ଏହି ମହାନ୍ ଆଧ୍ୟାତ୍ମିକ କେନ୍ଦ୍ର ପ୍ରତି କୋଟି କୋଟି ହିନ୍ଦୁଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ହେଲେ ଦୀର୍ଘ ସମୟ ଧରି ଏଠାରେ ଚାଲିଥିବା ଅବ୍ୟବସ୍ଥା, ବିଶୃଙ୍ଖଳା ଭାବମୂର୍ତ୍ତିକୁ କ୍ଷୁଣ୍ଣ କରୁଛି। ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହେଉଛି। ତେଣୁ ଏଥିପ୍ରତି ସମସ୍ତଙ୍କୁ ସତର୍କ ହେବାକୁ ପଡିବ। ଠାକୁରଙ୍କ ପ୍ରତି ସମର୍ପଣ ଭାବ ରଖି ସେବା କରିବା ଦରକାର। ଆଗକୁ ରଥଯାତ୍ରା ଆସୁଛି। ଏହାକୁ ବିଶ୍ୱବାସୀ ଦେଖୁଛନ୍ତି। ତେଣୁ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ସମସ୍ତେ ମିଳିମିଶି ଉଦ୍ୟମ କରିବା ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଥିଲେ। ସେହିପରି ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ମହାପ୍ରଭୁଙ୍କୁ ଦର୍ଶନ କରିବେ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଉପରେ ଗୁରୁତ୍ୱ ଦେବାକୁ କହିଥିଲେ ଶଙ୍କରାଚାର୍ଯ୍ୟ। ଏହି ଅବସରରେ ଦଇତାପତି ନିଯୋଗ କର୍ମକର୍ତ୍ତାମାନେ ଶଙ୍କରାଚାର୍ଯ୍ୟଙ୍କୁ ଆଗାମୀ ସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା ପାଇଁ ନିମନ୍ତ୍ରଣ କରିଥିଲେ।

## ମ୍ୟୁଜିକାଲ ୱାଟର ଫାଉଣ୍ଟେନ କାମରେ ବାଟମାରଣା ଅଭିଯୋଗ

# ତଦନ୍ତ ପାଇଁ ଭିଜିଲାନ୍ସକୁ ଦାବିପତ୍ର

**ପୁରୀ ଅଫିସ, ୧୬।୨:** ପୁରୀ ସହରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ମ୍ୟୁଜିକାଲ ୱାଟର ଫାଉଣ୍ଟେନର ପରିକଳ୍ପନା କରିଥିଲା ପର୍ଯ୍ୟଟନ ବିଭାଗ। ଏଥିପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଚୟନ କରାଯାଇଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, କୃଷ୍ଣ ବଳରାମ ଓ ପଞ୍ଚମହାଦେବ ପ୍ରତ୍ୟେକ ବର୍ଷ ଚନ୍ଦନ ଯାତ୍ରାରେ ଏଠାକୁ ଚାପ ଖେଳିବାକୁ ଆସନ୍ତି। ଏହି ପବିତ୍ର ଜଳାଶୟରେ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଚନ୍ଦନ ସରୋବର ମଧ୍ୟ କୁହାଯାଏ। ତେଣୁ ଏଠାରେ ଲେଜର ଶୋ' ମାଧ୍ୟମରେ ମହାପ୍ରଭୁଙ୍କ ଆବିର୍ଭାବ କଥାବସ୍ତୁକୁ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଦେଖାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ସାଢେ ୭ କୋଟି ଟଙ୍କାର ଏହି ପ୍ରକଳ୍ପ କିନ୍ତୁ ପୂର୍ଣ୍ଣକାଳୀନ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଲେଜର ଶୋ' ଆରମ୍ଭ ହୋଇପାରି ନାହିଁ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପୂର୍ବରୁ ଏହା ନଷ୍ଟ ହେବାକୁ ବସିଲାଣି। ପର୍ଯ୍ୟଟକମାନଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରଗୁଡ଼ିକ ଭାଙ୍ଗିରୁଜି ଯାଇଥିବା ବେଳେ ଫ୍ୟାନ୍, ବଲ୍ବ ଚୋରି ହୋଇଯାଇଛି। ସଞ୍ଜ ନଇଁଲେ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ଅସାମାଜିକଙ୍କ ଆଡ୍ଡା ଜମୁଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅର୍ଥ ବାଟମାରଣା ହୋଇଥିବା ଅଭିଯୋଗ ଭିଜିଲାନ୍ସ ତଦନ୍ତ ଦାବି କରିଛି ସଚେତନ ନାଗରିକ ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ଶନିବାର ପୁରୀ ଭିଜିଲାନ୍ସ ଡିଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାଶ।

# ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକୋତ୍ସବ



ଉତ୍ସବରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ନୟାଗଡ଼ ଅଫିସ, ୧୬।୨**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୮ତମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିଜୟଲକ୍ଷ୍ମୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିଥିଲେ। କୌଣସି ଛାତ୍ର ଯାହା ବି ବିଷୟ ନେଇ ପଢୁ କିମ୍ବା ଯେ କୌଣସି କ୍ଷେତ୍ରରେ କାର୍ଯ୍ୟ କରୁ, ସବୁବେଳେ ସକରାତ୍ମକ ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଛାତ୍ର ସଙ୍ଗଠକ ଆଦିତ୍ୟ ନାରାୟଣ ସାହୁ ଓ ସହକାରୀ ଛାତ୍ର ସଙ୍ଗଠକ ବିଜୁଳି ମଲ୍ଲ ଉତ୍ସବରେ ମଞ୍ଚାସୀନ ଥିଲେ।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ସିଗ୍‌ନାଲିଂ ଏବଂ ଟେଲିକମ୍ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ନଂ.- ୬୭୫-କେବୁଲଶିଫ୍ଟିଂ-ଜେଡିଆଇ-ସିପିଏଚ୍, ତାରିଖ: ୧୨।୦୨।୨୦୧୯
କାର୍ଯ୍ୟ: ଏସ୍.ଇ.ସି. ରେଳପଥର ବିଳାସପୁର ଡିଭିଜନରେ ବିଏସ୍‌ପି-ଜେଏସ୍‌ଜିର ୪ର୍ଥ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ଜେଡିଆଇ-ସିପିଏଚ୍ ସେକ୍ସନରେ ସିଗ୍‌ନାଲିଂ ଓ ଟେଲିକମ୍ କେବୁଲ୍, ଲୋକେସନ୍ ବକ୍ସର ସ୍ଥାନାନ୍ତରଣ/ସ୍ଥାନ ପରିବର୍ତ୍ତନ।
ଟେଣ୍ଡର ମୂଲ୍ୟ- ₹୨୫୧୭୪୦୭୧/- (₹ଦୁଇ କୋଟି ଏକାବନ ଲକ୍ଷ ଚଉସ୍ତରି ହଜାର ଏକସ୍ତରି ମାତ୍ର), ଇଏମ୍‌ଡି- ₹୨୭୫୯୦୦/- (ଦୁଇଲକ୍ଷ ପଚସ୍ତରି ହଜାର ନଅଶହ ମାତ୍ର), ଟେଣ୍ଡର ସମାପ୍ତି: ତା୦୫।୦୩।୨୦୧୯ରିଖ ଅପରାହ୍ନ ୧୫.୩୦ ଘଟିକାରେ।
ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିଏସ୍‌ଟିଇ (ନିର୍ମାଣ) ଏସ୍‌ଇସି ରେଳପଥ ବିଳାସପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ।
ଡେପୁଟି ଚିଫ୍ ସିଗ୍‌ନାଲ୍ ଆଣ୍ଡ ଟେଲିକମ୍ୟୁନିକେଶନ୍ ଇଞ୍ଜିନିୟର/ସିଓଏନ୍-II
CPR/10/400
ସ୍ୱଚ୍ଛ ଭାରତ ଅଭିଯାନ



**ପୂର୍ବ ତଟ ରେଳପଥ**

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-AMC-EI-KYOSAN-133, ତା. 13.02.2019 ରିଖ
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ପୂର୍ବ ତଟ ରେଳପଥରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଞ୍ଚେଶ୍ୱର ଷ୍ଟେସନ ଠାରେ Kyosan ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ : ₹33,70,000/-, EMD : ₹67,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/- (GST 18% ସହିତ)।
ବିଡ୍ ଆରମ୍ଭ ହେବା ତାରିଖ : ତା.27.02.2019, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.03.2019 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-480/J/18-19



**ପୂର୍ବ ତଟ ରେଳପଥ**

**ଡାଟା ଏଣ୍ଟ୍ରି ପରିଚାଳନା ସେବା ବ୍ୟବସ୍ଥା**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. BBS-EL-C-T-318E ତା. 31.01.2019 ରିଖ
କାର୍ଯ୍ୟର ନାମ : "ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ମୁଖ୍ୟାଳୟ/ଭୁବନେଶ୍ୱର, ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ଅନୁଗୁଳ ଏବଂ କାର୍ଯ୍ୟନିର୍ବାହୀ ବିଦ୍ୟୁତ୍ ଯନ୍ତ୍ରୀ(ନିର୍ମାଣ)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ବ୍ୟବସ୍ଥା।"
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹34.90 ଲକ୍ଷ, EMD : ₹69,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹3,540/-, କାର୍ଯ୍ୟ ଶେଷ ହେବା ଅବଧି: 730 ଦିନ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.03.2019 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡରେ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।
ଦ୍ରଷ୍ଟବ୍ୟ: ପ୍ରତ୍ୟାଶିତ ଟେଣ୍ଡରଆବେଦନକାରୀଙ୍କୁ ପରାମର୍ଶ ଦିଆଯାଉଅଛି କି ଏହି ଇ-ଟେଣ୍ଡର ନିମନ୍ତେ ଜାରି ଯେକୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ର ପ୍ରତି ଧ୍ୟାନ ଦେବା ପାଇଁ ସେମାନେ ଟେଣ୍ଡର ଖୋଲା ଯିବାର ଅନ୍ତିମ ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ ପୁନଃଅବଲୋକନ କରନ୍ତୁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-101/CB/18-19



**OFFICE OF TAHASILDAR ANGUL**

**MEGA LOK ADALAT**
**Dt. 17.02.19**
**VENUE: BIJU MAIDAN**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୧୭।୦୨।୧୯ (ରବିବାର) ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଗୋଳ ଜିଲ୍ଲାର ବିଜୁ ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଥିବା 'ମେଗା ଲୋକ ଅଦାଲତ'ରେ ଅନୁଗୁଳ ତହସିଲଦାରଙ୍କ କାର୍ଯ୍ୟାଳୟ ତରଫରୁ ୫୦ ଗୋଟି ପଟ୍ଟା (RoR) ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅନୁଗୁଳ ତହସିଲ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଉପସ୍ଥିତ ରହି ପଟ୍ଟା ଗ୍ରହଣ କରିବାକୁ ନିବେଦନ।

ଆପଣଙ୍କର ତହସିଲଦାର
ବିଚିତ୍ରାନନ୍ଦ ନାୟକ
Tahasildar, Angul





DHARITRI Career appointment Every Wednesday and Saturday



**ଇମ୍ୟୁନିଟି ବଢ଼ାଏ**
**ସହସ୍ରାଧିକ ରୋଗରୁ ରକ୍ଷାକରେ**
ପାଞ୍ଚ ପ୍ରକାର ତୁଳସୀରୁ ଅତି ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ଅର୍କ
JOLLY **ତୁଳସୀ 51 ଡ୍ରପ୍ସ**
ଲ୍ୟାବ୍ ପ୍ରମାଣିତ ପ୍ରାକୃତିକ ଏବଂ ଶକ୍ତିଶାଳୀ ଇମ୍ୟୁନିଟି ବୁଷ୍ଟର
ବାସ୍, ଦୈନିକ ମାତ୍ର 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନିରୋଗ ରୁହନ୍ତୁ...
କେଶ ହାନି, ଚର୍ମରୋଗ, କାଉଁଦ୍ରବ, ବ୍ରଣ, ଝିମିଝିମି ଲାଗିବା, ତୃଣ୍ଡ ଘା, କାଲୁଆ ଲାଗିବା, ଏକାଗ୍ରତା ଅଭାବ, ମୁଣ୍ଡ ବୁଲାଇବା
କୋଷ୍ଠକାଠିନ୍ୟ, ପେଟ ଗ୍ୟାସ, ଏସିଡିଟି, ବଦହଜମି, ଶ୍ୱାସରୋଗ, କାଶ, କଫ, ଦୁର୍ବଳତା, ଋତୁରେ ପ୍ରଭାବୀ




\# As per clinical study report
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍ସ ସେବନ କରନ୍ତୁ ନାହିଁ, ବାଛନ୍ତୁ କେବଳ ଲ୍ୟାବ୍ ପ୍ରମାଣିତ# ସର୍ବୋତ୍ତମ ବ୍ରାଣ୍ଡ
ଜୋଲି ତୁଳସୀ 51 ଡ୍ରପ୍ସ କିଣିବା ସମୟରେ ଜୋଲିର ଲୋଗୋ JOLLY ନିଶ୍ଚୟ ଦେଖନ୍ତୁ! 0161-520-1588



**BOI ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍ -୮(୧)]

ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆ ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା, ସହ-ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ପାରାଦ୍ୱୀପ ଶାଖା /** ଋଣଗ୍ରହୀତା: ମେସର୍ସ ଶକୁନ୍ତଳା ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ୍-୭, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ / ଜାମିନ୍‌ଦାରମାନେ: ୧) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ✓ କାଳନ୍ଦୀ ସାହୁ, ସା: ନୂଆଗଡ଼, ପୋ: ପାରାଦ୍ୱୀପ ଲକ୍, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧, ୨) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁ, ଗ୍ରାମ: ବାଲିଡ଼ିଆ, ପୋ/ଥାନା: ପାରାଦ୍ୱୀପ ଲକ୍, ଜିଲ୍ଲା: ଜଗତସିଂହପୁର, ପିନ୍-୭୫୪୧୪୧ | ଟ.୬୬,୦୧,୬୫୪.୧୦ + ସୁଧ ଏବଂ ସେବାବଦ ଖର୍ଚ୍ଚ | ୦୨.୧୧.୨୦୧୮ / ୧୪.୦୨.୨୦୧୯ | ସ୍ୱତ୍ୱାଧିକାରୀ: ୧) ଶ୍ରୀ ପ୍ରଭାତ ପ୍ରକାଶ ସାହୁ, ୨) ଶ୍ରୀ କିଶୋର ଚନ୍ଦ୍ର ସାହୁ, ପିତା: ✓ କାଳନ୍ଦୀ ସାହୁ ଏବଂ ୩) ଶ୍ରୀମତୀ ଗୋପୀ ସାହୁ, ସ୍ୱାମୀ: ନଟବର ସାହୁଙ୍କ ନାମରେ ଥିବା ଜମି/ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୮, ପ୍ଲଟ୍ ନଂ.: ୪୬୭, କ୍ଷେତ୍ର: ଏକର୦.୧୫ଡିସିମିଲି, କିସମ: ଘରବାରି, ମୌଜା: ନୂଆଗଡ଼, ଥାନା: ପାରାଦ୍ୱୀପ, ଏସ୍‌ଆରଓ/ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଏହାର ଚଉପାର୍ଶ୍ୱରେ- ଉତ୍ତର: ✓ କ୍ଷୀରୋଦ ସାହୁ, ଦକ୍ଷିଣ: ଟହଲି ସିଂହ, ପୂର୍ବ: ରାସ୍ତା, ପଶ୍ଚିମ: ଟହଲି ସିଂହ |
| **ପୁରୀ ଶାଖା /** ଋଣଗ୍ରହୀତା: ଗନ୍ଧର୍ବ ସେନାପତି / ସହ-ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତି ସେନାପତି ଏବଂ ୨) ଶ୍ରୀ ଭାଗିରଥି ସେନାପତି, ସମସ୍ତଙ୍କ ଠିକଣା- ସା: ମଧୁବନ, ୫ମ ଲେନ୍, ପୁରୀ, ପିନ୍-୭୫୨୦୦୨ | ଟ.୧୮,୮୬,୪୦୧.୦୦ + ୩୦.୧୦.୨୦୧୮ ଠାରୁ ସୁଧ ଏବଂ ସେବାବଦ ଖର୍ଚ୍ଚ | ୨୯.୧୦.୨୦୧୮ / ୧୨.୦୨.୨୦୧୯ | ଶ୍ରୀ ଗନ୍ଧର୍ବ ସେନାପତି, ପିତା: ✓ ଗୋପିନାଥ ସେନାପତିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ମୌଜା: ଟିକରପଡ଼ା, ପୁରୀ, ସାବକ ସେଟେଲମେଣ୍ଟ ଖାତା ନଂ.: ୦୩, ପ୍ଲଟ୍ ନଂ.: ୧୩୭ (ଅଂଶ), ଅନୁରୂପ ସେଟେଲମେଣ୍ଟ ନିର୍ଣ୍ଣୟ ହୋଇନଥିବା ଆରଓଆର୍ ମୌଜା: ମାଟିଆପଡ଼ା, ଖାତା ନଂ.: ୮୩/୪୯ (କ), ପ୍ଲଟ୍ ନଂ.: ୪୪୯/୧୯୩୪, କ୍ଷେତ୍ର: ଏକର୦.୦୪୫ଡିସିମିଲି, ବସ୍ତିପ୍ଲାନ୍ ପ୍ଲଟ୍ ନଂ.: ୪୫, ଯାହା ବର୍ତ୍ତମାନ କିଣାଯାଇଅଛି / ସେଟେଲମେଣ୍ଟ ରେକର୍ଡ ନିର୍ଣ୍ଣୟ ହୋଇନାହିଁ, ସ୍ୱତଃ: ସ୍ଥିତିବାନ, କିସମ: ଘରବାରି, ଥାନା: ପୁରୀ ଟାଉନ୍ (ନଂ.-୩୧), ତହସିଲ: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚଉପାର୍ଶ୍ୱରେ- ଉତ୍ତର: ରାସ୍ତା ଏବଂ ଡଃ. ଶ୍ୟାମସୁନ୍ଦର ମହାପାତ୍ର, ଦକ୍ଷିଣ: ହାଡିଗୋହିର, ପୂର୍ବ: ଜନ୍ମେଶ୍ୱର ନାୟକ ଏବଂ ରମେଶ ଚନ୍ଦ୍ର ପଟ୍ଟନାୟକ, ପଶ୍ଚିମ: ମଙ୍ଗୁଳି ବାରିକ ଏବଂ କୁଞ୍ଜ ବିହାରୀ ସାହୁ |

ତାରିଖ : ୧୬.୦୨.୨୦୧୯, ସ୍ଥାନ : ଭୁବନେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



**କର୍ପୋରେଶନ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)
ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି। ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୫.୦୨.୨୦୧୯ରିଖ ସୁଦ୍ଧା ବକେୟା ଋଣ (ଟଙ୍କାରେ) + ସେବାବଦ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ଆସ୍କା ଶାଖା, ପ୍ଲଟ୍ ନଂ.: ୨୭୬/୭୫୫, କଳିଙ୍ଗ ରୋଡ୍, ୱାର୍ଡ ନଂ.: ୧୧, ସା/ପୋ.: ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୧୦, ଫୋନ୍ ନଂ.: ୦୬୮୨୨-୨୭୧୨୭୮, ମୋ.: ୭୬୮୨୮୨୦୪୧୦** | | |
| **କାଳୁଚରଣ ଜେନା,** ପିତା: ପର୍ଶୁ ଜେନା, ରଘୁନାଥ ନଗର, ଆସ୍କା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୪୫୨୫୭୭୮ / ୨୭.୧୨.୨୦୧୭ | ୧୨.୬୩୦ | ଟ.୧୭,୫୨୦/- (ତା.୩୧.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଭୁବନେଶ୍ୱର କଟକ ରୋଡ୍ ଶାଖା, ପ୍ଲଟ୍ ନଂ.: ୩୩୩, ଏକାମ୍ର ହଲ୍ ନିକଟ, ସା/ପୋ.: ରସୁଲଗଡ, ବମିଖାଲ, ଭୁବନେଶ୍ୱର-୭୫୧୦୧୦, ଫୋନ୍ ନଂ.: ୦୬୭୪-୨୫୭୨୭୦୭, ୨୫୭୨୮୦୭, ମୋ.: ୯୫୫୬୪୫୨୭୩୦** | | |
| **ନୃସିଂହପ୍ରସାଦ ଦାସ,** ପିତା: ପରମାନନ୍ଦ ଦାସ, ପ୍ଲଟ୍ ନଂ.: ୯୮୧, ଝାରପଡା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / ଆକାଉଣ୍ଟ ନଂ.: ସିଏଡିଏଲ/୫୬୦୯୯୧୦୦୨୦୩୭୫୪୬ / ୦୩.୦୨.୨୦୧୭ | ୨୧.୦୫ | ଟ.୩୮,୫୩୯/- (ତା.୩୦.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପାରାଦୀପ ଶାଖା, ପାରାଦୀପଗଡ, ପାରାଦୀପ ପୋଲିସ୍ ଷ୍ଟେସନ୍ ନିକଟ, ପାରାଦୀପ, ଜଗତ୍‌ସିଂହପୁର, ଓଡ଼ିଶା, ପିନ୍-୭୫୪୧୪୧, ଫୋନ୍ ନଂ.: ୦୬୭୨୨-୨୩୦୦୪୬, ମୋ.: ୭୦୦୮୪୨୮୫୭୨** | | |
| **ବିକ୍ରମ ପ୍ରଧାନ,** ପିତା: ପରମାନନ୍ଦ ପ୍ରଧାନ, ସା/ପୋ.: ଖୁରୁସିଆ, କେନ୍ଦ୍ରାପଡା, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୭୯୨୩ / ୨୫.୦୪.୨୦୧୬ | ୨୨.୨୦ | ଟ.୫୦,୭୬୬/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜନ କୁମାର ଓଝା,** ପିତା: ଅପନୀ ଓଝା, ସା: କୋଠି, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୭୭୦୭୨ / ୦୧.୦୩.୨୦୧୬ | ୬୨.୯୦ | ଟ.୧,୦୨,୭୫୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାପସ ମାଝୀ,** ପିତା: ଦୈତାରୀ ମାଝୀ, ସା: ବିଶ୍ୱାଳି, ପୋ.: ଭୂତମୁଣ୍ଡାଇ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୭୫୦୮ / ୨୨.୦୨.୨୦୧୬ | ୨୩.୫୦ | ଟ.୫୨,୮୬୨/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ବସନ୍ତ କୁମାର ଖଟେଇ,** ପିତା: ଉଦ୍ଧବ ଖଟେଇ, ସା: ସିଙ୍କୁ, ପୋ.: ଝିମାଣୀ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୭୯୮୯୯୭ / ୧୬.୦୨.୨୦୧୬ | ୪୧.୭୦ | ଟ.୬୭,୮୯୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରଞ୍ଜିତ୍ କୁମାର ମାଝୀ,** ପିତା: ବଳରାମ ମାଝୀ, ସା: ଫତେପୁର, ପୋ.: ଗୋପିଆକୁଦ, କୁଜଙ୍ଗ, ଜଗତ୍‌ସିଂହପୁର / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୫୩୬୦୦୫୩ / ୧୭.୦୫.୨୦୧୮ | ୧୭.୮୦ | ଟ.୩୩,୬୦୦/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୪୧୪୭୭୦୨** | | |
| **ବନମାଳି ବେହେରା,** ପିତା: ସଦାନନ୍ଦ ବେହେରା, ସା: ଖୋଳଦା, ପୋ.:କଳମଛୁଇଁ, ଥାନା: କଳିଏରୀ, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୧୨୯୨୦୩୮ / ୦୫.୦୪.୨୦୧୭ | ୩୩.୮୮୦ | ଟ.୩୫,୩୫୦/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ପର୍ଶୁରାମ ଦାସ,** ପିତା: ଗୋବିନ୍ଦ ଦାସ, ସା: ରଙ୍ଗପୁର, ପୋ.: ଏକଘରିଆ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୩୫୬୯୯୭୯ / ୦୫.୦୯.୨୦୧୭ | ୨୫.୫୨୦ | ଟ.୩୪,୧୮୫/- (ତା.୩୦.୧୧.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଜଗତପୁର ଶାଖା, ତଳ ମହଲା, କେ.ବି ମାର୍କେଟ ବିଲ୍ଡିଂ, ଜଗତପୁର ସ୍କୋୟାର, କେନ୍ଦ୍ରାପଡା ରୋଡ୍, ଏସ୍‌ଏଚ୍-୯ଏ, ପୋ./ଥାନା: ଜଗତପୁର, ଜିଲ୍ଲା: କଟକ (ଓଡ଼ିଶା), ପିନ୍-୭୫୧୦୨୧, ଫୋନ୍ ନଂ.: ୦୬୭୧- ୨୪୯୦୧୧୩, ୨୪୯୦୧୧୨, ମୋ.: ୮୬୦୨୦୪୪୭୪୦** | | |
| **ସଞ୍ଜୟ କୁମାର ପଣ୍ଡା,** ପିତା: କୃଷ୍ଣ ଚନ୍ଦ୍ର ପଣ୍ଡା, ଟାଙ୍ଗୀ-ଚୌଦ୍ୱାର, କଟକ, ଓଡ଼ିଶା-୭୫୪୦୨୧ / ଆକାଉଣ୍ଟ ନଂ.: ସିଏଡିଏଲ/୫୬୦୯୯୧୧୭୧୦୭୧୩୧୭ / ୩୦.୧୨.୨୦୧୭ | ୧୪୬.୬୦ | ଟ.୨,୩୦,୪୫୫/- (ତା.୩୧.୦୧.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **କଙ୍କରଡା ଶାଖା, ପ୍ଲଟ୍ ନଂ.: ୨୩୭୯/୩୨୦୫ ଏବଂ ୨୩୭୯/୩୨୩୦, ମେନ୍ ରୋଡ୍, ସା/ପୋ.: କଙ୍କରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୪, ମୋ.: ୭୬୮୨୮୨୦୩୯୫** | | |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନ: ପାଟପୁର, ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୮୬୩୩୦ / ୦୫.୧୨.୨୦୧୬ | ୧୮.୪୩ | ଟ.୩୫,୪୬୮/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଅଚ୍ୟୁତାନନ୍ଦ ପ୍ରଧାନ,** ପିତା: ବାବୁ ପ୍ରଧାନ, ସା: କାଉଡିଆ, ଥାନା: ପାଟପୁର, ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୧୬୪୩ / ୧୯.୦୫.୨୦୧୭ | ୨୦.୫୭୫ | ଟ.୩୪,୯୨୩/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୀପକ କୁମାର ପରିଡା,** ପିତା: ଦାଶୁତୁ ପରିଡା, ସା: କାଉଡିଆ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୩୯୮୪ / ୧୭.୦୫.୨୦୧୭ | ୩୩.୭୧୫ | ଟ.୬୦,୫୬୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ଦୁଃଖିଶ୍ୟାମ ଦାସ,** ପିତା: ✓ ଅର୍ଜୁନ ଦାସ, ସା: ନିଶ୍ଚିପୁର, ବଡିଓସ୍ତ, ଥାନା: ପାଟପୁର, ଜିଲ୍ଲା: ଗଞ୍ଜାମ / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୯୮୨୫୯୩ / ୦୧.୦୬.୨୦୧୭ | ୪୬.୨୦ | ଟ.୭୩,୨୯୪/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |
| **ରୋହିତ ଦାସ,** ପିତା: ଉପେନ୍ଦ୍ର ଦାସ, ସା: ଲକ୍ଷ୍ମୀପୁର, ପୋ.: କୁରୁଳ, ହିଞ୍ଜିଳି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / ଆକାଉଣ୍ଟ ନଂ.: ଏସିଏଡିଏଲ/୫୬୦୯୫୧୦୦୨୮୪୪୦୪୨ / ୩୦.୦୫.୨୦୧୭ | ୨୩.୫୮୫ | ଟ.୪୮,୭୪୫/- (ତା.୩୦.୧୨.୨୦୧୮ରିଖ ପର୍ଯ୍ୟନ୍ତ ସୁଧ ସହିତ) |

ତାରିଖ: ୧୬.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ

## କଣ୍ଟିଲୋ ନୀଳମାଧବ ଜୀଉଙ୍କ ଭୈମୀ ଏକାଦଶୀ ମେଳା

# ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ଖଣ୍ଡପଡ଼ା,୧୬।୨(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବରେ ପରିଚିତ କଣ୍ଟିଲୋର ନୀଳମାଧବଜୀଉଙ୍କ ଭୈମୀ ଏକାଦଶୀ ମେଳା ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରୀଜୀଉଙ୍କ ଦର୍ଶନ ତଥା ରାତିରେ ବଡ଼ ଏକାଦଶୀ ମହାଦୀପ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପ୍ରାତଃ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ ଭକ୍ତ ନିକଟସ୍ଥ ମହାନଦୀରେ ବୁଡ଼ ପକାଇ ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ । ସନ୍ଧ୍ୟାରେ ଭକ୍ତମାନେ ନୀଳମାଧବଜୀଉଙ୍କ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା । ରାତି ପ୍ରାୟ ୧୦ଟା ୧୫ରେ ମହାଦୀପ ଉଠିଥିବା ବେଳେ ଏହାକୁ ଦର୍ଶନ କରିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କଣ୍ଟିଲୋ ନୀଳମାଧବ ଜୀଉଙ୍କ ଭୈମୀ ଏକାଦଶୀ ବା ମାଘମେଳା ପରମ୍ପରା ଅନୁଯାୟୀ ମାଘ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଥିବା ବେଳେ ଏହି ମେଳାରେ ପ୍ରଥମରୁ କୌଣସି ଯାତ୍ରା ଦଳ ଆସି ନ ଥିବାରୁ ମେଳାରେ ଗହଳି ଚହଳି ଦେଖିବାକୁ ମିଳି ନ ଥିଲା ।


ମନ୍ଦିର ପରିସରରେ ଦୀପ ଜାଳି ଉଜାଗର ରହିଛନ୍ତି ଶ୍ରଦ୍ଧାଳୁ।

**ଦୀପ ଜାଳି ଉଜାଗର ରହିଲେ**

## ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଦଶପଲ୍ଲା,୧୬।୨(ଡି.ଏନ୍.ଏ.)**

ନୟାଗଡ ଜିଲା ଦଶପଲ୍ଲାଠାରେ ଶନିବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ଉଜ୍ଜ୍ୱଳାର ଆସିଷ୍ଟାଣ୍ଟ ନୋଡାଲ୍ ଅଫିସର ରାଜେଶ ମହାନ୍ତିଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଜରଙ୍ଗୀ ଭାରତ ଗ୍ୟାସ ଏଜେନ୍ସି ଦଶପଲ୍ଲା, ଶକ୍ତି ଭାରତଗ୍ୟାସ ଏଜେନ୍ସି ନୂଆଗାଁ ଓ ରାମଚଣ୍ଡୀ ଭାରତଗ୍ୟାସ ମହିପୁର ଭାଗନେଇଥିଲେ। ଉପସ୍ଥିତ ୧୫୦୦ରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଗ୍ୟାସର ନିରାପଦ ବ୍ୟବହାର ସମ୍ବନ୍ଧୀୟ ଭିଡିଓ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ଦଳର ଜିଲା ସଭାପତି ସନ୍ୟାସୀ ନାୟକ, ସଲୀଳା ସେଠୀ, ମନୋଜ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ବିଷୟରେ ଆଲୋକପାତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାଆନଗଣ୍ଡା କାହାଣ ରଣ;**
**ମାଇପ କହୁଛନ୍ତି ଚନ୍ଦ୍ରଉଦିଆ କିଣ ।**

ସ୍ୱାମୀର ରୋଜଗାର ଉପରେ ସ୍ତ୍ରୀର ଅଧିକାର ଥାଏ। ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭାପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ ଋଣଗ୍ରସ୍ତ ସେତେବେଳେ ସ୍ତ୍ରୀ ଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ମନ ବଳେଇବା ବା ଅଡିବସିବା ସ୍ତ୍ରୀପକ୍ଷେ ଅତି ବେକାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ବାୟା ଚଢ଼େଇ ବସା,**
**ମୁଣ୍ଡରେ ରାମ ଟହଲିଆ ଖୋଷା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କ ପକ୍ଷେ ଏପରି ଆତ୍ମବଡ଼ିମା ଶୋଭାପାଇ ନ ଥାଏ। ଦୈନନ୍ଦିନ ଗୁରୁରାଣ ମେଣ୍ଟାଇବାକୁ ଅସମର୍ଥ ମହିଳା ବେଶ ପରିପାଟୀ ହୋଇ ବାହାରେ ବୁଲି ନିଜକୁ ଦେଖେଇ ହେବା ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ପୁରୁଣାକଟକ

**ଖଣ୍ଡପଡ଼ା/ଭାପୁର, ୧୬।୨(ସ୍ୱ.ପ୍ର./ଡ଼ି.ଏନ.ଏ.)**

ଭାପୁର ବ୍ଲକ ଅନ୍ତର୍ଗତ ମାଧପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ କୁଲାପଦା ଫୁଟବଲ ପଡିଆରେ ଆୟୋଜିତ ୪ର୍ଥ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଥିଲା ଷଷ୍ଠ ଦିବସ। ଏଥିରେ ୨ୟ ସେମି ଫାଇନାଲରେ ଭୈରବ କ୍ଲବ ପୁରୁଣାକଟକ(ବୌଦ୍ଧ) ବଜରଙ୍ଗୀ କ୍ଲବ ଘାଟିକିଆ ଭୁବନେଶ୍ୱରକୁ ୨-୦ ଗୋଲରେ ହରାଇ ଖେଳରେ ବିଜୟୀ ହୋଇଥିବା ବେଳେ ଫାଇନାଲକୁ ଉନ୍ନିତ ହୋଇଛି। ମୁଖ୍ୟଅତିଥି ଭାବେ ମାଧପୁର ସରପଞ୍ଚ ତ୍ରିନାଥ ମୁଦୁଲି ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗଣିଆ ମହାବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ମିଶ୍ର ଏବଂ ମାଧପୁର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଯୋଗଦେଇଥିଲେ। ଖେଳ ପ୍ରଥମାର୍ଦ୍ଧରେ ପୁରୁଣାକଟକ ଦଳର ଦିଗଲ ପ୍ରଥମ ଗୋଲ ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଏହି ଦଳର ଅନ୍ତର୍ଯ୍ୟାମୀ ୨ୟ ଗୋଲ ସ୍କୋର କରି ଦଳକୁ ୨-୦ରେ ବିଜୟୀ କରିଥିଲେ। ରଜାକ୍ ଖାଁ ଖେଳ ପରିଚାଳନା କରିଥିବା ବେଳେ ଲାଇନରେ ସହାୟତା କରିଥିଲେ ସମୀର ଖୁଣ୍ଟିଆ ଓ ସୁବାଷ ଚନ୍ଦ୍ର ବେହେରା। ଆସନ୍ତା ୧୮ ରେ ସାଏ ଫୁଟବଲ ଏକାଡେମୀ ଗେଙ୍ଗୁଟିପାଲି(ସମ୍ବଲପୁର) ସହ ଭୈରବ କ୍ଲବ ପୁରୁଣାକଟକ (ବୌଦ୍ଧ)ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି।

# ଖଣ୍ଡପଡ଼ା, ଦଶପଲ୍ଲାରେ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ


ଖଣ୍ଡପଡ଼ାଠାରେ ଘରବାରି ପଟ୍ଟା ପାଇଥିବା ହିତାଧିକାରୀ।

**ଖଣ୍ଡପଡ଼ା,୧୬।୨(ସ୍ୱ.ପ୍ର.)**

ଖଣ୍ଡପଡା ସହରାଞ୍ଚଳର ବିଭିନ୍ନ ୱାର୍ଡରେ ଦୀର୍ଘବର୍ଷ ଧରି ସରକାରୀ ଜାଗାରେ ଅସ୍ଥାୟୀ ଭାବେ ବସବାସ କରୁଥିବା ଭୂମିହୀନ ପରିବାରଙ୍କୁ ରାଜ୍ୟ ସରକାର ଜାଗାମିଶନ ଜରିଆରେ ସ୍ଥାୟୀ ପଟ୍ଟା ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ଖଣ୍ଡପଡା ସହରର ୫୮ ଗୋଟି ଭୂମିହୀନ ପରିବାରକୁ ଶନିବାର ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟା ବଣ୍ଟନ କରାଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ନୟାଗଡ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ସରକାରୀ ଓକିଲ ହରିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏନଏସିର ଗୋଷ୍ଠୀ ସଂଗଠିକା ଇନ୍ଦୁମତୀ ପରିଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

**ଦଶପଲ୍ଲା,(ଡି.ଏନ.ଏ.):** ଜାଗା ମିଶନ ଜରିଆରେ ଶନିବାର ଦଶପଲ୍ଲା ଏନ୍‌ଏସିର ସାତପାଟଣା ପଞ୍ଚାୟତ କାର୍ଯ୍ୟାଳୟଠାରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଘରବାରି ପଟ୍ଟା ବଣ୍ଟନ କରାଯାଇଛି। ଆୟୋଜିତ ଉତ୍ସବରେ ଏପିଡି ସନ୍ତୋଷୀ ସାହୁ ମୁଖ୍ୟ ଅତିଥି, ଏନ୍‌ଏସି ଅଧକ୍ଷା ବବିତା ସାହୁ ମୁଖ୍ୟବକ୍ତା ଓ ଉପାଧକ୍ଷ ପ୍ରକାଶ ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ମୁଖ୍ୟଅତିଥି ସରକାରଙ୍କ ଜାଗା ମିଶନ ଯୋଜନାରେ ଭୂମିହୀନଙ୍କୁ ଏହି ପ୍ରମାଣପତ୍ର ବଣ୍ଟନ କରାଯାଉଥିବା କହିଥିଲେ। ମୁଖ୍ୟବକ୍ତା ସାହୁ ଭୂମିହୀନଙ୍କ ପାଇଁ ଏନ୍‌ଏସିରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଏସିର ୨୬ଜଣ ମହିଳା ଓ ପୁରୁଷଙ୍କୁ ଅତିଥିମାନେ ପଟ୍ଟା ବଣ୍ଟନ କରିଥିଲେ।

# କୃଷ୍ଣ ଦୈପାୟନ ବେଦ ପାଠଶାଳା ତରଫରୁ ଦୀପଦାନ

**ରଣପୁର,୧୬।୨(ସ୍ୱ.ପ୍ର.)**

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ରଣପୁର କୃଷ୍ଣ ଦୈପାୟନ ବେଦ ପାଠଶାଳାର ଛାତ୍ରୀଛାତ୍ରଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ନୀରବ ଶୋଭାଯାତ୍ରାରେ ଯିବା ସହ ଦୀପଦାନ କରିଥିଲେ। ସନ୍ଧ୍ୟାରେ ରଣପୁର ଜଗନ୍ନାଥ ମନ୍ଦିରଠାରେ ସ୍ୱେଚ୍ଛାସେବୀ ଅଶୋକ କୁମାର ମହାପାତ୍ର, ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ମନ୍ଦିର ମ୍ୟାନେଜର ରମେଶ ପ୍ରଧାନ, ଅଧ୍ୟାପକ ସୁଧାକର ପଣ୍ଡା, ଲୁନା ମହାପାତ୍ରଙ୍କ ଆବାହକତ୍ୱରେ ମନ୍ଦିରରେ ଏକାଠି ହୋଇ ୪୪ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରୀଛାତ୍ରମାନେ ବେଦ ପାଠ ଓ ଗୀତା ପାଠ କରିଥିଲେ। ଆଗାମୀ ଦିନରେ ଆତଙ୍କବାଦୀଙ୍କ ମୁକାବିଲା କରିବାକୁ ସମସ୍ତେ ସରକାରଙ୍କ ସହିତ ଏକଜୁଟ ହେବାକୁ ଶପଥ ନେଇଥିଲେ ।

# ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା


ମାଣିକାଗୋଡା ଗିଭ୍ ପବ୍ଲିକ ସ୍କୁଲର ପିଲାମାନେ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପଦାନ କରୁଛନ୍ତି।

**ବୋଲଗଡ,୧୬।୨(ଡି.ଏନ.ଏ.)**

ଜମ୍ମୁ-କଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶନିବାର ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ଦୀପଦାନ ଓ ନୀରବ ପ୍ରାର୍ଥନା କରାଯାଇଛି। ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ତଥା କର୍ମଚାରୀ ନୀରବ ପ୍ରାର୍ଥନା କରିଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ସେମାନଙ୍କ ପରିବାରକୁ ସମବେଦନା ଜଣାଇ ସେମାନଙ୍କୁ ଈଶ୍ୱର ଅସୀମ ଧୈର୍ଯ୍ୟ ଓ ସାହସ ଦେବା ପାଇଁ କାମନା କରିଥିଲେ। ଏହାସହ ଆହତ ଯବାନମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।


**CONVENER PG MEDICAL COUNSELING & ADMISSION 2019-20**
**NOTICE**

**No. 5/PG Cell 2019** **Dt. 14.02.2019**

**No.885-E:-** The PG (Medical) Counseling and Admission Process-2019-20 will be conducted at SCB Medical College, Cuttack. All the PG (Medical) aspirants are requested to be in touch with the website of DMET, Odisha i.e. www.dmetodisha.gov.in in PG Medical/ Dental section.

Sd./-
Convener
10016/11/0055/1819

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE EXECUTIVE ENGINEER RWSS DIVISION, RAIRANGPUR**
INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
**E-PROCUREMENT NOTICE**
**IDENTIFICATION No. 45 RWSS/ RRPUR-2018-19/ Dated 14.02.2019**

**No.1697-O:-** The Executive Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/ class registered with Central Govt./ Railways.

| | | | |
|---|---|---|---|
| 1. | Nature of work | : | Execution of piped water supply Project on turnkey basis. |
| 2. | No. of tenders | : | 03 (five) Nos. |
| 3. | Period of Completion | : | 180 days to 360 days |
| 4. | Cost of tender | : | Rs. 10000.00 |
| 5. | Estimated cost | : | Rs. 59.76 lakhs to Rs. 130.71 lakhs |
| 6. | Class of Contractor | : | (As mentioned in Tender Call Notice) |
| 7. | Date and time of availability of bid documents in Portal | : | From 9.00 hours of dt. 16.02.19 to 17.00 hours of dt. 02.03.2019. |
| 8. | Receipt of bid cost, bid security, documents | : | On line only. |
| 9. | Date & time of opening of technical bid | : | Dt. 06.03.19 at 11.00 hours onwards. |
| 10. | Other Documents | : | (As mentioned in DTCN). |
| 11. | The bidders have to participate in on-line bidding only. Further details can be seen from the website https://www.tendersodisha.gov.in. | | |
| 12. | Any addendum/ Corrigendum/ Cancellation of tender can also be seen in the said website. | | |
| 13. | ST/SC up to B class contractors only eligible to avail 10% price preference over the general category contractors & have to submit an affidavit to consider such preference for them. | | |

25010/11/0045/1819 Sd./- Executive Engineer, RWSS Division, Rairangpur

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE ENGINEER
L.I. DIVISION, SAMBALPUR CAMP AT L.I. SUB-DIVISION OFFICE, JHARSUGUDA
e-mail I.D: eeolicsbp@gmail.com
**No.CAD-1426:-** e-Procurement Notice
Identification No. EEOLICSBP-19/18-19 Dt. 14.02.2019

| | | | |
|---|---|---|---|
| 01 | Name of work | : | Installation of Khaliamal LIP (DMF Grant) in Jharsuguda District & Tainsaria-II LIP (PVTG village) in Deogarh District. |
| 02 | Estimated cost | : | Rs. 22.00 lakhs to Rs. 23.50 lakhs |
| 03 | Period of completion | : | 90 days |
| 04 | Date & Time of availability of bid document in the portal | : | From 10.00 hrs. of 18.02.2019 to 17.00 hrs. of 27.02.2019. |
| 05 | Date & Time of opening of bids | : | 11.00 Hrs. of 28.02.2019 |
| 06 | Name and Address of the officer inviting bid | : | Executive Engineer, L.I. Division, Sambalpur Camp at L.I. Sub-Division, Jharsuguda |

Further details can be seen from the website **www.tendersorissa.gov.in.**

32308/11/0027/1819 Executive Engineer, L.I. Division, Sambalpur

See Career Appointment on every Wednesday & Saturday

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581 (0)/232641 (R), Fax: 06861-232541, E-mail< unit.head_balimela@yahoo.com>
REGD. OFFICE: ODISHA HYDRO POWER CORPORATION LIMITED. (A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER, E-MAIL: ohpc.co@gmail.com/ md@ohpcltd.com, WEB: www.ohpcltd.com
NOTICE INVITING TENDER No:/BHEP/40/2018-19, Dtd- 14.02.2019

**No.CAD-1430:-** Sealed Tenders are invited in two part basis from the eligible class ("C" or "D") of Contractors/Firms/ Agencies having experience in State/ Central PSU/ Govt. of Odisha & having valid license & fulfilling the eligibility criteria as per the tender specification for the work as mentioned below.

| Group | Description of Services | Estimated Cost | Cost of tender paper (Non-refundable) in Rs. | EMD n shape of DD only (Refundable) in Rs. | Period of availablity of tender documents | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| A | Repair and Maintenance to proposed training hostel (Qr. No. 2RB-42 to 46). | Rs. 2,25,016/- | Rs. 2000/- + (+GST @18%) 360/- = 2360/- | Rs. 2300/- | 16.02.2019 to 26.02.2019 | 26.02.2019 up to 12.00 hrs. | 26.02.2019 at 12.30 hrs. |
| B | Repair of cable trench with replacement of damaged RCC slabs with new RCC slabs from AB-7 to Valve house, BHEP. | Rs. 1,24,190/- | Rs. 600/- + (+GST @18%) 108/- = 708/- | Rs. 1300/- | 16.02.2019 to 27.02.2019 | 27.02.2019 up to 12.00 hrs. | 27.02.2019 at 12.30 hrs. |
| C | Rapair of Power house back side road near canteen & replacement of damaged drain slab near store area (P&C and MSD-III sub-division office), BHEP. | Rs. 1,85,193.00/- | Rs.600/- + (+GST @18%) 108/- = 708/- | Rs. 1900/- | 16.02.2019 to 28.02.2019 | 28.02.2019 up to 12.00 hrs. | 28.02.2019 at 12.30 hrs. |

For details of the tender documents, terms & conditions please visit our website **www.ohpcltd.com**.
04019/11/0113/1819 Sd./- Senior General Manager (Electrical), BHEP, Balimela

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
OFFICE OF THE EXECUTIVE ENGINEER,L.I. DIVISION, ANGUL, Email ID - eeliangul@gmail.com
e- Tender Notice
Bid Identification No E.E. ANGUL (OLIC) 06/2018-19 Dt. 13.02.2019
No. 999 DATE 13.02.2019

**No.CAD-1434:-** The Executive Engineer, Lift Irrigation Division, Angul, Odisha, on behalf of Governor of Odisha invites Pre-qualification along with Price Bid in shape of item rate basis bids for installation and energisation of different L.I. Projects in different Blocks of Angul District as described in the table below, from Civil 'D' / 'C' Class valid license with H.T. License or Tie up with H.T. License issued by E.L.B.O. complying with the terms and conditions. Bids are invited from intending tenderer having valid license as specified against the work for installation & energisation of new R.L. Projects and revival of defunct R.L. Projects under percentage wise rate contract on turnkey basis.

1. Name of Works : Installation & Energisation of River Lift Projects with supply of all materials on Turnkey basis.
2. Total Nos. of Packages : 16 Nos
3. Approximate Estimated Cost : Rs. 11.164 Lakh to 26.228 Lakh
4. Class of Contractor : "D", "C" with H.T. License
5. Period of completion : 90 Days from the date of issue of work order.
6. Other details as follows. :

| Procurement Officer | Bid Identification No | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Angul |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Angul | 06/2018-19 | 19.02.2019 10.00 AM | 26.02.2019 Up to 5.00 PM | 23.02.2019 | 27.02.2019 11.00 AM |

- Details can be seen from the Website www.tendersorissa.gov.in
- Any Corrigendum/ Addendum will be displayed in the above website only.

32327/11/0008/1819 Sd./- Executive Engineer, L.I. Division, Angul

**CLASSIFIED DISPLAY**
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9997928820

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

Baba Kamal Khan
7th Time Gold Medalist
Jharsuguda, Odisha
୭ ଇଲମ ଜାଣିବାରେ ମାହିର
(ମୋହିନି ବଶିକରଣ ଏବଂ ମୁଠକରଣୀ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା, ପତି-ପତ୍ନୀ କନ୍ଦଳ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବିବାହରେ ବାଧା, ଗୃହକ୍ଲେଶ, ବ୍ୟବସାୟରେ ବାଧା, ପ୍ରେମ ବିବାହ, ଜୁଆ, ଭୂତ-ପ୍ରେତ ଇତ୍ୟାଦି ଘରେବସି ୭ ଘଣ୍ଟାରେ ସମାଧାନ
କାମ ନହେଲେ ମନଚାହାଁ ପୁରସ୍କାର
7064890616

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.


## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।
- ସଦ୍‌ଗୁରୁ ସାଇନାଥ



## ଏଇ ସପ୍ତାହର କାର୍ଯ୍ୟକ୍ରମ

■୧୭ ତାରିଖ (ରବିବାର)
ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଘାଟନ, ସ୍ଥାନ- ଜିଗିନିପଡ଼ା, ନୂଆଗାଁ, ସମୟ- ସକାଳ ୭ଟା

■୧୮ ତାରିଖ (ସୋମବାର)
ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ଦଶପଲ୍ଲା, ସମୟ- ପୂର୍ବାହ୍ନ ୧୧ଟା

## ସଂକ୍ଷେପରେ

### ଫୁଟବଲ ଟୁର୍ନାମେଣ୍ଟ: ସାଇ ହଷ୍ଟେଲ କଟକ ସେମିରେ



**ଓଡ଼ଗାଁ, ୧୬।୨(ସ୍ୱ.ପ୍ର.):** ଓଡ଼ଗାଁ ମିନି ଷ୍ଟାଡିୟମରେ ଓଡ଼ଗାଁ କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୩ୟ ଦିବସୀୟ ମ୍ୟାଚ୍ ସାଇ ହଷ୍ଟେଲ କଟକ ୬-୦ରେ ଜଗା ସ୍ପୋର୍ଟିଂ ଭୁବନେଶ୍ୱରକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ନାୟକ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। କଟକ ଦଳର ଡୋମନ ମାରାଣ୍ଡିଙ୍କୁ ମୁଖ୍ୟଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମହାବୀର ନାଥ, ସୁଦୀପ୍ତ ଦାସ, ରୋସନ ଖାନ ଓ ରାଜେଶ ଭାଇନ୍ମା ମ୍ୟାଚ ପରିଚାଳନା କରିଥିଲେ। ସୁଶାନ୍ତ କୁମାର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। କୁବେର ବାରିକ, ଜୟକୃଷ୍ଣ ପ୍ରଧାନ, ସରୋଜ କୁମାର ଦାଶ ଓ ଅଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ। ରବିବାର ସମ୍ବଲପୁର ସ୍ପୋର୍ଟସ୍ ହଷ୍ଟେଲ ଓ ପଟାକା ଅନୁଗୋଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ମୋ ସ୍କୁଲ ଅଭିଯାନ
### ପୁରାତନ ଛାତ୍ରୀଛାତ୍ର ଦେଲେ ୫୦ ହଜାର ଟଙ୍କା

**ଗଣିଆ,୧୬।୨(ଡି.ଏନ.ଏ.):** ନୟାଗଡ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ଗୁପ୍ତେଶ୍ୱର ବିଦ୍ୟାପୀଠରେ ପୁରାତନ ଛାତ୍ରୀଛାତ୍ର ସରକାରଙ୍କ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢାଇଛନ୍ତି। ଏହି ବିଦ୍ୟାଳୟର ୧୫୭ ଜଣ ପୁରାତନ ଛାତ୍ରୀଛାତ୍ର ୫୦ ହଜାର ଟଙ୍କା ବିଦ୍ୟାଳୟ ପାଣ୍ଠିକୁ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଗତ ଜାନୁୟାରୀ ୨୯ରେ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୋ ସ୍କୁଲ ଅଭିଯାନର ସଭାପତି କମଲଲୋଚନ ଦଳେଇଙ୍କ ସଭାପତିତ୍ୱରେ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନର ସମ୍ପାଦକ ତଥା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୁଦ୍ରମାଧବ ନାୟକ ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଉନ୍ନତୀକରଣ ପାଇଁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସୂଚନାଯୋଗ୍ୟ, ୧୯୮୧ ମସିହାରେ ସ୍ଥାପିତ ଏହି ବିଦ୍ୟାପୀଠରେ ବହୁବିଧ ସମସ୍ୟା ଲାଗି ରହିଥିବା ବେଳେ ଅଦ୍ୟାବଧି ଏହାର ସମାଧାନ ହୋଇପାରୁନାହିଁ। ବିଦ୍ୟାଳୟରେ ଲାଗିରହିଥିବା ଶିକ୍ଷକ ସମସ୍ୟା ସମ୍ପର୍କରେ ପୁରାତନ ଛାତ୍ରୀଛାତ୍ରମାନେ ଜିଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତପ୍ରକାଶ କରିଥିଲେ।

### ମା’ ବୁଢ଼ୀଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ



**ରଣପୁର,୧୬।୨(ସ୍ୱ.ପ୍ର.):** ରଣପୁର ବ୍ଲକ ନିକଟସ୍ଥ ମହତପଲ୍ଲା ପଞ୍ଚାୟତର ବିରୁଡା ଗ୍ରାମ ଧାନୀ ପାହାଡରେ ଥିବା ମା ବୁଢ଼ୀ ଦେବୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଆରମ୍ଭ ହୋଇଥିଲାବେଳେ ଶନିବାର ପୂର୍ଣ୍ଣାହୁତି ଦିଆଯାଇଛି। ପାହାଡରେ ପ୍ରବାହିତ ଝରଣାରୁ ଗ୍ରାମବାସୀ କଳସ ଦ୍ୱାରା ଜଳ ଆଣି ମା ବୁଢ଼ୀ ଦେବୀଙ୍କ ନିକଟରେ ପହଞ୍ଚିବା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହି ଯଜ୍ଞ ୪ବର୍ଷରେ ପଦାର୍ପଣ କରିଛି। ରଣପୁର ବନବିଭାଗର ଧାନୀ ଜଙ୍ଗଲ ପାହାଡ ଉପରେ ଏକ ବଡ ପଥର ମଧ୍ୟରେ ମା ଙ୍କର ଏକ ପ୍ରତିମୂର୍ତ୍ତି କାହିଁ କେଉଁ କାଳରୁ ରହିଛି। ଗ୍ରାମଠାରୁ ୪କିଲୋମିଟର ଦୂର ପାହାଡ ଚଢ଼ି ଗଲେ ମାଙ୍କ ମନ୍ଦିର ରହିଛି। ପ୍ରତ୍ୟେକ ବର୍ଷ ଗ୍ରାମବାସୀ ଚାନ୍ଦା ଭେଦା କରି ବିଶ୍ୱଶାନ୍ତି ମହାଯଜ୍ଞ କରି ଆସୁଛନ୍ତି। ଶନିବାର ଗ୍ରାମବାସୀଙ୍କ ସହିତ ସ୍ଥାନୀୟ ଯୁବନେତା ସତ୍ୟବ୍ରତ ନାୟକ ଓ ବିଭିନ୍ନ ଗ୍ରାମର ଗ୍ରାମ ସଭାପତିମାନେ ଏହି ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା
# ଶ୍ରମିକଙ୍କ ନାମ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ

**ନୂଆଗାଁ,୧୬।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ଅନିୟମିତତା ହୋଇଛି। ଶ୍ରମିକ ବଦଳରେ ମେଶିନ୍‌ରେ କାର୍ଯ୍ୟ କରାଇ ଶ୍ରମିକମାନଙ୍କ ଜବ୍‌କାର୍ଡ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ସହ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହେଉଛି ।

ଶ୍ରମିକମାନେ ଦାଦନ ନ ଯିବା ପାଇଁ ସେମାନଙ୍କୁ ଶହେ ଦିନର କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପଞ୍ଚାୟତର ଦୁଇଟି ରାସ୍ତା କାର୍ଯ୍ୟ ଚାଲିଥିବା ସମୟରେ ନିମ୍ନମାନର କାର୍ଯ୍ୟ ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ତାହାର ସତ୍ୟାସତ୍ୟ ଜାଣିବା ପାଇଁ ସରକାରଙ୍କ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା ।

ବ୍ଲକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଉଦୟପୁର ପଞ୍ଚାୟତର ଉଦୟପୁରଠାରୁ ବଡକାଠବାରି ରାସ୍ତା ନିର୍ମାଣ ପାଇଁ ୯ ଲକ୍ଷ ୭୫ ହଜାର ୮ ଶହ ଟଙ୍କା ଓ ବାଲୁଙ୍ଗାଡ଼ିପଠାରୁ ଗିରିପୂଜା ରାସ୍ତା ନିର୍ମାଣ କରିବା ପାଇଁ ୭ ଲକ୍ଷ ୫୦ ହଜାର ଟଙ୍କା ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଇଥିଲା। କାର୍ଯ୍ୟାଦେଶର ନିୟମ ଅନୁସାରେ ଏଥିରେ ମୋରମ, ମାଟି ବାଲି ଆଦି ପକାଇବାର ନିୟମ ଥିଲା । ଉକ୍ତ କାର୍ଯ୍ୟ ଶ୍ରମିକମାନଙ୍କ ଦ୍ୱାରା କରାଯିବାର ଥିବାବେଳେ ଠିକାଦାର କିନ୍ତୁ ତାହା ନ କରି ମାଟି ଖୋଳିବା, ବିଛାଇବା ଆଦି କାର୍ଯ୍ୟ ମେଶିନ ମାଧ୍ୟମରେ କରି ତାହା ଶ୍ରମିକମାନଙ୍କ ଦ୍ୱାରା କରାଯାଇଥିବା ଦର୍ଶାଇଥିଲେ। ସେହି ଅନୁସାରେ ଆଖପାଖ ଅଞ୍ଚଳର ଆଦିବାସୀ ମାନଙ୍କ ଜବ୍‌କାର୍ଡ ଆଣି ମଷ୍ଟର ରୋଲ ତିଆରି କରି ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ଟଙ୍କା ପଠାଇବାର ବ୍ୟବସ୍ଥା କରିଥିଲେ। ସୂଚନା ଅଧିକାର ଆଇନ୍ ବଳରେ ମିଳିଥିବା ତଥ୍ୟରେ ଦର୍ଶାଯାଇଥିବା ଶ୍ରମିକଙ୍କୁ ଭେଟି ସେମାନଙ୍କୁ ପଚାରିବାରେ ସେମାନେ କାମ ବିଷୟରେ କିଛି ଜାଣି ନାହାନ୍ତି କି କୌଣସି ଦିନ କାମକୁ ଯାଇ ନ ଥିବା କହିଛନ୍ତି। ଏପରି କି କିଛି ଶ୍ରମିକ ଗାଁରେ ନ ରହି ବାହାରେ ରହୁଥିବା ବେଳେ ସେମାନେ କାମ କରିଥିବା ଦର୍ଶାଯାଇଛି। ଲୋକମାନଙ୍କ ବ୍ୟାଙ୍କ ଜମାଖାତାକୁ ଟଙ୍କା ଯିବାପରେ ସେମାନଙ୍କୁ ମିଛ କହି ଅଳ୍ପ କିଛି ଟଙ୍କା ଦେଇ ଜବକାର୍ଡଧାରୀଙ୍କ ଆକାଉଣ୍ଟରୁ ଠିକାଦାର ଟଙ୍କା ଉଠାଉଥିବା ଜଣାପଡିଛି। ଶ୍ରମିକମାନେ କାମ ନ କରି ସେମାନଙ୍କ ନାମରେ କାମ ଦର୍ଶାଯିବା ନେଇ ସେମାନଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି। ଏତଦ୍‌ବ୍ୟତୀତ ନିର୍ମାଣ କରାଯାଇଥିବା ରାସ୍ତାରେ ଏଷ୍ଟିମେଟ୍ ମୁତାବକ ବାଲି, ମୋରମ ବିଛାଯାଇ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ କରାଯାଇଥିବାରୁ ତାହା ଅତି ନିମ୍ନମାନର ହୋଇଛି। ଆକଳନ ମୁତାବକ ମୋରମ ବଦଳରେ ରାସ୍ତା ନିକଟରୁ କାଦୁଅ ମାଟି ପକାଇ ଠିକାଦାର ଦୂରରୁ ମୋରମ ଆଣି ପକାଇ ଥିବା ଦର୍ଶାଇ ଅଧିକ ଖର୍ଚ୍ଚ ହୋଇଥିବା ତଥ୍ୟ ଦେଇଛନ୍ତି। ତେଣୁ ଏହି କାମର ଏକ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି। ଶ୍ରମିକମାନେ କାମ କରି ନ ଥିବା ବିଷୟରେ ଉଦୟପୁର ଜିଆର୍‌ଏସ୍‌ଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ। ଶ୍ରମିକମାନଙ୍କ ନାମ ଦର୍ଶାଇ ଟଙ୍କା ହଡପ କରିବା ବିଷୟରେ ନୟାଗଡ ଜିଲା ପ୍ରକଳ୍ପ ଅଧିକାରୀ ଅନାମ ଚରଣ ପାତ୍ର କୁହନ୍ତି, ଏପରି ଅଭିଯୋଗ ପରେ ଆମେ ନିଶ୍ଚୟ ତଦନ୍ତ କରିବୁ। ମଷ୍ଟରରୋଲରେ ଯେଉଁ ଦସ୍ତଖତ ହୋଇଛି ସେ ସବୁ ସେହି ନାମଧାରୀ ଶ୍ରମିକ କରିଛନ୍ତି କି ନାହିଁ ତାହାର ସତ୍ୟାସତ୍ୟ ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଉଲ୍ଲେଖଯୋଗ୍ୟ ନୂଆଗାଁ ବ୍ଲକର କେବଳ ଏହି ଦୁଇଟି କାମ ନୁହେଁ ଅନେକ କାମରେ ଶ୍ରମିକମାନଙ୍କ ଜବ୍ କାର୍ଡକୁ ନେଇ ଠିକାଦାର ଓ ବିଭାଗୀୟ ଅଧିକାରୀମାନେ ସରକାରଙ୍କ ଅନୁଦାନ ହଡପ କରୁଥିବା ଅଭିଯୋଗ ହେଉଛି ।



ଉଦୟପୁର ପଞ୍ଚାୟତର ସମ୍ପୃକ୍ତ ରାସ୍ତା।

## ୨୧ରେ ପ୍ରତିଷ୍ଠା ହେବ ପଞ୍ଚମୁଖୀ ହନୁମାନ ମନ୍ଦିର



ନବନିର୍ମିତ ପଞ୍ଚମୁଖୀ ହନୁମାନ ମନ୍ଦିର ।

**ଗଣିଆ,୧୬।୨(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ପୀଠସ୍ଥଳୀ ପରିସରରେ ଚଳିତ ମାସ ୨୧ରେ ନବନିର୍ମିତ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିନିମନ୍ତେ ୨୦ ତାରିଖରେ ଶୁଭାଧିବାସ ଓ ଗର୍ଭାଧାନ ଉତ୍ସବ କରାଯିବ। ୨୧ରେ ନବନିର୍ମିତ ମନ୍ଦିରର ରତ୍ନମୁଦ ପ୍ରତିଷ୍ଠା କରାଯିବା ସହ ବିଗ୍ରହ ସ୍ଥାପନ କରାଯାଇ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ କରାଯିବ । ଏଥି ନିମିତ୍ତ ମନ୍ଦିର ପରିସରରେ ସୂର୍ଯ୍ୟପୂଜା, ନାମସଙ୍କୀର୍ତ୍ତନ, ଅଖଣ୍ଡ ହନୁମାନ ଚାଳିଶା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାମୁଣ୍ଡିଆ ଗ୍ରାମର ଉଦ୍ୟୋଗୀ ଯୁବକ ରାମଚନ୍ଦ୍ର ସାହୁଙ୍କ ଉଦ୍ୟମ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଗୁପ୍ତେଶ୍ୱର ମନ୍ଦିର ପରିଚାଳନା କମିଟି ସହଯୋଗରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ପୌରାଣିକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ପଞ୍ଚୁପଲ୍ଲୀ ପ୍ରଗଣାସ୍ଥିତ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଏହି ନବନିର୍ମିତ ହନୁମାନ ମନ୍ଦିର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ଆଗାମୀ ଦିନରେ ଏହି ପୀଠ ପରିସରରେ ଶ୍ରୀଗଣେଶଙ୍କ ମନ୍ଦିର ନିର୍ମାଣ କରାଯିବାର କାର୍ଯ୍ୟକ୍ରମ ରହିବା ସହ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଗୁରୁତ୍ୱ ଦିଆଯିବ ବୋଲି ମନ୍ଦିର ପରିଚାଳନା କମିଟିତରଫରୁ ସୂଚନା ମିଳିଛି।

## ଆତଙ୍କବାଦୀ ଆକ୍ରମଣ ବିରୋଧରେ ଶୋଭାଯାତ୍ରା
### ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା, ନୀରବ ପ୍ରାର୍ଥନା

**ଦଶପଲ୍ଲା,୧୬।୨(ଡି.ଏନ୍.ଏ.)**

ଗତ ୧୪ ତାରିଖରେ ଜମ୍ମୁ-କଶ୍ମୀରର ପୁଲୱାମାରେ ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆତ୍ମଘାତୀ ଆକ୍ରମଣକୁ ନେଇ ଦଶପଲ୍ଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆତଙ୍କବାଦୀଙ୍କ ଏଭଳି ବର୍ବର କାଣ୍ଡ ବିରୋଧରେ ସ୍ୱର ଉଠାଇଛନ୍ତି ସହରର ସଚେତନ ନାଗରିକମାନେ। ଦଳମତ ନିର୍ବିଶେଷରେ ରାଜନେତାଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନର କର୍ମକର୍ତ୍ତା ହାତରେ ତ୍ରିରଙ୍ଗା ଧରି ସ୍ଥାନୀୟ ତ୍ରିନାଥ ବଜାରଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଆତଙ୍କବାଦୀଙ୍କ ଏଭଳି କାର୍ଯ୍ୟକୁ ଦୃଢ ନିନ୍ଦା କରିବା ସହ ଏମାନଙ୍କ ପୃଷ୍ଠପୋଷକ ସାଜିଥିବା ପାକିସ୍ତାନ ବିରୋଧରେ ନାରାବାଜି ଦେଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ମୁର୍ଦ୍ଦାବାଦ୍ ସ୍ଲୋଗାନ ଦେଇ ସେହି ଦେଶର ଜାତୀୟ ପତାକା ପୋଡାଜଳା କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦଶପଲ୍ଲାର ଆରାଧ ଦେବ ମହାବୀରଙ୍କୁ ପ୍ରାର୍ଥନା କରାଯାଇଥିଲା। ଆହତ ଯବାନଙ୍କ ଆଶୁ ଆରୋଗ୍ୟ କାମନା କରି ମହାବୀର ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଦୁର୍ଗାବଜାର ଓ ଗଣେଶ ବଜାର ବଣିକ ସଂଘ ପକ୍ଷରୁ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ସ୍ୱପ୍ନ ମହାବୀର ମନ୍ଦିର ପରିଚାଳନା କମିଟିପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ଶହୀଦ ଯବାନଙ୍କ ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ଆହତ ଯବାନଙ୍କ ଆଶୁ ଆରୋଗ୍ୟ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ବର୍ଗର ଜନସାଧାରଣ।

## ରାଜସୁନାଖଳା କପ ଫୁଟବଲ: ଭବାନୀପାଟଣା ବିଜୟୀ

**ବୋଲଗଡ଼,୧୬।୨(ଡି.ଏନ.ଏ.)**

ରାଜସୁନାଖଳା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରାଜସୁନାଖଳା କପ ଫୁଟବଲ ଟୁର୍ନାମେଣ୍ଟ ଚାଲୁରହିଛି। ଶନିବାର ୪ର୍ଥ ଲିଗ ମ୍ୟାଚ ଭବାନୀପାଟଣା ଓ ବଲାଙ୍ଗୀର ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବାନୀପାଟଣା ଟିମ୍ ୨-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି। ବଲାଙ୍ଗୀର ଟିମ୍ ବିପକ୍ଷରେ ଭବାନୀପାଟଣା ଟିମ୍ ପ୍ରଥମାର୍ଦ୍ଧରେ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଗୋଲ ସ୍କୋର କରିଥିଲା। ଜବାବରେ ବଲାଙ୍ଗୀର ଟିମ ପକ୍ଷରୁ କୌଣସି ଗୋଲ ସ୍କୋର ହୋଇପାରି ନ ଥିଲା। ଏମ୍ ଏସ୍ ବେଗ ଖେଳ ପରିଚାଳନା କରିଥିଲା ବେଳେ ସୁଶାନ୍ତ ମିଶ୍ର ଓ ସୁଜିତ ପାତ୍ର ଲାଇନ୍ସରେ ସହାୟତା କରିଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ

**ଭାପୁର,୧୬।୨(ଡି.ଏନ୍.ଏ.)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ ଅଧିକ ସଙ୍ଗଠିତ କରିବା ପାଇଁ ବିଜେଡି ପକ୍ଷରୁ ପଞ୍ଚାୟତସ୍ତରରେ କର୍ମୀ ସମାବେଶ କରାଯାଉଛି। ଭାପୁର ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ଶୁକ୍ରବାର ସୁଦ୍ଧା ୧୧ ପଞ୍ଚାୟତରେ ୱାର୍ଡସ୍ତରୀୟ ସମ୍ମିଳନୀ ହୋଇସାରିଛି। ଶୁକ୍ରବାର ଫତେଗଡ଼ ପଞ୍ଚାୟତରେ ଆୟୋଜିତ ସମାବେଶରେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଦାଶ, ବିଜୁ ଯୁବବାହିନୀ କୋଷାଧ୍ୟକ୍ଷ ରୀତାଞ୍ଜଳି ସ୍ୱାଇଁ, ଜିଲା ବିଜୁ ଛାତ୍ର ଜନତା ସଭାପତି ଅଭିଜିତ ପଟ୍ଟନାୟକ, ବ୍ଲକ ଯୁବବାହିନୀ ସଭାପତି ରଶ୍ମିରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ଯୁବବାହିନୀର ରୀତାଞ୍ଜଳିଙ୍କୁ ବିଧାୟକ ଓ କର୍ମୀମାନେ ସମ୍ମାନିତ କରିଥିଲେ। ପଞ୍ଚାୟତର ୬୫ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମଧ୍ୟ ଡାଏରି, କଲମ ଓ କ୍ୟାଲେଣ୍ଡର ଦିଆଯାଇ ସମ୍ମାନିତ କରାଯାଇଥିଲା।




ସମାବେଶରେ ବିଧାୟକଙ୍କ ସହ ଦଳୀୟ ନେତା ଓ କର୍ମୀ।

## ଚାଇଲ୍ଡ ଲାଇନ୍ ରୋକିଲା ୨ ନାବାଳିକା ବିବାହ

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୧୬।୨**

■୨୦୧୯ ବର୍ଷରେ ରୋକାଗଲାଣି ୫ ବିବାହ

ନୟାଗଡ଼ ଜିଲା ଚାଇଲ୍ଡ ଲାଇନ୍ ପକ୍ଷରୁ ଶନିବାର ୨ଟି ନାବାଳିକା ବିବାହ ରୋକାଯାଇଛି। ଚାଇଲ୍ଡ ଲାଇନ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ରଣପୁର ବ୍ଲକ ଅଞ୍ଚଳର ୨ ଯୁବକ ଦଶମ ଶ୍ରେଣୀରେ ପଢୁଥିବା ଦୁଇଜଣ ନାବାଳିକାଙ୍କୁ ଭଲ ପାଉଥିଲେ। ଏପରି କି ସେମାନେ ପରସ୍ପର ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ତେଣୁ ଯୁବକ ଦ୍ୱୟ ଦୁଇଦିନ ତଳେ ସ୍କୁଲ ଯାଉଥିବା ବେଳେ ୨ ନାବାଳିକାଙ୍କୁ ଉଠାଇନେଇ ଗ୍ରାମରେ ରଖିଥିଲେ। ସୋମବାର ସେମାନେ ମଣିନାଗ ମନ୍ଦିରରେ ବିବାହ କରିବାକୁ ଯୋଜନା କରିଥିଲେ। ଖବର ପାଇ ଚାଇଲ୍ଡ ଲାଇନ୍ ସଦସ୍ୟ ଓ ପୋଲିସ ଟିମ୍ ଯୁବକଙ୍କ ଗ୍ରାମରେ ଚଢାଉ କରି ଦୁଇ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପରେ ୧୮ବର୍ଷ ପୂର୍ବରୁ ବିବାହ ନ କରାଇବା ଲାଗି ପରିବାରଠାରୁ ଅଣ୍ଡରଟେକିଂ ଆଣି ସେମାନଙ୍କୁ ଘରଲୋକଙ୍କୁ ହସ୍ତାନ୍ତର କରିଥିଲା। ନାବାଳିକ ଦ୍ୱୟ ଫେବୃୟାରୀ ୨୨ତାରିଖରେ ମାଟ୍ରିକ୍ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ଏହି ଚଢାଉରେ ଚାଇଲ୍ଡ ଲାଇନ୍ ସଦସ୍ୟ ଚନ୍ଦ୍ରଶେଖର ବେହେରା, ଗୀତାଞ୍ଜଳି ପଟ୍ଟନାୟକ ଓ ପୋଲିସ ଟିମ୍ ସାମିଲ ହୋଇଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଚାଇଲ୍ଡ ଲାଇନ୍ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ୨୦୧୯ ବର୍ଷ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ୫ ନାବାଳିକା ବିବାହ ରୋକାଯାଇଛି। ଜାନୁୟାରୀ ୧୯ ତାରିଖରେ ଖଣ୍ଡପଡ଼ା ବ୍ଲକ ଖଳିସାହି ଓ ନୟାଗଡ଼ ବ୍ଲକ ଗମ୍ଭାରିଡିହି ଗ୍ରାମରେ ଦୁଇଟି ବାଲ୍ୟ ବିବାହକୁ ରୋକାଯାଇଥିଲା। ସେହିପରି ଜାନୁୟାରୀ ୨୬ ତାରିଖରେ ଇଟାମାଟି ଥାନା ମର୍ଦ୍ଦରାଜପୁର ଗ୍ରାମରେ ଏକ ବାଲ୍ୟବିବାହ ବନ୍ଦ କରାଯାଇଥିଲା। ଏ ନେଇ ସଚେତନତା କରାଯାଉଥିଲେ ମଧ୍ୟ ବାଲ୍ୟବିବାହ ଭଳି ଘଟଣା ଜିଲାରେ ବନ୍ଦ ହେବାର ନାଁ ନେଉନାହିଁ।

## ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

**ବୋଲଗଡ଼,୧୬।୨(ଡି.ଏନ.ଏ.)**

ବୋଲଗଡ଼ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ଇତ୍ୟାଦି କରାଯାଇଥିଲା। ଏହି ଅବସରରେ ଥାନା ଆଇଆଇସି ସେଖ ଆକବର ଅଲ୍ଲୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପୋଲିସ ଓ ଜନସାଧାରଣଙ୍କ ସୁସମ୍ପର୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ଥାନା ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ଆଇନଶୃଙ୍ଖଳା ବଜାୟ ରହିବା ପାଇଁ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି । ସେହିପରି ଆଗାମୀ ସାଧାରଣ ନିର୍ବାଚନ ଯେପରି ଶୃଙ୍ଖଳାର ସହ ଶେଷ ହେବ ସେ ଦିଗରେ ସହଯୋଗ କରିବାକୁ ଉପସ୍ଥିତ ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ସରସ୍ୱତୀ ଶିଶୁମନ୍ଦିର ବାର୍ଷିକୋତ୍ସବ

**ଭାପୁର,୧୬।୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମଠାରେ ପ୍ରତିଷ୍ଠା ହୋଇଥିବା ସରସ୍ୱତୀ ଶିଶୁମନ୍ଦିରର ୯ମ ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠାନର ସଭାପତି ଜଗନ୍ନାଥ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ବିଜୟ କୁମାର ସାମନ୍ତରାୟ, ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଯୋଗଦେଇଥିଲେ। ପ୍ରଧାନ ଗୁରୁଜୀ ସନ୍ତୋଷ କୁମାର ରାଉତରାୟ ବିବରଣୀ ପାଠ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ମୁଖ୍ୟ ଅତିଥି ଓ ଜାମୁସାହି ହାଇସ୍କୁଲର ପ୍ରଧାନଶିକ୍ଷକ ହରିହର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଖୋ ଖୋ, କବାଡି, କୁଇଜ୍ ଆଦି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୧୦୮ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ଦୌଡ଼ରେ ୫ମ ଶ୍ରେଣୀ ଛାତ୍ର ସୂର୍ଯ୍ୟକାନ୍ତ ରଥ, ଲମ୍ଫଡିଆଁରେ ୬ଷ୍ଠ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ଜୁଝାରସିଂହ ଓ ପାଠପଢାରେ ୮ମ ଶ୍ରେଣୀ ଛାତ୍ର ଶୁଭଙ୍କର ନାୟକ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଘରବାରି ପଟ୍ଟା ପ୍ରଦାନ

**ଓଡ଼ଗାଁ, ୧୬।୨(ସ୍ୱ.ପ୍ର.)**

ଜାଗା ମିଶନ ଜରିଆରେ ଓଡଗାଁ ଏନ୍ଏସିର ଜାରିଙ୍ଗି ବସ୍ତିରେ ବସବାସ କରୁଥିବା କେତେକ ଭୂମିହୀନ ମହିଳାପୁରୁଷଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନୟାଗଡ଼ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ତହସିଲଦାର ପ୍ରମୋଦ କୁମାର ନାୟକ, ଜିଲାପରିଷଦ ସଦସ୍ୟ ଲୋକନାଥ ସାହୁ, ଭିଭୂପ୍ରସାଦ ସାହୁ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ କୃଷ୍ଣଚନ୍ଦ୍ର ବରାଡଙ୍କ ଉପସ୍ଥିତିରେ ୪୪ ଜଣଙ୍କୁ ଘରବାରି ପଟ୍ଟା ପ୍ରଦାନ କରାଯାଇଥିଲା। ସମସ୍ତ ହିତାଧିକାରୀଙ୍କୁ ଭୂମିହୀନ ଦର୍ଶାଇ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ଅନ୍ୟତ୍ର ଘରବାରି ସହିତ ଜମିଜମା ରହିଥିବା ପ୍ରଶ୍ନକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଏଡାଇ ଯାଇଥିଲେ। ଅନ୍ୟପକ୍ଷେ ସେମାନଙ୍କୁ ଏନ୍ଏସର ବସ୍ତିବାସିନ୍ଦା ଦର୍ଶାଇ ପଟ୍ଟା ଦିଆଯାଇଥିବା ନିର୍ବାହୀ ଅଧିକାରୀ ମହାପାତ୍ର ପ୍ରକାଶ କରିଥିଲେ। ସେମାନେ ନିଜର ବ୍ୟବହାର ନିମନ୍ତେ ପାଇଥିବା ଘରବାରିକୁ ପୁରୁଷାନୁକ୍ରମେ ଭୋଗଦଖଲ କରିବା ସରକାରୀ ନିୟମ ରହିଥିବାବେଳେ କେବେ ବି ଏହାକୁ ବିକ୍ରି କରିପାରିବେ ନାହିଁ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଥିଲେ। ସଭା ପୂର୍ବରୁ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




ଅତିଥିଙ୍କ ସହ ହିତାଧିକାରୀ।